

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol. 10, Issue. 359, Tuesday, 23 April 2024, Puri, Pages- 18, Rs. 7/-

ଦଶମ ବର୍ଷ, ସଂଖ୍ୟା-୩୫୯, ମଙ୍ଗଳବାର, ୨୩ ଏପ୍ରିଲ୍ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 359, Tuesday, 23 April 2024, Puri, Pages- 18, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୩୫୯, ମଙ୍ଗଳବାର, ୨୩ ଏପ୍ରିଲ୍ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ
ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol. 10, Issue. 359, Tuesday, 23 April 2024, Puri, Pages- 18, Rs. 7/-

ଦଶମ ବର୍ଷ, ସଂଖ୍ୟା-୩୫୯, ମଙ୍ଗଳବାର, ୨୩ ଏପ୍ରିଲ୍ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


# ଆସିଲା ବିଜେଡିର ସପ୍ତମ ପ୍ରାର୍ଥୀତାଲିକା

**ଭୁବନେଶ୍ୱର(ବ୍ୟୁରୋ)** ବିଜେଡି ଆଜି ଆଉ ୬ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କୁ ଦଳ ବିଧାନସଭା ଟିକେଟ ଦେଇଛି। ତାଙ୍କୁ ହିନ୍ଦୋଳ ବିଧାନସଭା ଆସନରୁ ପ୍ରାର୍ଥୀ କରାଯାଇଛି। ଅନ୍ୟପକ୍ଷରେ ୪ ଜଣ ବିଧାୟକଙ୍କ ଟିକେଟ କଟିଛି। ସେହିପରି ଦୁଇ ଜଣ ବିଧାୟକଙ୍କ ପତ୍ନୀଙ୍କୁ ଟିକେଟ ଦେଇଛି ଦଳ। ରଘୁନାଥପାଲୀ ଆସନ ପାଇଁ ଅର୍ଚ୍ଚନ ବେହେରାଙ୍କୁ ଟିକେଟ ଦିଆଯାଇଥିବା ବେଳେ ବାଲିକୁଦା-ଏରସମାରୁ ସାରଦା ଜେନା, କାକଟପୁରରୁ ତୁଷାରକାନ୍ତି ବେହେରା, ବାଙ୍ଗିରିପୋଷିରୁ ରଂଜିତା ମାରାଣ୍ଡି ଓ ବରୀରୁ ବିଶ୍ୱରଂଜନ ମଲ୍ଲିକ ପ୍ରାର୍ଥୀ ହୋଇଛନ୍ତି।ହିନ୍ଦୋଳରେ ପ୍ରଥମ ଥର ପାଇଁ ଲଢ଼ିବେ ମହେଶ ସାହୁ। ବିଧାୟିକା ସୀମାରାଣୀ ନାୟକଙ୍କ ଜାଗାରେ ମହେଶଙ୍କୁ କରାଯାଇଛି ପ୍ରାର୍ଥୀ। ରଘୁନାଥପାଲୀରେ ମଧ ଅର୍ଚ୍ଚନା ବେହେରା ନୂଆ ମୁହଁ। ସ୍ୱାମୀ ତଥା ବିଧାୟକ ସୁବ୍ରତ ତରାଇଙ୍କ ଜାଗାରେ ସେ ପ୍ରାର୍ଥୀ ହୋଇଛନ୍ତି। ବରୀରେ ବିଧାୟିକା ସୁନନ୍ଦା ଦାସଙ୍କ ଜାଗା ନେଇଛନ୍ତି ବିଶ୍ୱରଂଜନ ମଲ୍ଲିକ।ବାଲିକୁଦା-ଏରସମାରୁ ପ୍ରଥମ ଥର ବିଜେଡିରୁ ଲଢ଼ିବେ ସାରଦା ଜେନା। ରଘୁନନ୍ଦନ ଦାସଙ୍କ ଜାଗାରେ ସାରଦା ପାଇଛନ୍ତି ଟିକେଟ। ସେହିପରି ବାଙ୍ଗିରିପୋଷିରେ ବିଧାୟକ ସୁଦାମ ମାର୍ଣ୍ଡିଙ୍କ ସ୍ଥାନ ନେଇଛନ୍ତି ତାଙ୍କ ପତ୍ନୀ ରଞ୍ଜିତା ମାର୍ଣ୍ଡି। ସୁଦାମଙ୍କୁ ବିଜେଡି ମୟୂରଭଞ୍ଜ ଲୋକସଭା ଆସନରୁ ପ୍ରାର୍ଥୀ କରିଛି। ଏହି ପର୍ଯ୍ୟାୟକୁ ମିଶାଇ ଏଯାବତ ୧୪୧ଟି ଆସନରେ ପ୍ରାର୍ଥୀ ଘୋଷଣା କରିଛି ବିଜେଡି। ଆଉ ୬ଟି ଆସନରେ ବିଜେଡିର ପ୍ରାର୍ଥୀ ଘୋଷଣା ବାକି ଅଛି। ଖୋର୍ଦ୍ଧା, ବେଗୁନିଆ, ଖଣ୍ଡପଡ଼ା, କୋରେଇ, ଭୋଗରାଇ ଓ ନୀଳଗିରି ପାଇଁ ପ୍ରାର୍ଥୀ ଘୋଷଣା ବାକି ଅଛି।



- ଆଉ ୬ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା
- ୧୪୭ଟି ଆସନରୁ ୧୪୧ଟିରେ ପ୍ରାର୍ଥୀ ଘୋଷଣା କରିଛି ଦଳ
- ଆଉ ୬ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନି ଦଳ

# ଷଷ୍ଠ ସେମିଷ୍ଟାରରେ ପରୀକ୍ଷାର୍ଥୀଙ୍କୁ ମିଳିଲା ପଞ୍ଚମ ସେମିଷ୍ଟାର ପ୍ରଶ୍ନପତ୍ର

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ତୀବ୍ର ଅସନ୍ତୋଷ

**କଟକ(ବ୍ୟୁରୋ)** ଷଷ୍ଠ ସେମିଷ୍ଟର ସ୍ଥାନରେ ପରିକ୍ଷାର୍ଥୀଙ୍କୁ ମିଳିଲା ପଞ୍ଚମ ସେମିଷ୍ଟର ପ୍ରଶ୍ନପତ୍ର । ଯାହାକୁ ନେଇ ବିଶ୍ୱ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟରେ । ସୋମବାର ତିନି ବର୍ଷୀୟ ଏଲଏଲବି ଷଷ୍ଠ ସେମିଷ୍ଟର ଲେବଲର ପରୀକ୍ଷା ଥିଲା । ହେଲେ ଏହି ପରୀକ୍ଷାରେ ପ୍ରଶ୍ନଗୁଡ଼ିକ ସଂପୂର୍ଣ୍ଣ ଭୁଲ୍ ଆସିଥିଲା । ଛାତ୍ରଛାତ୍ରୀ ମାନଙ୍କୁ ଷଷ୍ଠ ସେମିଷ୍ଟର ସ୍ଥାନରେ ପଞ୍ଚମ ସେମିଷ୍ଟରର ପ୍ରଶ୍ନଗୁଡ଼ିକ ମିଳିଥିଲା । ଯାହା ଫଳରେ ଛାତ୍ରଛାତ୍ରୀ ମାନଙ୍କର ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ଏହା ପରେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ସୋମବାର ପରୀକ୍ଷାକୁ ବାତିଲ କରିଥିଲେ । ସବୁଠାରୁ ବଡ଼ କଥା ହେଲା, ପରୀକ୍ଷାର୍ଥୀମାନେ ବହୁ ପରିଶ୍ରମ କରି ପରୀକ୍ଷା ଦେବାକୁ ଆସିଥିବା ବେଳେ ଏଭଳି ଘଟିଥିଲା । ଯାହାକୁ ନେଇ ବିଶ୍ୱ ବିଦ୍ୟାଳୟ ଉପରେ ବର୍ଷିଛନ୍ତି ଛାତ୍ରଛାତ୍ରୀ । ଅନ୍ୟପଟେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିବାକୁ କୁଳପତିଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ଏନେଇ କୌଣସି ସୂଚନା ଦେବାକୁ ସେ ମନା କରିଥିଲେ ।




# ପ୍ରତାପ ଜେନାଙ୍କ ଆବେଦନର ଶୁଣାଣି ଶେଷ, ରାୟ ସଂରକ୍ଷିତ

## ମାହାଙ୍ଗା ଡବଲ ମର୍ଡର ମାମଲା

**କଟକ(ବ୍ୟୁରୋ)** ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କ ଆବେଦନର ଶୁଣାଣି ଶେଷ ହୋଇଛି। ସମସ୍ତ ପକ୍ଷଙ୍କ ଯୁକ୍ତି ଉପସ୍ଥାପନ ପରେ ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ।ଡବଲ ମର୍ଡର ଘଟଣାରେ ପ୍ରତାପଙ୍କ ବିରୋଧରେ ମାମଲା ଚଳାଇବାକୁ ସାଲେପୁର ଜେଏମଏଫସି ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା।ନିମ୍ନ ଅଦାଲତ ପ୍ରତାପଙ୍କ ବିରୋଧରେ ମାମଲା ଚଳାଇବାକୁ ନିର୍ଦ୍ଦେଶ ଦେବା ବେଆଇନ ବୋଲି ତାଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି।ଅନ୍ୟପଟେ ପ୍ରତିପକ୍ଷ ଯୁକ୍ତି ଦର୍ଶାଇଛନ୍ତି ଯେ ନିମ୍ନ ଅଦାଲତ ନିଜ କ୍ଷମତା ଅନୁଯାୟୀ ନିଷ୍ପତ୍ତି ଶୁଣାଇଛନ୍ତି ଯାହା ଆଇନ ସମ୍ମତ। ଏସବୁକୁ ଶୁଣିବା ସହ ଉଭୟ ପକ୍ଷର ଲିଖିତ ଯୁକ୍ତିକୁ ଗ୍ରହଣ କରି ହାଇକୋର୍ଟ ମାମଲାର ରାୟ ସଂରକ୍ଷିତ ରଖିଛନ୍ତି। ୨୦୨୧ ଜାନୁଆରୀ ୨ ତାରିଖ ସନ୍ଧ୍ୟାରେ ମାହାଙ୍ଗାର ବରିଷ୍ଠ ବିଜେପି ନେତା କୁଳମଣି ବରାଳ (୭୫) ଓ ତାଙ୍କ ସଂପର୍କୀୟ ଦିବ୍ୟ ସିଂହ ବରାଳ (୮୨)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ମାମଲାରେ ୧୩ ଜଣଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଥିଲା । ବିଧାୟକ ପ୍ରତାପ ଜେନାଙ୍କ ବିରୋଧରେ ମଧ ହୋଇଥିଲା ମାମଲା । ତେବେ ପୁଲିସ ଚାର୍ଜସିଟ୍ ଦାଖଲ ବେଳେ ମନ୍ତ୍ରୀଙ୍କ ନାଁକୁ କାଟି ଦେଇଥିଲା। ଏହାକୁ ନେଇ ପ୍ରତିପକ୍ଷ ଲଢ଼େଇ ଜାରି ରଖିଥିଲେ। ଗତ ବର୍ଷ ସେପ୍ଟେମ୍ବର ମାସରେ ସାଲେପୁର ଜେଏମ୍ଏଫସି କୋର୍ଟ ପ୍ରତାପ ଜେନାଙ୍କ ନାଁରେ ମାମଲା ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସାଲେପୁର ଜେଏମ୍ଏଫସି କୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଥିଲେ, ସେଥିରେ ସ୍ପଷ୍ଟ ଭାବେ କହିଥିଲେ ଯେ ଅଭିଯୋଗକାରୀ ଓ ସାକ୍ଷୀମାନଙ୍କର ବୟାନ ଏବଂ ବିଭିନ୍ନ ରେକର୍ଡପତ୍ର ଗୁଡ଼ିକୁ ଦେଖିଲେ ଆପାତତଃ ପ୍ରତାପ ଜେନାଙ୍କ ବିରୋଧରେ ପ୍ରମାଣଯୋଗ୍ୟ ତଥ୍ୟ ରହିଛି।



# ରାଜ୍ୟର ବିଭିନ୍ନ ସ୍ଥାନରେ ସାମାନ୍ୟ କମିଲା ତାତି

## ୪୩.୮ ଡ଼ିଗ୍ରୀ ସହ ଭୁବନେଶ୍ୱର ରାଜ୍ୟର ଉତ୍ତପ୍ତ ସହର
## ଅଂଶୁଘାତରେ ୮୯ ଅସୁସ୍ଥ

**ଭୁବନେଶ୍ୱର(ବ୍ୟୁରୋ)** ରାଜ୍ୟର ବିଭିନ୍ନ ସ୍ଥାନରେ କମିଲା ତାତି, ଆଉ ତାତିରୁ ମିଳିଛି ସାମାନ୍ୟ ଆଶ୍ୱସ୍ତି । ଆଜି ୧୭ ସହରରେ ଦିନ ତାପମାତ୍ରା ୪୦ଯ୍ବ ସେଲ୍ସିୟସ ଉପରେ ଥିବାବେଳେ ୪୩.୮ଯ୍ବସେଲ୍ସିୟସ ସହ ଭୁବନେଶ୍ୱର ରାଜ୍ୟର ଉତ୍ତପ୍ତ ସହର ହୋଇଛି । ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ମୁତାବକ ଭୁବନେଶ୍ୱରରେ ୪୩.୮ ଡିଗ୍ରୀ ସେଲ୍ସିୟସ, ପାରଳାଖେମୁଣ୍ଡିରେ ୪୨.୯ ଡିଗ୍ରୀ ସେଲ୍ସିୟସ, ବାରିପଦାରେ ୪୨.୬ ଡିଗ୍ରୀ ସେଲ୍ସିୟସ, ନୂଆପଡାରେ ୪୨.୪ ଡିଗ୍ରୀ ସେଲ୍ସିୟସ, କେନ୍ଦ୍ରାପଡାରେ ୪୧.୮ ଡିଗ୍ରୀ ସେଲ୍ସିୟସ, ଜଗତସିଂହପୁରରେ ୪୧.୬ ଡିଗ୍ରୀ ସେଲ୍ସିୟସ, ଭଦ୍ରକ ଓ ଯାଜପୁରରେ ୪୧ ଡିଗ୍ରୀ, ବୌଦ୍ଧରେ ୪୦.୮ ଡିଗ୍ରୀ ସେଲ୍ସିୟସ, ବାଲେଶ୍ୱର, ଅନୁଗୋଳରେ ୪୦.୭ ଡିଗ୍ରୀ ସେଲ୍ସିୟସ, ଚାନ୍ଦବାଲି, ତାଳଚେରରେ ୪୦.୪ ଡିଗ୍ରୀ ସେଲ୍ସିୟସ, କଟକରେ ୪୦.୨ ଡିଗ୍ରୀ ସେଲ୍ସିୟସ, ମାଲକାନଗିରି ଓ ଢେଙ୍କାନାଳରେ ୪୦.୧ ଡିଗ୍ରୀ ସେଲ୍ସିୟସ, ନୟାଗଡରେ ୪୦ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି । ଚଳିତ ବର୍ଷ ଏଯାଏଁ ୧୬ ଜିଲ୍ଲାକୁ ଆସିଛି ଅଂଶୁଘାତ ଘଟଣା। ଆଜି ଏନେଇ ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର। ଅଂଶୁଘାତ ଓ ତାତି ଜନିତ ସମସ୍ୟା ପାଇଁ ୮୯ ଜଣ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏବେ ଯାଏଁ ସବୁଠୁ ଅଧିକ ସୁନ୍ଦରଗଡ଼ରୁ ସର୍ବାଧିକ ୪୧ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଖୋର୍ଦ୍ଧାରୁ ୧୨ ଜଣ ଯେଉଁଥିରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ୭ ଜଣ ରହିଛନ୍ତି। ସେହିପରି ଅନୁଗୁଳରୁ ୯ ଜଣ, ମୟୂରଭଞ୍ଜରୁ ୭, ଝାରସୁଗୁଡ଼ାରୁ ୭, ସମ୍ବଲପୁରରୁ ୫ ଜଣ ଭର୍ତ୍ତି ହୋଇଥିଲେ। ଜଣଙ୍କର ମୃତ୍ୟୁ ହୋଇଥିବା ସେ ସୂଚନା ଦେଇଛନ୍ତି। ଗତ କିଛି ଦିନ ଧରି ଅଂଶୁଘାତରେ କିଛି ବ୍ୟକ୍ତିଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି।



# ନାବାଳିକା ଦୁଷ୍କର୍ମ ପୀଡିତାଙ୍କୁ ମିଳିଲା ଗର୍ଭପାତ ଅନୁମତି

**ନୂଆଦିଲ୍ଲୀ:** ନାବାଳିକା ଦୁଷ୍କର୍ମ ପୀଡିତାଙ୍କୁ ମିଳିଲା ଗର୍ଭପାତ ଅନୁମତି। ଦୁଷ୍କର୍ମର ଶିକାର ହୋଇଥିବା ୧୪ ବର୍ଷୀୟ ନାବାଳିକାଙ୍କୁ ତାଙ୍କର ୩୦ ସପ୍ତାହର ଭ୍ରୁଣକୁ ଗର୍ଭପାତ କରିବାକୁ ଅନୁମତି ଦେଲେ ସୁପ୍ରିମକୋର୍ଟ। ଏଥିସହ ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି।ଏହା ଏକ ଦୁଷ୍କର୍ମ ମାମଲା। ଏଥିସହ ପୀଡିତାଙ୍କ ବୟସ ମାତ୍ର ୧୪ ବର୍ଷ। ଏଭଳି ଅସାଧାରଣ ମାମଲାକୁ ଦେଖି ତାଙ୍କୁ ତାଙ୍କର ଗର୍ଭପାତ କରିବାକୁ ଅନୁମତି ଦିଆଯାଉଛି ବୋଲି ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି। ସିଜେଆଇଙ୍କ ନେତୃତ୍ୱାଧୀନ ବେଞ୍ଚ ମେଡିକାଲ ରିପୋର୍ଟ ଦେଖିବା ପରେ ଏହି ନିଷ୍ପତ୍ତି ନେଇଛନ୍ତି।ମୁମ୍ବାଇ ହସ୍ପିଟାଲର ରିପୋର୍ଟରେ କୁହାଯାଇଥିଲା ଯେ ନାବାଳିକାଙ୍କ ଗର୍ଭପାତ କରାଇବା ଉଚିତ୍। ତେବେ ପୀଡିତାଙ୍କ ଗର୍ଭପାତ କରାଇବାରେ ଯେତିକି ବିପଦ ରହିଛି, ପ୍ରସବ ବେଳେ ମଧ ଜୀବନ ପ୍ରତି ସେତିକି ବିପଦ ଥିବା ମେଡିକାଲ ବୋର୍ଡ ମତ ଦେଇଛି।ଏହି ଦୁଷ୍କର୍ମ ପୀଡିତାଙ୍କୁ ବମ୍ବେ ହାଇକୋର୍ଟ ଗର୍ଭପାତ କରିବା ପାଇଁ ଅନୁମତି ଦେଇନଥିଲେ। ଏହାପରେ ୪ ଏପ୍ରିଲ ୨୦୨୪ରେ ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ପୀଡିତାଙ୍କ ମା’ ସୁପ୍ରିକୋର୍ଟରେ ଏନେଇ ଆବେଦନ କରିଥିଲେ।ଏପ୍ରିଲ ୧୯ ଶୁକ୍ରବାର ଦିନ ଅପରାହ୍ନ ସାଢ଼େ ୪ଟାରେ ସୁପ୍ରିମକୋର୍ଟରେ ଏହି ମାମଲାର ଜରୁରୀ ଶୁଣାଣି ହୋଇଥିଲା। ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଖାରଜ କରିବା ସହ ପୀଡିତାଙ୍କ ଡାକ୍ତରୀ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗର୍ଭପାତ ହେବା ଦ୍ୱାରା ନାବାଳିକାର ଶାରୀରିକ ତଥା ମାନସିକ ସ୍ତରରେ କି ପ୍ରଭାବ ପକାଇବ ତାହା ଜାଣିବା ପାଇଁ ପୀଡିତାଙ୍କୁ ମେଡିକାଲ ଟେଷ୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବମ୍ବେ ହାଇକୋର୍ଟ ଯେଉଁ ମେଡିକାଲ ରିପୋର୍ଟ ଉପରେ ଭରସା କରିଥିଲେ, ତାହା ନାବାଳିକା ପୀଡିତାଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ଆକଳନ କରିବାରେ ବିଫଳ ହୋଇଛି। କୋର୍ଟରେ ଉପସ୍ଥାପିତ ହୋଇଥିବା ରେକର୍ଡରୁ ଏହା ସାମ୍ନାକୁ ଆସିଛି ବୋଲି ଖଣ୍ଡପୀଠ କହିଥିଲେ। ଏଥିସହ ଆବେଦନକାରୀ ଏବଂ ତାଙ୍କ ନାବାଳିକା ଝିଅକୁ ସୁରକ୍ଷିତ ସହ ଡାକ୍ତରଖାନାକୁ ପଠାଇବାକୁ ମହାରାଷ୍ଟ୍ର ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



## ସିଆଚିନ୍‌ରେ ପ୍ରତିରକ୍ଷାମନ୍ତ୍ରୀ

**ନୂଆଦିଲ୍ଲୀ:** ସୋମବାର ସିଆଚିନ ଗସ୍ତରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ଦିଲ୍ଲୀରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଲଦାଖରେ ପହଂଚିବା ପରେ ସିଆଚିନ ଗ୍ଲେସିୟରକୁ ଯାଇ ସୀମା ସଶସ୍ତ୍ର ବଳର ଯବାନମାନଙ୍କୁ ଭେଟିବା ସହ ଆଲୋଚନା କରିଛନ୍ତି। ବିଯୁକ୍ତ ତାପମାତ୍ରାରେ ନିୟୋଜିତ ହୋଇ ଦେଶବାସୀଙ୍କ ସେବା କରୁଥିବା ଯବାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ ରାଜନାଥ। ଏହି ଅବସରରେ ଯବାନମାନଙ୍କୁ ସମ୍ବୋଧନ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ। ଗତ ୫ବର୍ଷ ତଳେ ତାଙ୍କୁ ପ୍ରତିରକ୍ଷା ବିଭାଗର ଦାୟିତ୍ୱ ମିଳିବା ପରେ ସେ ଏହାକୁ ସୁଚାରୁ ଭାବେ ତୁଲାଇବାକୁ ପ୍ରୟାସ କରିଥିଲେ।

# ନକ୍ସଲଙ୍କ ପ୍ରେସରବୋମା ବିସ୍ଫୋରଣରେ ଗ୍ରାମବାସୀଙ୍କ ମୃତ୍ୟୁ

**ମାଲକାନଗିରି(ଅମୃତ ମିଡିଆ)** ମାଲକାନଗିରି ସୀମାନ୍ତରେ ପୁଣି ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଜଂଗଲରେ ଖଞ୍ଜିଥିବା ବୋମା ବିସ୍ଫୋରଣରେ ଜଣେ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଛି। ବିଜାପୁର ଜିଲ୍ଲାର ଗାଙ୍ଗଲୁର ଥାନା ଅଂଚଳର ମୁତବେଣ୍ଡି ଜଂଗଲରେ ଗଡିଆ କାବାସୀ ନାମକ ଜଣେ ୧୮ ବର୍ଷର ଯୁବକ ଜଂଗଲକୁ କୌଣସି କାମରେ ଯାଇଥିଲା। ତେବେ ଜଂଗଲରେ ନକ୍ସଲ ଖଞ୍ଜିଥିବା ପ୍ରେସର ବୋମା ଉପରେ ଗଡିଆର ପାଦ ପଡିବା ପରେ ଏହା ବିସ୍ଫୋରଣ ଘଟିଥିଲା। ଯାହାଫଳରେ ଯୁବକ ଜଣକ ଘଟଣାସ୍ଥଳରେ ହିଁ ଗୁରୁତର ଆହତ ହୋଇଥିଲେ। ପରେ ଗ୍ରାମବାସୀଙ୍କ ଦ୍ୱାରା ସ୍ଥାନୀୟ ମେଡିକାଲ ନେବା ବେଳକୁ ତାର ମୃତ୍ୟୁ ଘଟିଥିଲା । ଗତ ୧୬ ତାରିଖରେ ଘଟିଥିବା ପୁଲିସ ଏନକାଉଣ୍ଟରରେ ୨୯ ଜଣ ନକ୍ସଲଙ୍କ ମୃତ୍ୟୁ ସଂଗଠନକୁ ଦୋହଲାଇ ଦେଇଛି। ତେଣୁ ନକ୍ସଲ ଏକ ପ୍ରକାର ଘାଇଲା ବାଘ ଭଳି ହୋଇଛନ୍ତି। ଜଂଗଲରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଜଂଗଲରେ ବିଭିନ୍ନ ପ୍ରକାର ମୃତ୍ୟୁର ଯନ୍ତା ତିଆରି କରିଛନ୍ତି। ତେବେ ଏହି ଯନ୍ତାରେ ଗ୍ରାମବାସୀ ଫସି ମୃତ୍ୟୁବରଣ କରୁଛନ୍ତି। ବିଜାପୁର ଏସପି ଯିତେନ୍ଦ୍ର ଯାଦବ ଏହି ଘଟଣାର ସ୍ପଷ୍ଟୀକରଣ ଦେଇଛନ୍ତି। ନକ୍ସଲ ଏଭଳି ନିରୀହ ଲୋକଙ୍କୁ ମାରୁଥିବା ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଥିବା କହିଛି।

# ପ୍ରତିଦିନ ଡାକ୍ତରଙ୍କ ସହ କଥାହେବାକୁ କେଜ୍ରିୱାଲଙ୍କୁ ଅନୁମତି ଦେଲେନି କୋର୍ଟ

**ନୂଆଦିଲ୍ଲୀ:** ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଅରବିନ୍ଦ କେଜ୍ରିୱାଲଙ୍କୁ ପୁଣି ଝଟକା ଲାଗିଛି। ସେ ମଧୁମେହ ରୋଗୀ ହୋଇଥିବାରୁ ଦୈନିକ ଭିଡିଓ କନଫରେନ୍ସିଂ ଜରିଆରେ ତାଙ୍କ ପାରିବାରିକ ଡାକ୍ତରଙ୍କ ସହ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଥିଲେ।ହେଲେ ଏଥିପାଇଁ କେଜ୍ରିୱାଲଙ୍କୁ ଅନୁମତି ଦେଇ ନାହାନ୍ତି ଦିଲ୍ଲୀର ଗୋଟିଏ କୋର୍ଟ। କେଜ୍ରିୱାଲଙ୍କ ଆବେଦନ ଖାରଜ ହୋଇଥିଲେ ହେଁ କୋର୍ଟ ଏମ୍ସକୁ ଗୋଟିଏ ମେଡିକା ବୋର୍ଡ ଗଠନ କରିବାକୁ କହିଛନ୍ତି। ଏହି ବୋର୍ଡ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ତାଙ୍କୁ ଇନସୁଲିନ ଦରକାର କି ନାହିଁ, ତା’ର ନିଷ୍ପତ୍ତି ନେବ। ସେହିପରି ତାଙ୍କର ଅନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟାର ମଧ ଏହି ବୋର୍ଡ ଯାଞ୍ଚ କରିବ। ସ୍ୱତନ୍ତ୍ର ସିବିଆଇ ଓ ଇଡି ମାମଲାର ଜଜ କାବେରୀ ବାୱେଜା ଆଜି କେଜ୍ରିୱାଲଙ୍କ ଆବେଦନକୁ ଖାରଜ କରିଛନ୍ତି। ତଥାପି କୋର୍ଟ କହିଛନ୍ତି ଯେ ଅରବିନ୍ଦ କେଜ୍ରିୱାଲଙ୍କୁ ତାଙ୍କ ଆବଶ୍ୟକତା ଅନୁଯାୟୀ ମେଡିକାଲ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏମ୍ସ ଗଠନ କରିବାକୁ ଟିମରେ ଟିମରେ ବରିଷ୍ଠ ଏଣ୍ଡୋକ୍ରିନୋଲୋଜିଷ୍ଟ ଓ ଡାଇବେଲୋଜିଷ୍ଟ ରହିବେ।ତିହାର ଜେଲ୍‌ରେ କେଜ୍ରିୱାଲଙ୍କୁ ଉପଯୁକ୍ତ ମେଡିକାଲ ସୁବିଧା ଯୋଗାଇ ଦିଆଯାଉ ନଥିବା ଆପ୍ ଅଭିଯୋଗ କରିଥିଲା।

# ପଦ୍ମଶ୍ରୀ ଗ୍ରହଣ କଲେ ଗୋପୀନାଥ, ବିନୋଦ ପଶାୟତ

**ଭୁବନେଶ୍ୱର(ବ୍ୟୁରୋ):** ପଦ୍ମଶ୍ରୀ ଗ୍ରହଣ କଲେ ୨ ଓଡ଼ିଆ। କୃଷ୍ଣ ଲୀଳାର ସଙ୍ଗୀତକାର ଗୁରୁ ଗୋପୀନାଥ ସ୍ୱାଇଁ ଓ ସମ୍ବଲପୁରର ନାଟ୍ୟକାର ତଥା ଗୀତିକାର ବିନୋଦ ପଶାୟତଙ୍କୁ ସୋମବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଛନ୍ତି। ପଦ୍ମ ପୁରସ୍କାରର ଏହା ପ୍ରଥମ ପର୍ଯ୍ୟାୟ। ଅନ୍ୟ ଏକ ପର୍ଯ୍ୟାୟରେ ଓଡ଼ିଶାର ଅନ୍ୟ ୨ଜଣ ପଦ୍ମଶ୍ରୀଙ୍କୁ ସମ୍ମାନିତ କରାଯିବ। ଚଳିତ ବର୍ଷ ଓଡ଼ିଶାରୁ ୪ଜଣ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ଲୋକକଳାର ବର୍ଷୀୟାନ ଗୁରୁ ଗୋପୀନାଥ ସ୍ୱାଇଁ ୧୦୬ବର୍ଷ ବୟସରେ ପଦ୍ମଶ୍ରୀ ଗ୍ରହଣ କରିଛନ୍ତି। କୃଷ୍ଣ ଲୀଳା ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଗଞ୍ଜାମ ଜିଲା ସେରଗଡ଼ ବ୍ଲକର ଗୋବିନ୍ଦପୁର ଗ୍ରାମରେ ୧୯୧୮ରେ ଗୋପୀନାଥଙ୍କ ଜନ୍ମ। ୧୦ବର୍ଷ ବୟସରୁ ସେ କୃଷ୍ଣ ଲୀଳା ଶିଖିବା ଆରମ୍ଭ କରିଥିଲେ। କୃଷ୍ଣଙ୍କ ଅଭିନୟ କରିବା ସହ ଗୀତ ବୋଲୁଥିଲେ। ପରେ ସେ ଗୁରୁ ଭାବେ ଅନ୍ୟକୁ ଶିଖାଇବା ଆରମ୍ଭ କଲେ। ଲୋପ ପାଇଯାଉଥିବା ଅନେକ ରାଗକୁ ସେ ତାଙ୍କ ପ୍ରଦର୍ଶନରେ ପୁଣି ଉଜ୍ଜୀବିତ କରିଛନ୍ତି। ଏବେ ବି ସେ ସୁସ୍ଥ ଅଛନ୍ତି ଓ ନିଜର କାର୍ଯ୍ୟ ଜାରି ରଖିଛନ୍ତି। ଲଗାତାର ୧୨ ଘଣ୍ଟା ଧରି ଗୀତ ଗାଇପାରୁଛନ୍ତି। ସେହିପରି ବିନୋଦ ପଶାୟତଙ୍କ ଜନ୍ମ ବଲାଙ୍ଗୀରରେ। ପରେ ସମ୍ବଲପୁରରେ ବାସ କଲେ। ସେ ଜଣେ ପ୍ରସିଦ୍ଧ ସମ୍ବଲପୁରୀ ଲେଖକ ଭାବେ ଜଣାଶୁଣା। ସେ ଅନେକ ସମ୍ବଲପୁରୀ ଗୀତ ଲେଖିଛନ୍ତି। ଏଥିସହ ଜଣେ ନାଟ୍ୟକାର ଭାବରେ ମଧ ପରିଚିତ ଲାଭ କରିଛନ୍ତି। ୧୯୮୧ରେ ରାଉରକେଲା ଓ ୧୯୮୨ରେ ସମ୍ବଲପୁରରେ ମଞ୍ଚସ୍ଥ ହୋଇଥିବା ଉଖି ନାଟକ ସମ୍ବଲପୁରୀ ନାଟକ ଜଗତରେ ବିପ୍ଳବ ଆଣିପାରିଥିଲା। ସେ ଜଣେ ଆକାଶବାଣୀ ଗୀତିକାର। ଯେତେବେଳେ ସମ୍ବଲପୁର ରେଡ଼ିଓ ଷ୍ଟେଶନ ପ୍ରତିଷ୍ଠା ହେଲା ସେତେବେଳେ ଅନୁମୋଦିତ ଗୀତିକାରଙ୍କ ମଧ୍ୟରେ ସେ ପ୍ରଥମ ୫ଜଣଙ୍କ ମଧ୍ୟରେ ଥିଲେ।





ଅମୃତ ଦୁନିଆ



ଯଦି ନକରାତ୍ମକ ପରିସ୍ଥିତିରେ
ସର୍ବଦା ସକରାତ୍ମକ
ମନୋଭାବ ବଜାୟ ରଖନ୍ତି
ତେବେ ଏହି ବିଜୟ ହେବ
ଆପଣଙ୍କର

ଶୁଭ ସକାଳ





# ବୁଦ୍ଧି ଥିଲେ ଉପାୟ ଆସେ

ଥରେ ଘରମଣୀ ଜଙ୍ଗଲରେ ଚରୁ ଚରୁ ବାଟବଣା ହୋଇଗଲା। ହଠାତ୍ ତା' ସାମନାରେ ମହାବଳ ବାଘ ହାଜର ହୋଇଗଲା। ଘରମଣୀକୁ କହିଲା ମୁଁ ତୋତେ ଖାଇବି। ଘରମଣୀ ବହୁତ ଡରିଗଲା,ହେଲେ ବୁଦ୍ଧି ଖଟାଇ ଏକ ଉପାୟ ପାଞ୍ଚିଲା। ବାଘକୁ କହିଲା ଆପଣ ହେଲେ ରାଜା,କେତେ ଜୀବଜନ୍ତୁ ଖାଇ ମୁହଁ ଦାନ୍ତ ଅସନା ହୋଇଯାଇଥିବ। ଆପଣ ଯାଆନ୍ତୁ ପ୍ରଥମେ ଝରଣା ପାଣିରେ ମୁହଁ ଧୋଇବେ ଏବଂ ଝରଣା କୂଳର ମୁଗୁନି ପଥରରେ ଦାନ୍ତକୁ ପଜେଇ ଆସି ମୋତେ ଖାଇବେ। ଠିକ କହିଲୁ ଘରମଣୀ, କହି ବାଘ ଯେମିତି ଝରଣା କୂଳକୁ ଯାଇଛି,ଘରମଣୀ ଛୁ ମାରିଲା। ହେଲେ ଯାଉ ଯାଉ ସନ୍ଧ୍ୟା ହୋଇଗଲା ଏବଂ ଘରମଣୀ ଗୋଟିଏ ଗୁମ୍ଫାରେ ଆଶ୍ରୟ ନେଲା। ସେଟା ଥିଲା ସିଂହ ର ଘର। ସିଂହ ଯେମିତି ଗୁମ୍ଫାରେ ପଶିଛି ଦେଖିଲା ଅନ୍ଧାରରେ ଆଖି ଦୁଇଟି ଚକ୍ ଚକ୍ କରୁଛି। ଗର୍ଜନ କରି ପଚାରିଲା କିଏ ରେ ତୁ ଘରମଣୀ ଭାବିଲା ଏବେ ନିଶ୍ଚୟ ଜୀବନ ଯିବ। ତଥାପି ଏଥର ମଧ୍ୟ ସାହସ ସଂଚୟ କରି କହିଲା"ମୁଁ ଧପ ଧପ ରାଜା,ମୋ ଶିଙ୍ଗ ଦିଟା ଗୋଜା, ଏକ ଶିଙ୍ଗରେ ଗଛକୁ ଭାଙ୍ଗେ, ଦ୍ୱିତୀୟ ଶିଙ୍ଗରେ ସିଂହକୁ ମାରେ"। ଏହା ଶୁଣି ସିଂହ ପ୍ରାଣ ବିକଳରେ ସେଠାରୁ ଯାଇ ଆଉ ପାଞ୍ଚଟା ସିଂହକୁ ଧରି ଆସିଲା। ତାଙ୍କ ଗର୍ଜନରେ ଗୁମ୍ଫା ଥରି ଉଠୁଥାଏ। ଘରମଣୀ ଛାତିକୁ ଦମ୍ଭ କରି କହିଲା ଏ ସିଂହ ତୋତେ ଦଶଟା ସିଂହ ଆଣିବୁ କହିଥିଲି,ତୁ କଣ ପାଞ୍ଚଟା ଆଣିଛୁ, ଆସ ତୋତେ ଆଗ ଖାଇବି। ଏହା ଶୁଣି ସିଂହମାନେ ଭାବିଲେ ଏଇ ସିଂହ ଆମକୁ ଏଠିକୁ ମାରିବା ପାଇଁ ଆଣିଛି। ଯିଏ ଯେଉଁଆଡ଼େ ପାରିଲେ ପ୍ରାଣ ବିକଳରେ ଧାଇଁଲେ। ସକାଳ ହେବାରୁ ଘରମଣୀ ଘରକୁ ଫେରିଲା। ନିଜର ଉପସ୍ଥିତ ବୁଦ୍ଧି ଯୋଗୁଁ ଘରମଣୀ ଶକ୍ତିଶାଳୀ ଜନ୍ତୁଠାରୁ ମଧ୍ୟ ନିଜ ଜୀବନ ବଞ୍ଚାଇ ପାରିଲା।

*ଘରମଣୀ ବହୁତ ଡରିଗଲା,ହେଲେ ବୁଦ୍ଧି ଖଟାଇ ଏକ ଉପାୟ ପାଞ୍ଚିଲା। ବାଘକୁ କହିଲା ଆପଣ ହେଲେ ରାଜା,କେତେ ଜୀବଜନ୍ତୁ ଖାଇ ମୁହଁ ଦାନ୍ତ ଅସନା ହୋଇଯାଇଥିବ। ଆପଣ ଯାଆନ୍ତୁ ପ୍ରଥମେ ଝରଣା ପାଣିରେ ମୁହଁ ଧୋଇବେ ଏବଂ ଝରଣା କୂଳର ମୁଗୁନି ପଥରରେ ଦାନ୍ତକୁ ପଜେଇ ଆସି ମୋତେ ଖାଇବେ।*

# ଦିବାନିଦ୍ରା ବଢ଼ାଏ ଗ୍ଲୁକୋମା

ଦିବାନିଦ୍ରା କାରଣରୁ ଗ୍ଲୁକୋମା ବା କଳା ମୋତିଆବିନ୍ଦୁ ହେବାର ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି। ଏହାର ସଠିକ୍ ଚିକିତ୍ସା ନହେଲେ ରୋଗୀର ଦୃଷ୍ଟିଶକ୍ତି ଚାଲିଯାଇଥାଏ। ଏହାଛଡ଼ା ବୃଦ୍ଧ ବ୍ୟକ୍ତି ଓ ଅତ୍ୟଧିକ ଧୂମପାନ କରୁଥିବା ବ୍ୟକ୍ତିଙ୍କଠାରେ ଏହି ରୋଗ ଦେଖାଯାଇପାରେ। ନିଜ ଅଧ୍ୟୟନକୁ ଅଧିକ ପ୍ରମାଣିତ କରିବା ପାଇଁ ବ୍ରିଟେନ୍ ଗବେଷକମାନେ ୪୦ରୁ ୬୯ ବର୍ଷ ବୟସର ୪୦ ହଜାର ଲୋକଙ୍କୁ ଗବେଷଣାରେ ସାମିଲ କରିଥିଲେ। ଏଥିରୁ କେତେଜଣ ଦିନ ସମୟରେ ଶୋଇବାକୁ ପସନ୍ଦ କରୁଥିଲାବେଳେ କେତେକ ରାତି ସମୟରେ ଶୋଉଥିଲେ। ଅଧ୍ୟୟନଟି ୨୦୧୦ରୁ ୨୦୨୧ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ଗବେଷଣା ପରେ ୮,୬୯୦ ଜଣଙ୍କଠାରେ ଗ୍ଲୁକୋମା ହେବାର ଆଶଙ୍କା ବୃଦ୍ଧି ପାଇଥିଲା। ତେବେ ଏହି ଗବେଷଣାରେ ଆହୁରି ମଧ୍ୟ କୁହାଯାଇଛି ଯେ, ୨୦୪୦ ବେଳକୁ ବିଶ୍ୱର ୧୧.୨ ନିୟୁତ ଲୋକ ଗ୍ଲୁକୋମାରେ ପୀଡ଼ିତ ହେବେ। ଏ ରୋଗ ସିଧା ଆଖିର ଅପ୍ଟିକ୍ ସ୍ନାୟୁକୁ ପ୍ରଭାବିତ କରିଥାଏ। ଏହି ସ୍ନାୟୁ ଆଖିକୁ ମସ୍ତିଷ୍କ ସହିତ ସଂଯୋଗ କରେ। ଆଖିର ଆଲୋକ ଗ୍ରହଣ କରୁଥିବା ସମ୍ବେଦନଶୀଳ କୋଷଗୁଡ଼ିକର ଅବକ୍ଷୟ ହିଁ ଏ ରୋଗର କାରଣ। ଆମେ କଥା କହିଲାବଳେ ବ୍ୟଞ୍ଜନାସୂଚକ ନାନା ଅଭିବ୍ୟକ୍ତି ପ୍ରକାଶ କରୁ। ତାହା ପୁଣି ଗୋଟିଏ ମାତ୍ର ଶବ୍ଦରେ। ଯେମିତି 'ହ', 'ହା', 'ହି' । ବ୍ୟବହାର ଅନୁଯାୟୀ ସ୍ଥଳ ବିଶେଷରେ ଏ ଅକ୍ଷରଗୁଡ଼ିକ ନାନା ଅର୍ଥର ପ୍ରତିନିଧିତ୍ୱ କରନ୍ତି। ସେହି କ୍ରମରେ ବିଚାର କଲେ ହୋ ଏକ ସମ୍ବୋଧନସୂଚକ ଅବ୍ୟୟ ପଦ ରୂପେ ବ୍ୟବହୃତ ହୋଇଥାଏ। କେହି କେହି କାହାକୁ କଥା କହିଲାବେଳେ କହନ୍ତି- ''କ'ଣ କରିବି ଭାଇ! ମତେ କ'ଣ ବେଳ ଜଣାପଡ଼ିଲା କି ଗୋଟାଏ 'ହୋ'ରେ ତ ପଳେଇଆସିଲି!'' ଏଠାରେ ଗୋଟାଏ ହୋ ମାନେ ଗୋଟାଏ ଲୟ।

***୨୦୪୦ ବେଳକୁ ବିଶ୍ୱର ୧୧.୨ ନିୟୁତ ଲୋକ ଗ୍ଲୁକୋମାରେ ପୀଡ଼ିତ ହେବେ। ଏ ରୋଗ ସିଧା ଆଖିର ଅପ୍ଟିକ୍ ସ୍ନାୟୁକୁ ପ୍ରଭାବିତ କରିଥାଏ। ଏହି ସ୍ନାୟୁ ଆଖିକୁ ମସ୍ତିଷ୍କ ସହିତ ସଂଯୋଗ କରେ। ଆଖିର ଆଲୋକ ଗ୍ରହଣ କରୁଥିବା ସମ୍ବେଦନଶୀଳ କୋଷଗୁଡ଼ିକର ଅବକ୍ଷୟ ହିଁ ଏ ରୋଗର କାରଣ।***



ସେହିଭଳି ଦେଶଜ ବ୍ୟବହାରରେ 'ହୋ' କହିଲେ ଗୋଳମାଳ, ଯାହାକି ଏକ ବିଶେଷ୍ୟ ପଦ। ଆମେ କହୁ ସେ ଗୋଟେ 'ହୋ' ଲଗେଇଦେ ?ଲା। ପୁଣି 'ହୋ' ଏକ ଆଦିବାସୀ ସମ୍ପ୍ରଦାୟର ଭା ?ଷା-ନାମ ବୋଲି ଓଡ଼ିଶାରେ ପରିଚିତ। ପ୍ରକୃତରେ ପୃଥିବୀରେ ସବୁକଥା କ୍ଷଣସ୍ଥାୟୀ। ଆଜି ଯାହା ଅଛି ତାହା କାଲିକି ଆଉ ନ ଥାଏ। ସମୟ ଚିର ପ୍ରବହମାନ। ସେଇ ଅନୁସାରେ ପରିବର୍ତ୍ତନ ହିଁ ସଂସାରରେ ଏକମାତ୍ର ସତ୍ୟ ବୋଲି ଅନେକ ଟିପ୍ପଣୀ କରନ୍ତି। ବରଷେ କଥାଟି ଗୋଟିଏ ବର୍ଷ ବା ବାରମାସର ସମୟ ଅବଧିକୁ ବୁଝାଇଥାଏ। ଅନ୍ୟପକ୍ଷରେ ପୁରୁଷେ କହିଲେ ଜଣେ ବ୍ୟକ୍ତିର ଆୟୁଷକାଳ ଯାହାକୁ ଆମେ ଷାଠିଏବର୍ଷ ବୋଲି ଧରିପାରିବା। ମାତ୍ର ବରଷେ ଗଲେ ପୁରୁଷେ ଯାଏ କଥା କେମିତି ସମ୍ଭବ ଏହା ଏକ ରୂଢ଼ି ପ୍ରୟୋଗ। ଅର୍ଥାତ୍ ବିଶେଷ ଭାଷାଗତ ବ୍ୟବହାର। ମଣିଷ ଅନେକ ସମୟରେ ବିପଦରେ ପଡ଼େ। ସେତେବେଳେ ମନରେ ଆସେ ସତେ ଯେମିତି ଏ ବିପଦ ଆଉ ଟଳିବ ନାହିଁ। ସେମିତି ବିଚାର କଲେ ଯେ କେହି ନୈରାଶ୍ୟରେ ବୁଡ଼ିଯିବ। ମାତ୍ର ଅସଲ କଥା ହେଲା ସୁଖ ହେଉ କି ଦୁଃଖ! ସବୁ କ୍ଷଣସ୍ଥାୟୀ। ବିପଦ ବି ସମୟକ୍ରମେ ଟଳେ। ତେଣୁ ସାନ୍ତ୍ୱନା ଦେଇ କୁହାଯାଏ, ''ଚିନ୍ତା କରନା, ବରଷେ ଗଲେ ପୁରୁଷେ ଯାଏ।'' ଆଜି ସିନା ଅଛି ତାହା କାଲିକି ନ ଥିବ।





## ଏହି ସରଳ ଉପାୟରେ ମିଳିବ ପ୍ରଭୁ

# ହନୁମାନଙ୍କ କୃପା

ଶାସ୍ତ୍ର ଅନୁଯାୟୀ, ସପ୍ତାହର ପ୍ରତ୍ୟେକ ଦିନ ସମସ୍ତ ଦେବାଦେବୀଙ୍କୁ ସମର୍ପିତ। ସେହିପରି ମଙ୍ଗଳବାର ଭଗବାନ ହନୁମାନଙ୍କୁ ସମର୍ପିତ। ସେହିପରି ମଙ୍ଗଳ ଗ୍ରହଙ୍କୁ ମଧ୍ୟ ସମର୍ପିତ। ଏହି ଦିନ ପ୍ରଭୁ ହନୁମାନଙ୍କୁ ବିଧି ଓ ନିୟମ ସହ ପୂଜାର୍ଚ୍ଚନା କରିବା ଦ୍ୱାରା ମଙ୍ଗଳଗ୍ରହଙ୍କ ସହ ଜଡିତ ଉପାୟ କରିବା ଦ୍ୱାରା ଶୁଭଫଳ ମିଳିଥାଏ। ଜାତକରେ ଗ୍ରହଙ୍କ ସ୍ଥିତିର ମଧ୍ୟ ଶୁଭଫଳ ମିଳିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ମଙ୍ଗଳ ଗ୍ରହ ଅଶାନ୍ତ ରହିବା ଦ୍ୱାରା ପରିବାରରେ କଳହ ସହ ଜୀବନରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ସ୍ୱାସ୍ଥ୍ୟ ଜନିତ ସମସ୍ୟା ମଧ୍ୟ ହୋଇଥାଏ। ତେବେ ପ୍ରଭୁ ହନୁମାନଙ୍କ ସହ ମଙ୍ଗଳ ଗ୍ରହଙ୍କ କୃପା ପ୍ରାପ୍ତି ପାଇଁ ମଙ୍ଗଳବାର ଏହି ଉପାୟ ଆପଣାନ୍ତୁ.. ମଙ୍ଗଳବାର ଦିନ ସ୍ନାନ ଆଦି ସାରି ପ୍ରଭୁ ହନୁମାନଙ୍କ ନିକଟରେ ଘିଅର ଦୀପ ଲଗାନ୍ତୁ। ଏହାସହ ସଳିତା ଲାଲ ରଙ୍ଗର ଯେପରି ହୋଇଥିବ ତାହା ଧ୍ୟାନ ଦେବେ। ପ୍ରଭୁ ହନୁମାନଙ୍କୁ ଗୁଡ ଓ ଚଣା ପ୍ରିୟ। ତେଣୁ ଭୋଗରେ ଗୁଡ ଓ ଚଣା ଅର୍ପଣ କରନ୍ତୁ। ଏହାସହ ବୁନ୍ଦି ଲଡୁ ମଧ୍ୟ ଅର୍ପଣ କରିପାରିବେ। ସମ୍ଭବତଃ ମଙ୍ଗଳବାର ଦିନ ମାଙ୍କଡଙ୍କୁ ଗୁଡ ଓ ଚଣା ଖାଇବାକୁ ଦିଅନ୍ତୁ। ମାନ୍ୟତା ଅନୁଯାୟୀ, ଏପରି କରିବା ଦ୍ୱାରା ଜାତକରେ ମଙ୍ଗଳଙ୍କ ସହ ସୂର୍ଯ୍ୟଙ୍କ ସ୍ଥିତି ମଧ୍ୟ ଉତ୍ତମ ରହିଥାଏ। ପ୍ରତ୍ୟେକ ମଙ୍ଗଳବାର ଦିନ ସିନ୍ଦୂରରେ ଅଳ୍ପ ମଲ୍ଲିଫୁଲ ତେଲ ମିଶାଇ ନିୟମିତ ପ୍ରଭୁ ହନୁମାନଙ୍କୁ ପୂଜା ସମୟରେ ଲଗାନ୍ତୁ। ଏପରି କରିବା ଦ୍ୱାରା ପ୍ରଭୁ ହନୁମାନ ପ୍ରସନ୍ନ ହେବା ସହ ଶନିଙ୍କ ପ୍ରଭାବରୁ ମଧ୍ୟ ମୁକ୍ତି ମିଳିଥାଏ। ଜାତକରେ ମଙ୍ଗଳଗ୍ରହଙ୍କ ସ୍ଥିତି ସଠିକ ସହ ଶୁଭଫଳ ପ୍ରାପ୍ତି ପାଇଁ ପ୍ରଭୁ ହନୁମାନଙ୍କ ମନ୍ଦିରକୁ ଯାଇ ବୁନ୍ଦି ଭୋଗ କରନ୍ତୁ।

## ହେମୋଗ୍ଲୋବିନ୍ କମିଯାଉଛି କି...

ଶରୀରରେ ହେମୋଗ୍ଲୋବିନର ପରିମାଣ କମିଲେ ରୋଗୀକୁ ସବୁ ସମୟରେ ହାଲିଆ ଲାଗେ। ତା' ସହ କାର୍ଯ୍ୟ କରିବାର କ୍ଷମତା ବି କମେ। ହେମୋଗ୍ଲୋବିନ୍ ସଠିକ୍ ମାତ୍ରାରେ ରହିଲେ, ଆମ ମସ୍ତିଷ୍କ, ବୃକକ୍, ହୃଦଯନ୍ତ୍ର ଯଥା ଭାବରେ କାମ କରେ। ହେମୋଗ୍ଲୋବିନର ମାତ୍ରା କମ୍ ହେଲେ ଖାଇବା-ପିଇବାକୁ ଇଚ୍ଛା ହୁଏନି। ହାଲିଆ ଲାଗିଲେ, ଚିଡ଼ଚିଡ଼ା ଲାଗିଲେ, କାମ କରିବାର ଆଗ୍ରହ କମ୍ ହେଲେ, ଡାକ୍ତରଙ୍କ ପରାମର୍ଶ ନେଇ ହେମୋଗ୍ଲୋବିନ୍ ପରୀକ୍ଷା କରାନ୍ତୁ। ଏହାର ପରିମାଣ କମ୍ ଥିଲେ, ଔଷଧ ସେବନ କରିବା ପୂର୍ବରୁ ପ୍ରଥମେ ସରଳ ଉପାୟ କରିବା ଭଲ। ପ୍ରତ୍ୟେକଙ୍କ ଘରେ ତୁଳସୀ ଗଛ ଥାଏ। ଏଣୁ ନିୟମିତ ଭାବେ ୫-୬ଟି ତୁଳସୀପତ୍ର ଚୋବାଇ ଖାଆନ୍ତୁ। ନଚେତ୍ ତୁଳସୀପତ୍ରକୁ ଛେଚି ପାଣିରେ ମିଶାଇ ନଚେତ୍ ଚା'ରେ ମିଶାଇ ପିଇପାରିବେ। ଦୁଇ-ତିନିଟି ସପ୍ତାହରେ ଶରୀରରେ ହେମୋଗ୍ଲୋବିନ୍ ପରିମାଣ ବଢ଼ିବ।
ପାଚିଲା ପିଜୁଳି ଏଥିପାଇଁ ମହୌଷଧି ପରି କାମ କରେ। ନିୟମିତ ଭାବେ ଗୋଟିଏ କିମ୍ବା ଦୁଇଟି ପିଜୁଳି ଖାଇଲେ ବି ରକ୍ତହୀନତା ସମସ୍ୟା ଦୂର ହେଉଥିବା ବିଶେଷଜ୍ଞ କହିଛନ୍ତି। ଅଙ୍ଗୁର, ନାସପାତି, ନଡ଼ିଆ ପାଣି, ପାଳଙ୍ଗ ଶାଗ, ଜାମୁକୋଳି, ଗୁଡ଼ ଇତ୍ୟାଦି ପ୍ରତିଦିନ ଖାଇଲେ ବି ହେମୋଗ୍ଲୋବିନର ମାତ୍ରା ...



# ବୁଦ୍ଧି ଓ ସାହସ ବଂଚାଏ ପ୍ରାଣ

ପାହାଡ଼ତଳି ଛୋଟ ଗାଆଁଟିଏ ହରିପୁର। ଗାଆଁକୁ ଲାଗି ରହିଛି ଏକ ଘଞ୍ଚ ଜଙ୍ଗଲ। ଚାଷକାମ ଛଡ଼ା ଗାଆଁର ଲୋକମାନେ ସେମାନଙ୍କର ଜୀବିକା ନିର୍ବାହ ପାଇଁ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି। ଜଙ୍ଗଲରେ ବିଭିନ୍ନ ପ୍ରଜାତିର ବୃକ୍ଷଙ୍କ ଗହଣରେ ଅନେକ ପ୍ରକାରର ଜୀବଜନ୍ତୁ ବାସ କରନ୍ତି। ସେମାନଂକ ମଧ୍ୟରେ ହାତୀ ଓ ହରିଣଂକ ସଂଖ୍ୟା ଖୁବ୍ ଅଧିକ। ଜଙ୍ଗଲରେ ବୃକ୍ଷଙ୍କ ସଂଖ୍ୟା ଧୀରେ ଧୀରେ ଲୋପ ହେଉଥିବାରୁ, ଜୀବଜନ୍ତୁମାନେ ଖାଦ୍ୟ ଆଶାରେ ଜଙ୍ଗଲ ଛାଡ଼ି ଗାଆଁ କ୍ଷେତରେ ଲାଗିଥିବା ଶସ୍ୟକୁ ଖାଇ ନଷ୍ଟ କରିବା ପ୍ରାୟ ସମସ୍ତଂକୁ ଜଣା। ଜଙ୍ଗଲ ମଝିରେ ଦୁଇଟି ନଦୀ ପ୍ରବାହିତ। ଗାଆଁର ଏକ ପାର୍ଶ୍ୱରେ ପିଲାଙ୍କ ପାଠପଢ଼ିବା ପାଇଁ ଏକ ପ୍ରାଥମିକ ବିଦ୍ୟାଳୟ ଅଛି ଓ ବିଦ୍ୟାଳୟର କିଛି ଦୂରରେ ଏକ ଘଞ୍ଚ ବାଉଁଶ ବଣ ସହ ଜଙ୍ଗଲର ସୀମା ଆରମ୍ଭ ହୋଇଛି। ଗୁଡୁ ଗାଆଁ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢ଼େ। ଶୀତଦିନ ହୋଇଥିବାରୁ ବିଦ୍ୟାଳୟ ଛୁଟିହେଲା ବେଳକୁ ସଂଜ ନଇଁ ଆସିଥାଏ।ଫେରିବା ବାଟରେ ଗୁଡୁ ହଠାତ୍ ଦେଖିଲା,ପଲେ ହାତୀ ତା'ଆଡ଼କୁ ମାଡ଼ି ଆସୁଛନ୍ତି। ସେ କ'ଣ କରିବ କିଛି ବୁଝି ପାରିଲା ନାହିଁ। ଜଙ୍ଗଲ ପାଖରେ ପିଲାଦିନରୁ ବିଢ଼ି ଆସିଥିବାରୁ ସେ ଭାରି ସାହସୀ। ସେ ସମୟ ନଷ୍ଟ ନକରି ଗାଆଁର ପୁରୁଖା ଲୋକଙ୍କ କହିଥିବା କଥାକୁ ମନେ



ପକାଇ, ନିଜର ପ୍ରାଣରକ୍ଷା କରିବା ପାଇଁ ପାଖରେ ଥିବା ବାଉଁଶ ବଣକୁ ଦୌଡ଼ି ଦୌଡ଼ି ପଳାଇ ଗଲା। ଗାଆଁର ପୁରୁଖା ଲୋକଙ୍କଠାରୁ ସେ ଅନେକଥର ଶୁଣିଥିଲା, ହାତୀ ଆକ୍ରମଣ ସମୟରେ ବାଉଁଶ ବଣରେ ଲୁଚିବା ବୁଦ୍ଧିମାନର କାମ। ସତକୁ ସତ ହାତୀମାନେ ବାଉଁଶ ବଣ ପର୍ଯ୍ୟନ୍ତ ଆସିଲେ କିନ୍ତୁ ବାଉଁଶ ବୁଦା ଭିତରେ ପଶି ପାରିଲେ ନାହିଁ। କିଛି ସମୟପରେ ଅନ୍ଧାର ଘୋଟିଯିବାରୁ,ହାତୀମାନେ ଜଙ୍ଗଲ ଭିତରକୁ ପଳାଇଗଲେ। ଗୁଡୁର ବାପା ଓ ଭାଇ ତାକୁ ଖୋଜିଖୋଜି ବିଦ୍ୟାଳୟ ଆଡ଼କୁ ଯିବା ସମୟରେ, ଲଣ୍ଠନ ଆଲୋକ ଦେଖି ଗୁଡୁ ଡାକ ଛାଡ଼ିଲା। ତା' ବାପା ଓ ଭାଇ ପାଖକୁ ଆସିବା ପରେ,ସେ ବାଉଁଶ ବଣରୁ ବାହାରି ଆସିଲା ଓ ଘରେ ପହଂଚି ହାତୀ ଆକ୍ରମଣର ସମସ୍ତ କଥା କହିଲା। ଏ କଥା ଗାଆଁରେ ବିଜୁଳି ପରି ଖେଳିଗଲା ଓ ଗାଆଁର ସମସ୍ତ ଲୋକ ଗୁଡୁର ବୁଦ୍ଧି ଓ ସାହସକୁ ପ୍ରଶଂସା କଲେ।

# କେଶର ଯତ୍ନ





କେଶ ପାଇଁ ଅର୍ଗାନିକ୍ ଶାମ୍ପୁ ବ୍ୟବହାର କରନ୍ତୁ। ଆପଣ ଇଣ୍ଟରନେଟ୍‌ରୁ ବିଭିନ୍ନ ପ୍ରକାରର ଅର୍ଗାନିକ୍ ଶାମ୍ପୁ ବିଷୟରେ ସବୁ ପ୍ରକାର ତଥ୍ୟ ପାଇପାରିବେ। ସପ୍ତାହରେ ଥରେ କେଶମୂଳରେ ଦହି କିମ୍ବା କଞ୍ଚା ଖିର ଲଗାଇବେ। ଏହା କେଶଝଡ଼ାରୁ ରକ୍ଷା କରିବା ସହ କେଶର ଘନତ୍ୱ ବଢ଼ାଇଥାଏ। ଗରମ ପାଣିରେ ଟାୱେଲ୍‌କୁ ବୁଡ଼ାଇ ଭଲଭାବେ ଚିପୁଡ଼ି କେଶରେ ବାନ୍ଧ ଦିଅନ୍ତୁ। ହେୟାର ଡ୍ରାୟର ପରିବର୍ତ୍ତେ ସାଧାରଣ ଭାବେ କେଶ ଶୁଖାଇବା ମଧ୍ୟ କେଶ ଝଡ଼ିବା କମ୍ କରେ।

## ଏହି ଅଭ୍ୟାସ ଅନେକ ରୋଗର କାରଣ..

କର୍ମବ୍ୟସ୍ତ ଜୀବନ ଓ ଜୀବନଶୈଳୀରେ ସଭିଏଁ ସମସ୍ତ କାମ ଖୁବ ଶୀଘ୍ର ଶୀଘ୍ର କରିଥାଆନ୍ତି। ଏଭଳି କି ଭୋଜନ କରିବା ସମୟରେ ମଧ୍ୟ ଖାଦ୍ୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇନଥାଆନ୍ତି। ଅଧିକାଂଶ ଲୋକେ ଶୀଘ୍ର ଶୀଘ୍ର ଖାଦ୍ୟ ଖାଉଥିବା ମଧ୍ୟ ଦେଖାଯାଏ। ଲଗାତର ତରବରିଆ ଓ ଶୀଘ୍ର ଶୀଘ୍ର ଖାଦ୍ୟ ଖାଇବା ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ଅନେକ ସମସ୍ୟା ଆଣିଥାଏ। ରୋଗର କାରଣ ମଧ୍ୟ ପାଲଟିଥାଏ। ଘରେ ହେଉ କିମ୍ବା କାର୍ଯ୍ୟାଳୟରେ ଅଧିକାଂଶ ସମୟରେ ଲୋକେ ଜଲଦି ଜଲଦି ଖାଇଥାଆନ୍ତି। ସମୟ ବଞ୍ଚାଇବା ପାଇଁ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ। ଜାଣନ୍ତୁ.. ଜଲଦି ଜଲଦି ଖାଦ୍ୟ ସେବନ କରିବା ଦ୍ୱାରା ଆବଶ୍ୟକତା ଠାରୁ ଅଧିକ ଖାଇ ହୋଇଯାଏ। ସେହି ସମୟରେ ଏହା ଅନୁଭବ ନହେଲେ ମଧ୍ୟ କିଛି କ୍ଷଣ ପରେ ଅନୁଭବ ହୋଇଥାଏ। ଏପରି କରିବା ଦ୍ୱାରା ଶରୀର ଆବଶ୍ୟକ କରୁଥିବା ସଠିକ ପରିମାଣର ଭୋଜନ ପାଇଁ ମସ୍ତିଷ୍କ ପର୍ଯ୍ୟନ୍ତ ସଠିକ ସନ୍ଦେଶ ପହଞ୍ଚି ପାରିନଥାଏ। ଜଲଦି ଜଲଦି ଅଧିକ ସେବନ କରିବା ଦ୍ୱାରା ମୋଟାପଣ ବୃଦ୍ଧି ହୋଇଥାଏ। ଡ଼ାଏଟ ମଧ୍ୟ ସନ୍ତୁଳିତ ହୋଇ ରହିନଥାଏ। ଜଲଦି ଜଲଦି ଭୋଜନ କରିବା ଦ୍ୱାରା ମୋଟାପଣ ସମ୍ଭାବନା ଅଧିକ ଥାଏ। ଜଲଦି ଜଲଦି ଭୋଜନ କରିବା ଦ୍ୱାରା ଖାଦ୍ୟକୁ ସଠିକ ଭାବେ ଚୋବାଇ ହୋଇନଥାଏ। ଅଧିକାଂଶ ଖାଦ୍ୟ ଗିଳି ମଧ୍ୟ ହୋଇଥାଏ। ଫଳରେ ଖାଦ୍ୟ ସଠିକ ଭାବେ ହଜମ ହୋଇନଥାଏ। ପାଚନ ତନ୍ତ୍ର ଉପରେ କୁପ୍ରଭାବ ପଡିଥାଏ। ପେଟ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ।







*ପେଟ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଜଲଦି ଜଲଦି ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ହଠାତ୍ ଶର୍କରାର ମାତ୍ରା ବୃଦ୍ଧି ହୋଇଥାଏ। ଫଳରେ ମଧୁମେହ ରୋଗ ହେବାର ସମ୍ଭାବନା ଅଧିକ ଥାଏ।*

# ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ନ କରି ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି ପାଣ୍ଡିଆନ : ନାଉରୀ ନାଏକ



**ସମ୍ବଲପୁର (ଅମୃତ ମିଡିଆ) :** ଓଡ଼ିଶାରେ ଆୟୁଷ୍ମାନ ଲାଗୁ ନ କରି ମୁଖ୍ୟମନ୍ତ୍ରୀଙ୍କ ରିମୋର୍ଟ କଣ୍ଟ୍ରୋଲ ସାଜିଥିବା କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁରବାସୀଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି । ଲୋକମାନଙ୍କ ମଧ୍ୟରେ ଭୟ ତିଆରି କରିବାର ଯେଉଁ ହୀନ ରାଜନୀତି ସେ କରୁଛନ୍ତି ତାହାକୁ ଲୋକମାନେ ଜାଣିଛନ୍ତି ଏବଂ ବୁଝିଛନ୍ତି ବୋଲି ରେଙ୍ଗାଲି ବିଧାୟକ ନାଉରୀ ନାଏକ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି । ସେ କହିଛନ୍ତି ବିଜେଡିରେ ଥିବା କ୍ଷମତାସୀନ ଲୋକମାନଙ୍କୁ ଏବେ ପରାଜୟର ଭୟ ଘାରିଛି । ଗୃହ ମନ୍ତ୍ରୀ ଅମିତ ଶାହ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ପାଇଁ ଲଢେଇ ହେବାର ମନ୍ତବ୍ୟ ପରେ ବିଜେଡିକୁ ପରାଜୟର ଭୟ ଗ୍ରାସିଛି । ଏଥିପାଇଁ ପାଣ୍ଡିଆନ ବାରମ୍ବାର ମିଛ କଥା ଅପପ୍ରଚାର କରୁଛନ୍ତି । ପୂର୍ବ ବର୍ଷ ଏଭଳି ଭାବେ ବିଜେପି କ୍ଷମତାକୁ ଆସିଲେ ଚାଉଳ ବନ୍ଦ କରିଦେବେ ବୋଲି ବିଭ୍ରାନ୍ତିକର ତଥ୍ୟ ଦେଇଥିଲେ । କିନ୍ତୁ ମୋଦୀ ସରକାର ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାସିକ ୫ କେଜି ଚାଉଳର ସମୟ ସୀମାକୁ ୨୦୨୯ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଚାଉଳ ମୋଦୀ ସରକାର ଦେଉଥିବା ଲୋକମାନେ ଜାଣିବା ପରେ ଲୋକଙ୍କୁ ପ୍ରଭାବିତ କରିବା ପାଇଁ ନବୀନ ଓଡ଼ିଶା ବ୍ୟାଗ ସହ ୧ ହଜାର ଟଙ୍କା ଅତିରିକ୍ତ ରାଶି ପ୍ରଦାନ କରିଥିଲେ । ଏଥିରୁ ଜଣାପଡୁଛି କିଏ ମିଛ ଓ ହୀନ ରାଜନୀତି କରୁଛି । ରେଙ୍ଗାଲି ବିଧାୟକ କହିଛନ୍ତି ଯେ ନବୀନ ବାବୁଙ୍କ ରିମୋର୍ଟ କଣ୍ଟ୍ରୋଲ ପାଣ୍ଡିଆନ ବୋଧେ ଭୁଲି ଯାଉଛନ୍ତି ଏନଏଫଏଚଏସ-୫ ରିପୋର୍ଟ ଅନୁଯାୟୀ, ଓଡ଼ିଶାର ୫୨.୧% ପରିବାର କୌଣସି ସ୍ୱାସ୍ଥ୍ୟ ବୀମା/ଆର୍ଥିକ ଯୋଜନା ଦ୍ୱାରା ଅତି କମରେ ଜଣେ ସଦସ୍ୟ ଅନ୍ତର୍ଭୁକ୍ତ ନହୋଇଥିବା ଜଣାପଡିଛି । ଓଡ଼ିଶା ସରକାର ୭୦ ଲକ୍ଷ ପରିବାରକୁ ବୀମା ପ୍ରଦାନ କରାଯାଇଥିବା ଡିଣ୍ଡିମ ପିଟୁଥିବା ବେଳେ ଏନଏଫଏଚଏସ ରିପୋର୍ଟରେ ରାଜ୍ୟରେ ସ୍ୱାସ୍ଥ୍ୟବୀମା ପ୍ରସାର ଉପରେ କୌଣସି ପ୍ରଭାବ ପଡିନଥିବା ସରକାରୀ ବାବୁଙ୍କ ୧ ନମ୍ବର ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଭାରତୀୟ ଜନତା ପାର୍ଟୀ ଓଡ଼ିଶାରେ କ୍ଷମତା କୁ ଆସିବା ମାତ୍ରେ ହିଁ ଓଡ଼ିଶାରେ ଆୟୁଷ୍ମାନ ଭାରତ ଲାଗୁ କରିବ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରର ମିଳିତ ପ୍ରଚେଷ୍ଟାରେ ଓଡ଼ିଶାର ସମସ୍ତ ଗରିବ ପରିବାରଙ୍କୁ, ଉଭୟ ମହିଳା ଓ ପୁରୁଷଙ୍କୁ, ବର୍ଷକୁ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବ । ଏହା ସହ ରାଜ୍ୟରେ ଥିବା ସମସ୍ତ ବରିଷ୍ଠ ନାଗରିକଙ୍କୁ ମଧ୍ୟ ମାଗଣା ସ୍ୱାସ୍ଥ୍ୟବୀମା ଯୋଗାଇବ ଭାରତ ଜନତା ପାର୍ଟିର ସରକାର । ରାଜ୍ୟରେ ଓ ରାଜ୍ୟ ବାହାରେ ରହୁଥିବା ଏକ କୋଟି ପ୍ରବାସୀ ଓଡ଼ିଆ ମାନେ ଆୟୁଷ୍ମାନ ଭାରତରେ ପଞ୍ଜୀକୃତ ୩୦,୦୭୯ଟି ହସ୍ପିଟାଲ ମଧ୍ୟରୁ ନିଜ ସ୍ଥାନ ଓ ପସନ୍ଦ ଅନୁସାରେ କେଉଁଠିବି ଚିକିତ୍ସା ସୁବିଧା ପାଇପାରିବେ । ବିଜୁ ସ୍ୱାସ୍ଥ୍ୟ ଯୋଜନା ପରି ବେଡ଼ ନପାଇ ଫେରିବାକୁ ବାଧ୍ୟ ହେବେନି ଓଡ଼ିଶା ବାସୀ । ଓଡ଼ିଶାରେ ପ୍ରଚଳିତ ବ୍ୟବସ୍ଥାକୁ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଦ୍ୱାରା ପ୍ରଚଳିତ ସୂକ୍ଷ୍ମ ଓ ପ୍ରଭାବଶାଳୀ ନେଟୱାର୍କରେ ସାମିଲ କରାଯିବ । ପଞ୍ଜୀକରଣ ଠାରୁ ଆରମ୍ଭ କରି ବିଲିଂରେ ସ୍ୱଚ୍ଛତା, ପାରଦର୍ଶିତା ଓ ସ୍ୱଚ୍ଛତା ରହିବ ବୋଲି ସେ ବିଧାୟକ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରିମୋର୍ଟ କଣ୍ଟ୍ରୋଲ ପାଣ୍ଡିଆନ ଓଡ଼ିଶାରେ ୯୮ ପ୍ରତିଶତ ଛାତ୍ରବୃତ୍ତି କଥା କହୁଛନ୍ତି ଯଦି ତା' ହେଲେ କାହିଁକି ପ୍ରାୟ ୫୦ ପ୍ରତିଶତ ପିଲାମାନେ ପାଠପଢା ସମାପ୍ତ ନକରି କଲେଜ ଛାଡୁଛନ୍ତି ? ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ଦାୟିତ୍ୱରେ ଆଜି ଉଚ୍ଚଶିକ୍ଷାରେ ଛାତ୍ରୀଙ୍କ ନାମଲେଖାରେ ୨୦୨୦-୨୧ରେ ୨.୦୧ କୋଟିରୁ ବଢି ୨୦୨୧-୨୨ରେ ୨.୭ କୋଟିକୁ ବୃଦ୍ଧି ହୋଇଛି । ୨୦୧୪-୧୫ରେ ଛାତ୍ରୀଙ୍କ ସଂଖ୍ୟା ୧.୫୭ କୋଟିରେ ଥିବା ବେଳେ ଏବେ ଏଥିରେ ପ୍ରାୟ ୫୦ ଲକ୍ଷ ବା ୩୨ ପ୍ରତିଶତ ବୃଦ୍ଧି ହୋଇଛି । ୧୦ ବର୍ଷ ମଧ୍ୟରେ ଉଚ୍ଚଶିକ୍ଷାରେ ମହିଳାଙ୍କ ନାମଲେଖା ୨୮ ପ୍ରତିଶତ ବୃଦ୍ଧି ପାଇଛି । ଷ୍ଟେମ୍ ପାଠ୍ୟକ୍ରମରେ, ନାମଲେଖାରେ ୪୩ ପ୍ରତିଶତ ଝିଅ ଏବଂ ମହିଳା ଅଛନ୍ତି - ଯାହା କି ବିଶ୍ୱରେ ସର୍ବାଧିକ । ତେଣୁ ବିଜେଡି ସହ ଜଡିତ ଥିବା ଲୋକମାନେ ମିଛରୁ ଦୂରେଇ ରହିବା ପାଇଁ ସେ ତାଗିଦ୍ କରିଛନ୍ତି ।

# ସ୍ୱେଚ୍ଛାସେବୀ ସେବାକେନ୍ଦ୍ର ତରଫରୁ ପଶୁପକ୍ଷୀଙ୍କ ପାଇଁ ଜଳଯୋଗାଣ




**ଭୁବନେଶ୍ୱର (ବ୍ୟୁରୋ) :** ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଯୋଗୁ ଆଉଟୁ ପାଉଟୁ ହେଉଛନ୍ତି ଲୋକମାନେ । ପରିସ୍ଥିତି ଏପରି ହୋଇଛି ଯେ, ଘରୁ ବାହାରକୁ ଗଲାବେଳେ ଶୋଷ ମେଣ୍ଟାଇବା ପାଇଁ ସାଙ୍ଗରେ ପାଣିବୋତଲ ନେଇ ଯିବାକୁ ପଡୁଛି । ମାତ୍ର କଥା କହିପାରୁ ନଥିବା ନିରୀହ ପଶୁପକ୍ଷୀମାନେ ଏହି ଗ୍ରୀଷ୍ମପ୍ରବାହରେ ପାଣି ମୁନ୍ଦିଏ ପିଇବା ପାଇଁ ଡହଳ ବିକଳ ହେଉଛନ୍ତି । ପଶୁପକ୍ଷୀଙ୍କ ଏତାଦୃଶ ସମସ୍ୟାକୁ ହୃଦୟଙ୍ଗମ କରି ସ୍ୱେଚ୍ଛାସେବୀ ସେବାକେନ୍ଦ୍ର, ଭୁବନେଶ୍ୱରର ସ୍ୱେଚ୍ଛାସେବୀମାନେ ମାଟିହାଣ୍ଡି, ପ୍ଲାଷ୍ଟିକ ଡବାକୁ ବ୍ୟବହାର କରି ରାସ୍ତାକଡ଼ରେ ଓ ଗଛଡ଼ାଳରେ ରଖି ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ପାଣି ରଖିଛନ୍ତି । ଏହି ସ୍ୱେଚ୍ଛାସେବୀମାନେ ଚନ୍ଦକା, କୁଜିମହଲ, ଦାରୁଠେଙ୍ଗ ଆଦି ଅଞ୍ଚଳରେ ଘର ଘର ବୁଲି ଲୋକମାନଙ୍କୁ ନିଜ ଛାତ ଉପରେ ଓ ଅଗଣାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ପାଣପାତ୍ର ରଖିବାକୁ ସଚେତନ କରାଇଥିଲେ । ଆଗକୁ ଏହି ଉଦ୍ୟମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜାରି ରହିବ ବୋଲି ସେବାକେନ୍ଦ୍ରର ସମ୍ପାଦକ ବାପି ନାୟକ କହିଛନ୍ତି । ଏହି କାର୍ଯ୍ୟକ୍ରମକୁ ରୂପାଲି, ଅପରାଜିତା, ଚେମି, ମୋନାଲିସା, ଲିଜା, ପ୍ରତୀକ୍ଷା ଜେନା, ଝୁଲୁ ପ୍ରମୁଖ ସହଯୋଗ କରିଥିଲେ ।

# ଗୁଣାତ୍ମକ ଶିକ୍ଷା ପାଇଁ ବିଜିୟୁର ୨୧ ଦିନିଆ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ



**ଭୁବନେଶ୍ୱର (ବ୍ୟୁରୋ) :** ସ୍ଥାୟୀ ବିକାଶର ଲକ୍ଷ୍ୟ, "ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା" ସହିତ ବିର୍ଲା ଗ୍ଲୋବାଲ ୟୁନିଭରସିଟି, ଭୁବନେଶ୍ୱର ପକ୍ଷରୁ ଏକ ୨୧ ଦିନିଆ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଗ୍ରାମୀଣ ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବାର ପଦକ୍ଷେପ ନେଇ ବିଜିୟୁ କୁଳପତି ପ୍ରଫେସର ଡଃ ପି.ପି. ମାଥୁର ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପ୍ରୋଜେକ୍ଟ କୋ-ଅର୍ଡିନେଟର କପିଲ ଜୈନ, ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ଶତପଥୀ, ନ୍ୟାଶନାଲ ସର୍ଭିସ ସ୍କିମ୍ (ଏନ୍‌ଏସ୍‌ଏସ୍ )ର କୋ-ଅର୍ଡିନେଟର ଶୁଭେନ୍ଦୁ କୁମାର ପ୍ରତିହାରୀ, ଏନ୍‌ଏସ୍‌ଏସ୍ ଏକ୍‌ଜିକ୍ୟୁଟିଭ କମିଟିର ଫାକଲ୍ଟି ସଦସ୍ୟ ଯୋଗେନ୍ଦ୍ର ସିଂ ଏବଂ ଅନ୍ୟାନ୍ୟ ଛାତ୍ରଛାତ୍ରୀ ଓ ବିଜିୟୁର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବିଜିୟୁର ଏନ୍‌ଏସ୍‌ଏସ୍ ସେଲ ଏବଂ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ମିଳିତ ଭାବେ ଆୟୋଜନ କରିଥିଲେ ଯାହା ଭାରତ ସରକାରଙ୍କ ଜାତୀୟ ବିଜ୍ଞାନ ସଂଗ୍ରହାଳୟ, ସଂସ୍କୃତି ମନ୍ତ୍ରଣାଳୟ ଅଧିନରେ କାର୍ଯ୍ୟ କରୁଛି । ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ୧୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଙ୍କ ନିକଟରେ ଏହି କାର୍ଯ୍ୟକ୍ରମକୁ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି । ଏହି ପ୍ରଦର୍ଶନୀ ୧୦ ଏପ୍ରିଲ ୨୦୨୪ ରୁ ଆରମ୍ଭ ହୋଇଥିବା ସହ ୩୦ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ଚାଲୁ ରହିବ । ବିଜିୟୁର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସାନିଆ କୁମାରୀ ସାହୁ ଏବଂ ଆମ୍ବାଟିପୁଡି ତରୁଣ ତେଜାଙ୍କ ସହଯୋଗ ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲା ।

# ସୋଆକୁ ୩ଟି ସିଏସ୍ଆର୍ ସମ୍ମାନ



**ଭୁବନେଶ୍ୱର (ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ)କୁ ଇଂରାଜୀ ପତ୍ରିକା 'କମ୍ପିଟିସନ୍ ସକ୍‌ସେସ୍ ରିଭ୍ୟୁ' ପକ୍ଷରୁ ୩ଟି ସିଏସ୍ଆର୍ ସମ୍ମାନ ପ୍ରଦାନ କରାଯାଇଛି । ଗତ ରବିବାର ଦିନ ନୂଆଦିଲ୍ଲୀ ଠାରେ ଆୟୋଜିତ ସିଏସ୍ଆର୍ ସମ୍ମାନ ଉତ୍ସବରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି । ସୋଆ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟକୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ନେଇ ୨୦୨୪ ନିମନ୍ତେ 'ସିଏସ୍ଆର୍ ଏକ୍ସିଲେନ୍ସ ଇନ୍ ଏଜୁକେସନ୍' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି - ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)କୁ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ 'ସିଏସ୍ଆର୍ ଟପ୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନରେ ଭୂଷିତ କରାଯାଇଛି । ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ହସ୍ପିଟାଲିଟି ଆଣ୍ଡ ଟୁରିଜିମ୍ ମ୍ୟାନେଜମେଂଟ - ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଂଟକୁ 'ସିଏସ୍ଆର ଟପ୍ ହୋଟେଲ ମ୍ୟାନେଜମେଂଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନ ପ୍ରଦାନ କରାଯାଇଛି । ନୂଆଦିଲ୍ଲୀର ହୋଟେଲ୍ ଲି ମେରିଡିଏନ୍ ଠାରେ ଆୟୋଜିତ ଏହି ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଅଫିସର-ଅନ୍-ସ୍ପେଶାଲ ଡ୍ୟୁଟି ଶ୍ରୀ ପ୍ରୀତମ ନାୟକ ସିଏସ୍ଆର୍‌ର ଅଧ୍ୟକ୍ଷ ଡକ୍ଟର ଏସ୍.କେ ସଚଦେବଙ୍କ ଠାରୁ ଏହି ୩ଟି ସମ୍ମାନ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୦୦ଟି ଶିକ୍ଷାନୁଷ୍ଠାନ ସାମିଲ ହୋଇଥିଲେ ।

# ଲେଖା ପାଇଁ ସମ୍ମାନିତ ହେବେ ରବିନାରାୟଣ ପଟ୍ଟନାୟକ



**ଭୁବନେଶ୍ୱର (ବ୍ୟୁରୋ) :** ଦୈନିକ ଖବର କାଗଜରେ ସ୍ତମ୍ଭ ଲେଖିବା ପାଇଁ ବେଶ୍ ପରିଚିତ ପାଇଥିବା ରବିନାରାୟଣ ପଟ୍ଟନାୟକଙ୍କୁ ଆସନ୍ତା ମାସ ମେ ୧ ତାରିଖ ଦିନ ଭୁବନେଶ୍ୱରରେ ସମ୍ମାନିତ କରାଯିବ । ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଶ୍ରୀ ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି । ଦୀର୍ଘଦିନ ଧରି ବିଭିନ୍ନ ଖବର କାଗଜ ରେ ଶାଣିତ ଲେଖା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ ହୋଇଛନ୍ତି । ତାଙ୍କ ଏହି ସଫଳତା ରେ ତାଙ୍କୁ ବିଭିନ୍ନ ଆଡୁ ଶୁଭେଚ୍ଛା ପ୍ରକାଶ ପାଇଛି । ଲେଖା ସହ ରକ୍ତଦାତା ହିସାବରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି । ବିଭିନ୍ନ ସମୟରେ ନିଜେ ରକ୍ତଦାନ କରିବା ସହିତ ନିଜ ଜନ୍ମ ଦିନରେ ସାଙ୍ଗ ମାନଙ୍କୁ ନେଇକି ସଫଳ ତାର ସହ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରିଥାନ୍ତି ।

# କାନାରା ବ୍ୟାଙ୍କ ପକ୍ଷରୁ ନୂତନ ଉତ୍ପାଦ ଓ ସେବାର ଶୁଭାରମ୍ଭ



**ଭୁବନେଶ୍ୱର (ବ୍ୟୁରୋ) :** ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ତରଫରୁ ଗ୍ରାହକ ଅଭିଜ୍ଞତାର ମାନବୃଦ୍ଧି ତଥା ବ୍ୟାଙ୍କିଙ୍ଗ୍ କାର୍ଯ୍ୟକୁ ଅଧିକ ସହଜ ଓ ସରଳ କରିବା ଉଦ୍ଦେଶ୍ୟରେ ୧୯ ଏପ୍ରିଲ ୨୦୨୪ ତାରିଖରେ ବିଭିନ୍ନ ଉତ୍ପାଦ ଓ ସେବାଗୁଡିକର ଶୁଭାରମ୍ଭ କରାଯାଇଛି । କାର୍ଯ୍ୟକ୍ରମ ଅବସରରେ ଟିପିଏ ହେଲ୍‌ଥ କେୟାର ବୀମା ମାଧ୍ୟମରେ ନିଜର କିମ୍ବା ନିଜ ଆଶ୍ରିତ ଯେ କୌଣସି ବ୍ୟକ୍ତିଙ୍କ ବଳକା ହସ୍‌ପିଟାଲ ଖର୍ଚ୍ଚକୁ ଭରଣା କରିବା ପାଇଁ ବ୍ୟାଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ଯତ୍ନ ସମ୍ପର୍କୀତ ଋଣ ଉତ୍ପାଦ "କାନାରା ହିଲ" ର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ମହିଳାମାନଙ୍କ ପାଇଁ କ୍ୟାନସର କେୟାର ପଲୀସିର ସୁବିଧା ଥିବା କଷ୍ଟୋମାଇଜଡ ସଞ୍ଚୟ ଖାତା "କାନାରା ଆଞ୍ଜେଲ"ର ଆରମ୍ଭ କରାଯାଇଥିବା ସହ ପୂର୍ବ-ଅନୁମୋଦିତ ବ୍ୟକ୍ତିଗତ ଋଣ "କାନାରା ରେଡି କ୍ୟାସ" ଏବଂ ମିଆଦୀ ଜମା ଉତ୍ପାଦ "କାନାରା ମାଇଁ ମନି" ବିପକ୍ଷରେ ଅନ୍‌ଲାଇନ୍ ଋଣ ଆଦିର ମଧ୍ୟ ଶୁଭାରମ୍ଭ ହୋଇଯାଇଛି । ଏହି ଉଦ୍‌ଘାଟନୀ ସମାରୋହରେ କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭବେନ୍ଦ୍ର କୁମାରଙ୍କ ସମେତ ରାଜ୍ୟ ମୁଖ୍ୟ ଜଗଦୀଶ ଚନ୍ଦର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଅବସରରେ ଉତ୍ପାଦଗୁଡିକର ପ୍ରମୁଖ ବିଶେଷତ୍ୱଗୁଡିକ ଉପରେ ଆଲୋଚନା କରାଯାଇଥିଲା । କାନାରା ବ୍ୟାଙ୍କର ନୂତନ ଉତ୍ପାଦ ଅଫରଗୁଡିକ ବ୍ୟାଙ୍କିଙ୍ଗ୍ ଶିଳ୍ପରେ ନୂତନ ମାନଦଣ୍ଡ ବୃଦ୍ଧି କରିବା ସହ ଗ୍ରାହକ କେନ୍ଦ୍ରିକତା ପ୍ରତି ଉତ୍ସର୍ଗୀକୃତତାକୁ ସୁନିଶ୍ଚିତ କରିବ ବୋଲି ଆଶା କରାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, କାନାରା ହିଲ୍‌ରେ ୫ ଲକ୍ଷ ପର୍ଯ୍ୟନ୍ତ ବୀମା ରାଶି, ୨୪ ଘଣ୍ଟିଆ ଡିଜିଟାଲ ପ୍ରୋସେସିଂ ସେବା ଓ ୩୬ ମାସର ପରିଶୋଧ ସମୟ ଉପଲବ୍ଧ ଥିବା ବେଳେ କାନାରା ଆଞ୍ଜେଲ୍‌ରେ କାର୍ଡ ଥିବା ଦେୟମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ସେବା, ଦେୟ ମୁକ୍ତ ପ୍ଲାଟିନମ୍ ରୂପେ କାର୍ଡ, ଜିରୋ ବାଲାନ୍ସରେ ବ୍ୟାଙ୍କିଙ୍ଗ୍ ସେବା ଓ ମାଗଣା ଏସ୍‌ଏମ୍‌ଏସ୍ ସେବା ଆଦି ଉପଲବ୍ଧ ରହିଛି ।

# ମହିଳା ଉଦ୍ୟୋଗୀଙ୍କ ପାଇଁ ଆୟୋଜିତ କର୍ମଶାଳାରେ କାନାରା ବ୍ୟାଙ୍କର ଯୋଗଦାନ




**ଭୁବନେଶ୍ୱର (ବ୍ୟୁରୋ) :** ସ୍ଥାନୀୟ ହୋଟେଲ ଲାଇଫ ଠାରେ ଆଇସିସି ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ ଦ୍ୱାରା ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ଆୟୋଜିତ ସ୍ୱତନ୍ତ୍ର କର୍ମଶାଳାରେ କାନାରା ବ୍ୟାଙ୍କ ଅଂଶଗ୍ରହଣ କରିଛି । କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭବେନ୍ଦ୍ର କୁମାର ଏହି କର୍ମଶାଳାକୁ ପରିଦର୍ଶନ କରି ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧନ କରିବା ସହ ରାଜ୍ୟ ମୁଖ୍ୟ ଜଗଦୀଶ ଚନ୍ଦର ମହିଳାମାନଙ୍କ ପାଇଁ ବ୍ୟାଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ଓ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । କାନାରା ବ୍ୟାଙ୍କ ଟିମ୍ ତରଫରୁ ମହିଳାମାନଙ୍କ ପାଇଁ ବିଭିନ୍ନ ଉତ୍ପାଦ ଯଥା: କାନାରା ଆଞ୍ଜେଲ ସେଭିଙ୍ଗ୍‌ସ ଆକାଉଣ୍ଟ ( ୧୦ ଲକ୍ଷ ପର୍ଯ୍ୟନ୍ତ କ୍ୟାନସର କେୟାର ଏବଂ ୨୬ ଲକ୍ଷ ପର୍ଯ୍ୟନ୍ତ ବ୍ୟକ୍ତିଗତ ଦୁର୍ଘଟଣା ବୀମା ) ଏବଂ କାନାରା ମହିଳା ବିକାଶ ସ୍କିମ୍ ( ମହିଳା ଉଦ୍ୟୋଗୀଙ୍କ ପାଇଁ ୧୦ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ)ର ଉପସ୍ଥାପନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ମହିଳା ଉଦ୍ୟୋଗୀମାନେ ସମସ୍ତ ଉତ୍ପାଦଗୁଡିକୁ ଉତ୍ତମ ରୂପେ ଗ୍ରହଣ କରିଥିଲେ ।

# ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କୁ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର (ବ୍ୟୁରୋ) :** ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ଜାତୀୟତାବାଦୀ ବିପ୍ଳବୀ କବି ୰ବାଞ୍ଛାନିଧି ମହାନ୍ତିଙ୍କ ୧୨୭ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରାଜ ଭବନଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି । ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିବା ବେଳେ ଶ୍ରଦ୍ଧାଞ୍ଜଳି ସଭାରେ ନିଶାକର ରାଉତ, ବଂଶୀଧର ଭୋଇ, ରାଜକିଶୋର ସାହୁ, ଡକ୍ଟର ପ୍ରଭାତ କୁମାର ପାଢୀ, ଅଲେଖ ଚନ୍ଦ୍ର ଖୁଣ୍ଟିଆ, ସରୋଜ କୁଣ୍ଡୁ, ଗୋଲକ ବିଶ୍ୱାଳ, ପ୍ରଶାନ୍ତ ନାୟକ, ଉତ୍ତମ ନାୟକ, ଗୋପବନ୍ଧୁଭକ୍ତ ସଂଜୟ କୁମାର ପରିଡ଼ା, ସମାଜସେବୀ ଗିରିଜା ଶଙ୍କର ମହାପାତ୍ର, ପ୍ରଫେସର ଡକ୍ଟର ରଙ୍ଗାଧର ସାହୁ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅକ୍ଷୟ ଜେଠୀ ଓ ଅମିତ୍ ପାତାଳସିଂହ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ସ୍ୱର୍ଗତ କବିଙ୍କ ବହୁମୁଖୀ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଉଚ୍ଚଶିକ୍ଷା ପରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇଥିଲେ । ନିଜର ଦେଶପ୍ରେମ ଜାତୀୟତାବାଦୀ ବୈପ୍ଳବିକ କବିତାକୁ ଗ୍ରାମେ ଗ୍ରାମେ ଗାନ କରି ବ୍ରିଟିଶ୍ ସରକାର ବିରୁଦ୍ଧରେ ଦୁର୍ବାର ସଂଗ୍ରାମକୁ ବହୁଗୁଣିତ କରିଥିଲେ । ତାଙ୍କ ରଚନାରେ ପ୍ରଭାବିତ ହୋଇ ବହୁ ଦେଶପ୍ରେମୀ ଯୁବକ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଓ ତାଙ୍କ ନୀତି, ଆଦର୍ଶ ଯୁଗେ ଯୁଗେ ଯୁବ ଛାତ୍ର ସମାଜକୁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ କରିବ ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ତନିସ୍କ ଦ୍ୱାରା ରିଭା ସହିତ ଆପଣଙ୍କ ବିବାହ ସ୍ୱପ୍ନକୁ କରନ୍ତୁ ସ୍ମରଣୀୟ



**ଭୁବନେଶ୍ୱର (ବ୍ୟୁରୋ) :** ଟାଟା ପକ୍ଷରୁ ଭାରତର ସର୍ବବୃହତ ଅଳଙ୍କାର ବ୍ରାଣ୍ଡ ତନିସ୍କ 'ରିଭା'କୁ ଏକ ଉତ୍ସର୍ଗୀକୃତ ବିବାହ ଅଳଙ୍କାର ଉପ-ବ୍ରାଣ୍ଡ ଭାବେ ଗ୍ରାହକ ନିକଟରେ ଉପସ୍ଥାପନ କରିଛି । ରିଭା ନିଜର ବିବିଧ ବିବାହ ସମ୍ଭାର ସହିତ ଆଧୁନିକ ଓଡିଶାର କନ୍ୟା ମାନଙ୍କ ବିଭିନ୍ନ ଆବଶ୍ୟକତା ଅନୁଯାୟୀ ଉତ୍କୃଷ୍ଟ ଡିଜାଇନ୍ ସହିତ ଉନ୍ନତ କରିଗରୀ ପ୍ରତିପାଦନ କରୁଛି । ତନିସ୍କର ରିଭା ସମ୍ଭାର ସୁନ୍ଦରତା ଏବଂ ପରମ୍ପରାର ଏକ ଉଦାହରଣ ଭାବରେ ଠିଆ ହୋଇଛି, ଏହାର ସୂକ୍ଷ୍ମ କାରିଗରୀ ଯାହା ଗୁଣବତା, ନୈତିକତା ଏବଂ ଭବ୍ୟତାର କାହାଣୀ ବର୍ଣ୍ଣନା କରିଥାଏ । ରିଭା କେବଳ ଅଳଙ୍କାର ଯୋଗାଇବାରେ ସୀମିତ ନରହି ଏହା ପ୍ରତ୍ୟେକ କନ୍ୟାର ଅନନ୍ୟ ଯାତ୍ରା ସହିତ ଜଡିତ ରହି ନିଜର ପ୍ରତିବଦ୍ଧତାକୁ ପ୍ରତିପାଦନ କରୁଛି । ରିଭା ଅତି ଯତ୍ନର ସହିତ ନିର୍ମିତ ସମ୍ଭାରକୁ ଗ୍ରାହକଙ୍କ ନିକଟରେ ପରସିଥାଏ ଯାହା ସମଗ୍ର ଭାରତରେ ଆଧୁନିକ କନ୍ୟାମାନଙ୍କ ପାଇଁ ଭରସାଯୋଗ୍ୟ ପସନ୍ଦ ଭାବରେ ଠିଆ ହୋଇଛି । ରିଭା ଠାରୁ ବ୍ରାଇଡାଲ୍ ଟ୍ରାଉଜ୍ ପରିସର ପାରମ୍ପରିକ, ସମ୍ଭ୍ରାନ୍ତ ଏବଂ ସୂକ୍ଷ୍ମ କାରିଗରୀ ଦକ୍ଷତାର ପ୍ରତିଫଳନ ସହ ତିଆରି ହୋଇଛି ଯାହା ଦ୍ୱାରା କନ୍ୟା(ବ୍ରାଇଡ) ନିଜର ବିଶେଷ ଦିନର ପ୍ରତିଟି ମୁହୂର୍ତ୍ତକୁ ସ୍ମରଣୀୟ କରିପାରିବ । ଆଂଚଳିକ ଡିଜାଇନ୍ସ ଆଂଚଳିକ ଛାପ ସହିତ ସୁନା, ହୀରା, ଗ୍ଲାସ୍ କୁନ୍ଦନ, ଏବଂ ପୋଲ୍କିକୁ ନେଇ ରିଭା ଏକ ବ୍ୟାପକ ଗହଣା ସମ୍ଭାର ଗ୍ରାହକଙ୍କ ନିକଟରେ ପରସିଥାଏ, ଯାହା ସୁନିଶ୍ଚିତ କରେ ଯେ ପ୍ରତ୍ୟେକ କନ୍ୟା ତାଙ୍କ ବାହାଘର ଭଳି ବିଶେଷ ଦିନରେ ନିଜର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିବା ପାଇଁ ଯଥେଷ୍ଟ ହୋଇପାରିବ । ମୁଖ୍ୟ ବିବାହ ସମାରୋହର ବ୍ୟତିରକେ ରିଭା ବିବାହ ସହିତ ସଂଶ୍ଳିଷ୍ଟ ବିଭିନ୍ନ ଉତ୍ସବ ପାଇଁ ସୁସଜ୍ଜିତ ଅଳଙ୍କାର ସମ୍ଭାର ଉପସ୍ଥାପନ କରିଥାଏ, ଯାହାକି ହଳଦୀ ଠାରୁ ଆରମ୍ଭ କରି ରିସେପ୍ସନ୍ ପର୍ଯ୍ୟନ୍ତ ସମସ୍ତ ଉତ୍ସବର ପ୍ରତ୍ୟେକ ଦିଗ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରଯୁଜ୍ୟ ହୋଇଥାଏ । ଏକ ଓଡିଆ କନ୍ୟାର ଅନ୍ୟୁନ୍ୟ ଅଳଙ୍କାର ସିଙ୍ଗାର ପାଇଁ ଏକ ସୁନା ହାର, ଲମ୍ବା ହାରାମ, ନଥ ଏବଂ ମଥା ମଣି ସମ୍ପୃକ୍ତ ହୋଇଥାଏ । ଏଥିସହିତ ସେଥିରେ ଆହୁରି ଆକର୍ଷଣୀୟ କରିବା ପାଇଁ ସୁନା ଚାନ୍ଦ, ଏବଂ କପାଳରେ ରେଗାଲ୍ ମୁକୁଟ୍ ଯୋଡା ଯାଇଥାଏ । ଓଡିଆ ଝିଅମାନେ ପ୍ରତ୍ୟେକ କ୍ଷେତ୍ରରେ ନିଜର ନିୟମିତତା ଏବଂ ମହାନତାକୁ ବ୍ୟକ୍ତ କରନ୍ତି, ଅନୁରୂପ ଭାବେ ବିବାହ ସମୟରେ ପାରମ୍ପରିକ ଓଡିଆ ସଂସ୍କୃତିର ମହତ୍ୱକୁ ପ୍ରତିପାଦନ କରି ନିଜକୁ ସୁବର୍ଣ୍ଣରେ ସୁସଜ୍ଜିତ କରିବା ଏବଂ ରିସେପ୍ସନରେ ନିଜକୁ ହୀରା ସ୍ପର୍ଶରେ ଆଲୋକିତ କରିଥାନ୍ତି, ତନିସ୍କ-ରିଭାର ସ୍ପର୍ଶ ପ୍ରାପ୍ତ କରିଥାଏ । ଚାଲିଥିବା ବିବାହ ଋତୁ ଏବଂ ଅସ୍ଥିର ସୁନା ମୂଲ୍ୟ ସହିତ ତନିସ୍କ 'ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ' ଗ୍ରାହକମାନଙ୍କୁ ସେମାନଙ୍କର ସୁନା ସମ୍ପତି ପାଇଁ ସର୍ବୋତମ ମୂଲ୍ୟ ପ୍ରଦାନକୁ ସୁନିଶ୍ଚିତ କରିଥାଏ । ଏହା ପୁରୁଣା ସୁନାକୁ ତନିସ୍କ ଦ୍ୱାରା ସୂକ୍ଷ୍ମ ନୂତନ ଡିଜାଇନ୍ ରେ ପରିଣତ କରିବା ପାଇଁ ଏକ ମାର୍ଗ ପ୍ରଦାନ କରିଥାଏ । ଗ୍ରାହକମାନେ ୨୨ କେରେଟ ଏବଂ ତଦୁର୍ଦ୍ଧ୍ୱ ଭାରତର ଯେକୌଣସି ଠାରୁ କିଣାଯାଇଥିବା ଅଳଙ୍କାରର ପୁରୁଣା ସୁନା ଉପରେ ୧୦୦% ପ୍ରତିଶତ ମୂଲ୍ୟ ପାଇପାରିବେ । ଏଥିସହ, ଗ୍ରାହକମାନେ ଆଉ ଏକ ରୋମାଂଚକର ଅଫର ମଧ୍ୟ ପାଇପାରିବେ, ଯେଉଁଥିରେ ସୁନା ବିବାହ ଅଳଙ୍କାର ଉପରେ କେବଳ ୧୮ ପ୍ରତିଶତ ଫିକ୍ସଡ୍ ମେକିଙ୍ଗ ଚାର୍ଜ ପ୍ରଦାନ କରିବେ । ଅଫର କେବଳ ସୀମିତ ସମୟ ଅବଧି ପାଇଁ ବୈଧ ରହିଛି । ଅତିରିକ୍ତ ଭାବରେ, ସାଧାରଣ ନିର୍ବାଚନ ମଧ୍ୟରେ ଗ୍ରାହକଙ୍କୁ ସୁବିଧା ପ୍ରଦାନ କରି, ତନିସ୍କ ଏହାର ଗ୍ରାହକଙ୍କ ପାଇଁ ଅସୁବିଧାମୁକ୍ତ ସେବା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ । ଅତ୍ୟାବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବାକୁ, ତନିସ୍କ ଗ୍ରାହକଙ୍କୁ ଏକ ସୁବିଧାଜନକ ସପିଂ ଅଭିଜ୍ଞତା ପ୍ରଦାନ କରିବା ପାଇଁ 'ଘରୁ ଦେୟ' ଏବଂ ଅଳଙ୍କାରର ଡୋର ଷ୍ଟେପ୍ ଡେଲିଭରି ପ୍ରଦାନ କରୁଛି ।

## ସମ୍ପାଦକୀୟ...

# ସଇତାନ୍ ଶାହାଜାହାନ !

ଆଜି ବି ଇତିହାସ ପୃଷ୍ଠାରେ ସ୍ୱର୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଶାହାଜାହାନଙ୍କ କଥା, ଯେ କି ଅତୀତରେ ଭାରତର ଜଣେ ପ୍ରସିଦ୍ଧ ମୋଘଲ୍ ଶାସକ ଭାବରେ ନିଜ ପାଇଁ ବେଶ୍ ପ୍ରସିଦ୍ଧି ଆଣିପାରି ଥିଲେ। ନିଜ ଶାସନ କାଳରେ ଶାହାଜାହାନ୍ ଭାରତର ପ୍ରଗତି କ୍ଷେତ୍ରରେ ଅନେକ ବିକାଶମୂଳକ କାର୍ଯ୍ୟ କରି ଯାଇଥିଲେ। ଭାରତର ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଶାହାଜାହାନଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତରେ କେବଳ ଗୋଟାଏ ଶହାଜାହାନ୍ ନ ଥିଲେ, ଭାରତରେ ଏକାଧିକ ଶାହାଜାହାନ୍ ଥିଲେ; କହିବାର ଅର୍ଥ ଭାରତରେ ମୋଘଲ୍ ଶାସନ ସମୟରେ ଦେଶରେ ଅନେକ ବିକାଶମୂଳକ କାର୍ଯ୍ୟ ସମ୍ପାଦନ ହୋଇଥିଲା। ହେଲେ କିଛି ଏଭଳି କାର୍ଯ୍ୟ ହୋଇଥିଲା, ଯାହା ଆଜି ବି ଭାରତର ଇତିହାସକୁ କଳଙ୍କର କାଳିମାରେ ରଙ୍ଗାୟିତ କରି ଦେଇଛି ଯାହାକୁ ଭାରତୀୟ ଇତିହାସ ପୃଷ୍ଠାରୁ ଲିଭାଇବା ଏତେ ସହଜ ନୁହେଁ । ତଥାପି ସେ ସବୁକୁ ଲିଭାଇବାର ପ୍ରଚେଷ୍ଟା ଜାରି ରହିଛି । ବିଶେଷ କରି ଏନ୍‌ଡିଏ ନେତୃତ୍ୱାଧୀନ ବିଜେପି ସରକାର ଅମଳରେ ମୋଦୀ ସରକାରଙ୍କ ପ୍ରଚେଷ୍ଟାରେ ଭାରତରେ ସେଭଳି ଅନେକ ପରିବର୍ତ୍ତନମୂଳକଓ ପଦକ୍ଷେପ ନିଆଯାଇଛି। ଯେଉଁ ଧାରା ଆଜି ବି ଜାରି ରହିଛି ବିଜେପି ସରକାର ଅମଳରେ । ସେହିଭଳି ଧାରା ଜାରି ରହିଲେ ଆଗାମୀ ସମୟରେ ଭାରତରେ ବିଜେପି ମାଧ୍ୟମରେ ଭାରତରେ ଅନେକ କ୍ଷେତ୍ରରେ ଆସିଯିବ କିଛି ନା କିଛି ଯୁଗାନ୍ତକାରୀ ପରି ବର୍ତ୍ତନ । ବାସ୍ତବରେ ଅତିତରେ ନାନା ସମୟରେ ଏାକାଧିକ ମୋଘଲ୍ ଶାସକ ଏବଂ ପରବର୍ତ୍ତୀ ସମୟରେ ବ୍ରିଟିଶ ଶାସକମାନଙ୍କ ଦ୍ୱାରା ଭାରତରେ ଅନେକ କ୍ଷତି ସାଧନ ହୋଇଥିଲା ଯାହାର ଭରଣା ଏବେ ବି ଚାଲିଛି। ଭାରତକୁ ଏକ ନବୀନ ଭାରତ, ଏକ ସୁନ୍ଦର ଭାରତରେ ପରିଣତ କରିବାର ପ୍ରଚେଷ୍ଟା ଆଜି ବି ଜାରି ରହିଛି । ତଥାପି ଅତୀତର ବ୍ରିଟିଶ ରାଜ୍ ଅବା ମୁସଲିମ୍ ରାଜ୍ କଥା ମନେ ପଡ଼ିଲେ , ଆଜ ବି ଶିହରଣ ସୃଟେ ହୁଏ ମନରେ । ବ୍ରିଟିଶ୍ ମାନେ ତ ସୁଧୁରି ଗଲେଣି ହେଲେ ସୁଧୁରି ପାରି ନାହାଁନ୍ତି ମୁସଲିମ୍ ଯେଉଁମାନେ ଆଜି ବି ଭାରତର ବିଭିନ୍ନ ପ୍ରାନ୍ତରେ ସମୟରେ ସମୟରେ କିଛି ନା କିଛି ବିଶୃଙ୍ଖଳା ସୃଟେ କରି ଚାଲିଛନ୍ତି। ଆଜି ବି କାଶ୍ମୀର ସୀମାରେ ଜାରି ରହିଛି ଆତଙ୍କ୍‌ବାଦୀ ଆକ୍ରମଣ। ପୂର୍ବାପେକ୍ଷା ଅବଶ୍ୟ କମ୍ ହୋଇଛି ମୋଦୀ ଜୀଙ୍କ ସୁଶାସନ ସମୟରେ । ତଥାପି ଭୟ ରହିଛି ଏବଂ ଭୟ ରହୁଛି ମୁସଲିମ୍ ମାନଙ୍କ ପ୍ରତି । ସେ ଭାରତୀୟ ମୁସଲିମ୍ ହୁଅନ୍ତୁ ଅବା ବିଦେଶୀ ମୁସଲିମ ହୁଅନ୍ତୁ ସେମାନେ କେବେ ବି କିଛି ବି କରି ପାରନ୍ତି । କାରଣ ସେମାନଙ୍କ ମଧ୍ୟରେ ସୁନ୍ନୀ ମୁସଲିମ୍ ରହୁଛନ୍ତି। ଯେଉଁମାନେ କି ପ୍ରକୃତି ଛଡ଼ା। ତାଙ୍କର ସେହି କୁପ୍ରକୃତି ପାଇଁ ସେମାନେ ସୁଦୂର ଆରବରୁ ମାଡ଼ି ଆସିଥିଲେ ଭାରତକୁ । ସେମାନଙ୍କ ପ୍ରକୃତିର କୁପ୍ରଭାବ ହେଉ ଅବା ସେମାନଙ୍କ କୁପ୍ରକୃତିର ପ୍ରଭାବ ହେଉ , ଯାହାଦ୍ୱାରା ଭାରତ ଅନେକ ସମୟରେ ଅନେକ ଦୃଷ୍ଟି କୋଣରୁ କ୍ଷତିଗ୍ରସ୍ତ ହୋଇଛି । ତତ୍କାଳୀନ ଭାରତୀୟ ସମାଜ ବ୍ୟବସ୍ଥା ଏବଂ ଶାସନ ବ୍ୟବସ୍ଥା, ଉଭୟ ବିଗିଡ଼ି ଯାଇଥିଲା । ଯାହାର ଝଲକ୍ ଏବେ ବି ଦେଖିବାକୁ ମିଳୁଛି । ଏଇ ନିକଟରେ ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଯାହା ପୁଣି ସେହି ମୁସଲିମ୍ ସମାଜ ପ୍ରତି,ବିଶେଷ କରି ସୁନ୍ନି ମୁସଲିମ୍ ସମାଜ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଘଟଣାଟି ପଶ୍ଚିମ ବଙ୍ଗାଳ୍‌ର ଟିଏମ୍‌ସି ନେତା ଶାହାଜାହାନଙ୍କ ବିଷୟରେ ଯେ କି ଏକ କଳଙ୍କିତ ବ୍ୟକ୍ତିତ୍ୱ ଥିଲେ। ଯାହାଙ୍କ୍ ପାଇଁ ପୂରା ବଙ୍ଗାଲ୍ ଆଜି ବଦନାମ। ସେତେବେଳର ଶାହାଜହାନ ବି ନଥିଲେ କଳଙ୍କମୁକ୍ତ । ତାଜ ମହଲ୍ ଭଳି ବିଶ୍ୱବିଖ୍ୟାତ ସୌଧ ନିର୍ମାଣ କରି ସେ ବି ବିଶ୍ୱରେ ଆଜି ବଦନାମ୍। ହେଲେ ବର୍ତ୍ତମାନର ଟିଏମ୍‌ସିର ଜଣେ ଟାଣୁଆ ନେତା ହିସାବରେ ଶାହାଜାହାନ୍ ବି ବଦନାମ୍ । ତେବେ ଅତୀତରେ ଭାରତର ଜଣେ ପ୍ରସିଦ୍ଧ ମୋଘଲ୍ ଶାସକ ଭାବରେ ନିଜ ପାଇଁ ବେଶ୍ ପ୍ରସିଦ୍ଧି ଆଣିପାରିଥିବା ସେ ଶାହାଜାହାନ ଯେ କି ନିଜ ଶାସନ କାଳରେ ଭାରତର ପ୍ରଗତି କ୍ଷେତ୍ରରେ ଅନେକ ବିକାଶମୂଳକ କାର୍ଯ୍ୟ କରି ଯାଇଥିଲେ। ଭାରତର ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଶାହାଜାହାନଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଭାରତରେ ଖାଲି ଗୋଟାଏ କି ଦୁଇଟା ଶାହାଜାହାନ୍ ନ ଥିଲେ, ଭାରତରେ ଥିଲେ ଏକାଧିକ ଶାହାଜାହାନ। କହିବାର ଅର୍ଥ ହେଲା ଭାରତରେ ମୋଘଲ୍ ଶାସନ ସମୟରେ ଦେଶରେ ଅନେକ ବିକାଶମୂଳକ କାର୍ଯ୍ୟ ସମ୍ପାଦନ ହୋଇଥିଲା। ହେଲେ କିଛି ଏଭଳି କାର୍ଯ୍ୟ ହୋଇଥିଲା, ଯାହା ଆଜି ବି ଭାରତର ଇତିହାସକୁ କଳଙ୍କର କାଳିମାରେ ରଙ୍ଗାୟିତ କରି ଦେଇଛି ଯାହାକୁ ଭାରତୀୟ ଇତିହାସ ପୃଷ୍ଠାରୁ ଲିଭାଇବା ଏତେ ସହଜ ନୁହେଁ । ତଥାପି ସେ ସବୁକୁ ଭାରତର ଇତିହାସ ପୃଷ୍ଠାରୁ ଧୀରେ ଧୀରେ ଲିଭାଇବାର ପ୍ରଚେଷ୍ଟା ଜାରି ରହିଛି , ସେ ସବୁକୁ ଭାରତର ଇତିହାସ ପୃଷ୍ଠାରୁ ମିଟାଇବାର ପ୍ରଚେଷ୍ଟା ଜାରି ରହିଛି । ତଥାପି ଆଜି ବି ଶାହାଜହାନଙ୍କ ଭଳି କେତେ୍କ ଦୁର୍ନୀତିଗ୍ରସ୍ତ ଟିଏମ୍‌ସି ନେତାଙ୍କ କଳାକାରନାମା ଯାହା କାରଣରୁ ସନ୍ଦେଶଖାଲି ଅଞ୍ଚଳରେ ଏକ ଅଶାନ୍ତ ବାତାବରଣ ଖେଳିଯାଇଛି। ନିରୀହ ଆଦିବାସୀଙ୍କ ଜମି ହଡ଼ପ ମାମଲା ଏବଂ ସେମାନଙ୍କ ପ୍ରତି ଅସଦାଚରଣ ଭଳି ସଙ୍ଗୀନ୍ ମାମଲା ଆସିଛି ତାଙ୍କ ନାମରେ ଯାହା ପୂରା ଟିଏମ୍ ସିର ଅପାରଗତା ଏବଂ ଦୁର୍ନୀତିକୁ ପଦାରେ ପକାଇ ଦେଇଛି।

## ଜ୍ଞାନାମୃତ

# ବିକାଶର ଲାଭ

ଅନେକ ସମୟରେ ଶାସକ ନିଜର ସଫଳତାକୁ ନେଇ ଅଧିକ ଏତେ ଭାବେ ସ୍ୱ-କେନ୍ଦ୍ରିତ ହୋଇଯାଇଥାନ୍ତି ଯେ ପ୍ରକୃତ କଥାକୁ ଭୁଲିଯାଆନ୍ତି । ଧନୀ ଲୋକମାନେ ଅତ୍ୟଧିକ ସ୍ୱ-କେନ୍ଦ୍ରିତ ହେବା, ବିକାଶର ଲାଭ ମାତ୍ର କିଛି ଲୋକଙ୍କୁ ମିଳିବା ଏବଂ ଅଧିକ ଲୋକ ବିକାଶର ଲାଭରୁ ବଞ୍ଚିତ ହେବା ଭଳି ଘଟଣା ଆମ ସାମାଜିକତା ଏବଂ ସମ୍ବେଦନଶୀଳତା ଉପରେ ପ୍ରଶ୍ନ ଉଠାଇଥାଏ । ୨୦୦୨ ଏପ୍ରିଲ ୧୧ ତାରିଖ ଗୁଜରାଟର ଏକ ସ୍କୁଲକୁ ଅତିଥି ଭାବେ ଯାଇଥିଲେ ପୂର୍ବ ରାଷ୍ଟ୍ରପତି କଲାମ। ସେତେବେଳେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କଲାମଙ୍କୁ ପ୍ରଶ୍ନ କରାଯାଇଥିଲା ଯେ "ଆମର ପ୍ରକୃତ ଶତ୍ରୁ କିଏ ?" ଏହି ପ୍ରଶ୍ନର ଉତ୍ତରରେ କଲାମ କହିଥିଲେ ଯେ "ଦାରିଦ୍ର୍ୟ ଆମର ସବୁଠାରୁ ବଡ଼ ଶତ୍ରୁ ।" ବିଡ଼ମ୍ବନା ହେଉଛି ଯେ ଗରିବ ଲୋକମାନେ ଏବେ ଦାରିଦ୍ର୍ୟ, ଅବ୍ୟବସ୍ଥା, ସରକାର ଏବଂ ଧନ କୁବେରମାନଙ୍କର ଅତିଶୟ ସମ୍ବେଦନହୀନତାର ଶିକାର ହେଉଛନ୍ତି । ଏଠି ଫଣିଶ୍ୱର ରେଣୁଙ୍କର "ମୈଲା ଆଞ୍ଚଲ' ମନେପଡ଼େ ଯେଉଁଥିରେ ଲୋକମାନେ ମେଲେରିଆ ପରିବର୍ତ୍ତେ ଦାରିଦ୍ର୍ୟ ଏବଂ ପଛୁଆପଣର କାରଣରୁ ମୃତ୍ୟୁମୁଖରେ ପଡୁଥିଲେ । ଏହା ଏକ ବିରୋଧାଭାଷ ଯେ ଦେଶର ନିର୍ମାଣରେ ସର୍ବାଧିକ ଯୋଗଦାନ ଦେଉଥିବା ଗରିବ ଶ୍ରମିକମାନେ ଆଜିର ସମୟରେ ସର୍ବାଧିକ ଉପେକ୍ଷିତ ଏବଂ ପୀଡ଼ିତ ମଧ୍ୟ । ଲକ୍‌ଡାଉନ ସମୟରେ କାମଧନ୍ଦା ବନ୍ଦ ହୋଇଯିବା କାରଣରୁ ଲୋକମାନେ ଏକ ପ୍ରକାର ଅସହାୟ ହୋଇଯାଇଥିଲେ ଓ ନ୍ୟୂନତମ ଆବଶ୍ୟକତାକୁ ପୂରଣ କରିନପାରି ନିଜ ନିଜର ଗୃହରାଜ୍ୟ (ନିଜ ଗ୍ରାମକୁ) ପାଦରେ ଚାଲିଚାଲି ଏପରିକି ଅସୁରକ୍ଷିତ ଯାନବାହାନରେ ଯିବା ପାଇଁ ବାଧ୍ୟ ହୋଇଥିଲେ । ସେତେବେଳେ କେବେ ରେଳ ଦୁର୍ଘଟଣା ତ କେତେବେଳେ ସଡ଼କ ଦୁର୍ଘଟଣା ତ ପୁଣି କେତେବେଳେ ଚାଲିବା ଅବସ୍ଥାରେ ଅସୁସ୍ଥ ହୋଇ ଅନେକ ଲୋକ ପ୍ରାଣ ହରାଇଥିଲେ। ସେତେବେଳେ ସେମାନଙ୍କ ନିଯୁକ୍ତିଦାତା ଓ ଆମ ରାଜ୍ୟ ସରକାରମାନେ ସେମାନଙ୍କୁ ଅତ୍ୟାବଶ୍ୟକୀୟ ଜିନିଷ ଉପଲବ୍ଧ କରାଇବାର ଭରସା ଦେଇପାରିନଥିଲେ।

# ମାଗି କଲ୍ୟାଣ ଯାଚି ଓଲକ୍ଷି

### ହିମାଂଶୁ ଶେଖର ଆଚାର୍ଯ୍ୟ

ଈଶ୍ୱର ପ୍ରତ୍ୟେକଙ୍କ ନିକଟରେ କିଛି ନା କିଛି ପ୍ରତିଭା ଦେଇଛନ୍ତି। ସେଥିପାଇଁ କୁହାଯାଏ ଫୁଲର ବାସ୍ନାଥିଲେ ସେ ମହକିବ ଆଉ ପ୍ରତିଭାଥିଲେ ତାର ଉନ୍ମେଷ ଘଟିବ। ପ୍ରତିଭାର ବିକାଶପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଅତୀତରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେବାର ପରମ୍ପରା ମଧ୍ୟ ଥିଲା ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା। ଏପରିକି ରାଜରାଜୁଡା ଶାସନରେ ବି କବି, ସାହିତ୍ୟିକ, ଚିତ୍ରକର, କଳାକାର, ସଙ୍ଗୀତଜ୍ଞ, ନୃତ୍ୟ ବିଶାରଦ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା । ସେଇଥିପାଇଁ ତ ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନ ତାଙ୍କ ରାଜସଭାକୁ ମହିମାମଣ୍ଡିତ କରିଥିଲେ । କାଳିଦାସଙ୍କ ଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ -ସବୁଠି ସମ୍ବର୍ଦ୍ଧନାର ଏକ ଉଜ୍ଜ୍ୱଳ ପରମ୍ପରା ଥିଲା ।

ମାତ୍ର ଏବେ ସମାଜର ଢଙ୍ଗ ବଦଳିଗଲାଣି। ସବୁଠି ପ୍ରତିଷ୍ଠା ହାସଲ ପାଇଁ ଚାଲିଛି ଜୋରସୋର୍ ଉଦ୍ୟମ ।ଯେମିତି ହେଉ ପଛେ, ମାନପତ୍ର ଟିଏ ମିଳୁ । ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସକ ,କବି, ସାହିତ୍ୟିକ,ଗାଳ୍ପିକ,ନାଟ୍ୟକାର, କଳାକାର,ସାମ୍ବାଦିକ,ଶିକ୍ଷକ,କ୍ରୀଡାବିତ୍ ଓ ଅଭିନେତା ସମସ୍ତେ ଏଇ ଦୌଡରେ ସାମିଲ ହୋଇଛନ୍ତି । ଏହାକୁ ଲକ୍ଷ୍ୟ ରଖି ସଂପ୍ରତି ବିଭିନ୍ନ ପ୍ରକାରର ସାହିତ୍ୟ, ସାଂସ୍କୃତିକ, ସାମାଜିକ ଓ ଭିନ୍ନ ଭିନ୍ନ ସଂଗଠନ ସୃଷ୍ଟି ହେଲାଣି। ସୃଷ୍ଟି ହେବା ବି ଭଲ କଥା। କିନ୍ତୁ ଏଠି ସମ୍ବର୍ଦ୍ଧନା ଦେବାର ମାନିଆ ସୁନାମୀ ପରି ଗ୍ରାସ କରିଛି ସମସ୍ତଙ୍କୁ। ସମ୍ବର୍ଦ୍ଧନା ଦେବାପାଇଁ ସଂଗଠନ ଗୁଡିକ ମଧ୍ୟରେ ଯେତିକି ଆଗ୍ରହ, ସମ୍ବର୍ଦ୍ଧନା ନେଉଥିବା ବ୍ୟକ୍ତିର ମଧ୍ୟ ସେତିକି ଆଗ୍ରହ। ସତେ ଯେମିତି ସମ୍ବର୍ଦ୍ଧନା ଦେବା ଓ ନେବା ଏକ ନିଶା ପାଲଟି ଗଲାଣି । ଏପରିକି ଗୋଟିଏ ଗୋଟିଏ ସଭାରେ ପଚାଶ ଷାଠିଏ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ଘଟଣାମାନ ଦେଖିବାକୁ ମିଳୁଛି। ଏହା କ'ଣ ସତରେ ପୂଜ୍ୟପୂଜା ପାଇଁ ଉଦ୍ଦିଷ୍ଟ। ଏହା ଦ୍ୱାରା ମାନପତ୍ରର ମାନ ହ୍ରାସ ପାଉଛି । ଆଜିକାଲି ସମାଜରେ ମାନପତ୍ର ଦେବା ଓ ପାଇବା ଖୁବ୍ ସହଜ ଓ ସସ୍ତା ହୋଇଯାଇଥିବାରୁ ଅନେକ ଅଯୋଗ୍ୟ ସଂସ୍ଥା ଅଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପରି ମୁଲ୍ୟବାନ ପଦାର୍ଥର ମୁଲ୍ୟ ନଷ୍ଟ କରୁଛନ୍ତି।

ସମ୍ବର୍ଦ୍ଧନାର ଏକ ନିର୍ଦ୍ଦିଷ୍ଟ ମାନ ରହିବା ଦରକାର । ତାହେଲେ ଯୋଗ୍ୟତମ ବ୍ୟକ୍ତି ଯୋଗ୍ୟତା ଅନୁରୂପ ସମ୍ବର୍ଦ୍ଧନା ପାଇବା ସୁଯୋଗ ସୃଷ୍ଟି ହେବ ଏବଂ ପ୍ରତିଭାକୁ ଯଥାରୀତି ସମ୍ମାନ ମିଳିବ। ତା ନ ହେଲେ ଧୁଆମୂଳା ଓ ଅଧୁଆମୂଳା ସବୁ ସମାନ ହୋଇଯିବେ। ଇଏ ତ ଗଲା ଗୋଟିଏ ଦିଗ। ଅନ୍ୟ ଦିଗଟି ହେଉଛି ସମ୍ବର୍ଦ୍ଧିତ କରୁଥିବା ଅନୁଷ୍ଠାନ ମଧ୍ୟ ନିରପେକ୍ଷ ରହିବା ବିଧେୟ। ଅନେକ ସମୟରେ ପ୍ରିୟାପ୍ରୀତି, ରାଜନୈତିକ ଚାପ ଓ ଆର୍ଥିକ ସହାୟତା ପ୍ରକୃତ ପ୍ରତିଭା ଚିହ୍ନଟ କରିବାରେ ବାଧକ ସାଜୁଛି। ଫଳରେ ଅନେକ ସମୟରେ ଯୋଗ୍ୟ ପ୍ରତିଭାଧର ବ୍ୟକ୍ତିମାନେ ସମ୍ବର୍ଦ୍ଧିତ ହେଉଥିବା ସୁଯୋଗରୁ ବ ିତ ହେଉଥିବା ବେଳେ ପ୍ରତିଭା ନଥାଇ ଆଉ କେତେକ ସହଜରେ ସମ୍ବର୍ଦ୍ଧନା ପାଇବାରେ ସଫଳ ହେଉଛନ୍ତି। ଏବେ ପୁଣି ଅର୍ଥ ଦେଇ ସମ୍ବର୍ଦ୍ଧିତ ହେବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି । ଏପରି ଅସୁସ୍ଥ ପରମ୍ପରା ସର୍ବଦା ପରିହାର କରିବା ଆବଶ୍ୟକ। ସେହିପରି ସଂଗଠନ ଗୁଡିକର ଆଭିମୁଖ୍ୟ ମଧ୍ୟ ବିଚିତ୍ର । ଅନୁଷ୍ଠାନ ଗୁଡିକ ନିଜ ନିଜ ଅ ଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦେବାର ମାନସିକତାରେ ନାହାଁନ୍ତି। ଗାଁ କନିଆଁ ସିଙ୍ଘାଣୀ ନାକି - ପରି ସେମାନେ ଅଲୋଡା, ଅଖୋଜା ହୋଇ ପଡି ରହିଛନ୍ତି ବଣମଲ୍ଲୀ ପରି । ସେହିପରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନେ ମଧ୍ୟ କୌଣସି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ ହେବାପାଇଁ ଯିବା ପୂର୍ବରୁ ତାର ମାନ ଅନୁସାରେ ସମ୍ବର୍ଦ୍ଧିତ ହେବାର ମାନସିକତା ରଖିବା ଦରକାର। ତାହାହେଲେ ସମ୍ବର୍ଦ୍ଧନାର ଗୁରୁତ୍ୱ ଓ ପ୍ରାସଙ୍ଗିକତା ରହିବ ।ଆହୁରି ଆଶ୍ଚର୍ଯ୍ୟର କଥା ଭଲ ଶିକ୍ଷକଟିଏ ଏଠି ରାଜ୍ୟ ପୁରସ୍କାର ଓ ରାଷ୍ଟ୍ରୀୟ ପୁରସ୍କାର ପାଇବା ପାଇଁ ନିଜେ ଆବେଦନ କରିଥାଏ। ସେ ନିଜେ ଭଲ ଓ ସେଥିପାଇଁ ସମ୍ମାନ ପାଇବାକୁ ହକ୍‌ଦାର ବୋଲି କହିବାକୁ ହୁଏ। ଏହାଠାରୁ ବଳି ଲଜ୍ଜାକର କଥା କ'ଣ ଥାଇପାରେ? ଏଥିନିମନ୍ତେ ପାଠ ଅପେକ୍ଷା ଶାଠ ଅଧିକ ଦରକାର । ସେଥିପାଇଁ ବିଭିନ୍ନ ପ୍ରମାଣପତ୍ର ଅଣନିଶ୍ୱାସୀ ହୋଇ ଧାଁ ଧପଡ କରି ଯୋଗାଡ କରିବାକୁ ହୁଏ କୃତୀ ଶିକ୍ଷକର ସମ୍ମାନ ପାଇବା ପାଇଁ ।ଏବେ ପୁଣି ଜିଲ୍ଲା ସ୍ତରରେ ପୁରସ୍କୃତ କରିବା ପାଇଁ ବ୍ୟବସ୍ଥା ରହିଛି ।ଏଥିପାଇଁ ସେମାନେ ଆବେଦନ ପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ। ସେଇ ଏକା ବ୍ୟବସ୍ଥା। ଗୋଟିଏ ପୁରସ୍କାର ଓ ଖଣ୍ଡିଏ ମାନପତ୍ର ପାଇବା ପାଇଁ ବାରଦୁଆର ବୁଲି ଆବେଦନ କରିବାକୁ ହେବ । ବିଚରା ଶିକ୍ଷକଟିଏ ବୋଲି ସିନା ! ସେ ପୁଣି ମଣିଷ ତିଆରିକରେ, ଦେଶର ଭବିଷ୍ୟତମାନଙ୍କୁ ଗଢେ । ସମ୍ବର୍ଦ୍ଧନା ଦେବାର ଏ ବ୍ୟବସ୍ଥା କେବେ ବଦଳିବ କେଜାଣି ? ଶିକ୍ଷକର ପଦମର୍ଯ୍ୟାଦା ରକ୍ଷା ପାଇଁ କଣ ଆଉ କିଛି ବିକଳ୍ପ ବ୍ୟବସ୍ଥାରେ ଭଲ ଶିକ୍ଷକ ଚୟନ କରାଯାଇପାରନ୍ତା ନାହିଁ ?ସବୁଠୁ ବଳି ପଡିଛି ଫଳକ ଲଗାଇ ତାକୁ ଉଦ୍‌ଘାଟନ କରିବାର ପରମ୍ପରା । ତାକୁ ନେଇ ପୁଣି ଅନେକ ସମୟରେ ରାଜନୀତି । ଫଳକ ଲଗାଇବା ପାଇଁ ଯେତିକି ଖର୍ଚ୍ଚ ହୁଏନି, ତାହା ଠାରୁ ଅଧିକ ଖର୍ଚ୍ଚ ହୁଏ ଏଥିପାଇଁ ଆୟୋଜିତ ହେଉଥିବା ସଭା ପାଇଁ । ଯୁଆଡେ ଗଲେ ସିଆଡେ ନାମ ଫଳକ। ସେଥିରେ ପୁଣି କାହା ନାମ ରହିବ ନ ରହିବ ସେଥିପାଇଁ ରାଜନୀତି ଛକାପଞ୍ଝା । ଦିନ ଥିଲା ନାମ ଫଳକଟି ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ଫଳକଟି କାହା ଦ୍ୱାରା ଉଦ୍‌ଘାଟିତ ହୋଇଛି ଲୋକେ ତାକୁ ଆଗ୍ରହର ସହ ପଢୁଥିଲେ ଓ ଦେଖୁଥିଲେ। କିନ୍ତୁ ଅତି ପରିଚୟେ ଗୌରବ ନଷ୍ଟ ଅବସ୍ଥା ଆଜି ପରିଲକ୍ଷିତ ହେଉଛି ନାମ ଫଳକ କ୍ଷେତ୍ରରେ । ଯାହା ହୋଇଗଲା - ହୋଇଗଲା । ଅନ୍ତତଃ ଏଣିକି ଟିକେ ଆମ ଭିତରେ ସଚେତନତା ଆସୁ, ତାହା ନହେଲେ ଦିନ ଆସିବ ଚାରିଆଡେ ଖାଲି ଉଦ୍‌ଘାଟନ ଫଳକ ଥିବ। ଏବେ ପୁଣି ସ୍ଥାପିତ ପ୍ରତିମୂର୍ତ୍ତି ବ୍ୟତିରେକ ବ ିଥିବା ବ୍ୟକ୍ତି ବିଶେଷଙ୍କ ପ୍ରତିମୂର୍ତ୍ତି ତିଆରି କରିବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଛି । ଖାଲି ସେତିକି ନୁହେଁ ଗାନ୍ଧି, ଉତ୍କଳମଣି, ଉତ୍କଳ ଗୌରବ ଉପାଧିରେ ଭୂଷିତ ଦେବା ପାଇଁ ଉପାଧିଧାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଏପରି ଘଟଣା ପରିଲକ୍ଷିତ ହେଉଛି । ଏହା ଭିତରେ ଅନେକ ଗାନ୍ଧି, ଉତ୍କଳମଣି ଓ ଉତ୍କଳ ଗୌରବ ସୃଷ୍ଟି କରି ସାରିଲୁଣି। ଏପରି କରିବା ଦ୍ୱାରା ଆମେ ସେହି ମହାପୁରୁଷମାନଙ୍କର ଅବମାନନା କରୁନାହେଁ ତ ?ଏବେ କେତେକସ୍ଥଳରେ ପତିପୟ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ବଦାନ୍ୟତା ଦେଖେଇବା ପଛରେ ନିଜକୁ ବିଜ୍ଞାପିତ କରିବାର ମାନସିକତା ରଖିବା ଲକ୍ଷ୍ୟ କରାଯାଉଛି । ସେହିପରି ଅପାତ୍ରରେ ମଧ୍ୟ ପ୍ରୋତ୍ସାହନ ଓ ମାନପତ୍ର ଦିଆଯାଉଛି। ଯାହାଫଳରେ ମାନପତ୍ରର ମାନ ହ୍ରାସପାଉଛି। କୁହାଯାଏ- ମାଗି କଲ୍ୟାଣ ଯାଚି ଓଲଖି । ଏଇଠି ମନେପଡେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କଥା। ଶ୍ରୀମନ୍ଦିର ପ୍ରତିଷ୍ଠା ପରେ ଯେତେବେଳେ ସୃଷ୍ଟି କର୍ତ୍ତା ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ବର ମାଗିବାକୁ କହିଲେ ସେତେବେଳେ ଉତ୍ତରରେ ସେ ଯାହା କହିଲେ ତାହା ହେଉଛି- 'ଏ ମନ୍ଦିର ମୋ ବାପା ବା ଜେଜେବାପା କରିଥିଲେ ବୋଲି ମୋ ବଂଶରେ କେହି ନରୁହନ୍ତୁ'। ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ। ବଦାନ୍ୟତା ବିଜ୍ଞାପିତ ହେବା ମାନସିକତା ଭିତରେ ହଜିନଯାଉ ।ସେହିପରି ଅପୂଜ୍ୟମାନଙ୍କୁ ପୂଜା କରିବାବେଳେ ପୂଜ୍ୟ ଲୋକମାନେ ବାଦ୍ ପଡିନଯାଆନ୍ତୁ।

ସମ୍ବର୍ଦ୍ଧନା ଓ ମାନପତ୍ର ଦେବାର ଭାବ ନିଆରା। ପୂଜ୍ୟପୂଜାର ଆଦର ମଧ୍ୟ ରହିବା ଦରକାର। କିନ୍ତୁ ମାନପତ୍ର ଦେବାର ଏକ ନିର୍ଦ୍ଦିଷ୍ଟ ମାନ ରହୁ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାର ମାନସିକତା ସୃଷ୍ଟି ହେଉ । ଯାହାକି ଉତ୍ତରପିଢି ପାଇଁ ଏକ ଆଦର୍ଶର ଭିତ୍ତିଭୂମି ତିଆରି କରିବ।

**ସଭାପତି**
**ସାରସ୍ୱତ ପରିଷଦ,ଜଗତସିଂହପୁର**
**୯୯୩୭୧୫୧୦୫୨**

# ଯୁଦ୍ଧ ସମସ୍ୟାର ସମାଧାନ ନୁହେଁ

### ମୌଲାନା ଫଜଲ ହକ ଖାଁ

ସେ ଦିନ ଥିଲା ୨୨ ଜାନୁଆରୀ ୨୦୨୩ । ଶିତୁଳା ସକାଳ । ଜୟଦେବ ବିହାର ଚଳଚଂଚଳ ହୋଇଉଠିଥାଏ । ସେହିଦିନ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ଭୁବନେଶ୍ୱରର ତାରକା ହୋଟେଲ ପାଲ୍ ହାଇଟ୍ସ ଠାରେ ଏକ ଶାନ୍ତି ସମ୍ମିଳନୀରେ ଯୋଗଦେବାର ସୌଭାଗ୍ୟ ପାଇଥିଲି । ଦେଖିବାକୁ ପାଇଲି, ସେଠିକାର ପରିବେଶ, ପରିଭାଷା, ମନ ଓ ମତାମତ ଶାନ୍ତିକୁ ଖୋଜୁଛି । ଏହି ମହାନ ସମ୍ମିଳନୀରେ ସ୍ୱୟଂ ମହାମହିମ ରାଜ୍ୟପାଳ ପ୍ରୋଫେସର ଶ୍ରୀ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ମଂଚରେ ବିରାଜିତ ଥିଲେ। ତାଙ୍କ ଗହଣରେ ଥିଲେ, କେତେକ ୟୁନିଭରସିଟିର ଉପକୁଳପତିମାନେ ଏବଂ ବୁଦ୍ଧିଜୀବୀମାନେ, ରାଜନେତାମାନେ । ସେହିଭଳି ହଲ୍‌ରେ ଭରି ରହିଥିଲେ ଅନେକ ପୂର୍ବତନ ସାମରିକ ଅଫିସରମାନେ, ଶିକ୍ଷା କ୍ଷେତ୍ରରେ ଥିବା ମେଧାବୀ ଛାତ୍ର-ଛାତ୍ରୀମାନେ, ରିସର୍ଚ୍ଚ ସ୍କଲାରମାନେ, ଆଇନଜୀବୀମାନେ, ଡ଼ାକ୍ତରମାନେ, ଇଂଜିନିୟରମାନେ, ସମାଜସେବୀମାନେ, ସର୍ବଭାରତୀୟ ସ୍ତରର ଅନେକ ଖେଳାଳିମାନେ, ସକଳ ଧର୍ମର ପ୍ରତିନିଧିମାନେ ତଥା ସାମ୍ବାଦିକମାନେ। ତାଙ୍କ ଭିତରେ ଚାଲିଥିଲା ଆଲୋଚନା କି କାହିଁକି ଏଭଳି ଗୋଟିଏ ବିଷୟ ଉପରେ ଚର୍ଚ୍ଚାର ଆବଶ୍ୟକ ଅନୁଭୂତ ହେଲା । ସତରେ କ'ଣ ଏମିତି ଗୋଟିଏ ଆଲୋଚନାର ପ୍ରାସଙ୍ଗିକତା ରହିଛି। ଏକ ବିକଶିତ ସମାଜରେ କାହିଁକି ଏହା ଦରକାର ? ସମସ୍ତଙ୍କୁ ଏହା ବିଚଳିତ କରିପକାଇଛି । ପ୍ରକୃତରେ ଆଜି ଆମେ ଯେଉଁ ଦିଗକୁ ଦୃଷ୍ଟି ପକାଉଛେ, କେଉଁଠି ଅଘଟଣ, ଦୃଘଟଣା ତ କେଉଁଠି ବିପଦ ଆପଦ । ଆଉ କେଉଁଠି ଅସ୍ଥିରତା ତ କେଉଁଠି ଅରାଜକତା। କେଉଁଠି ହଣା-କଟା ତ କେଉଁଠି ଟଣା-ଓଟରା । କେହି କାହାର ନେଇଗଲାଣି ତ କେହି କାହାରିକୁ ଦେଉନାହିଁ । ଏହିଭଳି ବ୍ୟକ୍ତିଗତ ଅବସ୍ଥାରୁ ଆରମ୍ଭ କରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଦୈନନ୍ଦିନ ଜୀବନରେ ଆମେ ବ୍ୟସ୍ତ ବିବ୍ରତ ହୋଇଯିବାର ଦେଖୁଛେ । ଆମେ ସମସ୍ତେ ଶାନ୍ତିର ଆଶାରେ ଧାଉଁଛେ, ହେଲେ ତାହା ମରୀଚିକା ପରି ଆମର ହାତରେ ଧରା ପଡୁ ନାହିଁ । ବିଶୃଙ୍ଖଳା ଓ ହିଂସା ସାରା ପୃଥିବୀକୁ ଗିଳିବାକୁ ଲାଗିଛି । ଏପରି କି ଜାତିଭେଦ, ବର୍ଣ୍ଣଭେଦ, ଧର୍ମଭେଦର ବିଦ୍ୱେଷ ଦିନକୁ ଦିନ ବଢିବାରେ ଲାଗିଛି । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ତଫାତ ବହୁତ ବଢିବାରେ ଲାଗିଛି । ଏହିଭଳି ପରିସ୍ଥିତିରେ ଗୋଟିଏ ଶାନ୍ତ, ସରଳ ଓ ସାଧାରଣ ମଣିଷଟି ଆଜି ବେସାହାରା ହୋଇଯାଇଛି । ଠିକ-ଭୁଲ ବିଚାର କରିବାରେ ଏହି ନିରୀହ ମଣିଷଟି ଦ୍ୱନ୍ଦରେ ପଡ଼ିଯାଇଛି । ବିଶ୍ୱର ଅନେକ ସ୍ଥାନରେ ଯେଉଁ ସରକାର ସାଧାରଣ ଲୋକଙ୍କର ଭଲ କରିବାର ପ୍ରତିଶୃତି ଦେଉଛି, ଶାସନ କ୍ଷମତାକୁ ଆସିବା କ୍ଷଣେ ସେହି ନିରୀହ ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ କାମ କରୁଛି। ସଂଖ୍ୟାଲଘୁ ଉପରେ ସଂଖ୍ୟା ଗରିଷ୍ଠଙ୍କର ପ୍ରାଦୁର୍ଭାବ ବଢୁଛି । ତେବେ ଏଭଳି ଏକ ପରିସ୍ଥିତିରେ ଆମେ କ'ଣ ଚୁପ ବସିବା । କାହିଁକି ଆମେ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କରିପାରିବା ନାହିଁ । କାହିଁକି ବିକାଶର ଫଳ କେବଳ କେତେକ ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଯାଉଛି । ତେବେ ଏକ ସଭ୍ୟ ସମାଜରେ ସମସ୍ତଙ୍କ ମନ ଓ ସ୍ୱାର୍ଥକୁ ନେଇ ଏକ ବିକଶିତ ସମାଜ କାହିଁକି ଗଠନ ହୋଇପାରିବ ନାହିଁ। କାହିଁକି ଆମେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ନାହିଁ । ଏହି ପ୍ରଶ୍ନର ଉତର ଖୋଜିବା ପାଇଁ ତଥା ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଠି ସମସ୍ତେ ଏକତ୍ରିତ ହୋଇ ପାରିଥିଲେ। ଅହମଦୀୟା ମୁସଲିମ ସଂଗଠନର ଦୃଢ ବିଶ୍ୱାସ ଯେ ଏହିଭଳି ଏକ ପୃଥିବୀ ବା ଶାନ୍ତିର ସାମ୍ରାଜ୍ୟ ନିଶ୍ଚିତ ସମ୍ଭବ । ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଆମ ରାଜ୍ୟ ଓଡ଼ିଶା । ଓଡ଼ିଶାର ଅଧିବାସୀ ଯୁଗେଯୁଗେ ଶାନ୍ତିର ପର୍ବକୁ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଆସୁଛନ୍ତି । ଚଣ୍ଡାଶୋକ ଧର୍ମାଶୋକ ହୋଇପାରୁଛି । ସେହି ଭଳି ଭକ୍ତ ସାଲବେଗ ହୁଅନ୍ତୁ ବା ଦାଶିଆ ବାଉରୀ ହୁଅନ୍ତୁ, ମନ୍ଦିର ମାଳିନୀ ସହର ଏକାମ୍ର ସହର ହେଉ, ବା ଜଗନ୍ନାଥ ସଂସ୍କୃତିର ଏ ସାମ୍ରାଜ୍ୟ ଓଡ଼ିଶା । ଓଡ଼ିଆ ସମାଜ ସବୁ ଭେଦଭାବକୁ ଭୁଲି ସବୁଠି ଶାନ୍ତିର ପ୍ରୟାସ ଜାରି ରଖିଛି । ବିଶ୍ୱ ଭାତୃତ୍ୱ ପାଇଁ ଆମ ରାଜ୍ୟ ସବୁବେଳେ ଏକ ଉଦାହରଣ ହୋଇଛି । ଉତ୍କଳର ନୌବାଣିଜ୍ୟ କଥା ହେଉ ବା ସୁକ୍ଷ୍ମ କାରିଗରୀ । ତାରକସି ଶିଳ୍ପ ହେଉ ବା ବାନ୍ଧକଳା ସମ୍ବଲପୁରୀ ବା ମାଣିଆବନ୍ଧ, ନୂଆପାଟଣା ପାଟ ଶାଢି ହେଉ । ସବୁ କ୍ଷେତ୍ରରେ ଓଡ଼ିଶାବାସୀ ନିଜର ନିଖୁଣତା ଓ ପାରଦର୍ଶିତା ଦେଖାଇ ଆସିଛନ୍ତି। ଏହି କଥା ସବୁ ମନେ ପଡ଼ିଗଲେ ଲାଗୁଛି ଏହି ଶାନ୍ତି ପ୍ରତିଷ୍ଠା ଦିଗରେ ଆମକୁ ହିଁ ଅଂଟା ଭିଡ଼ିବାକୁ ହେବ । ନିଜେ ଶାନ୍ତିର ମାର୍ଗ ବାହାର କରି ସାରା ବିଶ୍ୱକୁ ଏହି ଶାନ୍ତିର ଆଲୋକରେ ଆଲୋକିତ କରିବାକୁ ହେବ । ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଅହମଦୀୟା ମୁସଲିମ ସଂଗଠନର ଏହି ଶାନ୍ତି ସମ୍ମିଳନୀ ନିଶ୍ଚିତ ଏକ ମାଇଲ ଖୁଂଟ ହେବ । ଶାନ୍ତି ପ୍ରାପ୍ତ ସମ୍ବନ୍ଧରେ ଗୀତାରେ ଲେଖାଅଛି; ତମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ / ତତ୍‌ପ୍ରସାଦାତ୍ ପରାଂଶାନ୍ତି, ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ ॥ ଅର୍ଥାତ୍ ହେ ଭାରତ ! ତୁମ୍ଭେ ସର୍ବତୋ ଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ । ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ । (ଶ୍ରୀମଦ୍‌ଭଗବଦ୍‌ଗୀତା, ଅଧ୍ୟାୟ ୮, ଶ୍ଳୋକ୬୨) ସେହିଭଳି ପବିତ୍ର କୋରାନରେ ଲେଖାଅଛି; ନ୍ତଅଲା ବିଜିକ୍‌ରିଲ୍ଲାହି ତତ୍‌ମଇନ୍ନଲ୍‌କୁଲୁବ୍ନ୍ତ ଅର୍ଥାତ୍ ମନେରଖ ଯେ ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ । (ପବିତ୍ର କୋରାନ ୧୩:୨୯) ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଏବେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରକୁ ଭ୍ରମଣ କରି ସେଠାକାର ନେତା ଓ ରାଜନେତା ତଥା ପ୍ରଶାସକଙ୍କୁ ଭେଟି ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ କିପରି ମିଳିମିଶି ରୋକି ପାରିବା ସେ ବିଷୟରେ ପ୍ରୟାସ କରିଚାଲିଛନ୍ତି । ମିର୍ଜା ମସରୁର ଅହମଦ କୁହନ୍ତି; ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୦ଗୋଟି ମୌଳିକ ନୀତି ରହିଛି । ତାହା ହେଲା ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା। ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା । ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦେବା । ପରମାଣୁ ଅସ୍ତ୍ର ବର୍ଜନ କରିବା। ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା । ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର ଦୂର କରିବା । ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା। ଚରମପନ୍ଥୀ ଦଳର ପ୍ରତିବାଦ କରିବା । ପାରସ୍ପାରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା । ଏବଂ ମାନବ ଜାତିର ସେବା କରିବା । ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜ ନିଜର କର୍ତ୍ତବ୍ୟ ବହନ କରିବା ଏବଂ ମିର୍ଜା ମସରୁର ଅହମଦଙ୍କ ଏହି ଚିନ୍ତାଧାରାକୁ ସ୍ୱାଗତ କରିବା ସହ ଏହାର ସଦ୍‌ଉପଯୋଗ କରି ବିଶ୍ୱ କଲ୍ୟାଣ ଦିଗରେ ପ୍ରୟାସ ଜାରି ରଖିବା। ଏହା ହିଁ ଆମର କାମନା ।

**ମଙ୍ଗଳାବାଗ-କଟକ**
**୯୬୯୨୨୨୫୦୫୭**

# ନୀରବଦ୍ରଷ୍ଟା

### ଅନୀତା ପଟ୍ଟନାୟକ

ଗୋଟିଏ ସହରରେ ଚାରିଜଣ ବନ୍ଧୁ ଥିଲେ। ଜଣଙ୍କର ନାମ ପାର୍ଥିବ, ଆଉ ଜଣଙ୍କର ନାମ ଥିଲା ଅସ୍ତିତ୍ୱ, ଅନ୍ୟ ଜଣେ ଥିଲେ ଆଧ୍ୟାତ୍ମିକ ଶେଷ ବନ୍ଧୁଙ୍କ ନାମ ଥିଲା ନୀରବଦ୍ରଷ୍ଟା। ପରସ୍ପର ପରସ୍ପରର ଉତ୍ତମ ବନ୍ଧୁ ହୋଇଥିବାରୁ ପୁରୀ ବୁଲି ଯାଇ ଜଗନ୍ନାଥଙ୍କୁ ଦର୍ଶନ କରି ମହାପ୍ରସାଦ ସେବନ କରିବାର ଅଭିଳାଷ ପୋଷଣ କଲେ। ସମସ୍ତେ ଏକଥା ଜାଣନ୍ତି ମହାପ୍ରଭୁଙ୍କ ଦର୍ଶନ ପରେ ସମସ୍ତେ କିଛି ସମୟ ପାଇଁ ଲକ୍ଷ୍ମୀଙ୍କ ମନ୍ଦିରରେ ବିଶ୍ରାମ କରନ୍ତି। କେତେକ ଆନନ୍ଦ ବଜାରରେ ବୁଲି ମହାପ୍ରସାଦର ସ୍ୱାଦ ଚାଖନ୍ତି। ଆଉ କେତେକ ସମୁଦ୍ର କୂଳକୁ ଯାଇ ତାର ଅନୁପମ ରୂପ ମନୋହରକୁ ଉପଭୋଗ କରନ୍ତି। ଚାରିବନ୍ଧୁଙ୍କ ମଧ୍ୟରେ ସେହି ଅବସ୍ଥା ହେଲା ସେମାନେ ଲକ୍ଷ୍ମୀଙ୍କ ମନ୍ଦିରରେ ବସି ଆଲୋଚନା ଜାରି ରଖିଲେ। ନୀଳଚକ୍ର ଚାରି ବନ୍ଧୁଙ୍କୁ ଦେଖି ହସୁଥାଏ। ଶୀତଳ ପବନ ବହୁଥାଏ। ପାର୍ଥିବ କହିଲା ମନୁଷ୍ୟର ଏକ ପାର୍ଥିବ ଦୃଷ୍ଟିକୋଣ ଥାଏ ତାହା ହେଉଛି ଜଗନ୍ନାଥ ଆମେ କରିଥିବା ଭୁଲକୁ ଦେଖି ନାହାଁନ୍ତି ବା ଦେଖିଥିବା ଭୁଲକୁ ଭୁଲି ଯାଇଛନ୍ତି। ସେହି ସାହାସରେ ଆମେ ବାରମ୍ବାର ଭୁଲ କରୁଥିଲେ ମଧ୍ୟ ତାଙ୍କୁ ସର୍ବାନ୍ତର୍ଯ୍ୟାମୀ ମାନୁଥିଲେ ମଧ୍ୟ ତାଙ୍କ ନିକଟକୁ ବାରମ୍ବାର ଯାଇଥାଉ। ଜଗନ୍ନାଥ ନୀରବରେ ଲୋକଙ୍କୁ କହିଥାନ୍ତି 'ଏ ଚକା ଆଖି ସବୁ ଦେଖୁଛି, କିଛି ଭୁଲି ନାହିଁ କି ଭୁଲି ପାରିବ ନାହିଁ।' ତେଣୁ ଆମେ ପାର୍ଥିବ ଦୃଷ୍ଟିକୋଣରୁ ଭୁଲି ଜଗନ୍ନାଥଙ୍କୁ ସ୍ୱୟଂ ପରଂବ୍ରହ୍ମ ବୋଲି ବିଚାର କରିବା ଉଚିତ ।ଅସ୍ତିତ୍ୱ ପାର୍ଥିବ କଥାରେ ଏକମତ ହୋଇ କହିଲା ଜଗନ୍ନାଥଙ୍କ ଅଶେଷ କୃପାରୁ ଆମେ ତାଙ୍କର ନିକଟବର୍ତ୍ତୀ ହେଉ। କେତେକ ତାଙ୍କୁ ମହାପ୍ରଭୁ, ଆଉ କିଏ କିଏ କାଠର ପ୍ରତିମା ଓ ଅନେକ ଦୃଢ଼ତାର ସହ ତାଙ୍କର ଅସ୍ତିତ୍ୱକୁ ସନ୍ଦେହ କରନ୍ତି। ମୁଁ ଭାବୁଛି ଏପରି ହୋଇଥାଏ କାରଣ ଆମ ଭିତର ଭାବ କୁହେ, ଆମେ ତାଙ୍କର ନିକଟବର୍ତ୍ତୀ ଲୋକ କେବଳ ଆମେ ନୁହେଁ ଯୁଗେ ଯୁଗେ ଭଗବାନଙ୍କ ଅସ୍ତିତ୍ୱକୁ ସନ୍ଦେହ କରାଯାଇଛି। ସେହିପରି ସନ୍ଦେହ କରିଥିବା ନିକଟତର ବ୍ୟକ୍ତିମାନେ ହେଲେ ଦଶରଥ, କୈକେୟୀ, ରାବଣ, କଂସ, ଦୁର୍ଯ୍ୟୋଧନ ଓ ତାର ଭ୍ରାତାଗଣ, କୌରବ ସେନା, ଧୃତରାଷ୍ଟ୍ର ଓ ଅନ୍ୟାନ୍ୟ ଜ୍ଞାନୀ ପଣ୍ଡିତ ଯୋଦ୍ଧାମାନେ। କୃଷ୍ଣଙ୍କର ଅସ୍ତିତ୍ୱକୁ ତାଙ୍କର ନିକଟତର ଲୋକମାନେ ଭୁଲ ବୁଝିଥିଲେ। କିନ୍ତୁ ଆମେ ଏପରି କରିବା ଉଚିତ ନୁହେଁ। ଜଗନ୍ନାଥ ସର୍ବଶକ୍ତିମାନ, ସର୍ବତ୍ର ବିଦ୍ୟମାନ ଓ ସର୍ବଜ୍ଞାତ ଓ ସଚରାଚର ଜଗତ ହେଉଛି ବିଷ୍ଣୁମୟ। ସେ ନୀରବରେ କହୁଥାନ୍ତି ରଥଯାତ୍ରା ସମୟରେ ଉଦଘୋଷକ ବାରମ୍ବାର କୁହେ 'ରଥେତୁ ବାମନଂ ଦୃଷ୍ଟା ପୁର୍ନଜନ୍ମ ନଲଭ୍ୟତେ' ଏହାକୁ ଶୁଣିବା ବୁଝିବା ପରେ, ହାତଯୋଡ଼ି ପ୍ରଣାମ କରିବା ପରେ ତାଙ୍କର ଅସ୍ତିତ୍ୱକୁ ସଂସାରର ଜଞ୍ଜାଳରେ ଭୁଲିଯାଉ। ଭାଇମାନେ ଏହା କେତେ ଦୂର ଠିକ? ବନ୍ଧୁ ଆଧ୍ୟାତ୍ମିକ କହିଲା ଆମେ ଭଗବାନଙ୍କୁ ପାର୍ଥିବ ଦୃଷ୍ଟିକୋଣରୁ ଦେଖିଥିବାରୁ ଆଧ୍ୟାତ୍ମିକ ଦୃଷ୍ଟିକୋଣକୁ ଭୁଲିଯାଉଛୁ। ପାର୍ଥିବ ଦୃଷ୍ଟି କୋଣକୁ ଆଧ୍ୟାତ୍ମିକ ଇଚ୍ଛା ବୋଲି ଭାବି ସାଂସାରିକ ଲାଭ ନିମନ୍ତେ ଆମେ ଅଳିକରୁ ହେ ମହାପ୍ରଭୁ! ଏଥର ମୋର ପଦୋନ୍ନତି କରିଦିଅ ମୁଁ ନିଶ୍ଚୟ ପୁରୀ ଆସିବି। ଆଉ କେତେକ ଅଳି କରନ୍ତି ମୋର ପୁଅର ଆମେରିକା ଯିବା ପାଇଁ ଭିସାଟା ହୋଇପାରୁ ନାହିଁ, ମୋର ଝିଅର ବାହାଘରଟା ହୋଇପାରୁନାହିଁ, ତୁମେ ତାକୁ କରିଦିଅ ମୁଁ ମାନି ଯିବି ତୁମେ ଭଗବାନ। କେତେକେ କୁହନ୍ତି ମୋର ଚାଲି ପାରୁନଥିବା ସ୍ତ୍ରୀକୁ ଚଲାଇ ଦିଅ। ମହାପ୍ରସାଦ ଆଣି ବ୍ରାହ୍ମଣ ଭୋଜନ କରାଇବି ଇତ୍ୟାଦି ଇତ୍ୟାଦି। ତେଣୁ ଆମେ ଭାବି ନେଇଛୁ, ଆଧ୍ୟାତ୍ମିକ ପଥ ଓ ସାଧନାର ଅର୍ଥ ପ୍ରାର୍ଥିବ ଲାଭ ଓ ସୁଖ ସଂପଦ। ଏହା ଏକ ନିର୍ଘାତ ଭୁଲ। ବେଳେ ବେଳେ ଆମେ ଜୀବନକୁ ଯେପରି ଚାହୁଁ ସେପରି ଚାଲେ ନାହିଁ। ଏକ ଚାଲୁଥିବା ମଣିଷର ଦୁଇଟି ଆଶାବାଡ଼ି ଦରକାର ହୁଏ।। ସୁସ୍ଥ ସବଳ ମଣିଷଟିଏ ହଠାତ୍ ଶଯ୍ୟାଶାୟୀ ହୋଇଯାଏ। କେତେକ ଜିନିଷ ହଠାତ୍ ଘଟିଥାଏ। ଯଥା ଚାକିରୀ ପାଇଥିବା ପତ୍ର, ବହିଷ୍କାର ପତ୍ର, କର ବିଭାଗର ନୋଟିସ ଇତ୍ୟାଦି ଇତ୍ୟାଦି। ସେ ସମୟରେ ଆମେ ପାର୍ଥିବ ସୁଖ ପାଇଁ ଜଗନ୍ନାଥଙ୍କୁ ପାର୍ଥିବ ଜଗତ ଆଡ଼କୁ ଟାଣୁ। କିନ୍ତୁ ପ୍ରକୃତ ପକ୍ଷେ ଆମେ ଭୁଲ କରୁ। ଏପରି ସମୟରେ ଆମେ ଭଗବାନଙ୍କ ପାଦପଦ୍ମରେ ସମର୍ପିତ ହେବା ଉଚିତ ।ଏଥର ବନ୍ଧୁ ନୀରବଦ୍ରଷ୍ଟା କହିଲେ ଜଗନ୍ନାଥ ନୀରବରେ ସବୁବେଳେ କହୁଛନ୍ତି 'ହେ ମାନବ ତୋର ଭଲ ମନ୍ଦରୁ ମୁକ୍ତି ନାହିଁ, ଯେପରି ଗଛ ଲଗେଇବୁ ସେପରି ଫଳ ପାଇବୁ। ଯେପରି କର୍ମ କରିବୁ ସେପରି ଫଳ ପାଇବୁ। ତୁ ମିଛରେ ମତେ ଦୋଷାରୋପ କରୁ। କର୍ମ ଓ କର୍ମ ଫଳରୁ ମୁକ୍ତି ନଥିବା ଜାଣି ମଧ୍ୟ ତୁ ମୋ ନିର୍ଦ୍ଦେଶ ନମାନି ଆଧ୍ୟାତ୍ମିକ ସାଧନାରେ ବ୍ରତୀ ନ ହୋଇ ପାର୍ଥିବ କର୍ମ କରିଚାଲୁ ଓ ଦୁଃଖ ଯନ୍ତ୍ରଣା ଭୋଗ କରୁ। ମୁଁ ତୋର ପାପ ପୂଣ୍ୟର ଏକ ନୀରବଦ୍ରଷ୍ଟା ମାତ୍ର। ତୋର ଅତୀତ ଓ ବର୍ତ୍ତମାନର କର୍ମଫଳକୁ ଭୋଗ କରୁଛୁ ଓ ଭବିଷ୍ୟତରେ ଭୋଗ କରିବୁ ମଧ୍ୟ। ଜଗନ୍ନାଥ ନୀରବରେ କୁହନ୍ତି ମୁଁ ତୋ ସହିତ ଅଛି। ଭୟ କରନାହିଁ। ମୁଁ ତତେ ସାହାସ ଓ ଶକ୍ତି ଦେବି। କିନ୍ତୁ ମଣିଷ ଏହାକୁ ଭୁଲଯାଇ ପାର୍ଥିବ ଶକ୍ତି ଓ ସାହାସ ଉପରେ ବିଶ୍ୱାସ କରିଚାଲେ। ତୋର ହୃଦୟର ଗଭୀରତମ ପ୍ରଦେଶରୁ ପ୍ରାର୍ଥନା ହେବା ଉଚିତ। ତୁମେ ସର୍ବ ଶକ୍ତିମାନ, ସର୍ବତ୍ର ବିଦ୍ୟମାନ ଓ ସର୍ବଜ୍ଞ। ତୁ ପ୍ରତିକ୍ଷଣରେ ମତେ ଭୁଲିଯିବା ଉଚିତ ନୁହେଁ ଏପରି ଆଲୋଚନାରେ ପୂର୍ଣ୍ଣଛେଦ ଟାଣି ଚାରି ବନ୍ଧୁ ଆନନ୍ଦବଜାରରେ ମହାପ୍ରସାଦ ସେବନ ପାଇଁ ପ୍ରବେଶ କଲେ।

**ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬**



# ବିଜେଡିରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା



**ବାରିପଦା(ଅମୃତ ମିଡିଆ) :** ବାରିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରିପଦା ପୌରପରିଷଦରେ ଥିବା ୨୮ଗୋଟି ୱାର୍ଡର କର୍ମୀଙ୍କୁ ନେଇ ବିଜୁ ଭବନ ଠାରେ ଏକ ବିଶାଳ ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ସମାବେଶ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଓ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଲୋକସଭା ପ୍ରାର୍ଥୀ ସୁଦାମ ମାରାଣ୍ଡି ଓ ବାରିପଦା ବିଧାନସଭା ପ୍ରାର୍ଥୀ ସାନନ୍ଦ ମାରାଣ୍ଡିଙ୍କୁ କର୍ମୀ ଏବଂ ନେତା ମାନେ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ ସଭାରେ ଆପ ଦଳ ଓ ଭାରତୀୟ ଜନତା ପାର୍ଟିର ପଦାଧିକାରୀ ଓ କର୍ମୀ ମାନେ ବିଜୁ ଜନତା ଦଳରେ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ଓ ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି ଓ ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡିଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବା ପାଇଁ ବିଦ୍ଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି । ଉକ୍ତ ସମାବେଶରେ ମୟୁରଭଞ୍ଜ ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି, ବିଜୁ ଜନତା ଦଳର ଷ୍ଟାର ପ୍ରଚାରକ ତଥା ପୂର୍ବତନ ମନ୍ତ୍ରୀ, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ଉପ-ନଗରପାଳ ସୀମା ଦାସ,ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାଏକ, ଆମ ଓଡ଼ିଶା ନବୀନ ଓଡିଶାର ସଂଯୋଜକ ସୁନୀଲ ଦାସ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ମହିଳା ପର୍ଯ୍ୟବେକ୍ଷକ ଉର୍ମିଳତା ଦାସ, ବିଜୁ ମହିଳା ସଂଯୋଜିକା ଶ୍ରାବଣୀ ଦାସ, ସବିତା ବେହେରା, ବିଜୁ ଛାତ୍ର ଜନତା ଦଳ ସଭାପତି ସୁନୀଲ ନାଏକ, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼, ସମସ୍ତ କାଉନସିଲର ବୃନ୍ଦ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ମାନଙ୍କୁ ଡବଲ ଶଙ୍ଖ ରେ ଭୋଟ ଦେଇ ବିଜୟୀ କରିବା ସହିତ ନବୀନ ବାବୁଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ୨୦୦୦ ରୁ ଉର୍ଦ୍ଧ୍ୱ ମହିଳା ଯୁବ ଛାତ୍ର ଓ ଦଳର କର୍ମକର୍ତା ଯୋଗ ଦେଇଥିଲେ। ଶେଷରେ ମିତାଲି ଦାସ ୱାର୍ଡ ନଂ ୧ ର ବିଜେପି କାଉନସିଲର ପ୍ରାର୍ଥନୀ ଓ ବାସୁ ବେହେରା ଆପ ଦଳଛାଡି ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ ।

# ଶିମିଳିପାଳରେ ନିଆଁ ଥମିବାର ନାଁ ନେଉନି ; ବଢ଼ୁଛି ତାତି

## ବନ୍ୟଜନ୍ତୁ ସହ ଗଛ ଓ ଗୁଳ୍ମପ୍ରତି ବିପଦ



**ବାରିପଦା(ଅମୃତ ମିଡିଆ) :** ଅସହ୍ୟ ଗରମ ସାଙ୍ଗକୁ ଜଙ୍ଗଲ ଅଗ୍ନି ପାଇଁ ବାରିପଦା ସହର ସମେତ ସମଗ୍ର ମୟୂରଭଞ୍ଜ ଏବେ ଅଗ୍ନିପିଣ୍ଡୁଳା ପାଲଟିଛି । ଶିମିଳିପାଳ ଭଳି ଘଞ୍ଚ ଓ ବିସ୍ତୀର୍ଣ୍ଣ ଜଙ୍ଗଲ ଜିଲ୍ଲାକୁ ଚାରିପଟୁ ଘେରି ରଖିଥିଲେ ମଧ୍ୟ ଏହାର କିଛି ପ୍ରଭାବ ପଡୁନାହିଁ। ବରଂ ଭୂଖଣ୍ଡର ତାପମାତ୍ରା ବଢ଼ାଉଛି ବନାଗ୍ନି। ଖରାଦିନେ ଯେଉଁଠି ଅପେକ୍ଷାକୃତ କମ ଗରମ ଅନୁଭୂତ ହେଉଥିଲା, ସେଠି ଆଜି ନିଆଁ ବର୍ଷୁଛି। କିଛିଦିନ ଧରି ଦେଶର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଛି ଜିଲ୍ଲା ସଦର ମହକୁମା ବାରିପଦା । ସପ୍ତାହେ ହେଲା ତାତିରୁ ତ୍ରାହି ମିଳୁନଥିବା ବେଳେ ଏହି ସମୟରେ ଶିମିଳିପାଳର ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁ ପରିସ୍ଥିତିକୁ ଅଣାୟତ୍ତ କରିଛି । ବନାଗ୍ନି ନିୟନ୍ତ୍ରଣ ପାଇଁ ବନ ବିଭାଗର ସମସ୍ତ ପ୍ରସ୍ତୁତି ଓ ବ୍ୟାପକ ସଚେତନତା ସତ୍ତ୍ୱେ ଶନିବାର ୩୦ ଟି ସ୍ଥାନରେ ଜଙ୍ଗଲ ନିଆଁ ଠାବ କରାଯାଇଥିଲା. ଆଜି ମଧ୍ୟ ବହୁ ସ୍ଥାନରେ ନିଆଁ ଲାଗିଛି । ବନ ବିଭାଗ ପକ୍ଷରୁ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଜଙ୍ଗଲ ଅଗ୍ନିକୁ ଆୟତ କରିବା ପାଇଁ ଫାୟାର ଫାଇଟିଙ୍ଗ ସ୍କୁଆଡ୍ ମୁତୟନ କରାଯିବା ସହ ଓଡ୍ରାଫ ଟିମ ମଧ୍ୟ ରହିଛନ୍ତି । ବନ କର୍ମଚାରୀ ମାନେ ବ୍ଲୋର ମେସିନ ସହାଯ୍ୟ ରେ ଫାୟାର ଲାଇନ କରିବା ସହ ନିଆଁ ଯେତେ ଲିଭାଇଲେ ମଧ୍ୟ ନୂଆ ନୂଆ ଫାୟାର ପଏଣ୍ଟ ସୃଷ୍ଟି ହେବାର ଦେଖାଯାଉଛି । ତେବେ ଜଙ୍ଗଲରେ ନିଆଁ ଲାଗିବା କାରଣରୁ ଅହେତୁକ ଭାବେ ତାପମାତ୍ରାରେ ବୃଦ୍ଧି ଘଟିବା ସହିତ ବନ୍ୟ ଜନ୍ତୁ ମାନେ ଭୟଭୀତ ହୋଇ ରହିବା ସହିତ ଜନ ବସତି ମୁହାଁ ହେଉଥିବାର ଦେଖା ଯାଉଛି । ସେହିପରି ଶିମିଳିପାଳ ଜଙ୍ଗଲରେ ଥିବା ପୁରୁଣା ଗଛ ଏବଂ ବହୁବିଧ ଗୁଳ୍ମ ମଧ୍ୟ ନଷ୍ଟ ହେଉଛି ।

# ପଞ୍ଚାୟତସ୍ତରୀୟ ସମର୍ଥନ ସଭାରେ ଯୁବନେତା ଶାରଦାଙ୍କ ଶକ୍ତି ପ୍ରଦର୍ଶନ

**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ) :**ଯେତେ ଯେତେ ସାଧାରଣ ନିର୍ବାଚନ ପାଖେଇ ଆସୁଛି ଦିନକୁ ଦିନ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ପ୍ରଚାର, ପ୍ରସାର, ରାଲି ଏବଂ ସମର୍ଥନ ସଭା ଯୋରଦାର ହେବାରେ ଲାଗିଛି । ବିଜେପିରୁ ଟିକେଟ୍ ନପାଇବା ପରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବାସୀଙ୍କ ସେବା କରିବା ପାଇଁ ସେବାକୁ ବ୍ରତ ଭାବେ ପାଳନ କରି ଯୁବନେତା ଶାରଦା ପ୍ରଧାନ ସମଗ୍ର ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୬୪ ପଞ୍ଚାୟତରେ ଆରମ୍ଭ କରିଦେଇଛନ୍ତି ମାହାଙ୍ଗାର ଜନସାଧାରଣଙ୍କ ନିଷ୍ପତ୍ତି ଆମ ନିଷ୍ପତ୍ତି ପଞ୍ଚାୟତ ସ୍ତରୀୟ ସମର୍ଥନ ସଭା । ଏହି ପଞ୍ଚାୟତସ୍ତରୀୟ ସଭାରେ ଯୁବନେତା ଶାରଦା ପ୍ରଧାନ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବାକୁ ଯାଉଥିବାରୁ ପ୍ରାୟ ସମସ୍ତ ପଞ୍ଚାୟତରେ ବିପୁଳ ଜନ ସମର୍ଥନ ଶାରଦାଙ୍କ ପ୍ରତି ରହିଥିବା ଦେଖିବାକୁ ମିଳୁଛି । ସ୍ୱାଭିମାନୀ , ସଚେତନ ମାହାଙ୍ଗା ଜନସାଧାରଣ ଖୋଲାଖୋଲି ପ୍ରକାଶ କରୁନଥିଲେ ମଧ୍ୟ ସମସ୍ତଙ୍କ ମଧ୍ୟରେ ଏକରକମ ପରିବର୍ତ୍ତନର ସ୍ୱର ବସା ବାନ୍ଧିଲାଣି । ସେହିପରି ଏକ ସମର୍ଥନ ସଭା ଆୟୋଜିତ ହୋଇଥିଲା ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତରେ । ଏହି ସଭାରେ ମୁଖ୍ୟଅତିଥି ଭାବେ ଯୁବନେତା ଶାରଦା ପ୍ରଧାନ ଯୋଗଦାନ କରି ବୁହାଲୋ ପଞ୍ଚାୟତର ହଜାର ହଜାର ସଂଖ୍ୟକ ଜନସାଧାରଣଙ୍କୁ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତଙ୍କୁ ସମାନ ଅଧିକାର ମିଳିବା ହିଁ ଆମର ପ୍ରଥମ ଲକ୍ଷ୍ୟ । ଯେଉଁଭଳି ଆମ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ପଟ୍ଟାମୁଣ୍ଡାଇ ପାରିବାରିକ ଶାସନ ଚାଲିଛି ତାହାକୁ ମୂଳରୁ ଓପାଡ଼ି ଫିଙ୍ଗିଦେବା ପାଇଁ ସମସ୍ତ ମାହାଙ୍ଗାବାସୀ ସହଯୋଗର ହାତ ବଢାଇବାକୁ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ । ଏପରିକି ଦୀର୍ଘ ୧୫ବର୍ଷ ଧରି ମାହାଙ୍ଗାରେ ଯେଉଁ ହୀନ ରାଜନୀତି, ଦୁର୍ନିତିଖୋର ଶାସନ ଚାଲିଛି ତାହାକୁ ବନ୍ଦ କରିବାକୁ ପଡ଼ିବ ଯାହାପାଇଁ ସମସ୍ତ ସଚେତନ ଭୋଟର ଏକଜୁଟ ହୋଇ ହାତରେ ହାତ ମିଶାଇ ଏକ ପରିବର୍ତ୍ତନ କରିବାକୁ ପଡ଼ିବ । ଏପରିକି ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ ଏବେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଜଣେ ଗରିବ ଖଟିଖିଆର ଯୁବକ ଯୁବତୀ ଚାକିରୀ ନପାଇ ଦାଦନ ଖଟିବାକୁ ବାହାରକୁ ଚାଲିଯାଇଛି କିନ୍ତୁ ଏଠାରେ ଯିଏ ଶାସକ ଦଳର ଚାମଚାଗିରି କରୁଛି, ଠିକାଦାରୀ କରୁଛି ବା ଶାସକ ଦଳର ସମ୍ପର୍କୀୟ ପରିବାର ଲୋକେ ପ୍ରିୟାପ୍ରୀତିପୋଷଣ କରିବା ସହିତ ମୋଟା ଅଙ୍କର ହାତଗୁଞ୍ଜା ଦେଇ ଚାକିରୀ ପାଇଯାଉଛି । ଫଳରେ ଗରିବ ଲୋକଟି ଏବେ ମଧ୍ୟ ଆହର ପାଇଁ ଦାଦନ ଖଟିବାକୁ ବାହାର ରାଜ୍ୟ ଉପରେ ନିର୍ଭର କରୁଛି । ଏପରିକି ରାଜନୈତିକ ବଡ଼ପଣ୍ଡା ମାନେ ବଡ଼ ବଡ଼ କାର ଗାଡ଼ି ଘୋଡ଼ା, ଏସି ରୁମ୍‌ରେ ରାଜ ଉଆସରେ ରହୁଥିଲା ବେଳେ ଏବେ ବି ମଧ୍ୟ ବହୁ ଗରିବ ଲୋକେ ପକ୍କାଘର ଖଣ୍ଡେ ପାଇବାକୁ ବାରଦ୍ୱାର ବୁଲି ମଧ୍ୟ ବିନା ହାତଗୁଞ୍ଜା ନଦେଲେ ପାଉନାହିଁ । ତେବେ ଏହି ପରିବାରବାଦ ଶାସନରେ ରୋକ ଲଗାଇବା ପାଇଁ ସୁଯୋଗ ଆସିଛି ସମସ୍ତେ ଏକଜୁଟ ହୋଇ ସଠିକ୍ ନିଷ୍ପତ୍ତି ନେବାକୁ ହେବ । ଅପରପକ୍ଷରେ ଏହି ଶାସକ ଦଳ ବିଜେଡ଼ି ନେତା ମାନେ କହିବା ମୁତାବକ ସବୁ ପଞ୍ଚାୟତକୁ କୁଆଡ଼େ ସୁନା କରିଦେଇଛନ୍ତି ଯାହାର ନଗ୍ନ ଉଦାହରଣ ଏବେ ବି ମଧ୍ୟ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବହୁ ପଞ୍ଚାୟତର ଗାଁକୁ ରାସ୍ତା ନାହିଁ , ଶୁଦ୍ଧ ପାନୀୟ ଜଳ ପିଇବାକୁ ମିଳୁନାହିଁ , ଶିକ୍ଷା ବ୍ୟବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ, ସ୍ୱାସ୍ଥ୍ୟ କହିଲେ ନସରେ ତେବେ ବିକାଶ ବିକାଶ ଡ଼ିଣ୍ଡିମ ପିଟୁଥିବା ମାହାଙ୍ଗା ବିଧାୟକ ଉତ୍ତର ରଖିବେ କି ଏହିଭଳି ଭାବେ କ'ଣ ୧୫ ବର୍ଷ ଧରି ମାହାଙ୍ଗାର ବିକାଶ କରିଛନ୍ତି ନାଁ ବିନାଶ କରିଛନ୍ତି । ତେବେ ଏହାର ଉତ୍ତର ବିଧାୟକ ରଖିବେ ନାହିଁ ଆଗାମୀ ସାଧାରଣ ନିର୍ବାଚନରେ ମାହାଙ୍ଗାର ସ୍ୱାଭିମାନୀ ସଚେତନ ଭୋଟର ରଖିବେ, ଯାହାଦ୍ୱାରା ମାହାଙ୍ଗାର ସ୍ୱାଭିମାନକୁ ରକ୍ଷା କରିବା ସମ୍ଭବ ହୋଇ ପାରିବ ବୋଲି ଯୁବନେତା ଶାରଦା ପ୍ରଧାନ ପ୍ରକାଶ କରିଥିଲେ। ବୁହାଲୋ ରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଯୁବନେତା ଶାରଦା ପ୍ରଧାନଙ୍କ ସହ ସମ୍ମାନୀତ ଅତିଥି ଭାବେ କୈଳାସ ବେହେରା,ମନମୋହନ ସେଠୀ,ସମିତିସଭ୍ୟ ଭବାନୀଶଙ୍କର ବେହେରା,କ୍ଷୀରୋଦ ଦାସ, ପର୍ଯ୍ୟବେକ୍ଷକ ଅଶୋକ ସାହୁ,ସନ୍ତୋଷ କାପ,ହେମନ୍ତ ରାଉତ, ଅନନ୍ତ ବେହେରା,ଜନାର୍ଦ୍ଦନ ବେହେରା,ପ୍ରଦିପ୍ତ ସାହୁ,ସୁରେନ୍ଦ୍ରନାଥ କର, ସରୋଜ କୁମାର ଦାସ,କ୍ଷୀରୋଦ ପରିଡ଼ା,ପିତାମ୍ବର ମହାନ୍ତିଙ୍କ ସମେତ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗଦାନ କରିଥିଲେ ।



# ଅନୁଭବଙ୍କ ଟିକେଟ୍ କଟିବା ପରେ ଚାପ ସୃଷ୍ଟି ଉଦ୍ୟମ

**ଖଣ୍ଡପଡା(ଅମୃତ ମିଡିଆ) :** ବଂଶାନୁକ୍ରମିକ ରାଜନୀତିର ସ୍ୱାଦ ଚାଖି ଆସିଥିବା ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କର ବିଜୁ ଜନତା ଦଳ ଉପରେ ଚାପ ସୃଷ୍ଟି ଉଦ୍ୟମ ଆରମ୍ଭ ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଯଦି ଟିକେଟ୍ ପାଇବାରୁ ବଂଚିତ ହେଲେ ତେବେ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢି ଦଳକୁ ଦେଖାଇଦେବେ ସେ କେତେ ପାରିବାର ନେତା ଅଟନ୍ତି । ଏହି ମର୍ମରେ ୨୨ ତାରିଖ ଦିନ ଫେସ୍‌ବୁକ୍ ମାଧ୍ୟମରେ ତାଙ୍କପକ୍ଷରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢିବା ନେଇ ଭାଇରାଲ କରାଯାଇଛି । ଯା ଦ୍ୱାରା ଦଳ ଭୟଭିତ ହୋଇ କାଳନ୍ତେ ତାଙ୍କୁ ଡ଼ାକି ପୁର୍ନବିଚାର କରିପାରିନ୍ତି ବୋଲି ସେହି ଆଶାରେ ଏପରି ଏକ ରାସ୍ତା ସେ ଚୟନ କରିଥିବାର ପାଖଲୋକଙ୍କ ଠାରୁ ଶୁଣାଯାଉଛି । ଗତ ୨୧ ତାରିଖ ଦିନ ଦଳୀୟ ଟିକେଟ୍ ପ୍ରାପ୍ତିରୁ ବଂଚିତ ହେବା ପରେ ନିଜ ବାସଭବନରେ କିଛି ଦଳୀୟ ସମର୍ଥକଙ୍କୁ ନେଇ ଏକ ରୁଦ୍ଧଦ୍ୱାର ସଭାର ଆୟୋଜନ ମଧ୍ୟରେ ସମସ୍ତଙ୍କ ପରାମର୍ଶ ଲୋଡ଼ାଯାଇଥିଲା । ମାତ୍ର ଦଳୀୟ ଟିକେଟ୍ ସେ ପାଉନଥିବା ଶୁଣିବା ପରେ ଦଳକୁ ସର୍ବସ୍ୱ କରିଥିବା ସମର୍ଥକମାନେ ତାଙ୍କୁ ଖୋଲାଖୋଲି ମନା କରିଥିଲେ । ଯଦି ଦଳ ବିରୁଦ୍ଧରେ ଠିଆହେବେ ତାଙ୍କୁ ସମର୍ଥନ କଦାପି ଦିଆଯିବ ନାହିଁ ବୋଲି ଅନେକ ଚରମବାଣୀ ଶୁଣାଇଥିବା ଶୁଣିବାକୁ ମିଳୁଛି । ଦଳୀୟ ଟିକେଟ୍ ଯିଏ ନେଇ ଆସିବ ତାଙ୍କୁହିଁ ଆମେ ସମର୍ଥନ ଦେବୁ ବୋଲି ବହୁ ଦଳ ପ୍ରେମୀ ନିଜର ମତବ୍ୟକ୍ତ କରିଥିବା କୁହାଯାଉଥିଲେ ହେଁ ୧୨ ତାରିଖର ସୋସିଆଲ୍ ମିଡ଼ିଆ ସମ୍ବାଦକୁ ନେଇ ବାବୁଙ୍କ ନେତା ହେବା ଚାଲ ଏବେ ସାଧାରଣରେ ଖୋଲା ଫର୍ଦ୍ଦ ପାଲଟିଥିବା ଦେଖାଯାଉଛି । ଦିନେ ଦଳ ବିରୋଧି କାର୍ଯ୍ୟକୁ ନେଇ ଶାଣିତ ଶବ୍ଦରେ ଟିଭି ମିଡ଼ିଆ ଆଗରେ ଅନ୍ୟକୁ ସମାଲୋଚନା କରିଆସିଥିବା ନେତାଙ୍କ ପ୍ରକୃତ ସ୍ୱରୂପ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବାର ଲୋକେ କହୁଛନ୍ତି । ଯେଉଁ ନେତା ନିଜର ସମ୍ୟକ ସ୍ୱାର୍ଥପାଇଁ, ଦଳ, ଦଳପତିଙ୍କ ସହିତ ଦଳୀୟ ଶୃଙ୍ଖଳାକୁ ସମ୍ମାନ ନ ଦେଇ ଦଳର ପରାଜୟକୁ ନେଇ ଚିନ୍ତା କରିଥାଏ ସେ କେତେଦୂର ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତୀ ଧାରିବୋଲି ଅନେକେ ପ୍ରଶ୍ନ କରୁଥିବାର ଦେଖାଯାଉଛି । ଯଦି ସେ ସ୍ୱାଧୀନ ଭାବେ ନିର୍ବାଚନ ପ୍ରତିଦ୍ୱନ୍ଦିତାର ଉଦ୍ୟମ କରନ୍ତି ତେବେ ଖାଲି ପରାଜୟତ ଦୂରର କଥା ନିଜର ଅମାନତ ସମ୍ଭାଳିବାରେ ଅକ୍ଷମ ହେବେ ବୋଲି ବହୁ ଦଳୀୟ ତୁଙ୍ଗ ନେତୃତ୍ୱଧାରୀ ବ୍ୟକ୍ତିବିଶେଷ ଖୋଲାଖୋଲି ଭାବେ ନିଜର ମତବ୍ୟକ୍ତ କରୁଥିବାର ଦେଖାଯାଇଛି ।

# ପ୍ରାର୍ଥୀ ଅଶୋକ ଦାସଙ୍କ ପାଇଁ ମନ୍ଦିରରେ ପୂଜାର୍ଚ୍ଚନା



**ବାସୁଦେବପୁର (ଅମୃତ ମିଡିଆ) :** ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର କଂଗ୍ରେସ ଦଳ ର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ଦାସ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିବାର ଦେଖିବାକୁ ମିଳିଛି। କଂଗ୍ରେସ ଦଳ ପକ୍ଷରୁ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ପାଇଁ ଅଶୋକ କୁମାର ଦାସ ଙ୍କ ନାମ ଘୋଷଣା ର କିଛି ଦିନ ପରେ ଆଜି ନିର୍ବାଚନ ପ୍ରଚାର ଆରମ୍ଭ ପୂର୍ବରୁ ପ୍ରସନ୍ନଦେବ ମନ୍ଦିର, ମା ସାତ ଭଉଣୀ ମନ୍ଦିର ରୁ ପୂଜାର୍ଚ୍ଚନା ଆରମ୍ଭ କରି ବିନାୟକ ପୁର ମା ଆଙ୍କୁଡେଶ୍ୱରୀ ପୀଠ ରେ ପହଞ୍ଚି ଥିଲେ। ଆଙ୍କୁଡେଶ୍ୱରୀ ପୀଠ ରେ ପୂଜା ପରେ ଏକ ମଟରସାଇକେଲ ରାଲିରେ ମା ବୁଢ଼ୀ ମଙ୍ଗଳା ମନ୍ଦିର ପାଖରେ ପହଞ୍ଚି ପୂଜାର୍ଚ୍ଚନା କରିଥିବାର ଦେଖିବାକୁ ମିଳିଛି। ମଙ୍ଗଳା ମନ୍ଦିର ପୂଜାର୍ଚ୍ଚନା ପରେ ନିଜର ସମର୍ଥକ ମାନଙ୍କୁ ନେଇ ବୁଢ଼ୀମନ୍ଦାରୁଣୀ ମନ୍ଦିରକୁ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ଭକ୍ତରଞ୍ଜନ ପଟ୍ଟନାୟକ, ରମେଶ୍ୱଲ,ବିଜୟ ମହାନ୍ତି, ହରିଶଙ୍କର ପଟ୍ଟନାୟକ, ସୁଶାନ୍ତ ମହାକୁଡ଼, ମଞ୍ଜୁଲତା ପଣ୍ଡା, ଆଦିତ୍ୟ ଗିରି, ରମେଶ ଚଣ୍ଡ,ପ୍ରଭାତ ବାରିକ୍, କାର୍ତ୍ତିକ ଖିଲାର , ବୁଦ୍ଧି ରାମ ସେଠୀ କଂଗ୍ରେସ ଦଳ ର ବହୁ ସମର୍ଥକ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ଉପସ୍ଥିତ ରହିଥିଲେ ।

# ମୟୂରଭଞ୍ଜ କଲେଜ୍ ଅଫ୍ ଆକାଉଣ୍ଟେନ୍‌ସି ଆଣ୍ଡ୍ ମ୍ୟାନେଜମେଣ୍ଟରେ ବିଦାୟକାଳୀନ ଉତ୍ସବ

**ବାରିପଦା(ଅମୃତ ମିଡିଆ) :** ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉନଟେନସି ଆଣ୍ଡ ମ୍ୟାନେଜମେଣ୍ଟର ପ୍ରାଣୀ ବିଜ୍ଞାନ ବିଭାଗର ଶେଷ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଦାୟ କାଳୀନ ଉତ୍ସବ ବିଭାଗୀୟ ମୁଖ୍ୟା ଅଭିପ୍ସା ନାୟକଙ୍କ ପୌରହିତ୍ୟରେ ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଯାଇଅଛି। ଅଧ୍ୟାପକ ମଦନ ମୋହନ ସାହୁ, ଅଧ୍ୟାପିକା ଦେବଶ୍ରୀତା ବିଶ୍ୱାଳ, ପୂର୍ଣ୍ଣିମା ମହାନ୍ତି, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ନିମନ୍ତେ କର୍ମଠ ହେବା ପାଇଁ ଉପଦେଶ ଦେଇଥିଲେ । ଶେଷ ବର୍ଷର ଛାତ୍ରଛାତ୍ରୀ ମାନେ ତିନି ବର୍ଷର ଅନୁଭୂତି ବର୍ଣ୍ଣନା କରିଥିଲେ । ପ୍ରଥମ ଏବଂ ଦ୍ୱିତୀୟ ବର୍ଷ ର ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ, ସ୍ନାତକୋତ୍ତର ବିଭାଗର ପ୍ରଥମ ବର୍ଷ ଛାତ୍ରୀ ବୈଜୟନ୍ତି ମାଳା ଭୋଇ ଏବଂ ଦ୍ୱିତୀୟ ବର୍ଷର ଛାତ୍ର ପ୍ରତୀକ କୁମାର ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ ଅଧ୍ୟାପିକା ଅଙ୍କିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# କଖଡିରେ ପ୍ରସିଦ୍ଧ ବିଶ୍ୱଶାନ୍ତି ହିଙ୍ଗୁଳା ଯଜ୍ଞ ଶୁଭାରମ୍ଭ



**ଟାଙ୍ଗୀ - ଚୌଦ୍ୱାର(ଅମୃତ ମିଡିଆ) :** କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ କଖଡି ଗ୍ରାମରେ ପ୍ରସିଦ୍ଧ ବିଶ୍ୱଶାନ୍ତି ହିଙ୍ଗୁଳା ଯଜ୍ଞ ଶୁଭାରମ୍ଭ ହୋଇଯାଇଛି । ରବିବାର ଦିନ ସକାଳ ୮ ଘଟିକା ରେ କଖଡି ଓ ଏହାର ଆଖପାଖ ଅଞ୍ଚଳର। ପ୍ରାୟ ୫୦୦ ରୁ ଉର୍ଦ୍ଧ ମହିଳା ନାମ ସଙ୍କୀର୍ତ୍ତନ , ଘଣ୍ଟ , ଘଣ୍ଟା , ତୂରୀ ମହୁରୀ , ହରିବୋଲ ଧ୍ୱନୀ ମଧ୍ୟରେ କଖଡି ଘାଟ କୂଳ ମହାନଦୀ ରୁ କଳସ ଶୋଭାଯାତ୍ରା ଆରମ୍ଭ ହୋଇ ବାବା ବାଞ୍ଛେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ହିଙ୍ଗୁଳା ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ଏହି ଶୋଭାଯାତ୍ରା ରେ କଖଡି ଗ୍ରାମ୍ୟ କମିଟି ସଭାପତି ଦିଲ୍ଲୀପ କୁମାର ଛତାର , ସମ୍ପାଦକ ସନ୍ତୋଷ କୁମାର ବେଦାନ୍ତ , ଯଜ୍ଞ କମିଟି ଉପସଭାପତି ନୀଳମଣି ବାରିକ , ସହ ସମ୍ପାଦକ ରଞ୍ଜନ କୁମାର ମୁଦୁଲି , କୋଷାଧ୍ୟକ୍ଷ ନାରାୟଣ ସାହୁ , ପ୍ରକାଶ ମୁଦୁଲି , ପ୍ରତାପ ରାଉତ , ଓମ୍ ପ୍ରକାଶ ମୁଦୁଲି , ସୌଭାଗ୍ୟ ମହାନ୍ତି , ତପନ ମୁଦୁଲି , ବେଣୁଧର ସାହୁ , ଶରତ ଚନ୍ଦ୍ର ମହାନ୍ତି ସହ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ୬୭ ବର୍ଷ ରେ ପଦାର୍ପଣ କରିଥିବା ଏହି ମହାଯଜ୍ଞ ରେ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ ଓ ଯଜ୍ଞଆରମ୍ଭ ହୁଏ । ଆଗାମୀ ୩ ଦିନ ଧରି ଏହି ମହାଯଜ୍ଞ ଚାଲୁ ରହିବ ବୋଲି ଯଜ୍ଞ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ମଙ୍ଗଳବାର ଦିନ ଅପରାହ୍ନ ୪.୪୫ ମିନିଟ ରେ ପୂର୍ଣ୍ଣାହୁତି କରାଯିବ ।

# ବିଜେପି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

## ଦୁଇ ବିଧାୟକ ପ୍ରାର୍ଥୀ : ହିତେଶ ଓ ଅଭିନନ୍ଦନ





**ନୂଆପଡ଼ା(ଅମୃତ ମିଡିଆ) :** ନୂଆପଡ଼ା, ଖଡ଼ିଆଲ ଦୁଇ ବିଧାନସଭାର ନାମାଙ୍କନ ପତ୍ର ଦାଖଲ ପାଇଁ ସରକାରୀ ବିଜ୍ଞପ୍ତି ଜାରି ହେବାର ତୃତୀୟ ଦିନରେ ଆଜି ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା,ଓ ହିତେଶ ବଗର୍ତ୍ତି ନାମାଙ୍କନ ପତ୍ର ଦାଖଲ କରିଛନ୍ତି ସୂଚନା ଅନୁସାରେ, ଏଥର ନୂଆପଡା ରୁ ବିଜେପି ଯୁବ ଚେହେରା ଅଭିନନ୍ଦନ ପଣ୍ଡା ଟିକେଟ ଦେଇ ଏହି ବିଧାନସଭା ରୁ ନିର୍ଣ୍ଣାୟକ ନେବେ ବୋଲି ଚର୍ଚ୍ଚା ହେଉଛି,।। ଆଜି ନୂଆପଡା ସ୍ଥିତ ହୋଟେଲ ମେଘା ଠାରୁ ଶୋଭାଯାତ୍ରାରେ ଉପଜିଲ୍ଲାପାଳ କାର୍ଯାଳୟ ଅଭିମୁଖେ ଶୋଭା ଯାତ୍ରା ବାହାରିଥିଲେ । ଶୋଭାଯାତ୍ରାରେ ବିଜେପି ର ବରିଷ୍ଠ ନେତା ମାନେ ସାମିଲ ଥିଲେ, ପ୍ରସନ୍ନକୁମାର ପାଢ଼ୀ, ହରିଶ୍ଚନ୍ଦ୍ର ପଣ୍ଡା, ସରୋଜ କୁମାର ସାହୁ, କମଲେସ ଦୀକ୍ଷିତ ଚତୁର୍ଭୁଜ ଶର୍ମା, ଦୃଷ୍ଟି ମାଝୀ, ସୋନିଆ ଜୈନ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ, ସେହିପରି ଖଡ଼ିଆଲ ବିଧାନସଭା ପାଇଁ ବିଜେପି ପ୍ରାର୍ଥୀ ହିତେଶ ବଗର୍ତ୍ତି ଏଡ଼ିଏମ ଭୀମସେନ ଶବର ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି, ଶ୍ରୀ ବଗର୍ତ୍ତି ଖଡ଼ିଆଳ ରୁ ସମର୍ଥକ ମାନଙ୍କୁ ନେଇ ମଧ୍ୟ ଶକ୍ତି ପ୍ରଦର୍ଶନ କରିଥିଲେ । ଏନେଇ ଶ୍ରୀ ପଣ୍ଡା ଓ ବଗର୍ତି ନୂଆପଡ଼ା ଉଭୟ ପ୍ରାର୍ଥୀ ଉପଜିଲାପାଳ ଜୋଗେନ୍ଦ୍ରେ ମାଝୀ ଏଡ଼ଡ଼ିଏମ ନିକଟରେ ଦୁଇ ପ୍ରାର୍ଥୀ ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ହଜାର ହଜାର ସଂଖ୍ୟା ବିଜେପି ସମର୍ଥକ ମାନେ ସାମିଲ ହୋଇ ଥିଲେ, ଶ୍ରୀ ପଣ୍ଡା ମୋଦି ଙ୍କ ଗ୍ୟାରେଣ୍ଟି କାର୍ଡ ନେଇ ପ୍ରତି ଭୋଟ ନିକଟରେ ପହଞ୍ଚି ଭୋଟର ପାଖକୁ ଯାଇ ଭୋଟ ଭିକ୍ଷା ମାଗିବେ ବୋଲି କହିଛନ୍ତି ତେବେ ଆଗକୁ ପ୍ରଚାର ପ୍ରସାର ଜୋରସୋର ହେବ, ଅଭିନନ୍ଦନ ପଣ୍ଡା ଆହୁରି ମଧ୍ୟ କହିଛନ୍ତି ଯେ ଦେଶର ଜସ୍ୱସ୍ୱ ପ୍ରଧାନମନ୍ତ୍ରୀ ଜନ ହିତକାରୀ କାମ କରିଛନ୍ତି ତେବେ କାମ ଉପରେ ଜନ ସାଧସରଣ ଭରୋସା କରି ଆମକୁ ନୂଆପଡା ଜିଲ୍ଲାର ଜନତା ଜନାର୍ଦନ ଭରୋସା କରି ଦୁଇ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ବିଜେପି ଜିଲ୍ଲାସଭାପତି ସୁବ୍ରତ ଠାକୁର ଆଓ୍ୱାହାନ କରିଛନ୍ତି ।

# ପାଟଣାରେ ମାତିଛି ଗୋଠଛଡ଼ା ଦନ୍ତା
## ଘର ଭାଙ୍ଗିଲା, ଧାନ ଚାଉଳ ଖାଇ ନଷ୍ଟ କଲା





**ପାଟଣା (ଅମୃତ ମିଡିଆ):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ମଲ୍ଲିପଶି ବିଟ୍‌କୁ ଶନିବାର ବିଳମ୍ବିତ ରାତିରେ ଘଟଗାଁ ରେଞ୍ଜରୁ ଗୋଠଛଡ଼ା ଦନ୍ତା ହାତୀ ପ୍ରବେଶ କରିଛି । ମଲ୍ଲିପଶି ବିଟ୍ ବଡ଼ ଧନୁର୍ଜୟପୁର ଗ୍ରାମର ଟୁନା ମାଝିଙ୍କ ଖପର ଘର କାନ୍ଥ ଭାଙ୍ଗିବା ସହ ମୁଶାଖୋରି ମାଣ୍ଡିଆ ସାହିର ରଶ୍ମିତା ମୁଣ୍ଡାଙ୍କ ଆଜ୍‌ବେଷ୍ଟସ୍ ଘର କାନ୍ଥ ଭାଙ୍ଗି ଦେଇଛି । ଏଥି ସହ ଦନ୍ତା ଘର ଭିତରେ ଥିବା ଧାନ ଚାଉଳ ସବୁ ଖାଇଦେଇଛି । ଦନ୍ତା ଏବେ ମୂଷାଖୋରି ଗ୍ରାମ୍ୟ ଜଙ୍ଗଲରେ ଡେରା ପକାଇଥିବା ବନପାଳ ପିଅନ ନାଏକ କହିଛନ୍ତି ।

# ଦୀର୍ଘ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ଜାମରେ ଫସିଲା ୨ ଆମ୍ବୁଲାନ୍ସ : ରୋଗୀ ହନ୍ତସନ୍ତ

**ଚମ୍ପୁଆ (ଅମୃତ ମିଡିଆ):** ଚମ୍ପୁଆରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଟ୍ରାଫିକ ନିୟନ୍ତ୍ରଣରେ ଚମ୍ପୁଆ ପୋଲିସ ସମ୍ପୂର୍ଣ୍ଣ ବିଫଳ ହେଉଥିବା ଦେଖିବାକୁ ମିଳୁଛି । ବିଶେଷ କରି ଚମ୍ପୁଆ - ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ର ଟ୍ରାଫିକ ସମସ୍ୟା ଏବେ ଚମ୍ପୁଆ ଅଞ୍ଚଳରେ ଅସନ୍ତୋଷକୁ ପୁଞ୍ଜିଭୂତ କରୁଛି । ରାସ୍ତା ଜାମ ଏବେ ନିତିଦିନିଆ ଘଟଣା ଘଟିଥିବା ବେଳେ ରାସ୍ତା ଯାମ ଯୋଗୁଁ ଘଣ୍ଟା ଘଣ୍ଟା ଧରି ଆମ୍ବୁଲାନ୍ସ ଜାମ ରେ ଫସି ରହିବାପରି ଅଭାବନୀୟ ଘଟଣା ସାଧାରଣରେ ଅସନ୍ତୋଷକୁ ପୁଞ୍ଜିଭୂତ କରୁଛି । ଗତ କାଲି ସନ୍ଧ୍ୟା ରେ ରାସ୍ତା ଯାମ ରେ ଏକା ଥରକେ ଦୁଇଟି ଆମ୍ବୁଲାନ୍ସ ରାସ୍ତା ଯାମରେ ଦୀର୍ଘ ସମୟଧରି ଫସି ରହିବାରୁ ଆମ୍ବୁଲାନ୍ସ ରେ ଥିବା ରୋଗୀ ମାନେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଛି । ଖବର ଅନୁସାରେ ଗତକାଲି ରାତିରେ ଚମ୍ପୁଆସ୍ଥ ୨୦ ନମ୍ବର ଜାତୀୟ ରାଜପଥରେ ପ୍ରବଳ ଗାଡି ଜାମ ଯୋଗୁଁ ସାତକୁଟୁଣିଆ ଠାରେ ଦୁଇଟି ଆମ୍ବୁଲାନ୍ସ ଦୀର୍ଘ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଫସି ରହିବା କାରଣରୁ ରୋଗୀଙ୍କୁ ବହୁ ହନ୍ତସନ୍ତ ହେବାକୁ ପଡିଛି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି ।

ସୂଚନା ଯୋଗ୍ୟକି, ଚମ୍ପୁଆ -ରିମୁଳି ୨୦ ନମ୍ବର ଜାତୀୟ ରାଜପଥରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୁହା ପଥର ବୋଝେଇ ଟ୍ରକ, ଟ୍ରଲର ଆଦି ଯିବା ଆସିବା କରୁଥିବାବେଳେ କେବଳ ନୋଏଣ୍ଟ୍ରି ସମୟକୁ ଛାଡି ଦେଇ ଅନ୍ୟ ସମୟରେ ଟ୍ରକ ଗୁଡିକ ପ୍ରତି ପୋଲିସ ପ୍ରଶାସନର କୌଣସି ନିୟନ୍ତ୍ରଣ ରହୁ ନ ଥିବାରୁ କିଛି ବେପରୁଆ ଗାଡି ଚାଳକଙ୍କ ପାଇଁ ଛୋଟ, ବଡ଼ ଦୁର୍ଘଟଣା ଘଟିବା ସହିତ ପ୍ରାୟ ପ୍ରତିଦିନ ରାସ୍ତା ଜାମ ହେଉଥିବା ବେଳେ ସାଇକେଲ, ମୋଟରସାଇକେଲ, କାର ଆଦି ଛୋଟ ଗାଡି ଏବଂ ସାଧାରଣ ଯାତ୍ରୀଙ୍କ ସମେତ ଅନେକ ସମୟରେ ଆମ୍ବୁଲାନ୍ସ ଗୁଡିକ ମଧ ଘଣ୍ଟା ଘଣ୍ଟା ଧରି ଜାମରେ ଫସି ରହୁଛନ୍ତି । ଫଳରେ ରୋଗୀ ଠିକ ସମୟରେ ଆମ୍ବୁଲାନ୍ସ ସେବା ପାଇ ପାରୁ ନାହାନ୍ତି । ତେବେ ସ୍ଥାନୀୟ ପ୍ରଶାସନର ଅପାରଗତା ପାଇଁ ଚମ୍ପୁଆରେ ଏପରି ସମସ୍ୟା ବୃଦ୍ଧି ପାଉଥିବା କୁହାଯାଉଥିବା ବେଳେ ଏହାକୁ ନେଇ ଦିନକୁ ଦିନ ସାଧାରଣରେ ଅସନ୍ତୋଷ ପୁଞ୍ଜିଭୂତ ହେବାରେ ଲାଗିଛି । ତେଣୁ ଚମ୍ପୁଆରେ ଟ୍ରାଫିକ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

## ଟିକେଟ ନ ପାଇ ସୁନନ୍ଦା ଅସନ୍ତୁଷ୍ଟ

‘ମୋ ଟିକେଟ କାଟି ଜଣେ ଗୁଣ୍ଡା, ବଦମାସଙ୍କୁ ଟିକେଟ ଦିଆଯାଇଛି’-ସୁନନ୍ଦା



**ବରୀ (ଅମୃତ ମିଡିଆ):** ବିଜେଡି ଆଜି ଆଉ ୬ଟି ବିଧାନସଭା ଆସନ ପାଇଁ ଟିକେଟ ଘୋଷଣା କରିଛି । ସେଥିରୁ ୪ଟିରେ ବର୍ତ୍ତମାନର ବିଧାୟକଙ୍କ ଟିକେଟ କଟିଛି । ଆଉ ସେମାନଙ୍କ ମଧ୍ୟରେ ଅଛନ୍ତି ବରୀ ବିଧାୟିକା ସୁନନ୍ଦା ଦାସ । ତାଙ୍କ ବଦଳରେ ବିଜେଡି ଏଥର ଏହି ଆସନରୁ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି । ୨୦୧୯ରେ ସୁନନ୍ଦା ଦାସ ଯାହାଙ୍କୁ ହରାଇଥିଲେ ବିଜେଡି ଏବେ ତାଙ୍କୁ ପ୍ରାର୍ଥୀ କରିଛି । ୨୦୧୯ରେ ସୁନନ୍ଦାଙ୍କ ବିପକ୍ଷରେ ବିଜେପି ଟିକେଟରେ ନିର୍ବାଚନ ଲଢ଼ିଥିଲେ ବିଶ୍ୱରଞ୍ଜନ ମଲ୍ଲିକ । ସୁନନ୍ଦାଙ୍କଠାରୁ ସେ ୪ ହଜାରରୁ ଅଧିକ ଭୋଟରେ ହାରିଥିଲେ । ଦଳ ତାଙ୍କ ଟିକେଟ କାଟି ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଦେବା ପରେ କ୍ଷୁବ୍ଧ ହୋଇଛନ୍ତି ସୁନନ୍ଦା । ତାଙ୍କ ବିରୋଧରେ ଚକ୍ରାନ୍ତ କରାଯାଇ ଜଣେ ଗୁଣ୍ଡା ଓ ବଦ୍ ?ମାସଙ୍କୁ ପ୍ରାର୍ଥୀ କରାଯାଇଛି ବୋଲି ସେ କହିଛନ୍ତି ।

ସୁନନ୍ଦା କହିଛନ୍ତି, ଏକାଧିକ ଚକ୍ରାନ୍ତକାରୀ ମିଶି ମୋ ବିରୋଧରେ ଚକ୍ରାନ୍ତ କରି ମୋ ଟିକେଟ କାଟି ଦେଇଛନ୍ତି । ସେମାନଙ୍କ କଥା ଜଗନ୍ନାଥ ବୁଝିବେ । ତୃଣମୂଳ ସ୍ତରରୁ ରିପୋର୍ଟ ମୋ ସପକ୍ଷରେ ଥିଲା । କିନ୍ତୁ ଟିକେଟ କାଟିବାକୁ ବାରମ୍ବାର ରିପୋର୍ଟ ଦିଆଯାଇଥିଲା । କିଛି କିଛି ଦିନ ବ୍ୟବଧାନରେ ନୂଆ ନୂଆ ରିପୋର୍ଟ ମୋ ବିରୋଧରେ ଦିଆଯାଇଥିଲା । ୪୭ଟି ପଞ୍ଚାୟତରୁ ୩୨ ଜଣ ସରପଞ୍ଚ ଓ ୩୨ ଜଣ ସମିତି ସଭ୍ୟ ମୋ ସହିତ ଅଛନ୍ତି । କିନ୍ତୁ ରିପୋର୍ଟ ଦିଆଯାଇଛି ଯେ ମୋ ସପକ୍ଷରେ କମ୍ ସମିତି ସଭ୍ୟ ଓ ସରପଞ୍ଚ କମ୍ ଅଛନ୍ତି । ଏମିତିକି ସମିତି ସଭ୍ୟ ଓ ସରପଞ୍ଚମାନେ ମୋ ସପକ୍ଷରେ ଲିଖିତ ଭାବେ ଦେଇଥିଲେ ମଧ ମୋ ଟିକେଟ କଟା ଯାଇଛି । ମୁଖ୍ୟମନ୍ତ୍ରୀ ଯଦି ମୋ ରିପୋର୍ଟ ଟିକିନିକି ଦେଖିଥାନ୍ତେ, ତା’ହେଲେ କେବେ ଟିକେଟ କଟି ନଥା’ନ୍ତା ।

# ପ୍ରାର୍ଥିପତ୍ର ଦାଖଲ କଲେ ତାରା, ପ୍ରଦୀପ୍ତ, ପ୍ରଦୀପ ଓ ମାଳବିକା







ନବରଙ୍ଗପୁରର ବିଜେଡି ସାଂସଦ ପ୍ରାର୍ଥୀ ଭାବେ ଆଜି ପ୍ରଦୀପ ମାଝୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସେହିପରି ବିଜେପି ନେତ୍ରୀ ମାଳବିକା ଦେଓ ଜୟପୁରରୁ କଂଗ୍ରେସ ଟିକେଟରେ ବିଧାନସଭା ନିର୍ବାଚନ ଲଢୁଥିବା ତାରାପ୍ରସାଦ ବାହିନୀପତି ଆଜି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ନିଜ ସମର୍ଥକଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ଆସି ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ତାରା ବାହିନୀପତି । ତାପୂର୍ବରୁ ଅଧିଷ୍ଠାତ୍ରୀ ଦେବୀ ମା’ ଭଗବତୀଙ୍କ ଆଶୀର୍ବାଦ ନେଇ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ ତାରା ବାହିନୀପତି ।

ନାମାଙ୍କନ ଦାଖଲ ବେଳେ ତାଙ୍କ ସହ ଥିଲେ କୋରାପୁଟ କଂଗ୍ରେସ ସାଂସଦ ପ୍ରାର୍ଥୀ ସପ୍ତଗିରି ଉଲାକା । ରଜାନଗର ଛକରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ନାମାଙ୍କନ ଦାଖଲ କରିଥିଲେ ତାରା ବାହିନୀପତି । ନାମାଙ୍କନ ଦାଖଲ ସରିଥିବା ବେଳେ ଆଗକୁ ପ୍ରଚାର ସରଗରମ ହେବ । ଆସନ୍ତା ୩/୪ ତାରିଖରେ ରାୟଗଡ଼ା ଗସ୍ତରେ ଆସିବେ କଂଗ୍ରେସ ନେତା ରାହୁଲ ଗାନ୍ଧି ।

ନବରଙ୍ଗପୁରର ବିଜେଡି ସାଂସଦ ପ୍ରାର୍ଥୀ ଭାବେ ଆଜି ପ୍ରଦୀପ ମାଝୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଅ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସୋମବାର ଦିନ ୧୨ଟା ୧ ମିନିଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ପ୍ରଦୀପ । ବିନା ଶୋଭାଯାତ୍ରାରେ କେବଳ ନିଜ ସମର୍ଥକଙ୍କ ଗହଣରେ ଆସି ପ୍ରଦୀପ ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ପୂର୍ବରୁ ଗତ ୧୮ ତାରିଖ ଦିନ କଂଗ୍ରେସ ସାଂସଦ ପ୍ରାର୍ଥୀ ଭୁଜବଳ ମାଝୀ ନିଜର ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଆଜି ବିଜେଡି ତରଫରୁ ପ୍ରଦୀପ ମାଝୀ ନାମାଙ୍କନ ଦାଖଲ କରିଛନ୍ତି ।

କଳାହାଣ୍ଡି ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ମାଳବିକା ଦେଓ । ଭବାନୀପାଟଣାରେ ଜିଲ୍ଲାପାଳଙ୍କ ଅଫିସ୍ ରେ ନାମାଙ୍କନ ଦାଖଲ କରିଛନ୍ତି ମାଳବିକା । ମା’ ମାଣୀକେଶ୍ୱରୀ ମନ୍ଦିରରୁ ବିଶାଳ ଶୋଭାଯାତ୍ରାରେ ଆସିଥିଲେ । ତାଙ୍କ ସହ ଭବାନୀପାଟଣା ବିଧାନସଭା ପାଇଁ ବିଜେପି ପ୍ରାର୍ଥୀ ପ୍ରଦୀପ୍ତ ନାଏକ ବି ନାମାଙ୍କନ ଦାଖଲ କରିଛନ୍ତି । ସେହିପରି ବିଜେଡି ଲୋକସଭା ପ୍ରାର୍ଥୀ ଲମ୍ବୋଦର ନିଆଲ, ଭବାନୀପାଟଣା ବିଜେଡି ବିଧାନସଭା ପ୍ରାର୍ଥୀ ଲଳିତା ନାଏକ ବି ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି ।

# ୧୮ ଇଞ୍ଜିନିୟରିଂ ଛାତ୍ରଙ୍କୁ ଜଣ୍ଡିସ୍



**କେନ୍ଦୁଝର (ଅମୃତ ମିଡିଆ):** କେନ୍ଦୁଝର ଜିଲା ସରକାରୀ ଇଞ୍ଜିନିୟରିଂ କଲେଜ ଛାତ୍ରାବାସରେ ରହୁଥିବା ଛାତ୍ରଙ୍କୁ ଜଣ୍ଡିସ ବ୍ୟାପୁଥିବା ଘଟଣା ଆଲୋଚ୍ୟର ବିଷୟ ହୋଇଛି । ବର୍ତ୍ତମାନ ସୁଦ୍ଧା ପାଖାପାଖି ୧୮ ଜଣଙ୍କୁ ଜଣ୍ଡିସ ହୋଇଥିବା ଜଣାପଡ଼ିଛି । ଜଣ୍ଡିସରେ ଆକ୍ରାନ୍ତ ହେବା ପରେ ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ପରେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ପରିବାର ଲୋକ ଚିକିତ୍ସା ପାଇଁ ଘରକୁ ନେଇଯାଇଥିବା ବେଳେ କେତେଜଣ ହଷ୍ଟେଲରେ ରହି ଚିକିତ୍ସିତ ହେଉଥିବା ଜଣାପଡ଼ିଛି । କେଉଁ କାରଣରୁ ଜଣ୍ଡିସ ବ୍ୟାପିଛି ଜଣାପଡି ନ ଥିଲେ ହେଁ ମଇଳା ପାଣି ପାଇଁ ବ୍ୟାପିଥିବା ଆଶଙ୍କା କରାଯାଉଛି ।

ସୂଚନା ଅନୁଯାୟୀ, କିଛି ଦିନ ତଳେ ଛାତ୍ରାବାସରେ ଜଣେ ଛାତ୍ରଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାରୁ ପରୀକ୍ଷା ପରେ ଜଣ୍ଡିସ୍ ହୋଇଥିବା ଜଣାପଡ଼ିଥିଲା । ପରେ ଅନ୍ୟ ୧୭ ଜଣ ଜଣ୍ଡିସରେ ଆକ୍ରାନ୍ତ ହୋଇ ଅସୁସ୍ଥ ମନେ କରିଥିଲେ । ଖବର ପାଇ ଶୁକ୍ରବାର ଜିଲା ମୁଖ୍ୟ ଡାକ୍ତରଖାନାର ଏକ ଡାକ୍ତରୀ ଟିମ୍ ପିଲାମାନଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ବିଭିନ୍ନ ସ୍ଥାନରୁ ବ୍ୟବହାର କରୁଥିବା ପାଣି ନମୁନା ସଂଗ୍ରହ କରି ଯାଞ୍ଚ କରିଥିବା ଜଣାପଡ଼ିଛି । ଏ ନେଇ ଅଧକ୍ଷ ତ୍ରିଲୋଚନ ସାହୁ କହିଛନ୍ତି, ଜଣ୍ଡିସ ବ୍ୟାପିବାର କାରଣ ଜଣାପଡ଼ିନାହିଁ । ତେବେ ମେଡିକାଲ ଟିମ୍ ରକ୍ତ ଓ ପାଣି ନମୁନା ଯାଞ୍ଚ କରିବାକୁ ନେଇଛନ୍ତି । କଲେଜ ପକ୍ଷରୁ ମଧ ପାଣି ନମୁନା ଯାଞ୍ଚ ପାଇଁ ଭୁବନେଶ୍ୱର ସ୍ଥିତ ଲାବୋରଟୋରିକୁ ପଠାଯାଇଛି । କେତେ ଜଣ ପିଲା ତାଙ୍କ ଅଭିଭାବକଙ୍କ ସହିତ ଘରକୁ ଯାଇ ଚିକିତ୍ସିତ ହେଉଥିବା ବେଳେ ଅନ୍ୟମାନେ ହଷ୍ଟେଲରେ ରହି ଚିକିତ୍ସିତ ହେଉଛନ୍ତି । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ଖବର ପାଇବା ପରେ ଡାକ୍ତରୀ ଟିମ୍ ଯାଇ ପିଲାମାନେ ବ୍ୟବହାର କରୁଥିବା ପାଣିର ୪ ସ୍ଥାନରୁ ନମୁନା ସଂଗ୍ରହ କରି ଯାଞ୍ଚ କରାଯାଉଛି । ସେହିପରି ହଷ୍ଟେଲରେ ଥିବା ୧୨ ପିଲାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଯାଞ୍ଚ କରାଯାଇଥିଲା । ଗୋଟିଏ ପିଲାର ହେପାଟାଇଟିସ ଏ ପଜିଟିଭ ବାହାରିଛି । ଅନ୍ୟ ୬ ଜଣଙ୍କ ଜଣ୍ଡିସ୍ ପଜିଟିଭ ବାହାରିଥିବା ବେଳେ ଅନ୍ୟ ୫ ଜଣଙ୍କ ରକ୍ତ ନମୁନା ଠିକ୍ ରହିଛି । ପାଣି ନମୁନା ମଧ ଠିକ୍ ରହିଛି । ପରିସ୍ଥିତି ଉପରେ ନଜର ରଖାଯାଇଛି । ନିୟମିତ ଯାଞ୍ଚ କରାଯିବ । ସେହିପରି ପାଣି ନମୁନାରେ ସେଭଳି କିଛି ବାହାରି ନାହିଁ ବୋଲି ସେ କହିଛନ୍ତି ।

# ବାଲିଗୁଡାରେ ବିଜେପି ସାଂସଦ ପ୍ରାର୍ଥୀଙ୍କ ଶୋଭାଯାତ୍ରା



**ବାଲିଗୁଡା (ଅମୃତ ମିଡିଆ):** ବାଲିଗୁଡା ଦଣ୍ଡପଦର ଠାରୁ ଶତାଧିକ ବିଜେପି କର୍ମୀ ବାଇକ ଶୋଭାଯାତ୍ରା ରେ ବାହାରି ସହର ପରିକ୍ରମା କରିବା ସହ ସ୍ଥାନୀୟ ହନୁମାନ ମନ୍ଦିର ନିକଟରେ ପହଂଚି ଥିଲେ । ପରେ ଜିଲ୍ଲା ବିଜେପି ସଭାପତି ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ଆୟୋଜିତ ବୁଥ ବିଜୟ ସମାବେଶ ରେ ଯୋଗ ଦେଇଥିଲେ ବିଜେପି କର୍ମୀ । ଏହି ବୁଥ ବିଜୟ ସମାବେଶ ରେ ବାଲିଗୁଡା ନିର୍ବାଚନ ମଣ୍ଡଳୀର ଚାରି ଗୋଟି ବ୍ଲକ ର ଦଳୀୟ କର୍ମୀ ସାମିଲ ହୋଇଥିଲେ । ଆୟୋଜିତ ସମାବେଶ ରେ ବିଜେପି ସାଂସଦ ପାର୍ଥି ସୁକାନ୍ତ ପାଣିଗ୍ରାହୀ ଓ ବାଲିଗୁଡା ବିଧାୟିକା ପାର୍ଥୀନୀ କଳ୍ପନା କଂହରଙ୍କୁ ବିପୁଳ ମାତ୍ରା ରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଆହ୍ୱାନ ଦେଇଛି ବିଜେପି । ଏହି ବୁଥ ବିଜୟ ସମାବେଶରେ ଜିଲ୍ଲା ବିଜେପି ସଭାପତି ଜଗନ୍ନାଥ ସାହୁ, କନ୍ଧମାଳ ଲୋକସଭା ସଂଯୋଜକ ପଦ୍ମ ଚରଣ ଦାସ, ପ୍ରଭାରୀ ନିରଞ୍ଜନ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ରହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗରିବୀ କଲ୍ୟାଣ ଯୋଜନା ଓ ବିକଶିତ ଭାରତ ଗଠନ ଆଭିମୁଖ୍ୟ ନେଇ ଜନତାଙ୍କ ଆସ୍ଥାଭାଜନ ହୋଇ ସାଧାରଣ ନିର୍ବାଚନ ଲଢ଼ିବ ବୋଲି ବିଜେପି ପକ୍ଷରୁ କୁହାଯାଇଛି ।

## ଲକ୍ଷ୍ମୀପୁର ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ପବିତ୍ରଙ୍କ ନାମାଙ୍କନପତ୍ର ଦାଖଲ



**କୋରାପୁଟ (ଅମୃତ ମିଡିଆ):** ଲକ୍ଷ୍ମୀପୁର ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ପବିତ୍ର ସାଉଁତା କୋରାପୁଟ ଅତିରିକ୍ତ ଜିଲାପାଳ ଲଗ୍ନଜିତ୍ ରାଉତଙ୍କଠାରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି । ଏହି ଅବସରରେ କୋରାପୁଟ ଲୋକ ସଭା ଆସନର କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଉଲାକାଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ ।

# ସ୍କୁଲରେ କଳାକନା ବୁଲାଇଲେ ଦୁର୍ବୃତ୍ତ
## ତାଲା ଭାଙ୍ଗି ସ୍କୁଲରୁ ଲୁଟିନେଲେ ଏଲ୍‌ଇଡି ଟିଭି



**ବସ୍ତା (ଅମୃତ ମିଡିଆ):** ବସ୍ତା ଥାନା ଅଞ୍ଚଳରେ ରହିଛି ଗୋବରଘୋଟି ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ରବିବାର ବିଳମ୍ବିତ ରାତିରେ ବିଦ୍ୟାଳୟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଲେ ।

ରାତିରେ ସ୍କୁଲରେ କଳାକନା ବୁଲାଇଲେ । ତାଲା ଭାଙ୍ଗି ସ୍କୁଲରୁ ଏଲ୍‌ଇଡି ଟିଭି ଓ ବହୁ ଖେଳ ସାମଗ୍ରୀ ଲୁଟିନେଲେ ଦୁର୍ବୃତ୍ତ । ଯାହାର ଆନୁମାନିକ ମୂଲ୍ୟ ସାଢ଼େ ୪ ଲକ୍ଷ ଟଙ୍କା ହେବ । ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଞ୍ଚଳରୁ ଆସିଛି ଏପରି ଅଭିଯୋଗ ।

ବସ୍ତା ଥାନା ଅଞ୍ଚଳରେ ରହିଛି ଗୋବରଘୋଟି ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ରବିବାର ବିଳମ୍ବିତ ରାତିରେ ବିଦ୍ୟାଳୟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଲେ । ଯେଉଁଥିରେ ରହିଛି ଏଲଇଡି ଟିଭି ଓ ମୂଲ୍ୟବାନ ଖେଳ ସାମଗ୍ରୀ । ଚୋରି ହୋଇଥିବା ସାମଗ୍ରୀର ମୂଲ୍ୟ ସାଢ଼େ ୪ ଲକ୍ଷ ଟଙ୍କା ହେବ ବୋଲି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି ।

# ବେଆଇନ ଗଞ୍ଜେଇ ଚୋରା ଚାଲାଣ



**ବାଲିଗୁଡା (ଅମୃତ ମିଡିଆ):** ବେଆଇନ ଗଞ୍ଜେଇ ଚୋରା ଚାଲାଣ ବେଳେ ବାଲିଗୁଡା ପୋଲିସକୁ ମିଳିଛି ବଡ଼ ଧରଣର ସଫଳତା । ବାଲିଗୁଡା ଥାନା ଇର୍ପିଗୁଡା ଗାଁ ନିକଟରେ ଥିବା ଜଙ୍ଗଲ ରେ ବଡ଼ ଧରଣର ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ବେଳେ ମାଡି ବସିଲା ବାଲିଗୁଡା ପୋଲିସ । ବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ ଚଢ଼ଉ କରି ଗଞ୍ଜେଇ ମାଫିଆଙ୍କ ସବୁ ଯୋଜନାକୁ ପଣ୍ଡ କରିଛି ପୋଲିସ । ଇର୍ପିଗୁଡା ଗାଁ ନିକଟସ୍ଥ ଜଙ୍ଗଲରୁ ୪୦ କୁଇଣ୍ଟାଲ ଗଞ୍ଜେଇ ସହ ୫ ଟି ଦେଶୀ ବନ୍ଧୁକ ଜବତ କରିଛି ବାଲିଗୁଡା ପୋଲିସ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବା ସୂଚନା ଦେଇଛନ୍ତି ବାଲିଗୁଡା ଏସ.ଡ଼ି.ପି.ଓ ରାହୁଲ ଗୋଏଲ । ତେବେ ପୋଲିସର ଚଢ଼ାଉ ସମୟରେ ବନ୍ଧୁକ ଓ ଗଂଜେଇ ଛାଡି ଫେରାର ହେବା ରେ ସକ୍ଷମ ହୋଇଛନ୍ତି ଗଂଜେଇ ମାଫିଆ ।

# ପିଇବାପାଣିର ଘୋର ଅଭାବ ଯୋଗୁଁ ଲୋକେ ଡହଳ ବିକଳ



**କାଏମା (ଅମୃତ ମିଡିଆ):** ସରକାର ଲୋକଙ୍କ ସର୍ବନିମ୍ନ ମୌଳିକ ସମସ୍ୟାରେ ସୁଧାର ଆଣିବାକୁ ଅହରହ ପ୍ରଚେଷ୍ଟା କରିଆସୁଛନ୍ତି । ମାତ୍ର କେତେଜଣ ଅଧିକାରୀଙ୍କ ଅପାରଗତା କାରଣରୁ ଧର୍ମଶାଳା ବ୍ଲକରେ ପାନୀୟ ଜଳ ଯୋଗାଣ ପାଇଁ ନିର୍ମିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଏଯାବତ୍ ଶେଷ ହୋଇ ପାରିନାହିଁ । ଫଳରେ ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗରମରେ ଗାଁରେ ପିଇବା ପାଣିର ଅଭାବ ଲୋକଙ୍କୁ ଡହଳ ବିକଳ କରୁଛି । ଧର୍ମଶାଳା ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ଯୋଜନା ବିଫଳ ହୋଇଥିବା ଏହି ଜଳ କଷ୍ଟ ପ୍ରମାଣ କରୁଛି । ସବୁ ସ୍ଥାନରେ କାମ ଅଧା ହୋଇ ପଡ଼ିରହିଛି । ଘରେ ଘରେ ପିଇବା ପାଣି ଯୋଗାଇ ଦେବା ନିମନ୍ତେ ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତର ବ୍ରାହ୍ମଣୀ ନଦୀ କୂଳରେ ଏକ ବୃହତ ପାନୀୟ ଜଳ ପ୍ରକଳ୍ପର ବ୍ୟବସ୍ଥା କରାଯାଇଛି । ୨୧୪କୋଟି ଟଙ୍କା ବ୍ୟୟ ବରାଦରେ ୨୦୧୯ରୁ କାର୍ଯ୍ୟ ଆରମ୍ଭ କରି ୨୦୨୨ ସୁଦ୍ଧା କାର୍ଯ୍ୟ ଶେଷ କରିବା ପାଇଁ ଠିକା ସଂସ୍ଥା ସମୟ ନେଇଥିଲା । ହେଲେ କାମ ଶେଷ ନ ହେବାରୁ ଠିକାସଂସ୍ଥା ପୁଣି ସମୟ ବଢ଼ାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଜଳ କଷ୍ଟସୀମା ଟପିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

ବ୍ରାହ୍ମଣୀ ନଦୀରୁ ପାଣିକୁ ବିଶୁଦ୍ଧ କରି ପାଖାପାଖି ୪୦ ପଞ୍ଚାୟତରେ ନିର୍ମିତ ଟାଙ୍କୀକୁ ପାଣି ପହଞ୍ଚାଇବା ପାଇଁ ୫ ବର୍ଷରୁ ଅଧିକ ସମୟ ହେଲା କାମ ଆରମ୍ଭ ହୋଇଥିଲେ ବି କୋଉଠି ବି ସମ୍ପୂର୍ଣ୍ଣ ଭାବେ ଶେଷ ହୋଇନାହିଁ । କିଛି ସ୍ଥାନରେ ପାଇପ ବିଛା ଯାଇଥିଲା । ସେ ସବୁ ପାଣି ଆସିବା ପୂର୍ବରୁ ଅନେକ ସ୍ଥାନରେ ଫୁଟିଗଲାଣି । ଘରକୁଘର ପାଣି ପାଇପ ସଂଯୋଗ କରିବାର ବ୍ୟବସ୍ଥା ଥିଲେ ବି ସେ ସବୁ ସମ୍ପୂର୍ଣ୍ଣ ରୁପେ ସଂଯୋଗ କରାଯାଇନାହିଁ । କାହା ଘରକୁ ପାଇପ ଲାଇନ ପହଞ୍ଚିଛି ଆଉ ତ କାହା ଘରଠୁ ଅନେକ ଦୂରରେ ପାଇପ ପଡ଼ିରହିଛି । ଆଉ କିଛି ସ୍ଥାନରେ ପୂର୍ବରୁ ଛୋଟ ବଡ଼ ପାଣି ପ୍ରକଳ୍ପଗୁଡ଼ିକ ମଧ ଦେଖା ରଖା ଅଭାବରୁ ତାହା ଗୋଟିଏ ପରେ ଗୋଟିଏ ଅଚଳ ହେବାରେ ଲାଗିଛି । ଆଉ କେଉଁଠି ପାଣି ବାହାରୁଛି କିନ୍ତୁ ପିଇବା ଅନୁପଯୋଗୀ ଥିବା ଦେଖାଦେଇଛି । ବ୍ଲକ ଅନ୍ତର୍ଗତ ଦେଓଦା ପଞ୍ଚାୟତ ଖପରାଡିଅ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ପରିବାର ଏକ ଖୋଲା କୂଅ ପାଣି ବ୍ୟବହାର କରୁଛନ୍ତି । ଖୋଲା କୂଅ ପାଣି ପିଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେଉଥିଲେ ବି ବିଶୁଦ୍ଧ ପାଣି ଅଭାବରୁ ଜୀବନ ବଞ୍ଚାଇବା ପାଇଁ ସେମାନେ ଏହାକୁ ବ୍ୟବହାର କରୁଛନ୍ତି ।

ଖାଲି ଏତିକି ନୁହେଁ ଖରା ଦିନେ ରାତି ଦୁଇଟାରୁ ସେଠାରେ ଲମ୍ବା ଧାଡ଼ି କରି ଅପେକ୍ଷା କରି ବାକୁ ପଡୁଛି । ଏହି ଗ୍ରାମକୁ ପାଇପ ଲାଇନ ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ସେଥିରୁ ବହାରୁ ଥିବା ପାଣି ପିଇବା ଉପଯୁକ୍ତ ନୁହେଁ । ପାଣି ଗୋଳିଆ ହେବା ସହ କିଛି ସମୟ ରଖିଲେ ହଳଦିଆ ରଙ୍ଗର ଏକ ଆବରଣ ପଡ଼ିଯାଉଛି । ରୋଷେଇ ପାଇଁ ମଧ ସେ ପାଣିକୁ ବ୍ୟବହାର କରି ହେଉନାହିଁ ।

ସେହିପରି ବଡ଼କାଏମା ପଞ୍ଚାୟତର ଅନେକ ଗାଁ ସ୍ୱଚ୍ଛପାନୀୟ ଜଳ ସୁବିଧାରୁ ବଞ୍ଚିତ ରହିଛି । ଏହି ପଞ୍ଚାୟତକୁ ସ୍ୱଚ୍ଛ ପାନୀୟଜଳ ସୁବିଧା କରାଯାଇଥିଲା । ବର୍ତ୍ତମାନ ସେହି ଗ୍ରାମଗୁଡ଼ିକ ମଧ୍ୟରୁ ସେରପୁର, ସେରପୁର ଦଳିତସାହି, ଡିଗିରିପଡିଆ, ଗୋଗଳ, କାଏମା ବଜାର, ବେହେରା ସାହି, ମହଲା ସାହି, ଲକ୍ଷ୍ମୀ ସାହି, ଜାନକୀନଗର, ଖର୍ଡାସାହି ଆଦି ଅନେକ ଗାଁକୁ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା ପହଞ୍ଚି ପାରିନାହିଁ । କିଛି ସ୍ଥାନରେ ଟ୍ୟାପ ଆଦିର ଚିହ୍ନ ବର୍ଣ୍ଣ ଦେଖିବାକୁ ମିଳୁନାହିଁ । ଶୁଣିବାକୁ ମିଳୁଛି ଠିକାଦାର କାମ କଲାବେଳେ ଅତ୍ୟନ୍ତ ନିମ୍ନମାନର ଉପକରଣ ବ୍ୟବହାର କରିଥିବାରୁ ଏହା ଅଳ୍ପ ଦିନ ମଧ୍ୟରେ ଅନେକ ସ୍ଥାନରେ ପାଇପଗୁଡ଼ିକ ଫାଟି ଯାଇଥିଲା । ପରେ ଦୁର୍ନୀତି ଢାଙ୍କିବାକୁ ଫଟା ପାଇପକୁ ବଦଳାଇ ଦିଆଯାଇଥିଲା । ଏହାପରେ ଅନେକ ସ୍ଥାନରୁ ପାଇପ୍ ମଧ ଚୋରି ହୋଇଯାଇଛି । ଏହା ଉପରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗମୀ ଦିନରେ ଆନ୍ଦୋଳନ ମୁଣ୍ଡଟେକିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି । ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

**ପ୍ରଶାସନର ଦୃଷ୍ଟିପଡୁ**



## ଚିଫ୍ ଇଞ୍ଜିନିୟରଙ୍କ ଘର ଓ ସ୍ମଶାନକୁ ସଂଯୋଗ ହେଲା ରାସ୍ତା

# ନରୁଆ ତୁଳଙ୍ଗ ରାସ୍ତା ମରଣଯନ୍ତା



**କୁଜଙ୍ଗ(ଅମୃତ ମିଡିଆ) :** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇବ୍ରିସିଂ ପଞ୍ଚାୟତ ର ମନିଜଙ୍ଗା ଏରସମା କୃତ ବିଭାଗ ରାସ୍ତା ଠାରୁ ବଡିଲୋ ଗ୍ରାମକୁ ଲାଗିଥିବା ରାସ୍ତା ରେ ପ୍ରାୟ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଏକ ନୂତନ ରାସ୍ତା ଆର ଡି ବିଭାଗ ତରଫରୁ ନିର୍ମାଣ ହୋଇଛି , ଯାହାକି ଏମିତି ରାସ୍ତା ହୋଇଛି ଯେ ତିର୍ତ୍ତୋଲ ବ୍ଲକରେ ଏହା ପ୍ରଥମ ବୋଲି ବୁଦ୍ଧିଜୀବୀ ମହଲରେ ଅନୁମାନ କରାଯାଉଛି । କାରଣ ସେ ହେଉଛି ସେହି ଗ୍ରାମ ର ଜଣେ ଗ୍ରାମ୍ୟ ଓ ରାସ୍ତା ବିଭଗର ଉପରିସ୍ତ ଅଧିକାରିଙ୍କ ନିଜସ୍ୱ ଜନ୍ମ ମାଟି । କିନ୍ତୁ ଦୁଃଖ ପରିତାପର ବିଷୟ ସେଇଠୁ ଅଧ କିଲୋମିର ଦୁର ନରୁଆ ଛକ ଠାରୁ ଆରମ୍ଭ ହୋଇଥିବା ତୁଳଙ୍ଗ ବାଟ ଦେଇ ମା ଶାରଳାଙ୍କ ପାଖକୁ ଦୈନିକ ହଜାର ହଜାର ଲୋକ ଯାତାୟତ କରନ୍ତି । ଦୁଖର ବିଷୟ ସେହି ଆର୍ଡି ରାସ୍ତାକୁ ଟିକେ ମରାମତି କରିବାକୁ କାହାର ନଜର ପଡୁନି। ଏହି ଅସୁବିଧା ପାଇଁ ପ୍ରାୟ ବହୁ ଲୋକ ଦୁର୍ଘଟଣା ର ମଧ୍ୟ ଶିକାର ହେଉଛନ୍ତି । କିନ୍ତୁ ପ୍ରଶାସନ ର ଏହା ଉପରେ ନଜର ନାହିଁ । ଏଠି ସଧାରଣ ଲୋକଙ୍କ ମଧରେ ଆଲୋଚନା ହେଉଛି ଯେ ଗୋଟିଏ ନିଜସ୍ୱ ଗ୍ରାମ ପାଇଁ ଚିଫ ଇଂଜିନିୟର ନିଜେ କୋଟି କୋଟି ଟଙ୍କା ବ୍ୟୟ ବରାଦ କଲେ କିନ୍ତୁ ନିଜ ଘର ପାଖରେ ଥିବା ନରୁଆ ରୁ ମୁଲିଶିଂ ରାସ୍ତା ଉପରେ ମହାଶୟ ଙ୍କ କେବେ ନଜର ପଡିଛି ଦେଖିବାକୁ ବାକି ରହିଲା ।

# ଚିନ୍ତା ବଢ଼ାଇଛି ଫ୍ଲୋରାଇଡ୍‌ମିଶା ପାଣି

## କିଡ୍‌ନୀ ରୋଗ ନେଲାଣି ଶତାଧିକ ମୁଣ୍ଡ

**କଳାହାଣ୍ଡି(ଅମୃତ ମିଡିଆ) :** କଳାହାଣ୍ଡି ଜିଲ୍ଲାରେ ଭୂତଳ ଜଳ ଏବେ ମଣିଷ ପାଇଁ ଜହର ପାଲଟିଛି । ଫ୍ଲୋରାଇଡମିଶା ପାଣି ପ୍ରଭାବରେ କିଡ଼ନି ରୋଗ ବଢିବାରେ ଲାଗିଛି । ଏହି ରୋଗରେ ଆଜି ପର୍ଯ୍ୟନ୍ତ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି । ଏମିତି ସ୍ଥିତିରେ ଫ୍ଲୋରାଇଡ୍ ମିଶା ପାଣି ବାହାରୁଥିବା ୧୪ରୁ ଅଧିକ ଗାଁରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବୃନ୍ଦାବାହାଲ, ବୈଜଲପୁର, ଡୁମେରବାହାଲ, ଲିମସେର, ଚପରିଆ, ଟିଙ୍ଗିପଦର, ତୁରେଛଡ଼ା, ଧାମନପୁର, ସୁକନିମୁଣ୍ଡା, କୁରେଇସିନି, ଗିରିଶୁଲ, ଅମ୍ଳୀ ପଦର, ଅନ୍ତର୍ଲା, ବାଗମୁଣ୍ଡା ସମେତ ୧୪ରୁ ଅଧିକ ଗାଁରେ ଫ୍ଲୋରାଇଡ୍ ଯୁକ୍ତ ପାଣି ଯୋଗୁଁ ଭୂତଳ ଜଳ ପାନୀୟ ଉପଯୋଗୀ ହୋଇପାରୁନାହିଁ ଇତିମଧରେ କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ବୃନ୍ଦାବାହାଲରେ ୫୦, ବାଗମୁଣ୍ଡା ଗାଁରେ ୨୦ ସମେତ ଗୋଲାମୁଣା ବ୍ଲକ୍‌ରେ ୧୦୦ ରୁଅଧିକ ଲୋକ ପ୍ରାଣ ହରାଇଛନ୍ତି । ଗୋଲାମୁଣ୍ଡା ବ୍ଲକ୍ ଲେତେର ପଞ୍ଚାୟତର ବାଗମୁଣ୍ଡା ଗାଁର ଜଜସନ ମାଝୀ (୫୨), ତ୍ରିଲୋଚନ ମାଝୀ (୫୫), ଟେହେକା ତାଣ୍ଡି(୬୦) ଓ ତାଙ୍କ ପତ୍ନୀ ଏବଂ ଦୁକୁ ମାଝୀ (୬୨)ଙ୍କ ସମେତ ବହୁ ଲୋକଙ୍କ ଏହି କାରଣରୁ ମୃତ୍ୟୁ ଘଟିଛି । ଫ୍ଲୋରାଇଡ୍ ମିଶା ପାଣି ପ୍ରଭାବରେ କିଡ୍‌ନି ରୋଗ ବ୍ୟାପୁଥିବା କୁହାଯାଇଛି । ଫ୍ଲୋରାଇଡ୍ ପାଣି ଜନିତ ସମସ୍ୟା ନେଇ ରାଜ୍ୟ ସରକାରଙ୍କୁ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ ଏପର୍ଯ୍ୟନ୍ତ ଠୋସ୍ ପଦକ୍ଷେପ ନିଆଯାଇ ନାହିଁ । ବୃନ୍ଦାବାହାଲ, ଚପରିଆ, ବାଗମୁଣ୍ଡା ଭଳି କିଛି ଅଞ୍ଚଳରେ ନଦୀରୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ମଧ ବହୁ ପ୍ରକଳ୍ପଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି ।ନିର୍ବାଚନ ଆସିଲେ ରାଜନେତା ମାନଙ୍କୁ ଫ୍ଲୋରାଇଡ୍ ପାଣି ଚିନ୍ତା ଘାରେ । କିନ୍ତୁ,ଭୋଟ୍ ସରିଲେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ନେଇ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଏ । ତୁରନ୍ତ ରାଜ୍ୟ ସରକାର ଫ୍ଲୋରାଇଡ୍ ଅଞ୍ଚଳ ପାଇଁ ଠୋସ୍ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି ।

# ORHDC ଦୁର୍ନୀତି ମାମଲାରେ ଘୁଞ୍ଚିଲା ଶୁଣାଣି



**କଟକ(ବ୍ୟୁରୋ) :** ଓଡ଼ିଶା ରୁରାଲ ହାଉସିଂ ଡେଭଲପମେଣ୍ଟ କର୍ପୋରେସନରେ ଦୁର୍ନୀତି ନେଇ ସୁପ୍ରିମକୋର୍ଟରେ ଶୁଣାଣି ଘୁଞ୍ଚିଲା । ବେଞ୍ଚ ନିର୍ଦ୍ଦେଶ ଦେଲେ ଆସନ୍ତା କାଲି ହେବ ଶୁଣାଣି । କାଲି ସୁପ୍ରିମକୋର୍ଟରେ କଟକ-ବାରବାଟୀ ବିଧାୟକଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ ହେବ । ୨୦୨୪ ନିର୍ବାଚନ ମୋକିମ୍ ଲଢ଼ି ପାରିବେ କି ନାହିଁ ସର୍ବୋଚ୍ଚ ଅଦାଲତଙ୍କ ଫୈସଲାରୁ ସ୍ପଷ୍ଟ ହେବ । ଓଡ଼ିଶା ରୁରାଲ ହାଉସିଂ ଡେଭଲପ୍‌ମେଣ୍ଟ କର୍ପୋରେସନ ବା ORHDC ଦୁର୍ନୀତି ମାମଲାରେ ଅପ୍ରେଲ ୧୦ ତାରିଖରେ କଟକ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ମହମ୍ମଦ ମୋକିମ୍ । ଗତ ମଙ୍ଗଳବାର ଅଦାଲତ ଏହି ମାମଲାର ଶୁଣାଣି କରି ମୋକିମଙ୍କ ଆତ୍ମସମର୍ପଣ ନିର୍ଦ୍ଦେଶ ଉପରେ ୨୨ ତାରିଖ ପର୍ଯ୍ୟନ୍ତ ରୋକ୍ ଲଗାଇଥିଲେ । ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ପି.ଏସ ନରସିଂହାଙ୍କ ଡବଲ ବେଞ୍ଚ୍ ଖଣ୍ଡପୀଠ ଶୁଣାଣି କରିବେ । ପୂର୍ବରୁ ORHDC ଦୁର୍ନୀତି ମାମଲାରେ ମହମ୍ମଦ ମୋକିମଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ ଭିଜିଲାନ୍ସ କୋର୍ଟ । ଉକ୍ତ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ବାରବାଟୀ ବିଧାୟକ । ହେଲେ ମହମ୍ମଦ ମୋକିମ୍‌ଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରି ନିମ୍ନ ଅଦାଲତଙ୍କ ରାୟକୁ ହାଇକୋର୍ଟ କାଏମ ରଖିଥିଲେ । ତେବେ ଏହା ବିରୋଧରେ ମହମ୍ମଦ ମୋକିମ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ୨୨ ତାରିଖରେ ମୋକିମଙ୍କ ଆତ୍ମସମର୍ପଣ ମାମଲାରେ କୋର୍ଟ ରୋକ୍ ଲଗାଇଥିଲେ । ମଙ୍ଗଳବାର ORHDC ଦୁର୍ନୀତି ମାମଲାର ଶୁଣାଣି କରିବେ ସର୍ବୋଚ୍ଚ ଅଦାଲତ ।

# ଅନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ

**ବାରିପଦା/କରଞ୍ଜିଆ(ଅମୃତ ମିଡିଆ) :** ପ୍ରତ୍ୟେକ ବର୍ଷ ଏପ୍ରିଲ ମାସ ୨୧ ତାରିଖକୁ ଆନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ଭାବେ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ନିଜ ନିଜ ଦେଶର ଜନନାୟକ ମାନଙ୍କ ପ୍ରତି ସମ୍ମାନ ଜଣାଇ ଦେଶର ବିଭିନ୍ନ ସ୍ଥାନରେ ଥିବା ସେମାନଙ୍କର ପ୍ରତିମୂର୍ତ୍ତି ଗୁଡ଼ିକୁ ସଫା ସୁତୁରା କରିବା ଏବଂ ସେଗୁଡ଼ିକର ସଂରକ୍ଷଣ କରିବା । ଏହି ପରିପ୍ରେକ୍ଷୀରେ କରଞ୍ଜିଆ ପୌରାଞ୍ଚଳ ଠାରେ ସାମାଜିକ ସଂଗଠନ ମୋ କରଞ୍ଜିଆ, ଶ୍ରୀ ସଂକଳ୍ପ, ବରିଷ୍ଠ ନାଗରିକ ସଂଘ, ସାମ୍ବାଦିକ ବନ୍ଧୁ, ପ୍ରାଥମିକ ଶିକ୍ଷକ ସଂଘ,ଶୁଭ ଶଙ୍ଖ ସାହିତ୍ୟ ଅନୁଷ୍ଠାନ,କରଞ୍ଜିଆ ଗୋଲେଇ ଛକ ପୂଜା କମିଟି ଓ କରଞ୍ଜିଆ ସାହିତ୍ୟ ସଂସଦ ମିଳିତ ସହଯୋଗରେ ଏହି ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାନେତ୍ରୀ ସବିତା ମହାନ୍ତି, ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ସର୍ବେଶ୍ୱର ମିଶ୍ର, ସଂଗଠନ ସମ୍ପାଦିକା ଅନିତା ବେହେରା, ଉପଦେଷ୍ଟା



ଗୌରୀ ଶଙ୍କର ସିହ୍ନା, ଅଚ୍ୟୁତାନନ୍ଦ ବେହେରା, ମନୋରଞ୍ଜନ ସାହୁ,ମୋ କରଞ୍ଜିଆ ସଂଯୋଜକ ସଞ୍ଜିବ ସାହୁ, କରଞ୍ଜିଆ ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ ଡ଼ ଭାଗବତ ଲେଙ୍କା, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ଓ ଉଦିପ୍ତ ବେହେରା, ସନ୍ତୋଷ କୁମାର ଦାସ,କାବୁଲୁ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗଦାନ କରି ପାଞ୍ଚପୀଢ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଦାସ,ବିଆର ଆମ୍ବେଦକର, କଚେରୀ ପରିସରରେ ଥିବା ମଧୁସୂଦନ ଦାସ, ନେତାଜୀ ଛକରେ ଥିବା ସୁବାଷ ଚନ୍ଦ୍ର ବୋଷ ଓ କରଞ୍ଜିଆ ଗୋଲେଇ ଠାରେ ଥିବା ମୟୂରଭଞ୍ଜ ମହାରାଜା ଙ୍କ ପ୍ରତିମୂର୍ତ୍ତି ସଫେଇ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେହିପରି କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଷ୍ଟ୍ରୀୟ ସେବା ଯୋଜନା ୟୁନିଟ ପକ୍ଷରୁ ମହାବିଦ୍ୟାଳୟର ପରିସର ମଧରେ ଥିବା ସ୍ୱାମୀ ବିବେକାନନ୍ଦ, ଭଗବାନ ଗଣେଶ ଓ ମା ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଗୁଡ଼ିକୁ ସଫେଇ କରାଯାଇ ଆନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟର ଅଧକ୍ଷ ଯୋଗେଶ୍ୱର ମହାନ୍ତ, ବରିଷ୍ଠ ପ୍ରାଧ୍ୟାପକ ମନୋଜ ସାହୁ ଓ ଅଧାପକ କାଳନ୍ଦୀ ପ୍ରଧାନ ଉପସ୍ଥିତ ରହି ସମସ୍ତ ପ୍ରତିମୂର୍ତ୍ତି ଗୁଡ଼ିକରେ ମାଲ୍ୟାର୍ପଣ କରିବା ସହ କିପରି ସବୁଦିନ ପ୍ରତିମୂର୍ତ୍ତି ଗୁଡ଼ିକ ସ୍ୱଚ୍ଛ ଓ ଠିକ୍ ଭାବରେ ରହିବ ତଥା ଆଗାମୀ ପିଢ଼ି ଏହାକୁ ଦେଖି ସେମାନଙ୍କ ବିଷୟରେ ଜାଣିବେ ସେ ବିଷୟରେ ସମସ୍ତ ରାଷ୍ଟ୍ରୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଏହି କାର୍ଯକ୍ରମର ପରିଚାଳନା ରାଷ୍ଟ୍ରୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସିପୁନ କୁମାର ଦାସ ଓ ଗୀତାଞ୍ଜଳି ବିର୍ତ୍ତିଆ କରିଥିଲେ । ସ୍ୱେଚ୍ଛାସେବୀ ସନତ ଶେଖର, ମନୀଷ ପାତ୍ର, ପ୍ରଶାନ୍ତ ଚାତାର,ସିପୁନ ମହାନ୍ତ,ସୋନାଲି ମହାନ୍ତ, ମାନସୀ ପଟ୍ଟନାୟକ,ସାଗରିକା ପଟ୍ଟନାୟକ, ସ୍ୱପ୍ନା ମହାନ୍ତ, ରେଶ୍ମା ନାୟକ,ସୂପ୍ନା ବେହେରା,ସୁଭଲକ୍ଷ୍ମୀ ରାଉତ, ରାନୀସିଂ ଖୁଣ୍ଟିଆ,ବନ୍ଦିତା ବାନରା, ନିକିତା ସାହା,ସୁନେଲି ବାରିକ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ପଥର ଉତ୍ତୋଳନକୁ କେନ୍ଦ୍ରକରି ଉତ୍ତେଜନା

## ପୋଲିସକୁ ୪ ଘଣ୍ଟା ଅଟକ ରଖିଲେ ଗ୍ରାମବାସୀ

**ବାରିପଦା(ଅମୃତ ମିଡିଆ) :** ପଥର ଉତ୍ତୋଳନକୁ କେନ୍ଦ୍ରକରି ଗାଆଁରେ ଉତ୍ତେଜନା, ପୋଲିସକୁ ୪ ଘଣ୍ଟା କାଳ ଅଟକ ରଖିଲେ ଗ୍ରାମବାସୀ । ଏ ଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଯଶୀପୁର ଥାନା ରୁଗୁଡ଼ି ଗାଆଁରେ । ଲିଜ୍ ଧାରି ସଂସ୍ଥାର ଲୀଜ୍ ଅବଧି ରହିଥିବାରୁ ପଥର ଉତ୍ତୋଳନ କରିବାକୁ ଗାଁକୁ ଆସିଥିବା ବେଳେ ରୁଗୁଡି ଗାଆଁର ମହିଳା ଓ ପୁରୁଷ ମାନେ ପଥର ଉତ୍ତୋଳନ କରିବାକୁ ମନା କରିବା ସହ ଗ୍ରାମସଭାରେ ହୋଇଥିବା ଚୁକ୍ତିକୁ ପୂରଣ ନକରିବା ପର୍ଯ୍ୟନ୍ତ ପଥର ଉତ୍ତୋଳନ କରିବାକୁ ମନା କରିଥିଲେ । ତେଣୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣା ସ୍ଥଳରେ ଯଶୀପୁର ପୋଲିସ ପହଞ୍ଚି ସ୍ଥିତିକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିବା ବେଳେ ଲୋକେ ପୋଲିସକୁ ମଧ୍ୟ ଅଟକ ରଖିଥିଲେ । ଖବର ପାଇ ଯଶୀପୁର ଥାନା ଅଧିକାରୀଣୀ ରୁଗୁଡ଼ି ଗାଆଁକୁ ଯାଇ ଲୋକଙ୍କ ସହ ଆଲୋଚନା କଲାପରେ ଗ୍ରାମବାସୀ ମାନେ ଦୀର୍ଘ ୪ ଘଣ୍ଟା ପରେ ପୋଲିସକୁ ଛାଡିଥିବାର ଦେଖିବାକୁ ମିଳିଛି ।



# ଓଡ଼ିଶା ବିଜେପି ପାଇଁ ଭୋଟ ମାଗିଲେ ଗୋପାଳଜୀ

**ବଲାଙ୍ଗୀର(ଅମୃତ ମିଡିଆ) :** ବଲାଙ୍ଗୀର ଅତୀତରେ ଅନଗ୍ରସରତା ଦେଖିଛି । ସବୁ ଆଡେ ବିକାଶ ର ଚିହ୍ନବର୍ଣ୍ଣ ଥିବା ବେଳେ ବଲାଙ୍ଗୀର ଯେମିତି ଥିଲା ସମାନ ଭାବରେ ଅଛି ।ପରିବର୍ତ୍ତନ ର ନାରା ଦେଇ ନିଜର ଉନ୍ନତି କରୁଛନ୍ତି । ରାଜ୍ୟର ସରକାର କେବଳ ନାରାରେ ବଂଚିଛି । କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ହଡପ କରି ନିଜର ନାଁରେ ଚଳେଇ ବାହାବା ନେଉଛି । କେନ୍ଦ୍ର ଦେଉଥିବା ରିହାତି ଚାଉଳକୁ ନବୀନ ପଟନାୟକ ଦେଉଥିବା ର ମିଛ ପ୍ରଚାରକୁ କେନ୍ଦ୍ରର ମାଗଣା ଚାଉଳ ବ୍ୟବସ୍ଥା ନରା ପକାଇ ଦେଇଛି ।ମିଛ ର ନବୀନ ସରକାରକୁ ଆଉ ଲୋକେ ଗ୍ରହଣ କରନ୍ତୁ ନାହିଁ ।ଏଥର ଉଭୟ ରାଜ୍ୟ ଓ କେନ୍ଦ୍ର ରେ ବିଜେପି କୁ ଶାସନ ଦେଇ ପ୍ରକୃତ ଉନ୍ନତି କିପରି ହୁଏ ତାହା



ଦେଖନ୍ତୁ ବୋଲି ବଲାଙ୍ଗୀର ଭାଜପା ବିଧାନସଭା ପ୍ରତ୍ୟାଶୀ ଗୋପାଳଜୀ ପାଣିଗ୍ରାହୀ ଗତକାଲି ବଲାଙ୍ଗିର ଫଳ ମାର୍କେଟ ର ବ୍ୟବସାୟୀ ମାନଙ୍କୁ ଭେଟି ଏହି ମର୍ମରେ ଅନୁରୋଧ କରିଛନ୍ତି । ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ଦରକାର । ନିଜେ ଯେହେତୁ ଅନେକ ଦିନରୁ ସାଧାରଣ ଜନତାଙ୍କ ଭାବାବେଗ ଓ ସମସ୍ୟା।କୁ ହୃଦୟଙ୍ଗମ କରିଛନ୍ତି, ତେଣୁ ଏଥର ଲୋକଙ୍କ ସମସ୍ୟାର ସମାଧାନ ବିଶିଘ୍ର ହେବ ବୋଲି ସେ ଫଳ ବ୍ୟବସାୟୀ ମାନଙ୍କୁ ତାଙ୍କୁସମର୍ଥନ କରିବାକୁ ଅନୁରୋଧ କରିଥିଲେ । ଗୋପାଳଜୀ ଙ୍କ ସହ ଗିରିଶ ସିଂହଦେଓ, ମୁନା ପଟନାୟକ ଓ ଅନେକ ଭାଜପା କର୍ମୀ ଏହି ଜନସଂପର୍କବେଳେ ଉପସ୍ଥିତ ଥିଲେ ।

# ସାପ୍ତାହିକ ହାଟ ନିକଟରୁ ୧୨ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ମହୁଲ ଜବତ

**ବାରିପଦା/କରଞ୍ଜିଆ(ଅମୃତ ମିଡିଆ) :** କରଞ୍ଜିଆ ବ୍ଲକ ତାଟୋ ସାପ୍ତାହିକ ହାଟ ନିକଟରେ ଏକ ଘରେ ବହୁ ପରିମାଣର ମହୁଲ ଗଚ୍ଛିତ ଥିବା ବିଷୟରେ ଖବର ପାଇ କରଞ୍ଜିଆ ପୋଲିସ ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଜ କୁମାର ମଲ୍ଲିକ ସଦଳବଳେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ ଟା ସମୟରେ ଚଢ଼ାଉ କରିଥିଲେ । ଏହି ଚଢ଼ାଉରେ ୩୨ ବୁରା ମହୁଲ ଫୁଲ ମୋଟ ୧୨୮୦ କିଲୋ ସେଠାରୁ ଜବତ କରିଛି ପୋଲିସ । କରଞ୍ଜିଆ ଥାନା ଅଧିକାରୀ ନୀରୋଜ୍ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଇନ୍ସପେକ୍ଟର ବଳରାମ ମହାରଣାଙ୍କ ନେତୃତ୍ୱରେ ହାବିଲଦାର ଦୁର୍ଯୋଧନ



ମହାନ୍ତ,ଅଶ୍ୱିନୀ କୁମାର ମହାନ୍ତ,ପ୍ରଭାକର ମହାନ୍ତଙ୍କ ସହ ଓଡ଼ିଶା ଆର୍ମ୍ଡ ପୋଲିସ ଫୋର୍ସ ଦଳ ଏହି ଚଢାଉରେ ସାମିଲ ଥିଲେ । ଏବିଷୟରେ କରଞ୍ଜିଆ ଥାନାରେ କେଶ ନଂ ୧୩୯/୨୪ ମୂଳେ ଏକ ମାମଲା ରୁଜୁ କରାଯାଇଛି । ତେବେ ଘଟଣାସ୍ଥଳରୁ ଘର ମାଳିକ ସନ୍ତୋଷ କୁମାର ରାମ ଫେରାର ହୋଇଯାଉଥିବା ବେଳେ ରରୁଆଁ ପୋଲିସ ହାତରେ ଧରା ପଡିଛି । ତା ନାଁରେ ପୂର୍ବରୁ ରରୁଆଁ ଥାନାରେ କେଶ୍ ଥିବାରୁ ଗତକାଲି ତାକୁ ଧରି କୋର୍ଟ ଚାଲାଣ କରାଯାଇଛି ବୋଲି ରରୁଆଁ ଥାନା ଭାରପ୍ରାପ୍ତ ଅଧିକାରୀ ସୁମନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ କିଛି ଦିନ ମଧରେ କରଞ୍ଜିଆ ଥାନା ଅଧୀନରେ ଥିବା ଜରାସାହୀ ଓ ବଡରାମଚନ୍ଦ୍ରପୁର ଗ୍ରାମ ରୁ ୨୦ ହଜାର କିଲୋ ମହୁଲ ପୋଚ ଓ ୩୮୦ ଲିଟର ଦେଶୀ ମଦ ପୋଲିସ ଜବତ କରିଥିଲା ଏବଂ ୨ ଜଣକୁ ଗିରଫ କରିଥିଲା । ଅନ୍ୟପଟେ ଅବକାରୀ ବିଭାଗ ସ୍ଥାଣୁ ରହିଥିବା ଯୋଗୁଁ ଏଭଳି ଚୋରା କାରବାର ବୃଦ୍ଧି ପାଉଥିବାର ଦେଖିବାକୁ ମିଳୁଛି ।

# ଉଲୁଣ୍ଡା ବ୍ଲକରେ ବିଜେଡିର ବିଶାଳ ସମାବେଶ

**ସୋନପୁର/ଉଲୁଣ୍ଡା(ଅମୃତ ମିଡିଆ) :** ଆଜି ସୁବର୍ଣ୍ଣପୁର ଜିଲ୍ଲା ବିରମହାରାଜ ପୁର ନିର୍ବାଚନ ମଣ୍ଡଳୀ ଜିଲ୍ଲା ପରିଷଦ ୨ ନମ୍ବର୍ ଜୋନ ର ଉଲୁଣ୍ଡା ବ୍ଲକ୍ ଡିକୁଡ଼ା ଗ୍ରାମ ଝରିଆ ଠାରେ ବିଜୁ ଜନତା ଦଳର ର ନେତା ଓ କର୍ମୀ ମାନଙ୍କୁ ନେଇ ଏକ ଜୋନ ସ୍ତରୀୟ କର୍ମୀ ସମ୍ମିଳନୀ ଓ ବିଶାଳ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକ ରେ ବଲାଙ୍ଗିର ଲୋକ ସଭା ସାଂସଦ ପ୍ରାର୍ଥୀ ଶ୍ରୀ ସୁରେନ୍ଦ୍ର ସିଂ ଭୋଇ ଓ ବିଧାୟକ ପ୍ରାର୍ଥୀ ଶ୍ରୀ ପଦ୍ମ ନାଭ ବେହେରା, ଜିଲ୍ଲା ପରିଷଦ ଉପାଧକ୍ଷ ଝସ୍ କେତନ ବଘାର, ଉଲୁଣ୍ଡା ବ୍ଲକ ଅଧକ୍ଷା ଶାନ୍ତି ଲତା ମିଶ୍ର, ବ୍ଲକ ଉପାଧକ୍ଷ ସଞ୍ଜୀବ ଦେହୁରୀ ଯୋଗ ଦେଇ ଦଳୀୟ ଶୃଙ୍ଖଳା ଓ ଏକତାକୁ ବଜାୟ ରଖିବା ପାଇଁ ଏବଂ ବିଜୁ ଜନତା ଦଳ କୁ ବିପୁଳ ବିଜୟ କରାଇ ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନ ରେ ବସାଇ ସାରା ଭାରତ ରେ ରେକର୍ଡ ସୃଷ୍ଟି କରିବା ପାଇଁ କର୍ମୀ ଓ ସାଧାରଣ ଲୋକଙ୍କୁ ନିବେଦନ କରିଥିଲେ । ଆଉ ଗାଁ ଗାଁ ଘରେ ଘରେ ହିତାଧୀକାରୀ ମାନେ ବିଭିନ୍ନ ଯୋଜନା ରେ ପାଉଥିବା ଅନେକ ଗୁଡ଼ିଏ ବେନିଫିଟ ଓ ନବୀନ ସରକାରଙ୍କ ନୂଆଁ ଯୋଜନା ଲୋକ ଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ କରିଥିଲେ । ଆଜି ଶ୍ରୀ ସାଂସଦ ଓ ବିଧାୟକ ପ୍ରାର୍ଥୀ ଉଭୟେ ଉଲୁଣ୍ଡା ବ୍ଲକର ମହଦା, କଳା ପଥର, ଜଲୋଏ, ମୁଣ୍ଡୋ ଘାଟ, ରକ୍ସା, ବିଶିପଡ଼ା ଓ ନିମ୍ନା ଗ୍ରାମ ପଞ୍ଚାୟତ ର କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ । ସମସ୍ତ ପଂଚାୟତ ର ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇ ନିଜ ନିଜ ର ଅଭିଭାଷଣ ରଖିଥିବା ବେଳେ ବିଭିନ୍ନ ଗାଁ କୁ ବୁଲି ଲୋକ ଙ୍କ ସମସ୍ୟା ବୁଝି ଏହାର ତୁରନ୍ତ ସମାଧାନ ପାଇଁ ଶ୍ରୀ ଭୋଇ ଓ ବେହେରା ପଦକ୍ଷେପ ନେଇଥିଲେ ଓ ବିଜୁ ଜନତା ଦଳକୁ ବିପୁଳ ବିଜୟ ପାଇଁ ଭୋଟ ଭିକ୍ଷା କରିଥିଲେ । ଏହି ୨ ନମ୍ବର୍ ଜୋନର ପ୍ରତ୍ୟେକ ପଞ୍ଚାୟତରେ



ଉଭୟ ନେତା ଶ୍ରୀ ଭୋଇ ଓ ଶ୍ରୀ ବେହେରା ଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିବା ବେଳେ ଏ ଅଞ୍ଚଳର ବିଶିଷ୍ଟ କଣ୍ଠ ଶିଳ୍ପୀ ଶତ୍ରୁଘ୍ନ ଲୁହା, ମହଦା ପଂଚାୟତ ର ପ୍ରତାପ ଶତପଥି ସମେତ ଏ ଅଞ୍ଚଳର ୩୦ ଜଣ କଂଗ୍ରେସ ଓ ବିଜେପି ଦଳ ର ପ୍ରମୁଖ ନେତା ଆଜି ବିଜୁ ଜନତା ଦଳ ରେ ସାମିଲ୍ ହେଲେ । ଶ୍ରୀ ଭୋଇ ଓ ଶ୍ରୀ ବେହେରା ଙ୍କ ଦ୍ୱାରା ଏ ନୂତନ ସଭ୍ୟ ଙ୍କୁ ମିଶ୍ରଣ ପର୍ବରେ ସ୍ୱାଗତ ସମ୍ବର୍ଧନା କରଯାଇଥିଲା । ଆଜିର ସଧାରଣ ସଭା ରେ ବରିଷ୍ଠ ବିଜେଡି ନେତା କୃତୀ ବାସ ମିଶ୍ର ସଂଯୋଜନା କରିଥିବା ବେଳେ ଅମିୟ ରଞ୍ଜନ ଦାଶ, ଆଶିଷ ବଡ ପଣ୍ଡା, ଗୋବିନ୍ଦ ମିଶ୍ର, କୃତିବାସ ଚାନ୍ଦ, ସୋମନାଥ ମିଶ୍ର, ରାଜ କୁମାର ମିଶ୍ର, ଗୌର ସାହୁ, ଉତ୍ତର ପାତ୍ର, ହରି ହର କର୍ଣ୍ଣ, ବିହାରୀ ଲାଲ୍ ମିଶ୍ର, କିଶକ୍ଷନ ଜଗଦଲା ପ୍ରମୁଖ ଯୁବ ଓ ବରିଷ୍ଠ ନେତା ସମସ୍ତ କାର୍ଯକ୍ରମ ରେ ସକ୍ରିୟ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ ।

# ରଙ୍ଗରାଗ ସାହିତ୍ୟ ପରିଷଦ ପକ୍ଷରୁ ବାର୍ଷିକ ଉତ୍ସବ

**ବାସୁଦେବପୁର(ଅମୃତ ମିଡିଆ) :** ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପକ୍ଷରୁ ୧୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ତ୍ୟାଗ ଭୂମିର ସଭାପତି ଅଜୟ ନାୟକ, ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସଂଳାପ ଲେଖକ ଡ. ରଜନୀ ରଞ୍ଜନ ଦାଶ, ଯୋଗ ଦେଇ ରଙ୍ଗରାଗ ର ଆଭିମୁଖ୍ୟ କୁ ପ୍ରଶଂସା କରିବା ସହିତ ସାହିତ୍ୟ ଓ କଳା ସଂସ୍କୃତି ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ କବି ଓ ଗାଳ୍ପିକ ଡ. ଅଜୟ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ କବି ଓ ଗାଳ୍ପିକ ସରୋଜ ବଳ,କବି ଲାବନ୍ୟ ନାୟକ,କବି ବିପ୍ଲବ ରଞ୍ଜନ ପତି ଓ ବନୋଜ ତ୍ରିପାଠୀ ।ଏହି



ଅବସରରେ ଡ. ଝରଣା ପଟ୍ଟନାୟକ, ଗାଳ୍ପିକ ଚନ୍ଦ୍ର ମୋହନ ମହାପାତ୍ର, କବି ଚିତ୍ତରଞ୍ଜନ ନାୟକ, କବି ପଦ୍ମଜା ଶରଣ, କବି ରତ୍ନାକର ପଣ୍ଡା, କବି ଲୋପାମୁଦ୍ରା ନାୟକ, ପକ୍ଷୀଘର ସମ୍ପାଦକ ଅବସରରେ କବିତା ପାଠ କରିଥିଲେ ।କବି ମାନସ ରଞ୍ଜନ ପଣ୍ଡା ଓ ପଦ୍ମଜା ଶରଣ କବିତା ଗୁଡିକୁ ସଂଯୋଜନା କରିଥିଲେ । ବାସୁଦେବପୁର ଥାନା ଅଧିକାରୀଣୀ କବି ଲୋପାମୁଦ୍ରା ନାୟକ,କବି ବିଶ୍ୱଜିତ ରାଉତ୍, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ବିଚିତ୍ର ନନ୍ଦ ଜେନା, ଶୀତଲ ମିଶ୍ର, କୋମଳ ଲୋଚନ ବେହେରା,ମିଲନ୍ ମିଶ୍ର, ବିଭୂତି ଭୂଷଣ ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ ।ଏହି ବନୋଜ ତ୍ରିପାଠୀ, ଗାଳ୍ପିକ ବନମାଳୀ ସେନାପତି, ଡ. ବନ୍ଦିତା ମୁଦିଆ ଠାକୁରିଆ,କବି ପତିତପାବନ ପାଢୀ ପ୍ରମୁଖ ଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ର ସମ୍ପାଦକ କବି ପ୍ରଦିପ୍ତ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାଇଚଢେଇର ସମ୍ପାଦକ କବି ବିକାଶ ସତ ପଥି ଧନ୍ୟବାଦ ଅର୍ପଣ କରିଥିଲେ ।

## ୬ଷ୍ଠ ଦିନରେ ପହଞ୍ଚିଲା ପଦ୍ମନାଭପୁର ଗ୍ରାମ ମା' କନକ ଦୁର୍ଗା ଠାକୁରାଣୀ ଯାତ୍ରା

# ଓଡ଼ିଶା ସହ ଆନ୍ଧ୍ର ଓ ଦୂରଦୁରାନ୍ତରୁ ଭକ୍ତଙ୍କ ସମାଗମ



**ଦିଗପହଣ୍ଡି (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଅଧିନସ୍ଥ ପଦ୍ମନାଭପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ଶ୍ରୀ ମାଁ କନକ ଦୁର୍ଗା ଠାକୁରାଣୀଙ୍କ ଯାତ୍ରା ସୋମବାର ଦିନ ଷଷ୍ଠ ଦିନରେ ପହଞ୍ଚିଥିବା ବେଳେ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଦୂର ଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଭିଡ଼ରେ ଦୁଲୁକୁଛି ସମଗ୍ର ଅସ୍ଥାୟୀ ପୀଠ । ଏହି ଅବସରରେ ଆଜି ଯାତ୍ରା ଦାଣ୍ଡରେ ସକାଳ ୧୦ ଘଣ୍ଟା ସମୟରେ ନୟାଗଡ଼ ଗ୍ରାମ ର ନବରଙ୍ଗ ନ ଦେବ ଦାସୀ ତୁଳସୀ ନାଟକ ପରିବେଷଣ କରାଯାଇଥିଲା। ଅପରପକ୍ଷରେ ଶ୍ରଦ୍ଧାଳୁଙ୍କ ଭିଡ଼ରେ ସମଗ୍ର ଜନ ସମୁଦ୍ର ପାଲଟି ଯାଉଥିବା ବେଳେ ଦର୍ଶକଙ୍କୁ ଆକୃଷ୍ଟ କରୁଛି ପୌରାଣିକ ଓ ସାମାଜିକ ସଚେତନତା ବିଷୟବସ୍ତୁ ଆଧାରିତ କଳାକୁଞ୍ଜ ଏବଂ ମିନା ବଜାର । ଏଥି ସହ ପ୍ରତ୍ୟେକ ଦିନ ମାଁ ଙ୍କ ଦର୍ଶନ ଲାଗି ପ୍ରାପ୍ତ ସକାଳ ଠାରୁ ବିଳମ୍ବିତ ରାତି ଯାଏଁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଭିଡ଼ ପରିଲକ୍ଷିତ ହେବା ସଙ୍ଗେ ଅସ୍ଥାୟୀ ପୀଠରେ ମାଁଙ୍କ ଦର୍ଶନ ସଙ୍ଗେ ଆଶୀର୍ବାଦ କାମନା କରୁଥିବା ଦେଖାଯାଇଛି। ସେହିଭଳି ପ୍ରତ୍ୟେକ ଦିନ ବିଳମ୍ବିତ ରାତିରେ ମାଁଙ୍କ ଘଟ ପରିକ୍ରମା ସହ ବିଭିନ୍ନ ବେଶରେ ସଜ୍ଜିତ ହୋଇ ମାନସିକଧାରୀ ବ୍ୟକ୍ତି ମାନେ ଯାତ୍ରାର ଆକର୍ଷଣକୁ ବହୁଗୁଣିତ କରିଛନ୍ତି। ସେହିପରି ରବିବାର ଦିନ ସକାଳ ପୌରାଣିକ ରାଜା ନାଟକ ସହିତ ଦୂର ଦୂରାନ୍ତରୁ ଆସୁଥିବା ପଟୁଆର ଦର୍ଶକଙ୍କୁ ଖୁବ୍ ଆକର୍ଷିତ କରି ଆସୁଥିବା ଦେଖାଯାଇଛି । ଯାତ୍ରା କମିଟିର ସଭାପତି ଡ଼ି. କ୍ରିଷ୍ଟାରାଓ ସୁବୁଦ୍ଧି, ଉପସଭାପତି ଶଙ୍କର ସୁବୁଦ୍ଧି, ସଂପାଦକ ଶିବପ୍ରସାଦ ସାହୁ, ସହ ସଂପାଦକ ସୁଶାନ୍ତ ସେଠୀ, କୋଷାଧ୍ୟକ୍ଷ ନାରାୟଣ ସାହୁ ସମେତ ଯାତ୍ରା କମିଟି ର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବାପାର ମୃତ୍ୟୁ, ପୁଅ ଗୁରୁତର



**ହିଞ୍ଜିଳିକାଟୁ (ଅମୃତ ମିଡିଆ):** ଆଡ଼ପଡା ଗ୍ରାମରେ ଅଘଟଣ, ପଦରରେ କାମ କରୁଥିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବାପାର ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ରହୁଥିବା ସୂଚନା । ତେବେ ମିଳିଥିବା ଖବର ଅନୁଯାୟୀ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ଆଡ଼ପଡା ଗ୍ରାମରେ କୋରା ବେହେରା ଓ ତାଙ୍କ ପୁଅ ତୋଫାନ ବେହେରା ପଦରରେ କାମ କରୁଥିଲେ । ତେବେ କୋଣସି କାରଣକୁ ନେଇ ଉଭୟ ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ । ଯାହା ଫଳରେ ଘଟଣାସ୍ଥଳରେ କୋରା ବେହେରାଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ତୋଫାନ ବେହେରା ଗୁରୁତର ରହିଛନ୍ତି । ଖବର ପାଇ ତୁରନ୍ତ ସ୍ଥାନୀୟବାସୀ ଘଟଣା ସ୍ଥଳରେ ପହଂଚି ଗୁରୁତରକୁ ଉଦ୍ଧାର କରିବା ସହ ହିଞ୍ଜିଳି ଥାନାରେ ଖବର ଦେଇଥିଲେ । ଖବର ପାଇ ହିଞ୍ଜିଳି ପୋଲିସ ଘଟଣା ସ୍ଥଳରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

## ବିଜେପିରେ ମିଶିଲେ ବହୁ ବିଜେଡି କର୍ମୀ



**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ଲାଞ୍ଜିପଲ୍ଲୀ ସ୍ଥିତ ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ଙ୍କ କାର୍ଯ୍ୟାଳୟ ଠାରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଯୁବ ଏବଂ ମହିଳା ଜାଗରଣ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବ ରେ ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ଶ୍ରୀ ପ୍ରଦୀପ ପାଣିଗ୍ରାହୀ ଓ ଗୋପାଳପୁର ବିଧନସଭା ପ୍ରାର୍ଥୀ ଶ୍ରୀ ବିଭୂତି ଭୂଷଣ ଜେନା ଙ୍କ ଉପସ୍ଥିତି ରେ ବିଜେଡି ଜିଲ୍ଲା ଉପ ସଭାପତି ଉଜ୍ଜ୍ୱଳ ପାଢ଼ୀ, ପୂର୍ବତନ ଗୌଞ୍ଜୁ ସରପଞ୍ଚ ତଥା ପୂର୍ବତନ ୫୪ ନଂ ଜୋନ ଜିଲ୍ଲାପରିଷଦ ଲଡୁ ଦାସ, ପୂର୍ବତନ କନିସି ସରପଞ୍ଚ କାଳୀଚରଣ ପାତ୍ର, ଗୋପାଳପୁର ଏନଏଏସି ଏଏଲଏଫ ହେଡ ଝୁନୁ ମହାରଣା, କୃପାସିନ୍ଧୁ ପାଢ଼ୀ, ଲୁହାଝର ସରପଞ୍ଚ ପି କମଳା ରେଡ୍ଡୀ, ଲୁହାଝର ପୂର୍ବତନ ସରପଞ୍ଚ କେଶବ ପାତ୍ର, ବିଦେଶୀ ସେଠୀ, ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ନାୟକ, ଲୁହାଝର ପଞ୍ଚାୟତ ର ସମସ୍ତ ୱାର୍ଡ ମେମ୍ବର, ସିନ୍ଧି ଗାଁ ପୂର୍ବତନ ନାଇଡୁ ଏନ ରାଜେୟା ରେଡ୍ଡୀ, ବାଦପୁର ର ପ୍ରମୋଦ ସାହୁ, ବନି ସାହୁ, ସିତଲାପଲ୍ଲୀ ର ରାଜେନ୍ଦ୍ର ସେଠୀ, ସୁଶାନ୍ତ ମହାରଣା, ବାହାଦୁର ପେଟା ର ଜଗନ୍ନାଥ ରେଡ୍ଡୀ, ଅମିତ୍, ସନ୍ତୋଷ ବେହେରା, ମୁନା ସାହୁ, ସନ୍ତୋଷ ଗୌଡ଼ ପ୍ରମୁଖ ବିଜେଡି ଛାଡି ବିଧିବଦ୍ଧ ଭାବେ ବିଜେପି ରେ ଯୋଗ ଦେଇଥିଲେ।

## ମାସ୍କୋ ଓ କାର୍ପ ତରଫରୁ ଚକ୍ଷୁ ପରୀକ୍ଷା ଶିବିର




**ଭଞ୍ଜନଗର (ଅମୃତ ମିଡିଆ):** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାସ୍କୋ ଓ କାର୍ପ ଏବଂ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଓ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଭଞ୍ଜନଗର ବ୍ଲକର ତୁମ୍ବାକୁମ୍ବା ପାୟତର ଖମାରେଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମେର ମାସ୍କୋର ଉପେଦଷ୍ଟା ନିଶାକର ବିଷୋୟୀ ସଭାପତିତ୍ୱ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ମୋସ୍କୋର ସଂପାଦକ ଡାକ୍ତର ରାମକୃଷ୍ଣ ସାହୁ ଉପସ୍ଥିତ ର ହି ମାସ୍କୋ ଓ କାର୍ପ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ନିଆଯାଉଥିବା ବିଭିନ୍ନ ସେବା ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଆକାଶବାଣୀର କର୍ମକର୍ତ୍ତା ସୁକାନ୍ତି ମହାନ୍ତି ଯୋଗେଦଇ ମାସ୍କୋ ଓ କାପର୍ର କାର୍ଯ୍ୟକ୍ରମ ଗୁଡିକୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥିଭାବେ ବରିଷ୍ଠ ସମାଜସେବୀ ସୀମାଞ୍ଚଳ ରଥ ଯୋଗ ଦେଇଥିଲେ। ଏହି ଅବସରରେ ଖମାରେଡି ଗ୍ରାମର ବହୁ ଗ୍ରାମବାସୀ ନିଜ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସୁନୀଲ କୁମାର ସାବତ, ଅମୀୟ ମହରଣା, ଚନ୍ଦନ ମହାରଣା, ପି ବୁଦ୍ଧେଦବ ପାତ୍ର, ଚାନ୍ଦିନୀ ସେଠୀ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ ମ୍ୟାନେଜର ଚିତ୍ରେସନ ଗୌଡ ପ୍ରମୁଖ ଏହି ଶିବିର ପରିଚାଳନାରେ ସଂପୂର୍ଣ୍ଣ ସହେଯାଗ କରିଥିଲେ। ଶେଷେର ଉତ୍ତମ କୁମାର ବିଷୋୟୀ ସମସ୍ତଙ୍କୁ ଧନ୍ୟବାଦ ଅପର୍ଣ କରିଥିଲେ।

## ବିଜେଡି ପ୍ରାର୍ଥୀ ଚୟନକୁ ନେଇ ତେଜୁଛି ବିଦ୍ରୋହ

**ଆନନ୍ଦପୁର (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳିରେ ବିଜେଡି ପକ୍ଷରୁ ଦିଆଯାଇଥିବା ପାର୍ଥିଙ୍କୁ ନେଇ ଦଳର କର୍ମୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଷଷ୍ଠ ପର୍ଯ୍ୟାୟରେ ବିଜୁ ଜନତା ଦଳ ୯ ଜଣ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ ଆନନ୍ଦପୁରର ବିଜେଡ଼ି ବିଧାୟକ ପ୍ରାର୍ଥୀ ଭାବେ ହାଟଡିହି ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ଅଭିମନ୍ୟୁ ସେଠୀଙ୍କ ନାମ ଘୋଷଣା କରାଯାଇଥିଲା । ଏହି ଟିକେଟ୍ ବଣ୍ଟନକୁ ନେଇ ଆଶାଇ ପାର୍ଥୀ ବିଶ୍ୱନାଥପ୍ରତାପ ଜେନାଙ୍କ ସମର୍ଥକ ଓ କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ରବିବାର ଦିନ ସନ୍ଧ୍ୟା ୭ଟା ସମୟରେ ହଜାର ହଜାର ବିଜୁ କର୍ମୀଙ୍କୁ ନେଇ ଆନନ୍ଦପୁର ପୌରପରିଷଦ ୧୩ ୱାର୍ଡ ସୁଡୁସୁଡିଆ ଖେଳ ପଡିଆ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଭିମନ୍ୟୁଙ୍କ ପତ୍ନୀ ବ୍ଲକ ଅଧ୍ୟକ୍ଷା ଥିବା ବେଳେ ତାଙ୍କ ପରିବାରକୁ କିଭଳି ଦୁଇଟି ପଦବୀ ପ୍ରଦାନ କରାଯିବ ବୋଲି ଦଳୀୟ କର୍ମୀ ମାନେ ପ୍ରଶ୍ନ ଉଠାଇଥିଲେ। ବିଶ୍ୱନାଥପ୍ରତାପ ଜେନା ଜଣେ ଉଚ୍ଚ ଶିକ୍ଷିତ ହୋଇ ବିଦେଶରୁ ଚାକିରୀ ଛାଡି ବିଜୁ ଜନତା ଦଳରେ ଯୋଗ ଦେଇ ଜନସାଧାରଣଙ୍କ ପାଖରେ ପହଂଚୁଛନ୍ତି କିନ୍ତୁ ଅଭିମନ୍ୟୁ ସେଠୀଙ୍କୁ କେହି ଜାଣି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଟିକେଟ୍ ବଣ୍ଟନରେ ଅନିୟମିତତା ହୋଇଥିବା ବେଳେ ବିଜେଡ଼ି ସୁପ୍ରିମୋ ପୁନର୍ବିଚାର କରି ଯୁବନେତା ଇଂ. ବିଶ୍ୱନାଥ ପ୍ରତାପ ଜେନାଙ୍କୁ ଟିକେଟ୍ ପ୍ରଦାନ କରିବା ପାଇଁ ଦାବି ରଖୁଥିବା ବେଳେ ମଇ ୨ତାରିଖ ମଧ୍ୟରେ ଏହାର ସୁବିଚାର କରିବା ପାଇଁ କର୍ମୀମାନେ ଦାବି ରଖୁଛନ୍ତି। ଯଦି ଏଥିପ୍ରତି ପୁନର୍ବିଚାର ନକରାଯାଏ ତେବେ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ିବେ ବୋଲି ଦଳୀୟ କର୍ମୀମାନେ ଚେତାବନୀ ଦେଇଛନ୍ତି।

## ଘୁମୁସର ବିକାଶ ପରିଷଦର ସାମ୍ବାଦିକ ସମ୍ମିଳନୀ

### ସ୍ୱତନ୍ତ୍ର ଜିଲ୍ଲା ଗଠନ ଦାବିକୁ ଇସ୍ତାହାରରେ ସ୍ଥାନିତ କରିବାକୁ ଆହ୍ୱାନ




**ଭଞ୍ଜନଗର (ଅମୃତ ମିଡିଆ):** ଏକ ହଜାରରୁ ଊର୍ଦ୍ଧ୍ୱ ବର୍ଷଧରି ଭଞ୍ଜ ରାଜବଂଶ ଶାସନ ଓଧୀନ ପ୍ରାଚୀନ ଘୁମୁସର ଆଜି ସାଂସ୍କୃତିକ, ସାମାଜିକ, ଧାର୍ମିକ, ଅର୍ଥନୈତିକ, ଶୈକ୍ଷିକ, ଭୌଗଳିକ ସବୁ କ୍ଷେତ୍ରରେ ଅବହେଳିତ ହୋଇ ରହିଛି। ଏହାର ମୁଖ୍ୟ କାରଣ ହେଉଛି ଘୁମୁସର ଜିଲ୍ଲା ଗଠନ ନହେବା ବୋଲି ଘୁମୁସର ବିକାଶ ପରିଷଦ ଅନୁଭବ କରୁଛି। ସ୍ଥାନୀୟ ରେଡକ୍ରସ ସାହି ସ୍ଥିତ ସଭାଗୃହ ଠାରେ ଘୁମୁସର ବିକାଶ ପରିଷଦ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ ପରିଷଦ ସଭାପତି ତଥା ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ,ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ କୋଷାଧକ୍ଷ ବି ସୁଶାନ୍ତପାତ୍ର ,ବରିଷ୍ଟ ସଭ୍ୟ ରବୀନ୍ଦ୍ର ସାମନ୍ତ। ଗୋପାଳ ଚନ୍ଦ୍ରଲେଙ୍କା ମିଳିତ ଘୁମୁସର ଜିଲ୍ଲା ଘୋଷଣା ସହ ସ୍ଥାନୀୟ ଅଂଚଳ ସମସ୍ୟାର ସମାଧାନ ଉପରେ ପ୍ରେସ ଇସ୍ତାହାର ଦେଇଛନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟକୁ ସ୍ୱୟଶାସିତ ମାନ୍ୟତା, ଓଡିଆ ଭାଷା ସାହିତ୍ୟ। ସଙ୍ଗୀତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ଆଦିବାସୀ ବିଶ୍ୱ ବିଦ୍ୟାଳୟ, ଭଞ୍ଜ ସଙ୍ଗୀତର ବହୁଳ ପ୍ରଚାର ଭଞ୍ଜ ସାହିତ୍ୟକୁ ହିନ୍ଦୀ ଇଂରାଜି ଭାଷଓରେ ଅନୁବାଦ କରିବା, ଭଞ୍ଜଙ୍କ ନାମରେ ଡାକ ଟିକଟ, କବିଙ୍କ ଶ୍ରେଷ୍ଠକାବ୍ୟ ବୈଦେହୀଶ ବିଳାସ ନାମରେ ବୈଦେହୀ ଟ୍ରେନ ପ୍ରଚଳନ, ବୀର ଚକରା ବିଶୋଇଙ୍କ ନାମରେ ଶାରୀରିକ ମହାବିଦ୍ୟାଳୟ ସ୍ଥାପନ, ତନରଡା ସ୍ଥିତ ପାଠାଗାରକୁ ଡିଜିଟାଲ ଲାଇବ୍ରେରୀ ରେ ରୂପାନ୍ତିକରଣ କରିବା, ଖୋଲା ରଙ୍ଗମଞ୍ଚ ଓ ଘୁମୁସର ର ଐତିହ୍ୟ ସଂରକ୍ଷଣ ପାଇଁ ଏକ ସଂଗ୍ରହାଳୟ ନିର୍ମାଣ କରିବା, ଭଞ୍ଜନଗରର ଉପଖଣ୍ଡ ମେଡିକାଲକୁ ଜିଲ୍ଲା ମେଡିକାଲରେ ରୂପାନ୍ତରିତ କରିବା ସହ ଇଏନଟି ଓ ଚକ୍ଷୁ ଚିକିତ୍ସାଳୟ ଖୋଲି ଏହାକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇବା, ସ୍ଥାୟୀ ଜିଲ୍ଲା ମେଡିକାଲ ବୋର୍ଡ, ଆଞ୍ଚଳିକ ନିଦାନ ପରୀକ୍ଷା କେନ୍ଦ୍ର ସ୍ଥାପନ ,ଘୁମୁସର କ୍ଷେତ୍ରରେ ଥିବା ଏଏସଆଇ ଅଧୀନସ୍ଥ ସମସ୍ତ ପ୍ରାଚୀନ ମନ୍ଦିର ଗୁଡିକର ବିକାଶ ଓ ଦେବସ୍ୱ ଜମିକୁ ଜବରଦଖଲ ମୁକ୍ତ, କୁଲଓଡ ଉପର ବ୍ୟାଘ୍ରଦେବୀ ପୀଠକୁ ସଡକ ଓ ରୋପୱେ ନିର୍ମାଣ, ବେଲଗୁଣ୍ଠଓ ପିତଳ ମାଛ ଓ ଚଢିଆପଲ୍ଲୀ ଗୋବର କଣ୍ଢେଇ କାରିଗରୀଙ୍କ ବିକାଶ, ବଡ କୋଦଣ୍ଡା କଣ୍ଢେଇନାଚ ଓ ଲୋକ ନାଟ୍ୟ କଳାର ସୁରକ୍ଷା, ସୋରଡା ଓ ଭଞ୍ଜନଗର ଜଳଭଣ୍ଡାରର ପୁନରୁଦ୍ଧାର ସହ ଥିବା ସମସ୍ତ ବୃହତ ଉଠାଜଳ ସେଚନ କୁ ତୁରନ୍ତ କାର୍ଯ୍ୟକ୍ଷମ,ଘୁମୁସରୀ ଗୋପାଳକଙ୍କ ସାମୁହିକ ବିକାଶ, ସମସ୍ତ ବ୍ଲକରେ ଶୀତଳ ଭଣ୍ଡାର, ବିହନକେନ୍ଦ୍ର, ପାରମ୍ପରିକ କୃଷି ସହ ଓମଫେଡ ଚିଲିଙ୍ଗ ପ୍ଲାଣ୍ଟ ସ୍ଥାପନ, ଆସିକା ଚିନିଶିଳ୍ପ ଓ ସୂତଓକଳ କେନ୍ଦ୍ରର ପୁନରୁଦ୍ଧାର, ବ୍ରହ୍ମପୁର - ସମ୍ବଲପୁର ଭାୟା ଭଞ୍ଜନଗର - ଫୁଲବାଣୀ ରେଳ ପଥ ନିର୍ମାଣ ,ପରିତ୍ୟକ୍ତ ଅବସ୍ଥାରେ ଥିବା ସମସ୍ତ ବିଜୁ ଗ୍ରାମୀଣ ବଜାର କାର୍ଯ୍ୟକ୍ଷମ ,ଦକ୍ଷିଣ ବନଖଣ୍ଡ ଅଞ୍ଚଳରେ ଥିବା ପାକିଡି ପର୍ବତମାଳାରେ ଥିବା ମୟୂର ପ୍ରଜାତିର ବିକାଶ, ବାଲିପଦର ପରିପାର୍ଶ୍ୱରେ ଥିବା କୃଷସାର ଅଭୟାରଣ୍ୟର ବିକାଶ, ସୋରଡା ବ୍ଲକକୁ ରାଜସ୍ୱ ଉପଖଣ୍ଡ ଓ ବଡଗଡକୁ ବ୍ଲକ ଘୋଷଣଓ, ବୁଗୁଡାର ବାଲିପଦର । ଜଗନ୍ନାଥପ୍ରସାଦକୁ ଏନଏସି ଓ ତିନିଛକିଆ ବ୍ଲକ ଘୋଷଣଓ ,ସୋରଡା ଓ ଜଗନ୍ନାଥପ୍ରସାଦର ଆଦିବାସୀ ଅଧୁଷିତ ଓ ଦୁର୍ଗମ ଅଂଚଳକୁ ପକାରାସ୍ତା ନିର୍ମାଣ, ଭଞ୍ଜନଗରରେ ଭିନ୍ନକ୍ଷମ ବିଦ୍ୟାଳୟ ପ୍ରତିଷ୍ଠଓ,ସୁରତରେ ରହୁଥିବା ପ୍ରବାସୀ ଘୁମୁସର ଶ୍ରମିକମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରିବା ଓ ବେକାର ଯୁବକଙ୍କୁ ରୋଜଗାର ଓ ଆତ୍ମନିର୍ଭର କରିବା ପାଇଁ କ୍ଷୁଦ୍ର, କୁଟୀର ଓ ବୃହତ ଶିଳ୍ପ ସ୍ଥାପନ କରିବା ପାଇଁ ଘୁମୁସର ବିକାଶ ପରିଷଦ ଦାବି ଉପସ୍ଥାପନ କରି ଏକ୍ଷେତ୍ରରେ ବର୍ତ୍ତମାନ ନିର୍ବାଚନ ଲଢୁଥିବା ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀ ମାନେ ସେମାନଙ୍କର ନିର୍ବାଚନୀ ଇସ୍ତାହାରରେ ଏସବୁ ବିଷୟ ସ୍ଥାନୀତ କରିବାକୁ ଆହ୍ୱାନ ଦେଇଛନ୍ତି। ସେହିପରି ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ଉପଯୁକ୍ତ ପ୍ରାର୍ଥୀ ଚୟନ କରି ଗଣତନ୍ତ୍ର ର ଏହି ମହାପର୍ବ ରେ ନିଜକୁ ସାମିଲ କରିବାକୁ ସମସ୍ତ ଘୁମୁସର ବାସୀଙ୍କୁ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି।

## ପୋଲସରା ବିଜେଡିର ୩୯ତମ ଜୋନସ୍ତରୀୟ ସାଂଗଠନିକ ବୈଠକ

### ନବୀନ ଗ୍ୟାରେଣ୍ଟିରେ ରାଜ୍ୟର ବିକାଶ -ଶ୍ରୀକାନ୍ତ ସାହୁ



**ପୋଲସରା (ଅମୃତ ମିଡିଆ):** ପୋଲସରା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପ୍ରଚାର ଧୀରେ ଧୀରେ ବଢିବାରେ ଲାଗିଛି। ଏହି କ୍ରମରେ ପୋଲସରା ବ୍ଲକ୍ ଅନ୍ତର୍ଗତ ବାଲିଛାଇ ଗଞ୍ଜାମ ବଡଦାଣ୍ଡ ଠାରେ ବିଜୁ ଜନତା ଦଳର ଜିଲ୍ଲା ପରିଷଦ ଜୋନ୍ ନଂ-୩୯ ସ୍ତରୀୟ ସାଂଗଠନିକ ବୈଠକ ବିଜେଡି ବ୍ଲକ୍ ସଭାପତି ସୁରେନ୍ଦ୍ରନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ବିଧାୟକ ପାର୍ଥୀ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ରାଜ୍ୟରେ ଯାହାକିଛି ବିକାଶ ହୋଇଛି ସେ ସବୁ ନବୀନ ଗ୍ୟାରେଣ୍ଟିରେ ହୋଇଛି ଏବଂ ଆଗକୁ ଏହି ଧାରା ଜାରି ରହିବ ବୋଲି କହିଛନ୍ତି। ଏଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ପଦେର ଗାଦିସୀନ କରିବା ଏବଂ ଆସିକା ସାଂସଦ ପ୍ରାର୍ଥିନୀ ଡ.ରଞ୍ଜିତା ସାହୁଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଆହ୍ୱାନ କରିଥିଲେ। ଏଥିସହ ପୋଲସରା ନିର୍ବାଚନ ମଣ୍ଡଳୀର ସସର୍ବାଙ୍ଗିନ ବିକାଶ ପାଇଁ ମୋତେ ଭୋଟ ଦେଇ ତୃତୀୟ ଥର ସକାଶେ ବିଧାୟକ ଭାବେ ବଜୟୀ କରିବାକୁ ନିବେଦନ କରିଥିଲେ। ତେବେ ଏଥିପାଇଁ ଉପସ୍ଥିତ ଦଳର ସଂଗଠକ ଓ ସକ୍ରିୟ କର୍ମୀମାନଙ୍କୁ ଏକଜୁଟ୍ ହୋଇ ନିଃସ୍ୱାର୍ଥପର ଭାବେ ଆଗାମୀ ମଇମାସ ୨୦ତାରିଖ ହେବାକୁ ଥିବା ନିର୍ବାଚନ ଦିବସ ପର୍ଯ୍ୟନ୍ତ ଅହରହ ଭାବେ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଏହି ଜୋନ୍ ଅନ୍ତର୍ଗତ ବାଲିଛାଇ ସମେତ ଖଣ୍ଡୁରୁ, ବେଲଗାଁ, କଳମ୍ବ, ରୁମାଗଡ, ଘୋଡାପଲାଣ, ବର୍ତ୍ତିନି ଓ ହାତୀଓଟ ଗ୍ରାମ ପଞ୍ଚାୟତ ଗୁଡିକର ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ପଞ୍ଚାୟତ ସଭାପତି ଏବଂ ସଂଗଠକ ମାନେ ଯୋଗଦେଇ ଉପସ୍ଥିତ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଭୋଟରମାନଙ୍କୁ ତୃତୀୟଥର ସକାଶେ ବିଧାୟକ ଭାବେ ଶ୍ରୀକାନ୍ତ ସାହୁ ଓ ଆସ୍କା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କୁ ରେକର୍ଡ ସଂଖ୍ୟାରେ ଭୋଟଦେଇ ଜିତାଇ ଆଣିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଦଳ ଛାଡି ବିଜେପି ଦଳରେ ମିଶିଥିବା ବ୍ୟକ୍ତିମାନଙ୍କୁ ତୀବ୍ର ସମାଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବାଲିଛାଇ ସରପଞ୍ଚ ସିଲୁ ବେହେରା ଓ ସମିତିସଭ୍ୟଙ୍କ ସମେତ ୩୮ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ୩୯ ଜିଲ୍ଲା ପରିଷଦ ସଭ୍ୟା ଝୁନୁ ସାହୁ, ୪୦ଜିଲ୍ଲା ପରିଷଦ ସଭ୍ୟ ବିକ୍ରମ ନାୟକ, ପୋଲସରା ଏନ୍.ଏ.ସି ଉପନଗରପାଳ ସନ୍ତୋଷ କୁମାର ବେହେରା ବ୍ଲକ୍ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡା, ସୁଶିତ୍ କୁମାର ସାହୁ, ସୁରେଶ ଚନ୍ଦ୍ର ପାତ୍ର, ପ୍ରଶାନ୍ତ କୁମାର ଦାସ, କେ.ସେନ୍ତାଷ କୁମାର ପାତ୍ର, ଚନ୍ଦ୍ରେଶଖର ଡାକୁଆ, ବିପ୍ରଚରଣ ମହାନ୍ତି, ସତ୍ୟ ନାରାୟଣ ପଣ୍ଡା, କାଳୁଚରଣ ବେହେରା, ରଞ୍ଜିତ କୁମାର ବାରିକ, ମନୋଜ କୁମାର ପ୍ରଧାନ, ସିଲୁ ବେହେରା, ସତ୍ୟବାଦୀ ସାହୁ, ଅବନୀ କୁମାର ପାତ୍ର, ପ୍ରସାଦ କୁମାର ସାହୁ, ବାବୁଲା ସାହୁ, ପୀତବାସ ପ୍ରଧାନ ପ୍ରମୁଖଙ୍କ ସେମତ ଅନେକ ସଂଗଠକ ଏବଂ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## କୃପାଜଳର ବାର୍ଷିକ ଉତ୍ସବ ଫ୍ଲୋରେନ୍ସ-୨୦୨୪ ଉଦ୍‌ଯାପିତ






**ପିପିଲି (ଅମୃତ ମିଡିଆ):** ରାଜଧାନୀ ଉପକଣ୍ଠ କୌଶଲ୍ୟାଗଙ୍ଗ ସ୍ଥିତ କୃପାଜଳ ଇଂଜିନିୟରିଂ କଲେଜର ବାଷିର୍କ ଉତ୍ସବ ଫ୍ଲୋରେନ୍ସ ୨୦୨୪ ଏକ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । କୃପାଜଳ ଗୃପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ଚେୟାରମ୍ୟାନ ଡ଼ଃ ଭବାନୀ ଚରଣ ରଥଙ୍କ ସଭାପତିତ୍ୱର ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର କୁଳପତି ପ୍ରଫେସର ଡ଼ଃ ବଂଶୀଧର ମାଝୀ ଯୋଗଦେଇ ପ୍ରେତ୍ୟକ କ୍ଷେତ୍ରେର ନିଷ୍ଠା ଓ ଏକାଗ୍ରତାର ସହ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ନାଲକୋ ଆର୍.ଏଣ୍ଡ.ଡି ମହାପ୍ରବନ୍ଧକ ଇଂ ବିନୁତା ପାତ୍ର, ଉତ୍କଳ ବିଲ୍‌ଡସର୍ର ମୁଖ୍ୟ ଅଧିକାରୀ ସୁବାଷ ଭୁରା, ସାମ୍ବାଦିକ ବିଶ୍ୱରାଜ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ସତ୍ୟ, ଧର୍ମ, ନ୍ୟାୟ, ଅହିଂସା ଓ ଉତ୍ତମ ଚରିତ୍ରବାନ ଯୁକ୍ତ ପୂର୍ଣ୍ଣାଙ୍ଗ ମଣିଷ ଭାବେ ନିଜକୁ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ । କୃପାଜଳ ଅନୁଷ୍ଠାନ ସମୁହର ନିର୍ଦ୍ଦେଶକ ଡ଼ଃ ବିଭୂତି ଭୂଷଣ ରଥ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଯୁବଶକ୍ତିର ସଫଳ ଉପଯୋଗ ଉପେର ଅାଲୋକପାତ କରିଥିଲେ। କୃପାଜଳର ପ୍ରତିଷ୍ଠାତା ଡ଼ଃ ରଥ ନିଜ ଅଭିଭାଷଣେର ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ନିଜ ମଧ୍ୟେର ଥିବା ସୃଜନ ଶକ୍ତିର ବିକାଶ କରିବାକୁ ପରାମର୍ଶ ଦେଇଥିଲେ । ବୈଷୟିକ ଶିକ୍ଷାର ଗୁଣାତ୍ମକ ଦିଗ ପ୍ରତି ଅାଲୋକପାତ କରିବା ସହ ରାଷ୍ଟ୍ର ନିମାର୍ଣେର ଯୁବ ଇଂଜିନିୟରଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିବା ସହ ବ୍ୟକ୍ତିତ୍ୱର ବିକାଶ, ଚରିତ୍ର ଗଠନ ସହ ପ୍ରେତ୍ୟକ ନିଜର ଆତ୍ମ ପରିଚୟ ଖୋଜିବା ଆବଶ୍ୟକ ବୋଲି ସେ କହିଥିଲେ। ପାଠ ପଢା ସହିତ ଜଣେ ଭଲ ମଣିଷ ଓ ଭଲ ଦେଶ ସେବକ ଭାବେ ନିଜକୁ ଗଢି ତୋଳିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । କଲେଜର ଅଧକ୍ଷ ଡ଼ଃ ଦିଲିପ କୁମାର ବିଶ୍ୱାଳ ବିବରଣୀ ପାଠ କରିବା ଅବସରେର କେଲଜର ବିଭିନ୍ନ ସଫଳତା ସଂପକର୍ରେ ଅାଲୋକପାତ କରିଥିଲେ। ଏହି ଅବସରରେ ପ୍ରଫେସର ଡ଼ଃ ବଂଶୀଧର ମାଝୀ, ଇଂ ବିନୁତା ପାତ୍ର, ଖେଣ୍ଡଲୱାଲ ଟ୍ୟୁବ୍‌ସ ଓ ଇସ୍ପାତର ନିର୍ବାହୀ ନିର୍ଦ୍ଦେଶକ ଡ଼ଃ ଅକ୍ଷୟ ଖେଣ୍ଡଲୱାଲ, ସୁବାଷ ଭୁରା, ସାମ୍ବାଦିକ ବିଶ୍ୱରାଜ ପଟ୍ଟନାୟକଙ୍କୁ 'କୃପାଜଳ ସମ୍ମାନରେ ସଂବର୍ଦ୍ଧିତ କରାଯାଇଥିବା ବେଳ ବିଭିନ୍ନ କ୍ଷେତ୍ରେର କୃତିତ୍ୱ ହାସଲ କରିଥିବା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପେର ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକଷର୍କ ଲୋକନୃତ୍ୟ, ଆଧୁନିକ ନୃତ୍ୟ, ସଂଗୀତ ଓ ଅଭିନୟ ପରବିେଷଣ କରାଯାଇଥିଲା ।

ଏହାର ଉଦ୍‌ଯାପନୀ ସଂନ୍ଧ୍ୟାେର ଓଡିଆ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ହାସ୍ୟ ଅଭିନେତା ପପୁ ପମପମ୍‌ଙ୍କ ହାସ୍ୟ ଅଭିନୟ ଓ ଲବ୍ଧ ପ୍ରତିଷ୍ଠିତ ଗାୟିକା ଅନ୍ତରା ଚକ୍ରବର୍ତ୍ତିଙ୍କ ଯାଦୁକାରୀ ସଂଗୀତ ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । କୃପାଜଳ ଅନୁଷ୍ଠାନ ସମୁହର ପ୍ରତିଷ୍ଠାତା ଚେୟାରମ୍ୟାନ ଡ଼ଃ ରଥ ଓ ନିର୍ଦ୍ଦେଶକ ଡ଼ଃ ବିଭୂତି ଭୂଷଣଙ୍କ ସଙ୍ଗୀତ ପରବିେଷଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

# ପ୍ରଚଣ୍ଡ ଖରାରେ ଜଳୁଛି ବଡ଼ଦାଣ୍ଡ, ଭକ୍ତ ହନ୍ତସନ୍ତ



**ପୁରୀ(ବ୍ୟୁରୋ):** ଖରାର ପ୍ରକୋପ ଦିନକୁ ଦିନ ବଢିବାରେ ଲାଗିଛି। ପ୍ରଚଣ୍ଡ ତାତିରେ ଅସ୍ତବ୍ୟସ୍ତ ହେଉଛନ୍ତି ଜନଜୀବନ। ଏପରିକି ଖରାର ପ୍ରକୋପ ଯୋଗୁଁ ବେଳାଭୂମି ଖାଁ ଖାଁ ଲାଗିଲାଣି। ବଡ଼ଦାଣ୍ଡରେ ଭକ୍ତଙ୍କ କୋଳାହଳ କମିଗଲାଣି ତଥାପି ଛୁଟିଦିନ ପଡ଼ିଲେ ଭକ୍ତଙ୍କ ସମାଗମ ବଢୁଛି। ମାତ୍ର ଭକ୍ତଙ୍କ ସୁଗମ ଦର୍ଶନରେ କାଳ ସାଜିଛି ଡହଡହ ଖରା। ଭକ୍ତଙ୍କ ପାଇଁ ଏସି ଟନେଲ୍ ବାଦ ଆଉ ଏକ ସେଡ୍ ହୋଇଛି। କିନ୍ତୁ ଅନ୍ୟ ଦ୍ୱାର ଦେଇ ଭକ୍ତମାନେ ଫେରିବା ବେଳେ ଏବଂ ଶ୍ରୀମନ୍ଦିର ପରିସରରେ ନୀତିକାନ୍ତି ଯୋଗୁଁ ଦର୍ଶନ ବନ୍ଦ ରହିଲେ, ଧାଡ଼ିରେ ଛିଡ଼ା ହେଉଥିବା ଭକ୍ତମାନେ ତାତିରେ ସନ୍ତୁଳି ହେଉଛନ୍ତି। ରାସ୍ତା ତତଲା ତାୱା ପାଲଟି ଯାଉଥିବାରୁ ଭକ୍ତମାନେ ଫେରିବାବେଳେ କଲବଲ ହେଉଛନ୍ତି। ଓଃ.. ଆଃ.. ହୋଇ ଦୌଡୁଛନ୍ତି। ଶ୍ରୀବିଗ୍ରହମାନଙ୍କ ବଡ଼ମହାସ୍ନାନ ହେବାରୁ ପ୍ରାୟ ୨ ଘଣ୍ଟା ଧରି ଦର୍ଶନ ବନ୍ଦ ରହିଥିଲା। ଫଳରେ ଡହଡହ ଖରାରେ ଧାଡ଼ିରେ ଥିବା ଶ୍ରଦ୍ଧାଳୁମାନେ ସନ୍ତୁଳି ହୋଇଯାଇଥିଲେ। କେବଳ ସିଂହଦ୍ୱାର ଦେଇ ପ୍ରବେଶ ସୁବିଧା ରହିଛି। ତେଣୁ ଏସି ଟନେଲ ପୂର୍ବରୁ ଆଉ ଏକ ଅସ୍ଥାୟୀ ସେଡ୍ କରାଯାଇଛି। ମାତ୍ର ଛୁଟିଦିନରେ ଧାଡ଼ି ସେଡ୍ ବାହାରେ ଲମ୍ବୁଥିବାରୁ ଭକ୍ତମାନେ ଜୋତା ରଖି ଧାଡ଼ିରେ ଛିଡ଼ା ହେବାବେଳେ ହହଗଞ୍ଜ ହେଉଛନ୍ତି। ଏସି ଟନେଲ୍ ଅତିକ୍ରମ କରିବା ପରେ



ଦୋଳବେଦୀ ଠାରୁ ଲୁହା ବାଡ଼ ଧାଡ଼ିରେ ଯିବାକୁ ପଡୁଛି। ଯଦି ନୀତିକାନ୍ତି ହେଉଛି, ତେବେ ଭକ୍ତମାନଙ୍କୁ ଧାଡ଼ିରେ ବହୁ ସମୟ ଛିଡ଼ା ହେବାକୁ ପଡୁଛି। ତଳେ ସିନା କାର୍ପେଟ୍ ବିଛା ହୋଇଛି, କିନ୍ତୁ ଉପରେ ଟେଣ୍ଟ ନଥିବାରୁ ଭକ୍ତମାନେ ଖରାରେ ସିଝୁଛନ୍ତି। ମାତ୍ର ସବୁଠୁ ବେଶୀ ଯନ୍ତ୍ରଣା ଦେଉଛି ଦର୍ଶନ କରି ସାରିବା ପରେ ଜୋତାଷ୍ଟାଣ୍ଡ ପର୍ଯ୍ୟନ୍ତ ଫେରିବା ଚାରିଦ୍ୱାର ପାର୍ଶ୍ୱରେ ଜୋତା ଓ ଆସବାବ ରଖିବାର ବ୍ୟବସ୍ଥା ଅଛି। କିନ୍ତୁ ଚାରିଦ୍ୱାର ଦେଇ ପ୍ରବେଶର ସୁବିଧା ନାହିଁ। ତେଣୁ ଲୋକେ ବଡ଼ଦାଣ୍ଡରେ ହୋଇଥିବା ଜୋତାଷ୍ଟାଣ୍ଡରେ ଜୋତା ଓ ଅନ୍ୟ ଆସବାବ ରଖି ଧାଡ଼ିରେ ଦର୍ଶନ ପାଇଁ ଯାଉଛନ୍ତି। କିନ୍ତୁ ଫେରିବା ବେଳେ ଖାଲିପାଦରେ ୩ଶହରୁ ୪ଶହ ମିଟର ଦୂରରେ ଥିବା ଜୋତାଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିବା ବେଳକୁ ପାଦ ଫୋଟକା ହୋଇଯାଉଛି। ଏଣେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପରେ ସାତ ପାହାଚ ଠୁ ନେଇ ବାହାର କାଠ ଦର୍ଶନ ପର୍ଯ୍ୟନ୍ତ ଠେଲାପେଲା ଅସହ୍ୟ ହେଉଛି। ବୃଦ୍ଧବୃଦ୍ଧା, ଭିନ୍ନକ୍ଷମମାନେ ବାହାର କାଠ ନିକଟରେ ପହଞ୍ଚିବା ବେଳକୁ ଅଣନିଃଶ୍ୱାସୀ ହୋଇଯାଉଛନ୍ତି। ଛୋଟପିଲା ଗହଳିରେ ଫସି ରହି ରାହା ଧରି କାନ୍ଦୁଛନ୍ତି। ବାହାରେ ଏସି ଟନେଲ୍ ବ୍ୟବସ୍ଥା ହୋଇଛି, କିନ୍ତୁ ଭିତରୁ ଦର୍ଶନ କରି ବାହାରିବା ବେଳକୁ ଭକ୍ତମାନେ ଅଣନିଃଶ୍ୱାସୀ ହୋଇ ଯାଉଛନ୍ତି। କିଛି ଭକ୍ତ ଦୂରଦୂରାନ୍ତରରୁ ଆସୁଥିଲେ ସୁଦ୍ଧା ଭିଡ଼ ଦେଖି ଲେଉଟି ଯାଉଛନ୍ତି।

# ଖରାଯୋଗୁଁ ବ୍ୟବସାୟ ବାଧାପ୍ରାପ୍ତ

## ପର୍ଯ୍ୟଟକଙ୍କ ଆଗମନରେ ୪୦ ପ୍ରତିଶତ ହ୍ରାସ



**ପୁରୀ(ବ୍ୟୁରୋ):** କଲବଲ କଲାଣି ତାତି। ଘରୁ ଗୋଡ଼ କାଢ଼ିବାକୁ ଦେଉନି ଝାଞ୍ଜି ତାପମାତ୍ରା। ଖାଲି ଶରୀରକୁ କଷ୍ଟ ଦେଉନାହିଁ, ପୁରୀ ଅର୍ଥନୀତିକୁ ବି ପ୍ରଭାବିତ କଲାଣି। ପୁରୀର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ। କିନ୍ତୁ ତାତି ଯୋଗୁଁ ପର୍ଯ୍ୟଟକଙ୍କ ଆଗମନରେ ୪୦ ପ୍ରତିଶତ ହ୍ରାସ ପାଇଛି ହୋଟେଲ ରୁମ୍ ଖାଲି ପଡ଼ିଛି। ଟୁର୍ ଅପରେଟରମାନେ ଆକର୍ଷଣୀୟ ପ୍ୟାକେଜ୍ ଦେବା ସତ୍ତ୍ୱେ ସପ୍ତାହେ ହେଲା ପର୍ଯ୍ୟଟକଙ୍କ ଆଗମନ ହେଉନାହିଁ। ୯୨ଟି ଟୁରିଷ୍ଟ ବସ୍‌ରୁ ମାତ୍ର ୨୭ଟି ଚଳାଚଳ କରୁଛି। ହୋଟେଲ ଠାରୁ ନେଇ କ୍ଷୁଦ୍ର ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଛି। ଏବେ ନିଦାଘ ଗ୍ରୀଷ୍ମର ତାତି ଓ ନିର୍ବାଚନ ଉଷ୍ମତା ପର୍ଯ୍ୟଟନ ଶିଳ୍ପକୁ ପ୍ରଭୃତି କ୍ଷତି ପହଞ୍ଚାଇବ ବୋଲି ହୋଟେଲ ଶିଳ୍ପ ଓ ଅପରେଟରମାନେ ଆଶଙ୍କା କଲେଣି।

ଗ୍ରୀଷ୍ମ ସମୟରେ ପୁରୀରେ ତାତି ଅନ୍ୟ ସହର ଅପେକ୍ଷା କମ୍ ଅନୁଭୂତ ହେଉଥିବାରୁ ଖରାଦିନେ ମଧ୍ୟ ପୁରୀକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ମାତ୍ର ଚଳିତ ବର୍ଷ ତାପମାତ୍ରା ୩୬ ଡିଗ୍ରି ସେଲସିୟସ୍ ଉପରେ ଥିବାବେଳେ ଆର୍ଦ୍ରତା ୮୪ ପ୍ରତିଶତ ଉପରେ ରହୁଛି। ଫଳରେ ପର୍ଯ୍ୟଟକମାନଙ୍କ ବୁଲାବୁଲି ପାଇଁ ପରିବେଶ ଅନୁକୂଳ ହେଉନାହିଁ। ତେଣୁ ପୁରୀରେ ମଧ୍ୟ ଚଳିତ ବର୍ଷ ପର୍ଯ୍ୟଟକଙ୍କ ଆଗମନ ଯଥେଷ୍ଟ ହ୍ରାସ ପାଇଛି। ସ୍ଥିତି ଏମିତି ଯେ, କିଛି ହୋଟେଲ ଓ ଟୁର୍ ପ୍ୟାକେଜ୍ ଆଡ୍‌ଭାନ୍ସ ବୁକିଂ ହୋଇଥିବା ସତ୍ତ୍ୱେ ପର୍ଯ୍ୟଟକମାନେ ବାତିଲ କରି ଦେଉଛନ୍ତି। ଏହା ଫଳରେ ପରିବହନ କ୍ଷେତ୍ର ମଧ୍ୟ ଯଥେଷ୍ଟ ପ୍ରଭାବିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଓ ସମୁଦ୍ର ଯୋଗୁଁ ବହୁ ପର୍ଯ୍ୟଟକ ଦୂରଦୂରାନ୍ତରରୁ ବସ୍ ଯୋଗେ ଆସନ୍ତି। କିନ୍ତୁ ତାତି ଯୋଗୁ ସର୍ବସାଧାରଣ ପରିବହନ ଶିଳ୍ପଠୁ ନେଇ ଅଟୋ ଚାଳକ ଯାଏ ମଧ୍ୟ ପ୍ରଭାବିତ ହୋଇଛନ୍ତି। ପୁରୀ ହୋଟେଲ ମାଲିକ ସଂଘର ସଭାପତି ରାଜକିଶୋର ପାତ୍ରଙ୍କ କହିବା ଅନୁଯାୟୀ, ସପ୍ତାହେ ମଧ୍ୟରେ ହୋଟେଲ ରହଣି ୪୦ ପ୍ରତିଶତ ହ୍ରାସ ପାଇଛି। ପୂର୍ବରୁ ଖରାଦିନେ ଏଭଳି ସ୍ଥିତି ପରିଲକ୍ଷିତ ହୋଇନାହିଁ। ଖରାଦିନେ ମଧ୍ୟ ପୁରୀରେ ହୋଟେଲ ରୁମ୍‌ଗୁଡ଼ିକ ପରିପୂର୍ଣ୍ଣ ରୁହେ। ଏଥର କିନ୍ତୁ ତାତି ଯୋଗୁ ବୁଲାବୁଲି କରିବା ଅସମ୍ଭବ ପର ହେଉନାହିଁ। ଯାହାଫଳରେ ହୋଟେଲ ରୁମ୍ ବୁକିଂ ହ୍ରାସ ପାଇଛି। ପୁରୀ ସହରରେ କେବଳ ୭ଶହରୁ ଅଧିକ ହୋଟେଲ ରହିଛି। ପୁରୀର ଅର୍ଥନୀତି ହୋଟେଲ ଓ ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭର କରେ। କିନ୍ତୁ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛି। ଯଦି ଆଉ କିଛିଦିନ ତାତିର ପ୍ରବାହ ଏମିତି ଚାଲୁ ରହେ, ତେବେ କେବଳ ହୋଟେଲ ନୁହେଁ, ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ ପୁରୀ ସହରର ଅର୍ଥନୀତି ପ୍ରଭାବିତ ହେବ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବର୍ତ୍ତମାନ ତାତି ଦାଉ ସାଧୁଥିବା ବେଳେ ଆଗକୁ ସାଧାରଣ ନିର୍ବାଚନ ପାଇଁ ମଧ୍ୟ ଧିରେ ଧିରେ ଆଡ୍‌ଭାନ୍ସ ବୁକିଂ ହ୍ରାସ ପାଉଛି ବୋଲି ସେ କହିଛନ୍ତି। ସିଟି ଟୁର୍ ଆଣ୍ଡ ଟ୍ରାଭେଲ୍‌ସର ଆଲୋକ ପ୍ରଧାନ କହିଛନ୍ତି, ଆକର୍ଷଣୀୟ ଟୁର ପ୍ୟାକେଜ୍ ଦେଇ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରିଛୁ, କିନ୍ତୁ ତାତି ସବୁ ବିଗାଡ଼ି ଦେଇଛି। ଦୈନିକ ୧୦ରୁ ୧୫ଟି ଗାଡ଼ିରେ ଟୁର୍ ହେଉଥିଲେ ହେଁ ଏହି ସପ୍ତାହ ମଧ୍ୟରେ ଗୋଟିଏ ବି ଗାଡ଼ି ଟୁରରେ ବାହାରି ନାହିଁ। ଗତବର୍ଷ ବି ଖରା ଯୋଗୁ ବ୍ୟବସାୟ ହ୍ରାସ ପାଇଥିଲା, କିନ୍ତୁ ଏଭଳି 'ଶୂନ' ଅବସ୍ଥା କେବେ ଦେଖିବାକୁ ମିଳିନଥିଲା ବୋଲି ସେ କହିଛନ୍ତି। ଟୁରିଷ୍ଟ ବସ୍ ଓ ପରିବହନ ଶିଳ୍ପ ଉପରେ ମଧ୍ୟ ତାତିର ପ୍ରଭାବ ପଡ଼ିଛି। ବସ୍ ମାଲିକ ସଂଘର ରାଜବଲ୍ଲଭ ମିଶ୍ର କହିଛନ୍ତି, ପୁରୀରେ ୯୨ଟି ଟୁରିଷ୍ଟ ବସ୍ ରହିଛି। କିନ୍ତୁ ଗତକାଲି ୧୮ଟି ଯାଇଥିବା ବେଳେ, ଆଜି ମାତ୍ର ୨୭ଟି ଟୁରିଷ୍ଟ ବସ୍ ପର୍ଯ୍ୟଟକଙ୍କୁ ନେଇ ଯାତ୍ରା କରିଛି। ପ୍ରତିଦିନ ଚଳାଚଳ କରୁଥିବା ପ୍ରାୟ ୩୦ ପ୍ରତିଶତ ଗାଡ଼ି ଚଳାଚଳ କରୁନାହିଁ। ଯେଉଁ ବସ୍‌ଗୁଡ଼ିକ ୪ ପାଳ ଯାତାୟାତ କରୁଥିଲେ, ସେମାନେ ଦୁଇପାଳରେ ସନ୍ତୁଷ୍ଟ ରହୁଛନ୍ତି। ପୁରୀର ବସ୍‌ଗୁଡ଼ିକ ମୁଖ୍ୟତଃ ପର୍ଯ୍ୟଟକଙ୍କ ଯାତାୟାତ ଉପରେ ନିର୍ଭର କରୁଛି। ତେବେ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଥିବାରୁ ପରିବହନ ବ୍ୟବସ୍ଥା ପ୍ରଭାବିତ ହୋଇଛି ବୋଲି ସେ କହିଛନ୍ତି।

# ବିଜେଡିର କର୍ମୀ ସମ୍ମିଳନୀ

**ପୁରୀ(ବ୍ୟୁରୋ):** ପୁରୀ ଜିଲ୍ଲା ବିଜେଡି ଦଳର ସାଧାରଣ ସମ୍ପାଦକ ନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ୮ ନମ୍ବର ୱାର୍ଡର କର୍ମୀ ସମ୍ମିଳନୀ ତିଆଡ଼ିସାହି ଅଡଙ୍ଗ ତିଆଡ଼ି ଜାଗା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପୁରୀ ଜିଲ୍ଲା ବିଜେଡ଼ି ଦଳର ସଭାପତି ଦିବାକର ପାତ୍ର, ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାନସଭା ପ୍ରାର୍ଥୀ ସୁନିଲ କୁମାର ମହାନ୍ତି, ଉପସଭାପତି ଭକ୍ତ ଚରଣ ଦାସ, ପର୍ଯ୍ୟବେକ୍ଷକ କାଶୀନାଥ ରଣା, ନଗର ସଭାପତି ସବ୍ୟସାଚୀ ମହାପାତ୍ର, ନଗରପାଳ ଶାନ୍ତିଲତା ପ୍ରଧାନ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୁଷ୍ପାଞ୍ଜଳି ରଣା, ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ସରୋଜ କୁମାର ନାୟକ, ବିଜୟ ମାଝୀ, ଓଡ଼ିଶା ମୋ ପରିବାର ଜୀବନବିନ୍ଦୁର ସହ ସମ୍ପାଦକ ଭଗବାନ ପଢିଆରୀ, ଅଡଙ୍ଗ ତିଆଡି ଜାଗା ସଭାପତି ଦେବାଶିଷ ହୋତା, ପୂର୍ବତନ କାଉନସିଲର ନୃସିଂହ ଚରଣ ସାହୁ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ନିର୍ବାଚନକୁ ଆଖି ଆଗରେ ରଖି କର୍ମୀମାନଙ୍କ ମଧ୍ୟରେ ବିଭିନ୍ନ ସମସ୍ୟାକୁ ସମାଧାନ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ବିଭିନ୍ନ ସାହିର ସମସ୍ୟା ଗୁଡ଼ିକ ସମାଧାନ



କରିବା ନିମନ୍ତେ କର୍ମୀମାନେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଦସ୍ୟ ସାଇନା ଖୁଣ୍ଟିଆ, ଦେବେନ୍ଦ୍ର ସାହୁ, ବିଜୟ କୃଷ୍ଣ ବ୍ରହ୍ମା, ତାପସ ପଟ୍ଟନାୟକ, ହରିହର ମିଶ୍ର, ପୀତବାସ ବାରିକ, ଅଭିନାଶ ମିଶ୍ର, ଧଡୁ ପ୍ରଧାନ, ଭୀମସେନ ମହାରଣା, ବୈଦ୍ୟନାଥ ଷଡଙ୍ଗୀ ପ୍ରମୁଖ ପରିଚାଳନା କରିଥିବାବେଳେ ଶେଷରେ ପ୍ରସନ୍ନ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# 'ସି-ଭିଜିଲ୍' ଆପ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




**ପୁରୀ(ବ୍ୟୁରୋ):** ଆସୁଛି ଗଣତନ୍ତ୍ରର ମହାପର୍ବ ନିର୍ବାଚନ। ଏହାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ଦିଗରେ ସୋମବାର ଆସୋସିଏସନ୍ ଅଫ ଟ୍ୱିଟର ଆକ୍ଟିଭିଷ୍ଟସ୍ ପକ୍ଷରୁ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ସମ୍ମୁଖରେ ନିର୍ବାଚନ କମିଶନଙ୍କ 'ସି-ଭିଜିଲ' ଆପ୍ ବ୍ୟବହାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇବା ସହ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ସମ୍ପର୍କିତ ତଥ୍ୟକୁ ସି-ଭିଜିଲ ଆପ୍ ମାଧ୍ୟମରେ କିପରି ଅଭିଯୋଗ କରାଯାଇ ପାରିବ ଏବଂ ତାହା କିପରି ୧୦୦ ମିନିଟ ଭିତରେ ସମାଧାନ ହୋଇପାରୁଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ସି-ଭିଜିଲ ଆପ୍ ବ୍ୟବହାର ସମ୍ପର୍କିତ ଲିଫ୍ଲେଟ୍ ମଧ୍ୟ ଛାତ୍ରଛତ୍ରୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଉକ୍ତ ସମୟରେ ୫୦ରୁ ଊର୍ଦ୍ଧ୍ୱ ଆଣ୍ଡ୍ରଏଡ୍ ମୋବାଇଲରେ ଛାତ୍ରଛାତ୍ରୀମାନେ ସି-ଭିଜିଲ ଆପ୍ ଖୋଲିଥିଲ। ଅନୁଷ୍ଠାନର କୋଷାଧ୍ୟକ୍ଷ ମାନସ ରଥ, ଦୀପକ କୁମାର ପ୍ରଧାନ, ଜଗନ୍ନାଥ ସେଠୀ ଓ ପାଣ୍ଡବ ଜେନାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଗା ଚାକର ସଂଘ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ

**ପୁରୀ(ବ୍ୟୁରୋ):** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସାନିଧ୍ୟକୁ ଭିତ୍ତି କରି ସମାଜରେ ଏକ ସକାରାତ୍ମକ ବିଚାରକୁ ବାନ୍ଧି ରଖିବାର ପ୍ରୟାସରେ ସେବା କରି ଚାଲିଛି ପୁରୀ ସହରର ଅଗ୍ରଣୀ ସଂଗଠନ ଜଗା ଚାକର ସଂଘ। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ପୁରୀ ସ୍ଥିତ ସଂକଳ୍ପ ଫାଉଣ୍ଡେସନ, ଅସ୍ତରାଗ ବୃଦ୍ଧାଶ୍ରମ, ହୋପ୍ ଇନ୍ ଲାଇଫ ବୃଦ୍ଧାଶ୍ରମ, ନିଶା ନିବାରଣ କେନ୍ଦ୍ର ଓ ଗୋଶାଳା ଇତ୍ୟାଦିରେ ଅନ୍ତେବାସୀମାନଙ୍କ ପାଇଁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଏଥିସହିତ ବୃଦ୍ଧାଶ୍ରମରେ ରହିଥିବା ବୃଦ୍ଧ ମା'ବାପାଙ୍କ ମୁଁହରେ କିଛି ଆନନ୍ଦର ଲହରୀ ଓ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ଏକ ସତ୍‌ସଙ୍ଗ ଆୟୋଜନ କରି ଭଜନ କୀର୍ତ୍ତନ ଓ ହରିକଥା କରିବାର ସଫଳ ଚେଷ୍ଟା କରିଥିଲେ। ଅବସରପ୍ରାପ୍ତ ଯନ୍ତ୍ରୀ ପ୍ରସନ୍ନ କୁମାର ଚୌଧୁରୀ ଓ ପ୍ରିୟଦର୍ଶନ ସାହୁଙ୍କ ସୁପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁକୁନ୍ଦ ମିଶ୍ର, ନଗରର ସଭାପତି ଜଗଦା ନନ୍ଦ ମିଶ୍ର, ଦେବାଶିଶ ଦାସ, ପ୍ରଶାନ୍ତ କୁମାର ପ୍ରମୁଖ ଯୋଗଦାନ କରି ଜଗା ଚାକର ସଂଘର ଏତାଦୃଶ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଆଧୁନିକ ସମାଜରେ ମା'ବାପାମାନଙ୍କୁ ଅଲୋଡ଼ା ମନେ କରାଯାଉଥିବାରୁ ସଂଘର ଉପସଭାପତି ପ୍ରକାଶ ଚନ୍ଦ୍ର ସାହୁ କ୍ଷୋଭ ପ୍ରକାଶ କରିଥିଲେ। ଜଗା ଚାକର ସଂଘର ସଭାପତ ସଦାନନ୍ଦ ସାହୁ ଓ ଉପାସଭାପତି ପ୍ରକାଶ ଚନ୍ଦ୍ର ସାହୁଙ୍କ ମାର୍ଗ ଦର୍ଶନରେ ଜଗନ୍ନାଥ ମହାପ୍ରଭୁଙ୍କର ସଂସ୍କୃତି ଓ ଚେତନାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଯଥାସାଧ କାର୍ଯ୍ୟ କରିଆସୁଛି। ଶ୍ରୀ ସାହୁଙ୍କର କହିବା ଅନୁସାରେ, ଆଗାମୀ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରାକୁ ଲକ୍ଷ୍ୟ ରଖି ଏହା ଏକ ପ୍ରାରମ୍ଭିକ ଆଲୋଚନା, ଯେଉଁଥିରେ ଓଡିଶାର ଭିନ୍ନଭିନ୍ନ ସ୍ଥାନରୁ ସଭ୍ୟା ସଭ୍ୟ ଭାଇ ଭଉଣୀ ଯୋଗଦାନ କରିଥିଲେ।

# ସୁକୁନ୍ଦ ମିଶ୍ର ନଗରକୁ ପାଣି ଯୋଗାଣ ପାଇଁ ଦାବି

**ପୁରୀ(ବ୍ୟୁରୋ):** ସୁକୁନ୍ଦ ମିଶ୍ର ନଗରକୁ ପାଣି ଯୋଗାଣ ନିମନ୍ତେ ଜିଲ୍ଲାପାଳଙ୍କୁ ସାହି ବାସିନ୍ଦା ପକ୍ଷରୁ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। ଏଥିରେ ଜଣାଯାଇଛି ଯେ, ବସୁଧା ଯୋଜନାରେ କଲୋନୀର ୬୦ ଭାଗ ଲୋକ ପାଣି ପିଇବା ପାଇଁ ସୁବିଧା ପାଉଥିବାବେଳେ ଅବଶିଷ୍ଟ ୪୦ ଭାଗ ଲୋକ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି।ବାରମ୍ବାର ଆର୍‌ଡବ୍ଲୁଏସ୍‌ଏସ୍ ଅଧିକ୍ଷଣ ଯନ୍ତ୍ରୀ ପୁରୀଙ୍କୁ ଜଣାଇଥିଲେ ମଧ୍ୟ ସେ କେବଳ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଇ ତଦନ୍ତ କରିଥିଲେ। ମାତ୍ର ତଦନ୍ତ କରିବାର ୩ ମାସ ପରେ ମଧ୍ୟ କଲୋନୀକୁ ପିଇବା ପାଣିର ସୁବିଧା ହୋଇପାରୁ ନାହିଁ। ଚଳିତ ଗ୍ରୀଷ୍ମ ପ୍ରବାହରେ ପିଇବା ପାଣିର ଅଭାବତାକୁ ନେଇ ସାହି ବାସିନ୍ଦା ରୋଗାକ୍ରାନ୍ତ ହୋଇ ପଡିବା ପୂର୍ବକ ଅନେକ ଅଧିବାସୀ ଡଣ୍ଡିସ୍ ରୋଗ ଆକ୍ରାନ୍ତ ହୋଇ ଚିକିସାଧିନ ହେଉଛନ୍ତି। ତେଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ସାହିର ପିଇବା ପାଣିର ସମସ୍ୟା ଅଭାବତା ଦୂର କରିବା ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍ ଗ୍ରାମବାସୀମାନେ ଆସନ୍ତା ବିଧାନସଭା ଓ ଲୋକସଭା ନିର୍ବାଚନ ଭୋଟ ଦେବାରେ ନିଜକୁ ବଞ୍ଚିତ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଶ୍ରୀମନ୍ଦିରରେ ଦୟଣାଲାଗି ନୀତି ସମ୍ପନ୍ନ



**ପୁରୀ(ବ୍ୟୁରୋ):** ଚୈତ୍ର ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦୟଣାଲାଗି ନୀତି ସମ୍ପନ୍ନ ହୋଇଛି। ପୂର୍ବଦିନ ଅର୍ଥାତ୍ ରବିବାର ଚୈତ୍ର ଶୁକ୍ଳ ତ୍ରୟୋଦଶୀରେ ଦୟଣା ଚୋରି ନୀତି ସମ୍ପନ୍ନ ହୋଇଥିଲା। ସୋମବାର ଚତୁର୍ଦ୍ଦଶୀ ତିଥୀ ଅବସରରେ ପରମ୍ପରା ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ ଠାକୁର ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଦୟଣା ଲାଗି କରାଯାଇଥିଲା। ସୋମବାର ଶ୍ରୀମନ୍ଦିରରେ ସକାଳଧୂପ ସମ୍ପନ୍ନ ହେବା ପରେ ଠାକୁରଙ୍କ ମହାସ୍ନାନ ନୀତି ହୋଇଥିଲା। ପରେ ଘଟୁଆରୀ ଘର ଠାରୁ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର ଏବଂ ମୁଦିରସ୍ତ ପିଙ୍ଗଣରେ ଚନ୍ଦନ ଆଣି ରତ୍ନ ସିଂହାସନକୁ ବିଜେ କରାଇଥିଲେ। ଶ୍ରୀବିଗ୍ରହମାନଙ୍କ ସର୍ବାଙ୍ଗ ଲାଗି କରାଯାଇଥିଲେ। ଏହାପରେ ନୂଆ ଲୁଗା ଲାଗିହୋଇ ବେଶ ବଢିଥିଲା। ଶ୍ରୀବିଗ୍ରହମାନଙ୍କୁ ୬ ମୁଣ୍ଡି ଅଳଙ୍କାର ଲାଗି କରାଯାଇଥିଲା। ପରେ ପୂଜାପଣ୍ଡା, ପତି ମହାପାତ୍ର ଏବଂ ମୁଦିରସ୍ତ ଭୋଗମଣ୍ଡପ ଘରକୁ ଯାଇଥିଲେ। ତିନି ପୁଷ୍ପାଳକ ତିନିବାଡ଼ ଚାଙ୍ଗୁଡ଼ି ଧରିଥିଲେ। ମହାଜନ ସେବକମାନେ ମଦନମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ହାତରେ ବିଜେ କରାଇ ଘଣ୍ଟା, ଛତା, ସହିତ ଶ୍ରୀମନ୍ଦିର ଭିତର ବେଢାରେ ୩ ଘେରା ପରିକ୍ରମା କରି ରତ୍ନସିଂହାସନରେ ବିଜେ କରାଇଥିଲେ। ପରେ ତିନି ଠାକୁରଙ୍କୁ ଦରଣା ଲାଗି କରାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ତିନିଜଣ ପୂଜାପଣ୍ଡା ଷୋଡଶ ଉପଚାରରେ ଭୋଗ କରିଥିଲେ। ପରେ ପାଣି ପଡ଼ି ବନ୍ଦାପନା ହେବା ପରେ ଠାକୁରଙ୍କୁ ଲାଗି ଦୟଣା ମଇଲମ ହୋଇ ଶ୍ରୀନଅରକୁ ପଠାଯାଇଥିଲା। ମଦନମୋହନ ଦକ୍ଷିଣୀ ଘର ବିଜେ କରିବା ପରେ ଭୋଗ ଲାଗି ସମ୍ପନ୍ନ ହୋଇ ଦୈନନ୍ଦିନ ନୀତି ବଢିଥିଲା।

## ଫେଲ୍ ମାରୁଛି ଆଲୋକୀକରଣ ବ୍ୟବସ୍ଥା

# ଅନ୍ଧାରରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ

**ପୁରୀ(ବ୍ୟୁରୋ):** ଅନ୍ଧାରରେ ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥ। ଆରମ୍ଭରୁ ଆଲୋକୀକରଣ ବ୍ୟବସ୍ଥା ଫେଲ୍। ଲାଗିଥିବା ଷ୍ଟ୍ରିଟ୍‌ଲାଇଟ୍‌ରୁ ଅଧା ଜଳୁଥିବାବେଳେ ଅଧା ଖରାପ ଅବସ୍ଥାରେ। ଫଳରେ ସନ୍ଧ୍ୟା ଗଡ଼ିଲେ ଏହି ରାଜପଥରେ ଅନ୍ଧାର ରାଜୁତି କରୁଛି। ଫଳରେ ଦିନକୁ ଦିନ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଦୁର୍ଘଟଣା ସଂଖ୍ୟା ବଢ଼ିଚାଲିଛି। ଘନ ଅନ୍ଧକାର ଯୋଗୁଁ ଅକାଳରେ ମୁଣ୍ଡ ଗଡୁଛି। ଏଥିସହ ଚୋରି, ରାହାଜାନି ବି ବଢ଼ିଚାଲିଛି। ୨୦୨୨ ମସିହା ପହିଲାରୁ ଜାତୀୟ ରାଜପଥ ଆଲୋକୀକରଣ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। କୋଟି କୋଟି ଟଙ୍କା ଖର୍ଚ୍ଚ କରି ଦାମୀ ଟ୍ୟୁବୁଲାର ପୋଲ୍ ଓ ଏଲ୍‌ଇଡି ଲାଇଟ୍ ଲଗାଗଲା।

୨୦୨୨ ରଥଯାତ୍ରା ପୂର୍ବରୁ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଅଠରନଳା ଠାରୁ ପିପିଲି





ପର୍ଯ୍ୟନ୍ତ ଶତାଧିକ ଷ୍ଟ୍ରିଲ୍ ଲାଇଟ୍(ଟ୍ୟୁବୁଲାର ପୋଲ୍) ଲଗାଯାଇଥିଲା। ଲକ୍ଷ୍ୟ ଥିଲା, କୋଭିଡ୍ କଟକଣା ଯୋଗୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖି ପାରିନଥିବା ଭକ୍ତଙ୍କୁ ଭିନ୍ନ ଏକ ଅନୁଭୂତି ଦେବା। ରାଜପଥରେ ଅନ୍ଧକାର ଦୂର କରି ଦୁର୍ଘଟଣା ହ୍ରାସ କରିବା। ପ୍ରକଳ୍ପ ଆରମ୍ଭର ପ୍ରାୟ ୨ ବର୍ଷ ପରେ ଏହି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା। କିନ୍ତୁ ଦୁର୍ଭାଗ୍ୟ, କାର୍ଯ୍ୟକ୍ଷମର ଅଳ୍ପ କେଇଦିନ ଭିତରେ ବହୁ ଷ୍ଟ୍ରିଟ୍‌ଲାଇଟ୍ ଅଚଳ ହୋଇପଡ଼ିଛି। ସେ ପୁରୀ ହେଉ କି ଚନ୍ଦନପୁର, ସାକ୍ଷୀଗୋପାଳ, ସମଯାଜପୁର ହେଉ କି ପିପିଲି, ସବୁଠି ସମାନ ସ୍ଥିତି ଦେଖିବାକୁ ମିଳିଛି। ବହୁ ଷ୍ଟ୍ରିଟ୍‌ଲାଇଟ୍ ଜଳୁ ନଥିବାରୁ ଚାଳକମାନେ ଘନ ଅନ୍ଧକାରରେ ରାସ୍ତା ଜାଣି ନ ପାରି ଡିଭାଇଡରରେ ପିଟି ହେଉଛନ୍ତି। ଆଉ କେହି କେହି ରାସ୍ତା ତଳକୁ ଖସି ପଡୁଛନ୍ତି। ବେଳେ ବେଳେ ଅନ୍ଧାର ରାତିରେ ଶୋଇଥିବା ଗାଈଗୋରୁଙ୍କ ସହ ପିଟି ହୋଇ ମୃତାହତ ହେଉଛନ୍ତି। ଅନ୍ୟପଟେ ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥରେ ଯା'ଆସ ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ପିପିଲି ଟୋଲ୍ ଗେଟ୍‌ରେ ଗାଡ଼ି ଚାଳକଙ୍କ ଠାରୁ ଦୈନିକ କୋଟି କୋଟି ଟଙ୍କାର ଟୋଲ୍ ଆଦାୟ ହେଉଛି। କିନ୍ତୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) ଯେଉଁ ପରିମାଣର ରାଜସ୍ୱ ଗୋଟାଉଛି, ସେହି ପରିମାଣରେ ଲୋକଙ୍କୁ ସେବା ଦେବାରେ ବିଫଳ ହୋଇଛି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଅନ୍ଧକାରମୟ ପରିବେଶ ଏହାର ଜ୍ୱଳନ୍ତ ଉଦାହରଣ ବୋଲି ସାଧାରଣରେ ଅଭିଯୋଗ ହୋଇଛି।







ମଣିଷ ଶରୀରରେ ସାଧାରଣତଃ ଅଭ୍ୟନ୍ତରରେ ଥିବା ଲୋହିତ ରକ୍ତ କଣିକାର ଅନିୟମିତ ବୃଦ୍ଧିକୁ ଡାକ୍ତରୀ ଭାଷାରେ ସିକଲସେଲ ଆନାମିଆ ବା ରକ୍ତ ଶିକୁଳି କୁହାଯାଏ। ପ୍ରାଥମିକ ସମୟରେ ଏହାକୁ ନଜାଣି ପାରିବା ବା ଅବହେଳା କରିବା ଦ୍ୱାରା ଏହା ଶରୀରରେ ଅତ୍ୟନ୍ତ ବିପଦଜନକ ପରିସ୍ଥିତି ସୃଷ୍ଟି କରେ। ସାଧାରଣତଃ ମଣିଷ ଶରୀରରେ ଥିବା ଲୋହିତ ରକ୍ତ କଣିକା ଗୁଡ଼ିକ ଗୋଲ ବା ଚକ୍ରାକାର ହୋଇଥିବାବେଳେ ଏଥିରେ କିନ୍ତୁ ଲୋହିତ ରକ୍ତ କଣିକା ଅର୍ଦ୍ଧ ଚନ୍ଦ୍ରାକାର କଣିକା ପରି ସୃଷ୍ଟି ହୋଇଥାଏ। ଲୋହିତ ରକ୍ତ କଣିକାରେ ଅଧିକ ପରିମାଣର ଲୌହସାର ଯୁକ୍ତ ହେମୋଗ୍ଲୋବିନ ଥାଏ ଏହା ଏକ ଭାରବାହୀ କାର୍ଯ୍ୟ କରିବା ପରି ଫୁସ୍‌ଫୁସ୍‌ରୁ ସମଗ୍ର ଶରୀରରେ ଅମ୍ଳଜାନ ପରିବହନ କରିଥାଏ।

# ପିଲାଙ୍କ ରକ୍ତ ଶିକୁଳି ରୋଗ

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ରକ୍ତ ଶିକୁଳି ରୋଗଟି ଲୋହିତ ରକ୍ତ କଣିକାର ହେମୋଗ୍ଲୋବିନ ଧାରଣା କ୍ଷମତାକୁ ନଷ୍ଟ କରିଦେଇଥାଏ ଯାହାଦ୍ୱାରା ଶରୀରରେ ରକ୍ତ ଅଭାବ ସୃଷ୍ଟି ହୋଇ ମୃତ୍ୟୁମୁଖରେ ପଡ଼ିବା ସାର ହୋଇଥାଏ। ସଚେତନତାର ଅଭାବ, ଅପପୁଷ୍ଟିର ଶିକାର, କମ ବିଶ୍ରାମ, ଅଧିକ ପ୍ରଜନନ ଓ ସଠିକ ବିଶ୍ରାମ ଆଦି ବିଭିନ୍ନ କାରଣରୁ ଆଦିବାସୀ ମହିଳାମାନେ ଏହି ରୋଗକୁ ଅଧିକ ଭାବରେ ସାମ୍ନା କରିଥାନ୍ତି। ୧ ୯ ୫ ୨ ମସିହାରେ ଏହି ରୋଗର ଜିନ୍ ଭାରତର ତାମିଲନାଡୁସ୍ଥିତ ନୀଳଗିରି ପାର୍ବତ୍ୟାଞ୍ଚଳରେ ତା ପାର୍ଦୁଭାବ ଦେଖାଇଥିଲା। ସାଧାରଣତଃ ପ୍ରଶ୍ନ ଉଠିଥାଏ ରକ୍ତ ଶିକୁଳି ସମସ୍ୟାକୁ କିପରି ପିଲାଙ୍କ ଠାରେ ଜାଣି ହେବ? ପିଲାଙ୍କ ଠାରେ ଜଣ୍ଡିସର ଅନେକ ପ୍ରାଥମିକ ଲକ୍ଷଣ ଏହି ସିକ୍‌ଲସେଲ ଆନିମିଆର ହିଁ ସମ୍ଭାବନା ଯାହାଦ୍ୱାରା ପିଲାଟିର ଶରୀରରେ ଲୋହିତ ରକ୍ତ କଣିକା ପ୍ରଭାବିତ ହୋଇ ପିଲାଟିର କେବଳ ଆଖି ନୁହଁ ଚର୍ମ ମଧ୍ୟ ଏକ ପ୍ରକାର ହଳଦିଆ ଦେଖାଯାଏ। ଏହା ସହ ହାତ, ଗୋଡ଼, ପେଟ, ଛାତି ଓ ଶରୀରର ଅନ୍ୟ ଅଭ୍ୟନ୍ତର ସ୍ଥାନରେ ପିଲାଟି ଅସହ୍ୟ ଯନ୍ତ୍ରଣାକୁ ସାମ୍ନା କରି ଛଟପଟ ହୁଏ। ତାର ଯେଉଁ ଅଙ୍ଗରେ ରକ୍ତ ଶିକୁଳିର ପ୍ରଦାହ ଦେଖାଯାଏ ସେହି ସ୍ଥାନକୁ ରକ୍ତ ସଞ୍ଚାର ବନ୍ଦ ହୋଇଯାଇଥିବାରୁ ଯନ୍ତ୍ରଣା ସେହିଠାରୁ ହିଁ ଶରୀରର ଭିତର ଆଡ଼କୁ ଏକ ପ୍ରକାର ମାଡ଼ି ଆସେ। ପିଲାଟି କ୍ଲାନ୍ତସ୍ଲାନ୍ତ ହୋଇଯାଏ ଓ କେତେକ କ୍ଷେତ୍ରରେ ଏହି ଯନ୍ତ୍ରଣା ସମୟରେ ପିଲାଟିକୁ ନିମୋନିଆ ଗ୍ରାସ କରିଥାଏ। ଏହାସହ ଜ୍ୱର, କଫ ଓ ଶ୍ୱାସନଳୀ ପରି ସମସ୍ୟାକୁ ମଧ୍ୟ ପିଲାଟି ସାମ୍ନା କରେ।

ରକ୍ତ ଶିକୁଳି ରୋଗଟି ପିଲାମାନଙ୍କର ପ୍ରାଥମିକ କ୍ଷେତ୍ରରେ ଦେଖାଯାଏ ଏହା ଏକ ପ୍ରକାର ଆନୁବଂଶିକ ରୋଗ। କେବଳ ବାପା ବା ମାଆ ନୁହଁନ୍ତି ପରିବାର କୌଣସି ଲୋକର ଏହି ସମସ୍ୟା ଥିଲେ ପରବର୍ତ୍ତୀ ପିଢ଼ୀ ସ୍ୱାଭାବିକ ଭାବେ ଏହାକୁ ସାମ୍ନା କରିଥାନ୍ତି। ପ୍ରାଥମିକ ଭାବେ ଶିଶୁ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ ନେବା ଜରୁରୀ। ରାଜ୍ୟ ସରକାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ବଡ଼ ମେଡ଼ିକାଲ ଓ ଶିଶୁଭବନ ସବୁଠାରେ ଏହାର ପରାମର୍ଶ ଓ ନିଦାନ ପାଇଁ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି କରିଛନ୍ତି। ପ୍ରଥମେ ଡାକ୍ତରଙ୍କ ପରାମର୍ଶ ନେଇ ପିଲାଟିର ରକ୍ତ ପରୀକ୍ଷା ଦ୍ୱାରା ଶରୀରରେ ହେମୋଗ୍ଲୋବିନର ମାତ୍ରା, ପରିସ୍ଥିତି ଓ ବିଷାକ୍ତ ତତ୍ତ୍ୱ ନେଇ ତଥ୍ୟ ଜଣାପଡ଼ିଥାଏ। ଆବଶ୍ୟକସ୍ଥଳେ ପିଲାଟିକୁ ଶରୀରରେ ହେମୋଗ୍ଲୋବିନର ପର୍ଯ୍ୟାପ୍ତ ମାତ୍ରା ଭାରସାମ୍ୟ ରକ୍ଷା କରିବା ପାଇଁ ରକ୍ତ ଦେବାକୁ ପଡ଼ିଥାଏ। ତେବେ ଏପରି ପରିସ୍ଥିତିରେ ପିଲାଟି ଯେପରି ଶରୀରରେ ଡିହାଇଡ୍ରେସନ ଓ ଅମ୍ଳଜାନ ଅଭାବର ସମସ୍ୟାକୁ ସାମ୍ନା ନକରେ ସେ ଦିଗକୁ ଦୃଷ୍ଟି ଦେବା ଜରୁରୀ। ଡାକ୍ତରଙ୍କ ପରାମର୍ଶ ନେଇ ପିଲାଟିକୁ ଫୁଟା ଯାଇଥିବା ବିଶୋଧିତ ପର୍ଯ୍ୟାପ୍ତ ପାଣି ଦିଅନ୍ତୁ। କେତେକ ପିଲାଙ୍କ କ୍ଷେତ୍ରରେ ଏହି ଚିକିତ୍ସା ଆରମ୍ଭ ହୋଇଥିବାବେଳେ ପରିପାର୍ଶ୍ୱିକ ଯନ୍ତ୍ରଣା ଓ ଶରୀରର ଅନ୍ୟ ଅଙ୍ଗକୁ ସଂକ୍ରମଣ ଓ ଷ୍ଟ୍ରୋକର ଭୟ ରହିଥାଏ। ତେବେ ଏ ନେଇ ଭୟଭୀତ ହେବାର କିଛି କାରଣ ନାହିଁ। ସାଧାରଣତଃ ରକ୍ତ ଶିକୁଳି ପରି ଏକ ଯନ୍ତ୍ରଣାଦାୟକ ଓ ଚିନ୍ତାଜନକ ମାରାତ୍ମକ ବିଶେଷ କରି ଶିଶୁରୋଗ ପାଇଁ ଓଡ଼ିଶା ସରକାର ଅନେକ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା ହାତକୁ ନେଇଛନ୍ତି। ମାତୃଗର୍ଭରୁ ପିଲାଟିକୁ କୁପୋଷଣ ଓ ରକ୍ତହୀନତାରୁ ଦୂରେଇବା ପାଇଁ ଗର୍ଭବତୀ ମାଆଙ୍କୁ ପୁଷ୍ଟିକର ଖାଦ୍ୟ, ମାଗଣା ସ୍ୱାସ୍ଥ୍ୟପରାମର୍ଶ ଓ ପ୍ରୋତ୍ସାହନ, ବିଭିନ୍ନ ଟୀକାକରଣ ଓ ସରକାରୀ ଡାକ୍ତରଖାନାରେ ନିରାପଦ ପ୍ରସବ ପାଇଁ ଯୋଜନା ହାତକୁ ନେଇଛନ୍ତି। ସେହିପରି ରାଜ୍ୟର ସମସ୍ତ ଡାକ୍ତରଖାନାରେ ଶିଶୁରୋଗ ବିଶେଷଜ୍ଞମାନେ ଏହି ରୋଗର ଚିକିତ୍ସା ନିରାକରଣ ଓ ସଚେତନତା ପାଇଁ ଅନେକ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ସରକାରୀ ଡାକ୍ତରଖାନାରେ ମାଗଣା ଡାକ୍ତରୀ ପରାମର୍ଶ ସହ ମାଗଣା ପରୀକ୍ଷା, ନିରୀକ୍ଷା ଓ ଔଷଧ ବଣ୍ଟନ ସହ ଆବଶ୍ୟକସ୍ଥଳେ ବିନା ମୂଲ୍ୟରେ ରକ୍ତ ଭଣ୍ଡାରରୁ ଲୋଡ଼ା ପଡୁଥିବା ପିଲାମାନଙ୍କ ପାଇଁ ରକ୍ତ ମଧ୍ୟ ପ୍ରଦାନ କରାଯାଉଛି। ଏହାର ସୁଯୋଗ ନେବା ଜରୁରୀ। କାହାକଥା ଶୁଣି କୌଣସି ହାତ ଚିକିତ୍ସା ବା ଘରୋଇ ଚିକିତ୍ସା ପିଲଟି ଠାରେ ପ୍ରୟୋଗ କରନ୍ତୁ ନାହିଁ। ଗୁଣିଗାରେଡ଼ି ସହାୟତା ନେବା ତ ଦୂରର କଥା ପିଲାଟିର ଅଭିଭାବକମାନେ ଏହାକୁ ଚିନ୍ତା ଭିତରକୁ ଆଣନ୍ତୁ ନାହିଁ। ଡାକ୍ତରଙ୍କ ଉପରେ ବିଶ୍ୱାସ ଓ ଧୈର୍ଯ୍ୟ ରଖନ୍ତୁ। ସରକାରୀ ଡାକ୍ତରଖାନାରେ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଚିକିତ୍ସା ଜାରି ରଖିବା ସହ ପିଲାଟିକୁ ଆଶ୍ୱାସନା ଦିଅନ୍ତୁ। ଭଗବାନ ସାମୟିକ ଭାବେ ଯେଉଁ କଷ୍ଟ ଦେଇଛନ୍ତି ବୋଲି ଭାବୁଛନ୍ତି ଦେଖିବେ ଖୁବ୍ ଶୀଘ୍ର ଏ ସବୁ ଦୂର ହୋଇଯିବ କିନ୍ତୁ ଆପଣଙ୍କ ଅଧୈର୍ଯ୍ୟ ଓ ଡାକ୍ତରଙ୍କ ଅବିଶ୍ୱାସ ବା କାହାର କାନକୁହା କଥା ପିଲାଟିର ପରିସ୍ଥିତିକୁ ବିଗାଡ଼ି ଦେଇପାରେ, ଏହାକୁ ଭୁଲନ୍ତୁ ନାହିଁ। ଦେଖିବେ ଆପଣଙ୍କ ପିଲାଟି ପୁଣି ଖୁସିରେ ଫାଟିପଡ଼ିବ ଆପଣଙ୍କ ଦୁଃଖର ସଂସାର ଭିତରେ ପୁଣି ସୁଖର ଢେ଼ଉ ଫେରିଆସିବ।

*ସହକାରୀ ପ୍ରଫେସର, ଶିଶୁରୋଗ ବିଭାଗ*
*ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪*

# ନିଦ୍ରାହୀନତାରୁ ହୃଦ୍‌ଘାତ ଆଶଙ୍କା

**ଡାକ୍ତର ସମ୍ରାଟ କର**

ନିଦ୍ରାହୀନତାର ଶିକାର ଲୋକଙ୍କ ଠାରେ ହୃଦ୍‌ଘାତ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଏକ ନୂତନ ଅଧ୍ୟୟନରେ ସତର୍କ କରିଦିଆଯାଇଛି। ଏ ସମ୍ପର୍କରେ ଚାଇନା ମେଡ଼ିକାଲ ୟୁନିଭର୍ସିଟିର ଗବେଷକ କ୍ୱିଓ କହନ୍ତି ‘ଶରୀର ପାଇଁ ନିଦ୍ରା ହେଉଛି ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆମ ଜୀବନକାଳର ଏକ ତୃତୀୟାଂଶ ସମୟ କେବଳ ଶୋଇବାରେ ହିଁ ବିତିଯାଏ। କିନ୍ତୁ ଆଧୁନିକ ସମାଜରେ ଅଧିକରୁ ଅଧିକ ଲୋକ ନିଦ୍ରାହୀନତାର ଶିକାର ହେଉଥିବା ଅଭିଯୋଗ କରନ୍ତି। ନିଦ୍ରାହୀନତା ସହ ହୃଦ୍‌ରୋଗ ବା ହୃଦ୍‌ଘାତ ଭଳି ସମସ୍ୟା ଜଡ଼ିତ। ଯେଉଁମାନେ ନିଦ୍ରାହୀନତାର ଶିକାର ହୋଇଥାଆନ୍ତି ସେମାନଙ୍କୁ ଶେଯରେ ଗଡ଼ିପଡ଼ିଲେ ମଧ୍ୟ ନିଦ ନ ଲାଗିବା, ଉଠି ପଡ଼ିବା ଆଦି ଲକ୍ଷଣମାନ ପ୍ରକାଶ ପାଇଥାଏ। ଗବେଷକମାନେ ସମୁଦାୟ ୧,୬୦,୮୬୭ ଅଂଶଗ୍ରହଣକାରୀଙ୍କୁ ନେଇ ୧୫ଟି ଅଧ୍ୟୟନ ବିଶ୍ଳେଷଣ କରିଥିଲେ। ଏଥିରୁ ଜାଣିବାକୁ ମିଳିଲା ଯେ, ବିଳମ୍ବରେ ନିଦ ଲାଗିବା, ଅଧିକ ସମୟ ପର୍ଯ୍ୟନ୍ତ ନିଦ ଜାରି ନରହିବା ଏବଂ ଖୁବ୍ ଶୀଘ୍ର ନିଦ ଭାଙ୍ଗିଯିବା ଆଦି କାରଣ ପାଇଁ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଇଥାଏ। ବଡ଼ି ଭୋରରୁ ଉଠିବା ସହିତ ଶରୀରରେ ପ୍ରତିକୂଳ ପ୍ରଭାବର କୌଣସି ସମ୍ପର୍କ ନାହିଁ। ତେବେ ଗବେଷକମାନେ ଦେଖିବାକୁ ପାଇଲେ ଯେ, ବିଳମ୍ବରେ ନିଦ ଲାଗିବା, ଅଧିକ ସମୟ ନିଦ ଲାଗି ନରହିବା ଏବଂ ହଠାତ୍ ନିଦରୁ ଉଠିପଡ଼ିବା ଆଦି ଲକ୍ଷଣ ଯୋଗୁ ହୃଦ୍‌ରୋଗ ଆଶଙ୍କା ଯଥାକ୍ରମେ ୨୭,୧୧ ଓ ୧୮ ପ୍ରତିଶତ ବୃଦ୍ଧି ପାଇଥାଏ। ତେବେ ନିଦ୍ରାହୀନତାର ଶିକାର ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ଠାରେ ହୃଦ୍‌ରୋଗ ଓ ହୃଦ୍‌ଘାତ ଆଶଙ୍କା ଅଧିକ ବୋଲି ଗବେଷକମାନେ କହିଛନ୍ତି।



ନିଦ୍ରାହୀନତାର କାରଣ ଓ ପ୍ରତିକାର : ମନୁଷ୍ୟ ଶରୀର ପାଇଁ ନିଦ୍ରାର ଆବଶ୍ୟକତା ଯଥେଷ୍ଟ ପରିମାଣରେ ରହିଛି। ଖାଦ୍ୟ, ଜଳ ଓ ବାୟୁ ଭଳି ନିଦ୍ରା ମଧ୍ୟ ସୁସ୍ଥ ଶରୀର ପାଇଁ ଆବଶ୍ୟକ। ଉପଯୁକ୍ତ ଖାଦ୍ୟ ବିନା ଶରୀର ଯେପରି ଦୁର୍ବଳ ହୋଇଯାଏ, ଠିକ୍ ସେହିପରି ଆବଶ୍ୟକ ପରିମାଣରେ ନିଦ୍ରା ନହେଲେ ମନୁଷ୍ୟ ଶାରୀରିକ ଓ ମାନସିକ ସ୍ତରରେ ଦୁର୍ବଳ ହୋଇଯାଏ। ସେ ତାର ଦୈନନ୍ଦିନ କାର୍ଯ୍ୟ କରିବାକୁ ଅକ୍ଷମ ହୋଇଯାଏ ଓ ପରିଶେଷରେ ନିଜ ପରିବାର ତଥା ସମାଜ ପାଇଁ ତାର କର୍ତ୍ତବ୍ୟ କରି ନପାରି ନିଜକୁ ଅଲୋଡ଼ା ବୋଲି ଭାବିଥାଏ। ଏହି ପରିପ୍ରେକ୍ଷୀରେ ନିଦ କିପରି ହୁଏ ତାହା ସର୍ବପ୍ରଥମେ ଆମର ଜାଣିବା ଉଚିତ। ଆମ ଶରୀରରେ ଯେଉଁସବୁ କାର୍ଯ୍ୟ ହୁଏ ତାହା ମସ୍ତିଷ୍କ ଦ୍ୱାରା ପରିଚାଳିତ ହୁଏ। ମସ୍ତିଷ୍କକୁ ଶରୀରକୁ ଆସୁଥିବା ସ୍ନାୟୁ ଦ୍ୱାରା ଖବର ଯାଏ ଓ ମସ୍ତିଷ୍କରୁ ଆସୁଥିବା ସ୍ନାୟୁ ଦ୍ୱାରା ଶରୀରର ବିଭିନ୍ନ ଅଂଶକୁ ଖବର ଯାଏ। ତେଣୁ ପ୍ରତ୍ୟେକ କାର୍ଯ୍ୟର ନିୟନ୍ତ୍ରକ ହେଲା ଆମର ମସ୍ତିଷ୍କ। ଏହି କାର୍ଯ୍ୟ ସମ୍ପାଦନ, ଅନୁଶୀଳନ ଓ ପ୍ରେରଣ କରିବା ଦ୍ୱାରା ମସ୍ତିଷ୍କର କୋଷଗୁଡ଼ିକ ଅବଶ ହୋଇଯାଆନ୍ତି ଓ ବିଶ୍ରାମ ଦରକାର କରନ୍ତି। ମସ୍ତିଷ୍କର ଏହି ସାମୟିକ ବିଶ୍ରାମ ହେଉଛି ନିଦ୍ରା। ନିଦ୍ରାକୁ ମୁଖ୍ୟତଃ ଦୁଇଗୋଟି ପର୍ଯ୍ୟାୟରେ ବିଶ୍ଳେଷଣ କରାଯାଇପାରେ। ଦ୍ରୁତ ଚକ୍ଷୁଦୋଳନ ବିହୀନ : ଏଥିରେ ଶୋଇଥିବା ସମୟରେ ଲୋକଟି ଧୀରେ ଧୀରେ ଆଖି ବୁଲାଇଥାଏ। ଏହା ଚାରିଗୋଟି ପର୍ଯ୍ୟାୟରେ ବିଭକ୍ତ। ପ୍ରଥମ ପର୍ଯ୍ୟାୟରେ ଲୋକଟି ବହୁତ ଧୀରେ ଆଖି ବୁଲାଇଥାଏ। ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ହେଉଛି ମଧ୍ୟବର୍ତ୍ତୀ ଅବସ୍ଥା। ଚତୁର୍ଥ ପର୍ଯ୍ୟାୟ ହେଉଛି ଗଭୀର ନିଦ୍ରାବସ୍ଥା। ଏହି ଚାରିଗୋଟି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ୯୦ ମିନିଟ୍ ସମୟ ଲାଗେ। ଏହାପରେ ପୁଣି ଦ୍ରୁତ ଚକ୍ଷୁ ଦୋଳନ ଆରମ୍ଭ ହୁଏ। କେଉଁ ପର୍ଯ୍ୟାୟରେ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି ତାହା ଉପରେ ନିଦ୍ରାହୀନତାର ପ୍ରଭାବ ନିର୍ଭର କରେ। ଦ୍ରୁତ ଚକ୍ଷୁଦୋଳନ : ଏଥିରେ ଲୋକଟି ଜୋରରେ ଆଖି ବୁଲାଇଥାଏ। ପିଲାମାନଙ୍କୁ : ଜନ୍ମ ଠାରୁ ଏକମାସ ପର୍ଯ୍ୟନ୍ତ ଶିଶୁଟିର ଦିନକୁ ୨୨ ଘଣ୍ଟା ଶୋଇବା ଦରକାର। ଦୁଇମାସର ଶିଶୁ ୨୦ ଘଣ୍ଟା, ଚାରିମାସର ଶିଶୁ ୧୬ ଘଣ୍ଟା ଓ ୧ବର୍ଷର ଶିଶୁ ଦିନକୁ ୧୪ ଘଣ୍ଟା ଶୋଇଥାନ୍ତି। ସେହି ସମୟରେ ଶିଶୁର ମସ୍ତିଷ୍କର ସ୍ନାୟବିକ ଅଭିବୃଦ୍ଧି ଘଟିଥାଏ। ଏହାକୁ ଇନ୍‌ସୁଲେସନ ପ୍ରକ୍ରିୟା କୁହାଯାଏ। ଏହି ସମୟରେ ଶବ୍ଦ ପ୍ରଦୂଷଣ ବା କୌଣସି ରୋଗ ଦ୍ୱାରା ନିଦ୍ରାରେ ବ୍ୟାଘାତ ହେଲେ ମାନସିକ ଅଭିବୃଦ୍ଧି ଗଭୀର ଭାବରେ ବାଧାପ୍ରାପ୍ତ ହୋଇଥାଏ। ପିଲାମାନଙ୍କର ନିଦ ପତଳା, ତେଣୁ ଅନେକ ପିଲା ରାତି ଅଧରେ ଚମକି ଉଠନ୍ତି ଏବଂ କୌଣସି କାରଣ ନଥାଇ ରାହା ଧରି କାନ୍ଦନ୍ତି। କୌଣସି ଶାରୀରିକ ରୋଗ

**ଆଧୁନିକ ସମାଜରେ ଅଧିକରୁ ଅଧିକ ଲୋକ ନିଦ୍ରାହୀନତାର ଶିକାର ହେଉଥିବା ଅଭିଯୋଗ କରନ୍ତି। ନିଦ୍ରାହୀନତା ସହ ହୃଦ୍‌ରୋଗ ବା ହୃଦ୍‌ଘାତ ଭଳି ସମସ୍ୟା ଜଡ଼ିତ। ଯେଉଁମାନେ ନିଦ୍ରାହୀନତାର ଶିକାର ହୋଇଥାଆନ୍ତି ସେମାନଙ୍କୁ ଶେଯରେ ଗଡ଼ିପଡ଼ିଲେ ମଧ୍ୟ ନିଦ ନ ଲାଗିବା, ଉଠି ପଡ଼ିବା ଆଦି ଲକ୍ଷଣମାନ ପ୍ରକାଶ ପାଇଥାଏ। ଗବେଷକମାନେ ସମୁଦାୟ ୧,୬୦,୮୬୭ ଅଂଶଗ୍ରହଣକାରୀଙ୍କୁ ନେଇ ୧୫ଟି ଅଧ୍ୟୟନ ବିଶ୍ଳେଷଣ କରିଥିଲେ। ଏଥିରୁ ଜାଣିବାକୁ ମିଳିଲା ଯେ, ବିଳମ୍ବରେ ନିଦ ଲାଗିବା, ଅଧିକ ସମୟ ପର୍ଯ୍ୟନ୍ତ ନିଦ ଜାରି ନରହିବା ଏବଂ ଖୁବ୍ ଶୀଘ୍ର ନିଦ ଭାଙ୍ଗିଯିବା ଆଦି କାରଣ ପାଇଁ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଇଥାଏ।**

ନଥିଲେ ଏଥିରେ ବ୍ୟସ୍ତ ହେବାର ନାହିଁ। ଏହି ସମୟରେ ପିଲାଙ୍କୁ ଟିକେ ପାଣି ବା କ୍ଷୀର ପିଇବାକୁ ଦେଲେ ସେମାନେ ଶୋଇପଡ଼ନ୍ତି। ଅନେକ ପିଲା ଦୁଇରୁ ପାଞ୍ଚବର୍ଷ ଭିତରେ ହଠାତ୍ ନିଦରୁ ଉଠିପଡ଼ି ଭୟଭୀତ ହୋଇ କାନ୍ଦନ୍ତି ବା ଥରନ୍ତି ଏବଂ ଦେହରୁ ବହୁତ ଝାଳ ବୋହୁଥାଏ। ନିଦ୍ରାର ଦୁଇ ତିନିଘଣ୍ଟା ପରେ ଏହା ଆରମ୍ଭ ହୋଇଥାଏ ଓ ସମୟେ ସମୟେ ଏହା ପାଞ୍ଚମିନିଟ୍ ଠାରୁ ତିରିଶ ମିନିଟ୍ ପର୍ଯ୍ୟନ୍ତ ରହେ ଏବଂ ଗୋଟିଏ ରାତିରେ ଦୁଇ ତିନିଥର ଠାରୁ ଆଠଦଶ ଥର ପର୍ଯ୍ୟନ୍ତ ହୋଇପାରେ। ଶିଶୁକୁ ବାଧ କରି ଅତ୍ୟଧିକ ଖୁଆଇଲେ ବା କମ୍ ଖୁଆଇଲେ କିମ୍ବା ପେଟରେ କୃମି ହେଲେ ଏହିପରି ନିଦ ଗୋଳମାଳ ହୁଏ। ଶୋଇବା ସମୟରେ ଉଚ୍ଚ ତକିଆ ଦେଲେ, ଶିଶୁର ଗଳାରେ ଟନ୍‌ସିଲ ଥିଲେ ବା ଥଣ୍ଡା ରୋଗ ଥିଲେ ନିଦରେ ବ୍ୟାଘାତ ଘଟେ। ଶୋଇବା ବେଳେ ପିଲା ପାଟିରେ କୌଣସି ପ୍ରକାର ଖାଦ୍ୟ ରଖି ଶୁଆଇବା ଉଚିତ ନୁହେଁ। ଶୁଆଇବା ସମୟରେ ଶିଶୁକୁ ଭୟ ଦେଖାଇ ବା ଭୟପୂର୍ଣ୍ଣ କାହାଣୀ ଯଥା ଭୂତ, ଡାହାଣୀ, ଅସୁର ପ୍ରଭୃତି କାହାଣୀ ଆଦି କହି ଶୁଆଇବା ଉଚିତ ନୁହେଁ। କାରଣ ମସ୍ତିଷ୍କ ଅଭିବୃଦ୍ଧିରେ ଏହାର କୁପ୍ରଭାବ ପଡ଼ିଥାଏ। ସାଧାରଣ ଚିକିତ୍ସାଦ୍ୱାରା ଏହା ଉପଶମ ନହେଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ। ବୟସ୍କ ଓ ବୃଦ୍ଧ : ବୟସ୍କ ଓ ବୃଦ୍ଧ ବ୍ୟକ୍ତିଙ୍କର ନିଦ ପତଳା ହୋଇଥାଏ। ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତି ଦିନକୁ ୫/୬ ଘଣ୍ଟା ଶୋଇବା ଉଚିତ। ଶୋଇବା ଘରେ ବାୟୁ ଚଳାଚଳର ଅଭାବ, ଖାଦ୍ୟପେୟର ଅସୁବିଧା ବା ମାନସିକ ଚିନ୍ତା ଯୋଗୁଁ ବୟସ୍କ ଲୋକମାନଙ୍କର ଉତ୍ତମ ନିଦ୍ରା ହୋଇନଥାଏ। ନିଦ କମିଗଲେ ସେମାନଙ୍କର ହୃଦ୍‌ରୋଗ, ମୂତ୍ରାଶୟ ରୋଗ ଓ ଫୁସ୍‌ଫୁସ୍ ରୋଗ ଆରମ୍ଭ ହୋଇଥାଏ। ତେଣୁ ନିଦ କମିଗଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। କେତେକ ବ୍ୟକ୍ତି ନିଶା ବଟିକା ବା ମଦ ବ୍ୟବହାର କରି ନିଦ୍ରା ଯାଆନ୍ତି। ଏହା ଅଭ୍ୟାସରେ ପଡ଼ିଗଲେ ବିନା ନିଶାରେ ସେମାନଙ୍କର ନିଦ ହୁଏନାହିଁ। ଏହି ନିଶା ଗୁଡ଼ିକ ମନୁଷ୍ୟର ଧୀଶକ୍ତି, ସ୍ମରଣ ଶକ୍ତି ଓ ଶରୀରର ଭାରସାମ୍ୟ ଶକ୍ତି ଉପରେ ଯଥେଷ୍ଟ କୁପ୍ରଭାବ ପକାଏ, ତେଣୁ ଏହାର ନିରାକରଣ ଆବଶ୍ୟକ। ଛାତ୍ରମାନଙ୍କୁ : ଛାତ୍ରମାନେ ଏକାଗ୍ର ଭାବରେ ବେଶିଦିନ ରାତ୍ରି ଅନିଦ୍ରା ହେବା ଅନୁଚିତ। ଏହାଦ୍ୱାରା ମସ୍ତିଷ୍କ ଉପରେ କୁପ୍ରଭାବ ପଡ଼ିଥାଏ। ଗାଡ଼ି ଚାଳକଙ୍କୁ : ସେହିପରି ଗାଡ଼ି ଚଳାଉଥିବା ବ୍ୟକ୍ତି ୫/୬ ଘଣ୍ଟା ଧରି ଏକାଗ୍ର ଭାବରେ ଗାଡ଼ି ଚଳାଇ ମଝିରେ ମଝିରେ ବିଶ୍ରାମ ନେଇ ଗାଡ଼ି ଚଳାଇବା ଉଚିତ। ନିଦ୍ରାହୀନତାର କାରଣ ନିଦ୍ରା ସହିତ ବିଭିନ୍ନ ସ୍ନାୟବିକ ଜୀବର ରାସାୟନିକ ଓ ମାନସିକ ପ୍ରକ୍ରିୟା ସଂଶ୍ଲିଷ୍ଟ ଥିବାରୁ ବହୁବିଧ କାରଣ ପର୍ଯ୍ୟାଲୋଚନା କରିବା ଦରକାର। ନିଦ ନ ହେବା କାରଣ : ଅତ୍ୟଧିକ ଉତ୍କଣ୍ଠା : କୌଣସି ବିଷୟରେ ଜାଣିବା ପାଇଁ ଅତ୍ୟଧିକ ଉତ୍କଣ୍ଠା ସହିତ ଅପେକ୍ଷା କରିବା ବା କହି ଜଣେ ଆତ୍ମୀୟ ଆସିବା ପାଇଁ ଅତ୍ୟଧିକ ଉତ୍କଣ୍ଠା ସହିତ ପ୍ରତୀକ୍ଷା କରିବା। ବିଷାଦ ରୋଗ : କୌଣସି କାରଣରୁ ଅତ୍ୟଧିକ ମାନସିକ ବିଷାଦ ହେଲେ। ଉନ୍ମାଦ ରୋଗ : ଉନ୍ମାଦ ବା ମାନସିକ ରୋଗ ଆରମ୍ଭ ହେଲେ। ସିଜୋଫ୍ରେନିଆ : ଏହି ସିଜୋଫ୍ରେନିଆ ରୋଗ ହେଲେ। ଅତ୍ୟଧିକ ଯନ୍ତ୍ରଣା ହେତୁ : କୌଣସି ଶାରୀରିକ ରୋଗ ହେତୁ ଶରୀରରେ ଅତ୍ୟଧିକ ଯନ୍ତ୍ରଣା ହେଲେ। ଲଟାକାଶ, ଯକ୍ଷ୍ମା, ଶ୍ୱାସ ପ୍ରଭୃତି ହେଲେ ନିଦ୍ରାରେ ବ୍ୟାଘାତ ଘଟେ। ସ୍ନାୟବିକ ରୋଗ ଯଥା ମାଇଗ୍ରେନ ହେଲେ। ପରିସ୍ଥିତିଜନିତ : ଯୁଦ୍ଧର ଭୟାବହତା, ବନ୍ୟା ଓ ବାତ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ସମୟରେ, ନିଜର ଆତ୍ମୀୟ କେହି ଡାକ୍ତରଖାନାରେ ଥିଲେ ବା ରୋଗଗ୍ରସ୍ତ ଥିଲେ, ରାତ୍ରି ଡ୍ୟୁଟି, ବିବାହ ଆଦି ସାମାଜିକ ଉତ୍ସବ ସମୟରେ। ଦୈନନ୍ଦିନ ଜୀବନ ପ୍ରଣାଳୀରେ ପରିବର୍ତ୍ତନ ଯଥା ବିଦେଶରୁ ପ୍ରତ୍ୟାବର୍ତ୍ତନ କଲେ। ନିଶାସକ୍ତ : ନିଶାସକ୍ତ ବ୍ୟକ୍ତି ନିଶା ଦ୍ରବ୍ୟ ବ୍ୟବହାର ନକଲେ।

ଉପରୋକ୍ତ ଯେକୌଣସି କାରଣରୁ ନିଦ ନହେଲେ ଏହାର ଚିକିତ୍ସା କରିବା ଦରକାର, କାରଣ ଶରୀର ପାଇଁ ଆବଶ୍ୟକ ପରିମାଣର ବିଶ୍ରାମ ନ ହେଲେ ପରେ ଏହା ଶରୀରର ବିଭିନ୍ନ ଶାରୀରିକ ଓ ମାନସିକ ରୋଗର କାରଣ ହୋଇଥାଏ। ନିଦ୍ରାହୀନତା ନିରାକରଣ ପାଇଁ ଔଷଧ ମୁଖ୍ୟତଃ ରୋଗର ପ୍ରକାର ଭେଦ ଉପରେ ନିର୍ଭର କରିଥାଏ। ଏଥିପାଇଁ ନାଇଟ୍ରାଜିପାମ୍, ଆଲପ୍ରାଜୋଲାମ, ଜଲପିଡେମ୍ ଆଦି ବ୍ୟବହାର କରାଯାଏ। ମାତ୍ର ଏହାକୁ ଅଧିକ ଦିନ ବ୍ୟବହାର କଲେ ଲୋକଟିର ଆଡ଼ିକ୍‌ସନ ବା ଅଭ୍ୟାସ ହୋଇଯାଏ। ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ନିଦ୍ରାହୀନତାର ବିଭିନ୍ନ କାରଣ ଦୂର କରିବାକୁ ଚେଷ୍ଟା କରାଯାଏ। ନିଦ୍ରାକାରୀ ଔଷଧ ଆଇନ୍‌କାନୁନ୍ ଅନୁଯାୟୀ ଡାକ୍ତରଙ୍କ ବିନା ପରାମର୍ଶରେ କିଣିବା ବା ବିକିବା ନିଷିଦ୍ଧ ହେଲେ ମଧ୍ୟ ଆଜିକାଲି ନିଶାସକ୍ତ ବ୍ୟକ୍ତିମାନେ ଏହାକୁ ଯେକୌଣସି ଉପାୟରେ ହସ୍ତଗତ କରି ଏହାର ଦୁରୂପଯୋଗ କରୁଛନ୍ତି, କିନ୍ତୁ ଏଭଳି କରିବା ଅନୁଚିତ। କାରଣ ଏହାଦ୍ୱାରା ଶରୀରର ଅନେକ କ୍ଷତି ହୋଇଥାଏ। ନିଦ ନ ହେବା ଅନେକ ଗୁଡ଼ିଏ ମୌଳିକ କାରଣ ଉପରେ ନିର୍ଭର କରେ। ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରି ସାରିବା ପରେ ଔଷଧ ବ୍ୟବହାର କରିବା ଉଚିତ। ନିଦ୍ରାହୀନତାର ଭୟାବହ ପରିଣାମରୁ ଦୂରେଇ ରହିବା ପାଇଁ କିଛି ନିୟମ ମାନି ଚଳିବା ଉଚିତ। ନିୟମାନୁବର୍ତ୍ତିତା – ନିଜର ଦୈନନ୍ଦିନ କାର୍ଯ୍ୟକ୍ରମ ଠିକ୍ ସମୟରେ କରିବା ଉଚିତ। ବ୍ୟାୟାମ – ଶାରୀରିକ ପରିଶ୍ରମ ଉତ୍ତମ ନିଦ୍ରା ପାଇଁ ଏକାନ୍ତ ଅପରିହାର୍ଯ୍ୟ। ଯେଉଁମାନେ ଶାରୀରିକ ପରିଶ୍ରମ କରନ୍ତି ନାହିଁ ସେମାନେ ସକାଳେ ସନ୍ଧ୍ୟାରେ ମୁକ୍ତ ବାୟୁରେ ବ୍ୟାୟାମ କରିବା ବା ଦୁଇ କିଲୋମିଟର ବାଟ ଚାଲିବା ଉଚିତ। ସବୁଦିନ ଏକା ସମୟରେ ନିଦରୁ ଉଠିବାକୁ ଚେଷ୍ଟା କରିବେ। ନିଶା ସେବନ କରିବେ ନାହିଁ। ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣିରେ ଗାଧୋଇବେ। ଶୋଇବା ଘରଟିକୁ ପରିଷ୍କାର ଓ ଶାନ୍ତ ରଖିବେ। ଯେ କୌଣସି କାରଣରୁ ନିଦ ନ ହେଲେ ବା ସାମାନ୍ୟ ମାନସିକ ଭାରସାମ୍ୟରେ ବ୍ୟତିକ୍ରମ ଦେଖାଦେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଉପଯୁକ୍ତ ଚିକିତ୍ସା ଦ୍ୱାରା ସୁନିଦ୍ରା ଲାଭ କରନ୍ତୁ।

*ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼*
*କଟକ, ଦୂରଭାଷ : ୯୧୩୨୪୩୩୩୩୩*




# ଶିଳ୍ପ ଅଭିବୃଦ୍ଧି ପାଇଁ ମାର୍ଗ ପ୍ରଶସ୍ତ କରିଛି ସିଆଇଆଇ ଓଡ଼ିଶା

**ଭୁବନେଶ୍ୱର, (ବ୍ୟୁରୋ):** ୨୦୨୪-୨୫ ବର୍ଷ ପାଇଁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତ ଡା. ପ୍ରଦୀପ୍ତ ମହାନ୍ତି ଓଡ଼ିଶାର ଦ୍ରୁତ ଅଭିବୃଦ୍ଧିକୁ ନେଇ ଆଶାବାଦୀ ରହିଛନ୍ତି। କେବଳ ବୃହତ ଶିଳ୍ପକୁ ପ୍ରୋତ୍ସାହନ ଦେବା ନୁହେଁ ବରଂ ଏମଏସଏମଇ କ୍ଷେତ୍ର ଉପରେ ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରି ଡା. ମହାନ୍ତି ସମଗ୍ର ଓଡ଼ିଶାରେ ବ୍ୟାପକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାବ୍ୟତୀତ ଡା. ପ୍ରଦୀପ୍ତ ମହାନ୍ତି ଓ ସୁନୀଲ ଗୁପ୍ତାଙ୍କୁ ଯଥାକ୍ରମେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରିବା ପରିଷଦ ମଧ୍ୟରେ ବିଶେଷଜ୍ଞତା ଓ ନେତୃତ୍ୱର ଉପଯୋଗ ଦିଗରେ ଏକ ସୁଚିନ୍ତିତ ପଦକ୍ଷେପକୁ ସୂଚାଉଛି। ଖଣି, ଉତ୍ପାଦନ, ଶକ୍ତି ଏବଂ ଭିତିଭୂମି ବିକାଶ ଭଳି କ୍ଷେତ୍ରରେ ଡା. ମହାନ୍ତିଙ୍କ ବ୍ୟାପକ ଅଭିଜ୍ଞତା ଏବଂ ରଣନୈତିକ ପରିଚାଳନା କ୍ଷେତ୍ରରେ ଶ୍ରୀ ଗୁପ୍ତାଙ୍କ ଦକ୍ଷତା, ଓଡ଼ିଶା ପାଇଁ ପରିବର୍ତ୍ତନମୂଳକ ପରିବର୍ତ୍ତନ ଏବଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିର ପ୍ରତିଶ୍ରୁତି ଦେଉଛି। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ବୈଠକରେ ମତବ୍ୟକ୍ତ କରି ସିଆଇଆଇ ଓଡ଼ିଶା ପରିଷଦର ଉପାଧ୍ୟକ୍ଷ ତଥା ବେଦାନ୍ତ ଲିମିଟେଡର ସିଇଓ ଶ୍ରୀ ସୁନୀଲ ଗୁପ୍ତା କହିଛନ୍ତି, "ନୂଆ ସିଆଇଆଇ ପରିଷଦ ପ୍ରଶାସନର ଆବିର୍ଭାବ ସହିତ ଅନେକ ପ୍ରସଙ୍ଗ ଆମର ଦୃଷ୍ଟି ଆକର୍ଷଣ କରୁଛି। ଆମର ପ୍ରୟାସଗୁଡ଼ିକ ମଧ୍ୟରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)କୁ



ପ୍ରୋତ୍ସାହିତ କରିବା ସହିତ ବୃହତ ଶିଳ୍ପ ସଂସ୍ଥାମାନଙ୍କ ସହ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ ରହିବ । ଏହା ସହିତ ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରିବା ଏବଂ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ଦିଗରେ ଆମର ପ୍ରୟାସ ରହିବ । ଏହାବ୍ୟତୀତ ଉଭୟ ପ୍ରାରମ୍ଭିକ ପ୍ରଶିକ୍ଷଣ ଓ ନିରନ୍ତର ସଂଶୋଧନ ଉଦ୍ଦେଶ୍ୟରେ ଦକ୍ଷତା ବିକାଶ ପଦକ୍ଷେପ ମାଧ୍ୟମରେ ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଆମର ଏଜେଣ୍ଡାକୁ ଦର୍ଶାଉଛି। ସ୍ଥାୟୀତ୍ୱର ସନ୍ଧାନ ଏବଂ ସବୁଜ ଶକ୍ତି ପ୍ରଯୁକ୍ତିବିଦ୍ୟାର ଉନ୍ନତିକରଣ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା ଭାବରେ ଜାରି ରହିବ।" ଉଦ୍ଭାବନ ଓ ଅନ୍ତର୍ଭୁକ୍ତୀକରଣ ପାଇଁ ଜଣାଶୁଣା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କେନ୍ଦ୍ର ଭାବେ ଓଡ଼ିଶାକୁ ପ୍ରତିଷ୍ଠା କରିବା ପାଇଁ ପରିଷଦ ୨୦୨୪-୨୫ ବର୍ଷ ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିଛି। ଏହି କ୍ଷେତ୍ରଗୁଡ଼ିକ ମଧ୍ୟରେ ଏମଏସଏମଇ, ଭିତିଭୂମି ଓ ଲଜିଷ୍ଟିକ୍ସ, ସ୍ଥାୟୀତ୍ୱ ସମାଧାନ ଓ ଶକ୍ତି ଦକ୍ଷ ଉତ୍ପାଦ, ଓଡ଼ିଶା ରାଜ୍ୟରୁ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଉତ୍ପାଦର ରପ୍ତାନି ବୃଦ୍ଧି, ସ୍ୱାସ୍ଥ୍ୟ ପର୍ଯ୍ୟଟନ, ରସାୟନ ଓ ପେଟ୍ରୋକେମିକାଲ୍ସର ପ୍ରୋତ୍ସାହନ ଏବଂ ସ୍ଥାୟୀ ଖଣି ଆଦି ସାମିଲ ରହିଛି। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ଶିଳ୍ପ ଉତ୍ପାଦନ, ପୁଞ୍ଜିନିବେଶ ଓ ସାମାଜିକ କଲ୍ୟାଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି। ସରକାରଙ୍କ ସହିତ ମିଶି ଏମଏସଏମଇ ସଂଯୋଗ କାର୍ଯ୍ୟକ୍ରମ ଓ କ୍ଲଷ୍ଟର ବିକାଶ ଭଳି ମିଳିତ ପଦକ୍ଷେପ ମାଧ୍ୟମରେ ଏକ ଆକର୍ଷଣୀୟ ନିବେଶ ସ୍ଥଳ ଭାବେ ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି।

# ଅଲ ଓଡିଶା ପେଟ୍ରୋଲ ଓ ଡିଜେଲ ପମ୍ପ ୱାର୍କରସ ୟୁନିଅନର ୨୫ତମ ରାଜ୍ୟ ସମ୍ମିଳନୀ

**ଭୁବନେଶ୍ୱର, (ବ୍ୟୁରୋ):** ୨୧/୦୪ ଦରମା ବଢ଼ାଅ ନହେଲେ କମ୍ପାନୀ ଅଧୀନରେ କର୍ମଚାରୀ କର.ଏହା ସହ ସର୍ବନିମ୍ନ ମଜୁରୀ ୨୬ ହଜାର ପ୍ରଦାନ ଓ ଶ୍ରମ ଆଇନକୁ କଡାକଡି କରିବା ଆଦି ଦାବି ନେଇ କେନ୍ଦ୍ର ସରକାରଙ୍କୁ କଡା ଚେତାବନୀ ଦେଇଛି ଅଲ ଓଡିଶା ପେଟ୍ରୋଲ ଡିଜେଲ ପେଟ୍ରୋଲ ପମ୍ପ ୱାରକର୍ସ ୟୁନିଅନ. ୟୁନିଅନ ସଭାପତି ସୁରେଶ ଚନ୍ଦ୍ର ରାଉତରାୟଙ୍କ ପୌରାହିତ୍ୟରେ ୟୁନିଅନର ୨୫ ତମ ରାଜ୍ୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଧରିତ୍ରୀ ସମ୍ପାଦକ ତଥାଗତ ଶତପଥୀ, ବିଶିଷ୍ଟ ଅତିଥି ଭାବେ ସର୍ବ ଭାରତୀୟ ପେଟ୍ରୋଲିୟମ ଓ ଗ୍ୟାସ ୱାରକର୍ସ ଫେଡେରେସନର ସମ୍ପାଦକ ଦେବାଂଜନ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ଭାବେ ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ମହାନ୍ତି, ସଂମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଜଜ ଜଷ୍ଟିସ ଉମାଚରଣ ମିଶ୍ର, ଅବସରପ୍ରାପ୍ତ ଇପିଏଫ ସହ କମିଶନର ଶମ୍ଭୁନାଥ ପରିଡା ଯୋଗ ଦେଇ ୟୁନିଅନ ସମସ୍ୟା ଉପରେ ଆଲୋକପାତ କରିଥିଲେ. କାର୍ଯ୍ୟକ୍ରମ ରେ ଉପ ସଭାପତି ଶଙ୍କର ମାଝୀ, ସମ୍ପାଦକ ପବିତ୍ର ଛାଟୋଇ, କୋଷାଧକ୍ଷ ଆର୍ତ୍ତବନ୍ଧୁ ସ୍ୱାଇଁ ଓ ସଦସ୍ୟ ଧନେଶ୍ୱର ନାୟକଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ.ଦୀର୍ଘ ଦିନ ଧରି ପେଟ୍ରୋଲ ପମ୍ପରେ କାର୍ଯ୍ୟରତ କର୍ମଚାରୀ ମାନେ ଦିନ ରାତି ଏକ କରି ଡିଲରଙ୍କୁ ଲାଭ ଦେଉଥିବା ବେଳେ ନିଜ ପେଟ ପାଟଣା ପାଇଁ କର୍ମଚାରୀଙ୍କୁ ୮ ଘଣ୍ଟା ପରିଶ୍ରମ କରି ମାତ୍ର ୧୨ ହଜାର ଦରମା ଦିଅନ୍ତି ଡିଲର. ପ୍ରତିଦିନ ପ୍ରତେକ ପେଟ୍ରୋଲ ଟାଙ୍କି ରେ କର୍ମଚାରୀ ମାନେ ବିଭିନ୍ନ ତୈଳ କମ୍ପାନୀ ଡ୍ରେସ କୋର୍ଡ, କମ୍ପାନୀ ଜୋତା ଓ ଛତା ନେଇ କାର୍ଯ୍ୟ କରି କମ୍ପାନୀର ପ୍ରସାର ପ୍ରଚାର କରୁଥିବା ବେଳେ ସାରା ଭାରତ ବର୍ଷରେ ସବୁ ପେଟ୍ରୋଲ ପମ୍ପରେ ଡିଲର ମାନେ କର୍ମଚାରୀଙ୍କୁ ଦରମା ଦେଇଥାନ୍ତି।

# ବିହାରରେ ରୁଙ୍ଗଟା ଷ୍ଟିଲ୍ ପକ୍ଷରୁ ଇଞ୍ଜିନିୟର ଏବଂ ଆର୍କିଟେକ୍ଟ ମିଟ୍ ଆୟୋଜିତ



**ଭୁବନେଶ୍ୱର, (ବ୍ୟୁରୋ):** ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଏବଂ ଟିଏମଟି ବାର୍ ଉତ୍ପାଦନକାରୀ ରୁଙ୍ଗଟା ଷ୍ଟିଲ୍ ପକ୍ଷରୁ ବିହାର, ପାଟଣାର ହୋଟେଲ ମୌର୍ଯ୍ୟ ଠାରେ ଏକ 'ଇଞ୍ଜିନିୟର ଆଣ୍ଡ ଆର୍କିଟେକ୍ଟ ମିଟ୍' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳର ଇଞ୍ଜିନିୟର୍ ଏବଂ ଆର୍କିଟେକ୍ଟମାନଙ୍କୁ ଏକତ୍ର କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏଥିସହିତ ସେମାନଙ୍କୁ ରୁଙ୍ଗଟାର ଉତ୍ପାଦ ସହିତ ପରିଚିତ କରାଇବା, ବଜାର ଅନ୍ତର୍ନିହିତ ଆବଶ୍ୟକତାକୁ ବୁଝିବା ଏବଂ ଶିଳ୍ପରେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ଅଭିନବତା ଉପରେ ଆଲୋଚନା କରିବା ପାଇଁ ଏକ ପ୍ଲାଟଫର୍ମ ପରିବେଷଣ କରିଥିଲା । ଏହି କାର୍ଯ୍ୟକ୍ରମରେ କ୍ଷେତ୍ରର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୬୦ ରୁ ଅଧିକ ଇଞ୍ଜିନିୟର ଏବଂ ଆର୍କିଟେକ୍ଟ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଏଭିପି ତଥା ସେଲ୍ସ ଆଣ୍ଡ ମାର୍କେଟିଂର ମୁଖ୍ୟ ଅରବିନ୍ଦ କୁମାର କହିଛନ୍ତି ଯେ, "ଆମର କାର୍ଯ୍ୟ ମୂଳଦୁଆ ଭାବେ କାର୍ଯ୍ୟ କରୁଥିବା ବିହାରର ଇଞ୍ଜିନିୟର୍ ଏବଂ ଆର୍କିଟେକ୍ଟମାନଙ୍କ ସହିତ ଏହି ସାକ୍ଷାତକାର କରିବା ଆମର ଆନନ୍ଦକର ବିଷୟ ଅଟେ। ଏହି ଆଲୋଚନା ମୂଳତଃ ବଜାର ଅନ୍ତର୍ନିହିତତା ଏବଂ ମତାମତ ଅର୍ଜନ କରିବାରେ ସକ୍ଷମ ହୋଇଛି। ସେମାନଙ୍କର ପାରଦର୍ଶୀତା ଆମର ସହଯୋଗ ଏବଂ କାର୍ଯ୍ୟର ଅଭିନବତାକୁ ବୃଦ୍ଧି କରିବ । ଆହୁରି ଏହା ବିହାର ବର୍ଦ୍ଧିତ ବଜାରରେ ଆମ ଉପସ୍ଥିତିକୁ ମଜବୁତ କରିବ। ଏଥିସହିତ ସେ ଅତିରିକ୍ତ ଭାବେ କହିଥିଲେ ଯେ, "ଅଧିବେଶନରେ ଅଂଶଗ୍ରହଣକାରୀମାନେ ରୁଙ୍ଗଟା ଷ୍ଟିଲର ମୂଳ ଉତ୍ପାଦ 'ଟିଏମଟି ବାର', ବୈଶିଷ୍ଟ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ବିଷୟରେ ଅବଗତ ହେବା ସହିତ ରୁଙ୍ଗଟା ଷ୍ଟିଲର ଉତ୍ପାଦ ପୋର୍ଟଫୋଲିଓ ବିଷୟରେ ଜାଣିବାର ସୁଯୋଗ ପାଇଥିଲେ, ଯାହା ଇଞ୍ଜିନିୟର୍ ଏବଂ ଆର୍କିଟେକ୍ଟମାନଙ୍କୁ ଉତ୍ପାଦର ଗୁଣାତ୍ମକ ମାନର ସ୍ଥାୟୀତ୍ୱ ବିଷୟରେ ସୂଚନା ପ୍ରଦାନ କରିଥିଲା।" ରୁଙ୍ଗଟା ଷ୍ଟିଲ୍ ବିହାର ଏବଂ ପୂର୍ବ ଭାରତରେ ନିଜର ଏକ ବିରାଟ ବଜାର ଉପସ୍ଥିତି ସୃଷ୍ଟି କରିପାରିଛି, ଏହାର ବଜାର ପରିସୀମାକୁ ପ୍ରଶସ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମ ବିଶେଷ ପ୍ରଭାବ ପକାଇବ । ଅପରପକ୍ଷରେ ଏହିଭଳି ପଦକ୍ଷେପଗୁଡ଼ିକ ଦେଶର ସମସ୍ତ ଅଞ୍ଚଳରେ ସର୍ବୋଚ୍ଚ ସ୍ତରର ଭିତିଭୂମି ବିକାଶ ପାଇଁ ଭାରତ ସରକାରଙ୍କ ଦୃଷ୍ଟିକୋଣ ସହିତ ସମାନ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି କରିବ।

# ନୂତନ ଓଡ଼ିଶା ଭିତ୍ତିଭୂମିର ପ୍ରତିଷ୍ଠାତା ଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ

**ଭୁବନେଶ୍ୱର, (ବ୍ୟୁରୋ):** ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭା ଓ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସମ୍ମାନ ଉତ୍ସବ-୨୦୨୪କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଶିଷ୍ଟ ଭାଷାତ ୍ୱବିତ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ କହିଲେ ଯେ, ନୂତନ ଓଡ଼ିଶା ଭି ିଭୂମିର ପ୍ରତିଷ୍ଠାତା ଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ, ପ୍ରଜ୍ଞାପୁରୁଷ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯ମ ସ୍ମୃତିଚାରଣ ଉତ୍ସବ "ସ୍ମୃତିରେ ସ୍ମୃତିରେ ଜାନକୀ ବଲ୍ଲଭ" କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ସତ୍ୟନଗରସ୍ଥିତ ହୋଟେଲ ରୟାଲ ସୁଟଠାରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ସ୍ଥାୟୀ ଅଧ୍ୟକ୍ଷ ଡଃ ବିମଳେନ୍ଦୁ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ମୁଖ୍ୟ ଅତିଥି ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ କହିଲେ ଯେ, ମୁଁ ୧୯୮୦ ମସିହା ପୂର୍ବର ଓଡ଼ିଶାକୁ ଦେଖିଛି ଓ ୧୯୮୦ ପରର ଓଡ଼ିଶାକୁ ଦେଖିଛି। ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୮୦ ମସିହାରେ ମୁଖ୍ୟମନ୍ତ୍ରୀ ହେଲା ପରେ ସେ ଆଧୁନିକ ଓଡ଼ିଶା ପାଇଁ ଏକ ଭି ିପ୍ରସ୍ତର ପକାଇଥିଲେ। ଓଡ଼ିଶାରେ ଶିଳ୍ପ କହିଲେ ଆମ ପିଲେ ବାରଙ୍ଗ କାଚ କାରଖାନାକୁ କହୁଥିଲେ। କିନ୍ତୁ ଜାନକୀ ବାବୁ ତାଙ୍କର ଦୃଢ ସଂକଳ୍ପ ବଳରେ ଓଡ଼ିଶାର ସାମଗ୍ରୀକ ବିକାଶ ପାଇଁ ଯେଉଁ ନିଷ୍ଠାର ସହ କାର୍ଯ୍ୟ କରିଥିଲେ ତାର ପଟ୍ଟାନ୍ତର ନାହିଁ। ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଉପରକୁ ଉଠିଥିଲା। ମୁଖ୍ୟବକ୍ତା ପ୍ରଫେସର ଡଃ ହରେକୃଷ୍ଣ ଶତପଥି ସ୍ୱର୍ଗତ ପଟ୍ଟନାୟକଙ୍କୁ ଆଧୁନିକ ଓଡ଼ିଶାର ପ୍ରକୃତ ବିନ୍ଧାଣି କହିବା ସହ ତାଙ୍କୁ ଦୂରଦୃଷ୍ଟି ସମ୍ପନ୍ନ ଜନନେତା ବୋଲି କହିଥିଲେ। ଜଣେ ଉ ମ ପ୍ରଶାସକ ସହ ରାଜନୀତିରେ ଧର୍ମର ପ୍ରଭାବକୁ ସେ ତାଙ୍କ ଶାସନ ସମୟରେ ପ୍ରୟୋଗ କରି ଦେଖାଇଥିଲେ। ଶ୍ରୀ ଜଗନ୍ନାଥଙ୍କ ପ୍ରତି ଜଣେ ସମର୍ପିତ ପ୍ରାଣ ଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବଲାଙ୍ଗୀରର ପୂର୍ବତନ ବିଧାୟକ ରାଧାକାନ୍ତ ପଣ୍ଡା, ଭାଷା, ସାହିତ୍ୟ ପାଇଁ ଡଃ ବିଜୟାନନ୍ଦ ସିଂହ ଓ ବରିଷ୍ଠ ସାମ୍ବାଦିକ ପରୀକ୍ଷିତ ପାତ୍ରଙ୍କୁ ଚଳିତ ବର୍ଷର ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

# 'ଗତ ୧୧ ବର୍ଷରେ ଡାହାଣୀ ଗୁଣିଆଁ ସନ୍ଦେହରେ ୬୦୬ ଜଣଙ୍କୁ ହତ୍ୟା'

**ଭୁବନେଶ୍ୱର, (ବ୍ୟୁରୋ):** ଆମ ରାଜ୍ୟରେ ଗତ ୧୧ ବର୍ଷରେ ଡାହାଣୀ ଗୁଣିଆଁ ସନ୍ଦେହରେ ୬୦୬ ଜଣଙ୍କୁ ହତ୍ୟା କରାଯାଇଥିବାର ଚ ଲ୍ୟକର ତଥ୍ୟ ବିଶିଷ୍ଟ ହେତୁବାଦୀ ଚିନ୍ତକ ଦେବେନ୍ଦ୍ର ସୁତାର ତାଙ୍କ ନୂତନ ପୁସ୍ତକ "ଡାହାଣୀର କାହାଣୀ"ରେ ପ୍ରକାଶ କରିଛନ୍ତି । ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ "ଗୁଣିଗାରେଡି ଓ ଗଣମାଧ୍ୟମ" ଶୀର୍ଷକ ଆଲୋଚନା ସଭା ଏବଂ ଉକ୍ତ ପୁସ୍ତକର ପାଠକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ସଭାରେ ରାଜ୍ୟ ମାନବ ଅଧିକାର ଆୟୋଗ ସଭ୍ୟ ଅସୀମ ଅମିତାଭ ଦାସ, ବରିଷ୍ଠ ସାମ୍ବାଦିକ ରବି ଦାସ, କବି କେଦାର ମିଶ୍ର, ସ୍ତମ୍ଭକାର ଭାସ୍କର ପରିଚ୍ଛା, ସାମ୍ବାଦିକା ଗାର୍ଗୀ ଶତପଥୀ, ସୁପ୍ରିୟା ଦାଶ, ସମାଜସେବୀ ତାପସୀ ପ୍ରହରାଜ ପ୍ରମୁଖ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଗାଳ୍ପିକ ଦେବାଶୀଷ ସାମନ୍ତରାୟ ପ୍ରାରମ୍ଭିକ ସୁଚନା ଦେଇଥିଲେ । ଏହି ଗବେଷଣା ପୁସ୍ତକର ତଥ୍ୟକୁ ଆଧାର କରି ଏକ ରିପୋର୍ଟ ଲେଖକ ଉପସ୍ଥାପନ କରି କହିଲେ ଯେ, ୧୧ ବର୍ଷରେ ହତ୍ୟା



କରାଯାଇଥିବା ୬୦୬ଜଣଙ୍କ ମଧ୍ୟରୁ ୨୨ଜଣ ମହିଳା, ୨୮୪ଜଣ ପୁରୁଷ ଏବଂ୯୮ ଜଣ ଶିଶୁ ଅନ୍ତର୍ଭୁକ୍ତ। ଗତ ୧୧ ବର୍ଷ ମଧ୍ୟରେ ଡାହାଣୀ ଗୁଣିଆ ସନ୍ଦେହରେ ମୟୁରଭଞ୍ଜ ଜିଲ୍ଲାରେ ୧୧୦ଜଣଙ୍କୁ, କେନ୍ଦୁଝର ଜିଲ୍ଲାରେ ୯୭ଜଣଙ୍କୁ, ସୁନ୍ଦରଗଡ ଜିଲ୍ଲାରେ ୬୭ଜଣଙ୍କୁ, ଗଞ୍ଜାମ ଜିଲ୍ଲାରେ ୪୦ଜଣଙ୍କୁ, ରାୟଗଡା ଜିଲ୍ଲାରେ ୩୭ ଜଣଙ୍କୁ, ମାଲକାନଗିରି ଜିଲ୍ଲାରେ ୩୧ଜଣଙ୍କୁ ଓ କୋରାପୁଟ ଜିଲ୍ଲାରେ ୨୫ଜଣଙ୍କୁ ହତ୍ୟା କରାଯାଇଛି । ମୋଟ ହତ୍ୟାକାଣ୍ଡର ୬୭ ଭାଗ ଏହି ସାତୋଟି ଜିଲ୍ଲାରେ ଘଟିଛି। ସର୍ବାଧିକ ଡାହାଣୀ ଗୁଣିଆ ପ୍ରବଣ ଥାନା ଗୁଡିକୁ ମଧ୍ୟ ଚିହ୍ନଟ କରାଯାଇ ପାରିଛି । ମୟୁରଭଞ୍ଜ ଜିଲ୍ଲାର ଯଶୀପୁର, ଶରତ, ତିରିଙ୍ଗ, ରାଇରଙ୍ଗପୁର, ବାଦାମପାହାଡ, କେନ୍ଦୁଝର ଜିଲ୍ଲାର ଯୋଡା, ବାମେବାରୀ, ଘଷିପୁରା, ସୁନ୍ଦରଗଡ ଜିଲ୍ଲାର କୋଇଡା, କେ. ବଳଙ୍ଗା, ବଣାଇଁ, ରାୟଗଡା ଜିଲ୍ଲାର ପୁଟାସିଂ, ବନ୍ଧୁଗାଁ, ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି, ବୁଗୁଡା, କୋଦଳା, ତାରାସିଂ ଥାନା ଅ ଳ ଗୁଡିକୁ ଅତ୍ୟନ୍ତ ଡାହାଣୀ ପ୍ରବଣ ଭାବେ ଚିହ୍ନଟ କରାଯାଇଛି । ରାଜ୍ୟରେ ଘଟିଥିବା ପ୍ରତ୍ୟେକଟି ଆରୋପ, ହତ୍ୟାକାଣ୍ଡ ନିର୍ଯ୍ୟାତନା ଘଟଣାର ମୂଳକାରଣ ଅନ୍ଧବିଶ୍ୱାସ ଉପରେ ଲୋକଙ୍କର ଥିବା ବଦ୍ଧମୂଳ ଧାରଣା ସହ ୮୩ ଭାଗ ସ୍ୱାସ୍ଥ୍ୟ ଏବଂ ୧୭ ଭାଗ ଅନ୍ୟାନ୍ୟ କାରଣ ଯୋଗୁ ଘଟିଛି । ଡାହାଣୀର ପ୍ରକୋପ ଗୋଟିଏ ଗାଁ ଭିତରେ ହିଁ ସୀମାବଦ୍ଧ । ତେଣୁ ଶତକଡା ୧୮ ଭାଗ ହତ୍ୟାକାରୀ ରକ୍ତ ସମ୍ପର୍କୀୟ ଅର୍ଥାତ ପୁଅ, ପୁତୁରା, ଭାଇ, ଜ୍ୱାଇଁ, ନାତି ଓ ବୋହୁ ଇତ୍ୟାଦି। ୩୬ ଭାଗ ହତ୍ୟାକାରୀ ଗାଁର ପଡୋଶୀ କିମ୍ବା ଗ୍ରାମର କୌଣସି ବ୍ୟକ୍ତି। ୪୧ ଭାଗ ହତ୍ୟାକାଣ୍ଡ ଗ୍ରାମବାସୀ ମିଳିତ ଭାବେ କରିଥିବା ବେଳେ ୫ ଭାଗ ହତ୍ୟାକାଣ୍ଡ କେହି ଅଜଣା ଦୁର୍ବୃ ଘଟାଇଥିବା ଜଣାଯାଏ । ଆରୋପ କରାଯାଇଥିବା ବ୍ୟକ୍ତିଙ୍କୁ ଅକଥନୀୟ ନିର୍ଯ୍ୟାତନା ଏବଂ ନୃଶଂସ ହତ୍ୟା କରାଯାଇଥାଏ। ମହିଳାଙ୍କୁ ଉଲଗ୍ନ କରିବା, ଲଣ୍ଡା କରିବା, ଚେଙ୍କ ଦେବା, ଦାନ୍ତକୁ ଭାଙ୍ଗିବା, ଅଭକ୍ଷ୍ୟ ଖୁଆଇବା, ମାଡ ମାରିବା, ବାସନ୍ଦ କରିବା, ଘରୁ ତଡିଦେବା ଆଦି ନିର୍ଯ୍ୟାତନା ଦିଆଯାଇଥାଏ । ସେହିପରି ଟାଙ୍ଗିଆରେ ହାଣି ମୁଣ୍ଡରୁ ଗଣ୍ଡିକୁ ଅଲଗା କରିଦେବା, ମୁଣ୍ଡକୁ ଧରି ଥାନାରେ ପହ ୍ବା, ଠେଙ୍ଗାରେ ପିଟିପିଟି ମାରିଦେବା, ପଥରରେ ମୁଣ୍ଡକୁ ଛେଚିଦେବା, ମାରିମାରି ଚେତାଶୂନ୍ୟ ଅବସ୍ଥାରେ ଅଖାରେ ପୁରାଇ ନଦୀରେ ଫିଙ୍ଗିଦେବା, କିମ୍ବା ମାଟିତଳେ ପୋତିଦେବା, ପେଟ୍ରୋଲ ଢାଳି ଜାଳିଦେବା, ଅତର୍କିତ ଭାବେ ଆକ୍ରମଣ କରି ହାଣି ପକାଇବା, ହାତ ଗୋଡ ବାନ୍ଧି ଜିଅନ୍ତା ଜଳାଇଦେବା ଇତ୍ୟାଦି ନୃଶଂସ ହତ୍ୟାକାଣ୍ଡ ଘଟିଥାଏ । ଆଦିତ୍ୟ ଭାରତ ଏବଂ ଓଡିଶା ଗୁଣି ଗାରେଡି ମୁକ୍ତ ଓଡିଶା ଅଭିଯାନ ପକ୍ଷରୁ ଆୟୋଜିତ ଏହି ଆଲୋଚନା ସଭାରେ ଓଡିଶାର ବିଭିନ୍ନ ଅ ଳରୁ ପ୍ରତିନିଧି, ସାମାଜିକ କର୍ମକ ୀ, ଆରୋପର ଶିକାର ହୋଇଥିବା ବ୍ୟକ୍ତି, ବୁଦ୍ଧିଜୀବୀ, ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରତିରୋଧକ ଶକ୍ତିକୁ ସମର୍ଥନ କରୁଥିବା ୪ଟି ପ୍ରାକୃତିକ ଖାଦ୍ୟ

**ଭୁବନେଶ୍ୱର, (ବ୍ୟୁରୋ):** ଋତୁ ବଦଳିବା ସହିତ ଆପଣଙ୍କର ପ୍ରତିରୋଧକ ଶକ୍ତିକୁ ମଜଭୁତ କରିବା ଏବଂ ସୁସ୍ଥ ସବଳ ରହିବା ପାଇଁ ସୁସ୍ଥ, ସନ୍ତୁଳିତ ଖାଦ୍ୟ ଉପରେ ଧ୍ୟାନ ଦେବା ଜରୁରୀ । ଏହା ସମ୍ପର୍କରେ ଆଲୋକପାତ କରି ନ୍ୟୁଟ୍ରିସନ ଏବଂ ୱେଲନେସ କନସଲଟାଂଟ ଶୀଲା କ୍ରିଷ୍ଣସ୍ୱାମୀ କହିଛନ୍ତିଯେ, ଆଲମଣ୍ଡ, ଋତୁଜନିତ ଫଳ ଏବଂ ପନିପରିବା ଭଳି ପ୍ରାକୃତିକ ଖାଦ୍ୟ ଆପଣଙ୍କ ଦୈନନ୍ଦିନ ଭୋଜନରେ ଯୋଗ କରିବା ଦ୍ୱାରା ଆପଣଙ୍କ ଶରୀରରେ ରୋଗକୁ ପ୍ରତିରୋଧ କରିବା ପାଇଁ ଆବଶ୍ୟକ ହେଉଥିବା ଅତିରିକ୍ତ ଶକ୍ତି ବୃଦ୍ଧି ପାଇଥାଏ । ଆପଣଙ୍କ ପ୍ରତିରୋଧକ ଶକ୍ତିକୁ ସମର୍ଥନ କରିବା ଏବଂ ଋତୁଜନିତ ଫ୍ଲୁ ଏବଂ ଅସୁସ୍ଥତାକୁ ଦୂର କରିବାରେ ସାହାଯ୍ୟ କରିବା ପାଇଁ ଚାରୋଟି ପ୍ରାକୃତିକ ଖାଦ୍ୟ ଅଛି । ଏହି ଖାଦ୍ୟଗୁଡ଼ିକ ସମ୍ପର୍କରେ ଆଲୋଚନା କରି ଶୀଲା କ୍ରିଷ୍ଣସ୍ୱାମୀ କହିଛନ୍ତିଯେ, ସେଥିମଧ୍ୟରୁ ଗୋଟିଏ ହେଉଛି ଆଲମଣ୍ଡ । ଆଲମଣ୍ଡ କେବଳ ସ୍ୱାଦିଷ୍ଟ ନୁହେଁ ପ୍ରତିରୋଧକ କାର୍ଯ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭିଟାମିନ ଇ , ଜିଙ୍କ, ଫୋଲେଟ, ଏବଂ ଆଇରନ ଆଦି ପୋଷକତତ୍ୱ ଏଥିରେ ରହିଥାଏ । ପ୍ରତିଦିନ ମୁଠାଏ ସ୍ନାକ୍ସ ଭାବେ ଗ୍ରହଣ କରନ୍ତୁ କିମ୍ବା ପୌଷ୍ଟିକତା ବଢାଇବା ପାଇଁ ଆପଣଙ୍କର ସକାଳ ସିରିଅଲ ଜଳଖିଆ ସହିତ ଖାଆନ୍ତୁ । କମଳା, ଲେମ୍ବୁ, ମୌସମ୍ବି ଏବଂ ଅଙ୍ଗୁର ଭଳି ଖଟାଫଳ ଭିଟାମିନ-ସିରେ ଭରପୁର ହୋଇଥାଏ । ଏହା ଶ୍ୱେତ ରକ୍ତକଣିକାର ଉତ୍ପାଦନରେ ଏକ ଗୁରୁତ୍ୱପୂର୍ଣ୍ଣ ପୋଷକତତ୍ୱ ଅଟେ, ଯାହାକି ସଂକ୍ରମଣ ବିରୁଦ୍ଧରେ ଶରୀରର ପ୍ରତିରକ୍ଷାକାରୀ ଭାବେ କାର୍ଯ୍ୟ କରେ । ଆପଣଙ୍କ ଆହାରରେ ଏହି ଫଳ ମିଶାଇବା ଦ୍ୱାରା ଆପଣଙ୍କର ପ୍ରତିରୋଧକ ପ୍ରଣାଳୀକୁ ସମର୍ଥନ କରୁଥିବା ଭିଟାମିନ ସିର ଗ୍ରହଣୀୟତା ବଢ଼ିଥାଏ । ସେହିଭଳି ରସୁଣର



ଔଷଧୀୟ ବ୍ୟବହାରର ଏକ ଦୀର୍ଘ ଇତିହାସ ରହିଛି । ଏଥିରେ ଥିବା ପ୍ରାକୃତିକ ଯୌଗିକ ଆଲିସିନ'କୁ ଧନ୍ୟବାଦ ଯାହାକି ଏଂଟି-ବେକ୍ଟେରିଆଲ ଗୁଣ ପାଇଁ ଜଣାଶୁଣା । ଆପଣଙ୍କ ଭୋଜନରେ ରସୁଣ ମିଶାଇବା କେବଳ ସ୍ୱାଦ ବଢାଇନଥାଏ ବରଂ ମାଇକ୍ରୋ ଅଣୁଜୀବକୁ ମୁକାବିଲା କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ସ୍ୱାଦ ଏବଂ ସ୍ୱାସ୍ଥ୍ୟ ପାଇଁ ତରକାରୀ, ସୁପ,ଷ୍ଟ୍ରାଇ-ଫ୍ରାଏ, ଏବଂ ସସ'ରେ ଖଣ୍ଡଖଣ୍ଡ କଟା ହୋଇଥିବା ରସୁଣ ମିଶାନ୍ତୁ । ପାଳଙ୍ଗ, ସଜନା ପତ୍ର, କୋସଳାଶାଗ, ପୋଦିନା ଭଳି ପତ୍ରଯୁକ୍ତ ପରିବାଗୁଡ଼ିକରେ ଭିଟାମିନ ଏବଂ ଆଂଟିଅକ୍ସିଡାଂଟ ରହିଥାଏ ଯାହା ପ୍ରତିରୋଧକ କାର୍ଯ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି । ଏକ ସୁସ୍ଥ ପ୍ରତିରୋଧକ ପ୍ରଣାଳୀକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଭିଟାମିନ ଏ ଏବଂ ସି, ଫୋଲେଟ ଆଦି ପୋଷକତତ୍ୱ ଏହି ସବୁଜ ପତ୍ରଯୁକ୍ତ ପନିପରିବାରେ ରହିଥାଏ । ଆପଣଙ୍କର ଆହାରରେ ପୌଷ୍ଟିକତା ଏବଂ ସ୍ୱାଦ ବୃଦ୍ଧି ପାଇଁ ତରକାରୀ, ଝୋଳ, ଡାଲି, ସାଲାଡରେ ବିଭିନ୍ନ ସବୁଜ ପତ୍ରଯୁକ୍ତ ପନିପରିବା ସାମିଲ କରିବା ଉଚିତ ।

# ପ୍ରିମିୟର୍ ଏନର୍ଜିଜ୍ ଲିମିଟେଡ୍ ପକ୍ଷରୁ ସେବି ନିକଟରେ ଡିଆରଏଚପି ଦାଖଲ

**ଭୁବନେଶ୍ୱର, (ବ୍ୟୁରୋ):** ଫ୍ରଷ୍ଟ ଆଣ୍ଡ ସଲିଭାନ୍ ରିପୋର୍ଟ ଅନୁଯାୟୀ, ଭାରତର ଦ୍ୱିତୀୟ ବୃହତ୍ତମ ଇଣ୍ଟିଗ୍ରେଟେଡ୍ ସୋଲାର ସେଲ୍ ଓ ସୋଲାର ମଡ୍ୟୁଲ୍ ନିର୍ମାତା (ଯଥାକ୍ରମେ ୨ ଗିଗା ୱାଟ ଏବଂ ୩.୩୬ ଗିଗା ୱାଟର ବାର୍ଷିକ ପ୍ରସ୍ଥାପନ କ୍ଷମତା ଅନୁଯାୟୀ) ପ୍ରିମିୟର୍ ଏନର୍ଜିଜ୍ ଲିମିଟେଡ୍, ସେବି ନିକଟରେ ଡ୍ରାଫ୍ଟ ରେଡ୍ ହେରିଙ୍ଗ୍ ପ୍ରୋସପେକ୍ଟସ୍ (ଡିଆରଏଚପି) ଦାଖଲ କରିଛି। ମାର୍ଚ୍ଚ ୩୧, ୨୦୨୪ ସୁଦ୍ଧା, ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ମାଧ୍ୟମରେ ୧୫୦୦ କୋଟି ଟଙ୍କା ସଂଗ୍ରହ କରିବ। ଡ୍ରାଫ୍ଟ ରେଡ୍ ହେରିଙ୍ଗ୍ ପ୍ରୋସପେକ୍ଟସ୍ ଅନୁଯାୟୀ, ହାଇଦ୍ରାବାଦ ସ୍ଥିତ କମ୍ପାନୀର ଇନିସିଆଲ ପବ୍ଲିକ୍ ଅଫର ଜରିଆରେ ୧୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଇକ୍ୱିଟି ସେୟାରର ଏକ ଫ୍ରେସ୍ ଇସୁ ଜାରି କରିଛି। ବିକ୍ରୟ ଅଂଶୀଦାରମାନଙ୍କ ଦ୍ୱାରା ୨,୮୨,୦୦,୦୦୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର ବିକ୍ରୟ ଏହି ଅଫର ମାଧ୍ୟମରେ ଉପଲବ୍ଧ ହେବ । ଏଥିପାଇଁ ସାଉଥ୍ ଏସିଆ ଗ୍ରୋଥ୍ ଫଣ୍ଡ।। ହୋଲ୍ଡିଂ ଏଲଏଲସି ୨,୩୮,୪୬,୪୦୦ ଇକ୍ୱିଟି ସେୟାର ଏବଂ ସାଉଥ୍ ଏସିଆ ଇବିଟି ଟ୍ରଷ୍ଟ ୧,୫୩,୬୦୦ ଇକ୍ୱିଟି ସେୟାର ଏବଂ ପ୍ରମୋଟର ଚିରଞ୍ଜୀବ ସିଂ ସାଲୁଜା ୪୨,୦୦,୦୦୦ ଇକ୍ୱିଟି ସେୟାର ବିକ୍ରି କରିବେ । କମ୍ପାନୀ, ବିଆରଏଲଏମ୍ ଗୁଡ଼ିକ ସହିତ ପରାମର୍ଶ କରି, ୩୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସିକ୍ୟୁରିଟିଗୁଡିକର ପ୍ରି-ଆଇପିଓ ସ୍ଥାନିତ କରିବାକୁ ବିଚାର କରିପାରେ, ଯଦି ପ୍ରି-ଆଇପିଓ ପ୍ଲେସମେଣ୍ଟ ନିଆଯାଏ, ତେବେ ଫ୍ରେସ୍ ଇସୁର ପରିମାଣ ହ୍ରାସ ହେବ। ପ୍ରିମିୟର୍ ଏନର୍ଜିଜ୍ ଲିମିଟେଡ୍ ଯାହା ୧୯୯୫ ରେ ସୁରେନ୍ଦର ପାଲ୍ ସିଂ ସାଲୁଜା, ଚେୟାରମ୍ୟାନ୍ ତଥା ନିର୍ଦ୍ଦେଶକ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଏହି କମ୍ପାନୀ, ଫ୍ରେସ୍ ଇସୁରୁ ଆଦାୟରୁ ୧୧୬୮ କୋଟି ଟଙ୍କା ଏହାର ସହାୟକ କମ୍ପାନୀରେ ପ୍ରିମିୟର ଏନର୍ଜି ଗ୍ଲୋବାଲ୍ ଏନଭାଇନମେଣ୍ଟ ପ୍ରାଇଭେଟ ଲିମିଟେଡ୍ (ଫିଇପିଜିଇପିଏଲ୍) ବିନିଯୋଗରେ ବ୍ୟବହାର କରିବାକୁ ପ୍ରସ୍ତାବ ରଖିଛି। ପ୍ରିମିୟର୍ ଏନର୍ଜିଜ୍, ଯାହାର ପାଂଚଟି ଉତ୍ପାଦନ ପ୍ଲାଣ୍ଟ ରହିଛି, ଯାହା କମ୍ପାନୀର ମାଲିକାନା ଜମିରେ (ହାଇଦ୍ରାବାଦ ଓ ତେଲେଙ୍ଗାନା ଠାରେ) ଅବସ୍ଥିତ। ପରିଚାଳନା ନିର୍ଦ୍ଦେଶକ ଚିରଞ୍ଜୀବ ସିଂ ସାଲୁଜାଙ୍କ ନେତୃତ୍ୱରେ ୩୧ ଡିସେମ୍ବର ୨୦୨୩ ରେ ଶେଷ ହୋଇଥିବା ନଅ ମାସ ଧରି ଭାରତର ବୃହତ୍ତମ ରପ୍ତାନୀକାରୀ ଭାବେ ଆମେରିକାରେ ସୋଲାର ସେଲ ବିତରକ ହୋଇପାରିଛି। ବ୍ୟବସାୟରୁ କମ୍ପାନୀର ଆୟ ଆର୍ଥିକ ବର୍ଷ ୨୦୨୧ ରୁ ଆର୍ଥିକ ବର୍ଷ ୨୦୨୩ ପର୍ଯ୍ୟନ୍ତ ବାର୍ଷିକ ଅଭିବୃଦ୍ଧି ହାର (ସିଏଜିଆର) ୪୨.୭୧ ପ୍ରତିଶତ ହାରରେ ବୃଦ୍ଧି ଘଟିଛି । କୋଟାକ୍ ମହିନ୍ଦ୍ରା କ୍ୟାପିଟାଲ୍ କମ୍ପାନୀ ଲିମିଟେଡ୍, ଜେ.ପି ମୋର୍ଗାନ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଏବଂ ଆଇସିଆଇସିଆଇ ସିକ୍ୟୁରିଟି ଲିମିଟେଡ୍ ଏହାର ଲିଡ୍ ମ୍ୟାନେଜର ଅଛନ୍ତି। ଇକ୍ୱିଟି ସେୟାରଗୁଡିକ ବିଏସଇ ଏବଂ ଏନଏସଇ ରେ ତାଲିକାଭୁକ୍ତ ହେବାକୁ ପ୍ରସ୍ତାବ ଦିଆଯାଇଛି ।

# ନେକ୍ସସ ସିଲେକ୍ଟ ମଲ୍ସ ପର୍ପଲ ୱିକେଣ୍ଡର ଶୁଭାରମ୍ଭ

**ଭୁବନେଶ୍ୱର, (ବ୍ୟୁରୋ):** ଗ୍ରୀଷ୍ମ ଛୁଟି ପାଖେଇ ଆସୁଥିବାରୁ ଏବଂ ଲୋକମାନେ ନିଜର ଆଗାମୀ ପ୍ରବାସ ପାଇଁ ସପିଂ ଅଭିଯାନ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବାରୁ ନେକ୍ସସ ସିଲେକ୍ଟ ମଲ୍ସ ପକ୍ଷରୁ ଏହାର ନୂତନ ଅଭିଯାନ 'ପର୍ପଲ ୱିକେଣ୍ଡ'ର ଉନ୍ମୋଚନ କରାଯାଇଛି। ଏହା ହେଉଛି ଏକ ସପ୍ତାହାନ୍ତ କାର୍ଯ୍ୟକ୍ରମ ଯେଉଁଥିରେ ସ୍ୱତନ୍ତ୍ର ଅଫର, ଅବିସ୍ମରଣୀୟ ମନୋରଞ୍ଜନ ଓ ଏକ ଅତୁଳନୀୟ ସପିଂ ଅନୁଭୂତି ସାମିଲ ରହିଛି। ଏହି ପ୍ରୟାସ 'ସେଭିଙ୍ଗ୍ସ ଆଣ୍ଡ ଏକ୍ସାଇଟମେଂଟ୍' ଉପରେ କେନ୍ଦ୍ରିତ ରହିଥିବା ବେଳେ ଏହା ଏପ୍ରିଲ ୧୯ ତାରିଖ ୨୦୨୪ରୁ ଦେଶବ୍ୟାପୀ ସମସ୍ତ ପୋର୍ଟଫୋଲିଓ ମଲ୍ସରେ ଆରମ୍ଭ ହୋଇଛି। ଏହା ଏକ ମାସିକ ପରମ୍ପରାର ଆରମ୍ଭକୁ ଚିହ୍ନିତ କରିବ ଯେଉଁଠାରେ ନେକ୍ସସ ଏସ୍‌ପ୍ଲାନେଡ ଫ୍ୟାଶନ, ଫୁଡ୍ ଓ ବେଭ୍‌ରେଜ, ଇଲେକ୍ଟ୍ରୋନିକ୍ସ, ମୁଭି ଓ ହାଇପରମାର୍କେଟ ପ୍ରଡକ୍ଟ ସମେତ ଏକ ବିବିଧ ଶୃଙ୍ଖଳାର ଉତ୍ପାଦଗୁଡିକ ଉପରେ ଆକର୍ଷଣୀୟ ରିହାତି, ଡିଲ୍ ଓ ଅଫର ପ୍ରଦାନ କରିବା ପାଇଁଏକ ସ୍ୱତନ୍ତ୍ର ସପ୍ତାହାନ୍ତ ସୃଷ୍ଟି କରିବ। ପର୍ପଲ ୱିକେଣ୍ଡ ଅଭିଯାନର ଅଂଶ




ଭାବେ ନେକ୍ସସ ଏସ୍‌ପ୍ଲାନେଡ ସପରମାନଙ୍କୁ ଆକର୍ଷିତ କରିବା ପାଇଁ ଏକାଧିକ ମନୋରଞ୍ଜନପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରିବ। ଏହି ସମୟରେ ମାର୍କସ ଆଣ୍ଡ ସ୍ପେନ୍ସର୍ ଗ୍ରାହକମାନଙ୍କୁ ୫୦% ପର୍ଯ୍ୟନ୍ତ ରିହାତି ଉପଭୋଗ କରିବା ଲାଗି ଆମନ୍ତ୍ରିତ କରୁଥିବା ବେଳେ ରିଲାଏନ୍ସ ଟ୍ରେଣ୍ଡ୍ସ ଗ୍ରାହକଙ୍କୁ ୩୯୯୯ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ସପିଙ୍ଗ୍ ଉପରେ ଉତ୍ସାହଜନକ ଉପହାର ପ୍ରଦାନ କରିବ। ମିଆ ପକ୍ଷରୁ ହୀରା ଗହଣା ଉପରେ ଫ୍ଲାଟ୍ ୫୦% ରିହାତି ଓ ସୁନା ଗହଣା ଉପରେ ୧୦% ରିହାତି ପ୍ରଦାନ କରାଯାଉଥିବା ବେଳେ ହେଲିଅସ ପକ୍ଷରୁ ଷ୍ଟାଇଲିଶ ୱାଚ ଉପରେ ୪୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ସେହିପରି କ୍ୟାରାଟଲେନ ହୀରା ମୂଲ୍ୟରେ ଫ୍ଲାଟ୍ ୨୦% ରିହାତି ପ୍ରଦାନ କରୁଛି। ଏହି ସମୟରେ ନେକ୍ସସ ଏସ୍‌ପ୍ଲାନେଡ ନିଜକୁ ଏକ ଉଜ୍ଜ୍ୱଳ ବାଇଗଣୀ ବା ପର୍ପଲ ଭିଜୁଆଲରେ ସୁସଜ୍ଜିତ କରିବ ଯାହା ସପିଂ ଅନୁଭୂତିକୁ ଉନ୍ନତ କରିବ। ପର୍ପଲ ୱିକେଣ୍ଡକୁ ଉପଭୋଗ କରିବା ପାଇଁ ଆସନ୍ତା ଏପ୍ରିଲ ୧୯ରୁ ଏପ୍ରିଲ ୨୧ ତାରିଖ ମଧ୍ୟରେ ନେକ୍ସସ୍ ଏସ୍‌ପ୍ଲାନେଡ ପରିଦର୍ଶନ କରନ୍ତୁ।

### ଚାକିରି ଦୁର୍ନୀତିରେ ହାଇକୋର୍ଟଙ୍କ ରାୟ

# ୨୪ ହଜାର ଶିକ୍ଷକଙ୍କ ନିଯୁକ୍ତି ରଦ୍ଦ



**କୋଲକାତା:** ପଶ୍ଚିମବଙ୍ଗ ସରକାରୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ମାମଲାରେ ଏକ ବଡ଼ ରାୟ ଶୁଣାଇଛନ୍ତି ରାଜ୍ୟ ଉଚ୍ଚ ନ୍ୟାୟାଳୟ। ସୋମବାର ଅଦାଲତ ଏ ଉପରେ ଶୁଣାଣି କରି ୨୦୧୬ ନିଯୁକ୍ତି ପ୍ୟାନେଲକୁ ସମ୍ପୂର୍ଣ୍ଣ ରୂପେ ବାତିଲ କରି ଦେଇଛନ୍ତି। ଯାହା ଫଳରେ ୨୪,୦୦୦ ଜଣଙ୍କ ଚାକିରି ରଦ୍ଦ ହୋଇଯାଇଛି।

କେବଳ ଏତିକି ନୁହେଁ ଚାକିରି ପାଇଥିବା ବ୍ୟକ୍ତିଙ୍କୁ ଚାରି ସପ୍ତାହ ମଧ୍ୟରେ ଦରମା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଆଜି କଲିକତା ହାଇକୋର୍ଟ ଚାକିରି ଦୁର୍ନୀତି ମାମଲାର ଭାବେ ନିଯୁକ୍ତି ପାଇଥିବା ସ୍କୁଲ ଶିକ୍ଷକମାନଙ୍କୁ (ଖାଲି ଓଏମ୍ଆର୍ ସିଟ୍) ଚାରି ସପ୍ତାହ ମଧ୍ୟରେ ଦରମା ଫେରସ୍ତ କରିବାକୁ ପଡିବ। ଏହି ଶିକ୍ଷକମାନଙ୍କ ଠାରୁ ଜିଲ୍ଲା ମାଜିଷ୍ଟ୍ରେଟ ଟଙ୍କା ସଂଗ୍ରହ କରିବେ। ଏଥିସହ କୋର୍ଟ ମଧ୍ୟ ୨୩ ଲକ୍ଷ ଓଏମ୍ଆର୍ ସିଟ୍ (ପରୀକ୍ଷା ଖାତାର) ପୁନଃ ମୂଲ୍ୟାଙ୍କନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାତିଲ

## ଦରମା ଫେରାଇବାକୁ ନିର୍ଦ୍ଦେଶ

ଶୁଣାଣି କରିଥିଲେ। ଜଷ୍ଟିସ ଦେବାଙ୍ଗସୁ ବାସକ ଏବଂ ଏମ.ଡି ଶବର ରଶିଦିଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ୨୦୧୬ ନିଯୁକ୍ତି ପ୍ୟାନେଲକୁ ସମ୍ପୂର୍ଣ୍ଣ ରୂପେ ରଦ୍ଦ କରି ଦେଇଛନ୍ତି। ଶୁଣାଣି ସମୟରେ କୋର୍ଟ କହିଛନ୍ତି, ବେଆଇନ ହୋଇଥିବା ନିଯୁକ୍ତି ପ୍ୟାନେଲରେ ୨୦୧୬ରେ ଚାକିରି ପାଇଥିବା ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ଅଛନ୍ତି। ଏମାନେ ଡବ୍ଲୁଏସ୍‌ସି (ୱେଷ୍ଟ ୱେଙ୍ଗଲ ସର୍ଭିସ କମିଶନ) ଏଣ୍ଟ୍ରାନ୍ସ ପରୀକ୍ଷା ୨୦୧୬ ଅଧିନରେ ନିଯୁକ୍ତି ପାଇଥିଲେ।

# କଂଗ୍ରେସର ଇସ୍ତାହାର ନେଇ ବର୍ଷିଲେ ମୋଦି



**ଅଲିଗଡ଼:** ନିର୍ବାଚନୀ ପ୍ରଚାରରେ ଉତ୍ତରପ୍ରଦେଶର ଅଲିଗଡ଼ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନୀ ଇସ୍ତାହାର ନେଇ କଂଗ୍ରେସ ଉପରେ ବର୍ଷିଛନ୍ତି। ମୋଦୀ କହିଛନ୍ତି ଗତଥର ମୁଁ ଅଲିଗଡ଼ ଆସିଥିବାବେଳେ ଆପଣମାନଙ୍କୁ କଂଗ୍ରେସ ଏବଂ ସମାଜବାଦୀ ପାର୍ଟିର ପରିବାରବାଦ, ଦୁର୍ନୀତି, ତୁଷ୍ଟିକରଣ ଫ୍ୟାକ୍ଟ୍ରିରେ ତାଲା ଲଗାଇବାକୁ ଅନୁରୋଧ କରିଥିଲି। ଆପଣମାନେ ଏଭଳି ମଜବୁତ ତାଲା ଲଗାଇଥିଲେ, ଯାହା ଦ୍ୱାରା ଦୁଇ ରାଜପୁତ୍ର ରାହୁଲ ଗାନ୍ଧୀ ଏବଂ ଅଖିଳେଶ ଯାଦବଙ୍କୁ ଆଜି ପର୍ଯ୍ୟନ୍ତ ତାହାର ଚାବି ମିଳିନାହିଁ। ଏବେ ଇଣ୍ଡିଆ ମେଣ୍ଟ ଏବଂ କଂଗ୍ରେସର ନଜର ଆପଣମାନଙ୍କ ଆୟ ଉପରେ ରହିଛି। ଆପଣମାନଙ୍କର ସମ୍ପତ୍ତି ଉପରେ ରହିଛି। କଂଗ୍ରେସ ରାଜପୁତ୍ର କହୁଛନ୍ତି ତାଙ୍କ ସରକାର ଆସିଲେ କିଏ କେତେ ଆୟ କରୁଛି, କାହା ପାଖରେ କେତେ ସମ୍ପତ୍ତି ଅଛି ତାହାର ଯାଞ୍ଚ କରାଯିବ। ଏ ସବୁ ସମ୍ପତ୍ତିକୁ ସରକାର ଜବତ କରି ସମସ୍ତଙ୍କ ମଧ୍ୟରେ ବାଣ୍ଟି ଦେବେ। ଏଭଳି କରିବାକୁ କଂଗ୍ରେସ ନିଜର ଇସ୍ତାହାରରେ ଘୋଷଣା କରିଛି। ଏବେ ସେମାନଙ୍କର ନଜର ମହିଳାଙ୍କ ମଙ୍ଗଳସୂତ୍ର ଉପରେ ରହିଛି। ଇଣ୍ଡିଆ ମେଣ୍ଟ ନିରାଶରେ ବୁଡ଼ି ଯାଇଛି। ବିଜେପି ସରକାର ଗତ ୧୦ ବର୍ଷ ମଧ୍ୟରେ ଯାହା କରିଛନ୍ତି ତାହା କେବଳ ଟ୍ରେଲର ଏବେ ପୁରା ଫିଲ୍ମ ବାକି ରହିଛି। ଆମକୁ ପୁଣି ବହୁତ କାମ କରିବାକୁ ଅଛି। ପସମାନ୍ଦା ମୁସଲମାନଙ୍କ ସମସ୍ୟାର ସମାଧାନ ପାଇଁ ବିଜେପି ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସେମାନଙ୍କ ଜୀବନକୁ ସୁରକ୍ଷିତ କରିବା ଲାଗି ଯୋଜନା ଜାରି ରହିଛି। କିନ୍ତୁ ଏସବୁ କଂଗ୍ରେସ ଏବଂ ସମାଜବାଦୀ ପାର୍ଟିକୁ ପସନ୍ଦ ହେଉ ନ ଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ଆମେରିକାରେ ବ୍ୟାନ୍ ହେବ ଟିକ୍‌ଟକ୍ !

**ନୂଆଦିଲ୍ଲୀ:** ଆମେରିକୀୟ ସଂସଦର ନିମ୍ନ ସଦନ(ୟୁଏସ୍ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ)ରେ ଆମେରିକାରେ ଚାଇନିଜ୍ ଭିଡିଓ ଶେୟାରିଂ ଆପ୍ ଟିକ୍‌ଟକ୍ ଉପରେ ପ୍ରତିବନ୍ଧକ ଲଗାଇବା ସମ୍ବନ୍ଧୀୟ ନୂତନ ଆଇନ୍‌କୁ ଅନୁମୋଦନ ମିଳିଛି। ଏହା ପୂର୍ବରୁ ମାର୍ଚ୍ଚରେ ଟିକ୍‌ଟକ୍‌କୁ ବେଆଇନ ଘୋଷଣା କରିବା ପ୍ରସ୍ତାବକୁ ସମର୍ଥନ କରି ସଦନ ଭୋଟ୍ ଦେଇଥିଲା। ଆମେରିକାରେ ପ୍ରାୟ ୧୭୦ ମିଲିୟନରୁ ଅଧିକ ଲୋକ ଟିକ୍‌ଟକ୍ ବ୍ୟବହାର କରୁଛନ୍ତି। ପ୍ରଥମ ବିଲ୍‌ରେ କୁହାଯାଇଛି ଯେ, ଟିକ୍‌ଟକ୍‌ର ମୂଳ କମ୍ପାନୀ ବାଇଟ୍‌ଡାନ୍ସ ଆଇନ୍ କାର୍ଯ୍ୟକାରୀ ହେବାର ୧୮୦ ଦିନ ମଧ୍ୟରେ ଏହାର ମାଲିକାନା ଛାଡ଼ିବ। ଯଦି ଏହି ନିୟମ ପାଳନ କରା ନ ଯାଏ, ତେବେ ଆପଲ୍ ଓ ଗୁଗଲ୍ ଆପ୍ ଷ୍ଟୋରରୁ ଟିକ୍‌ଟକ୍‌କୁ ହଟାଇ ଦିଆଯିବ। ସଂଶୋଧିତ ବିଲ୍‌ରେ ବାଇଟ୍‌ଡାନ୍ସ ପାଇଁ ଏହି ଅବଧିକୁ ଛଅ ମାସରୁ ପ୍ରାୟ ୯ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ମିଡିଆ ରିପୋର୍ଟ ଅନୁସାରେ, ହ୍ୱାଇଟ୍ ହାଉସ୍ ଏହି ସମୟସୀମାକୁ ଅତିରିକ୍ତ ୯୦ ଦିନ ପର୍ଯ୍ୟନ୍ତ ବଢ଼ାଇପାରେ। ଟିକ୍‌ଟକ୍‌କୁ ହଟାଇବା ପାଇଁ ସିନେଟରମାନଙ୍କ ପାଖରେ ବିକଳ୍ପ ଅଛି। ତେବେ ଯଦି ଆମେରିକା କଂଗ୍ରେସର ଉଚ୍ଚ ସଦନ ସିନେଟ୍‌ରେ ଟିକ୍‌ଟକ୍ ବିଲ୍ ପାରିତ ହୁଏ, ତେବେ ଏହା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନିକଟକୁ ଦସ୍ତଖତ ପାଇଁ ପଠାଯିବ।

## ଭାଜପା ପ୍ରାର୍ଥୀ ମୁକେଶ ଦଲାଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ନୂଆଦିଲ୍ଲୀ:** ସୁରଟରେ ଭାଜପା ପ୍ରାର୍ଥୀ ମୁକେଶ ଦଲାଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ଭାଜପା ସଭାପତି ସିଆର ପାଟିଲ ଏହି ସୂଚନା ଦେଇଛନ୍ତି। ସୁରଟରେ କଂଗ୍ରେସ ପ୍ରାର୍ଥୀ ନୀଳେଶ କୁମ୍ଭାନୀଙ୍କ ନାମାଙ୍କନ ରଦ୍ଦ କରାଯାଇଛି। ଏଥି ସହିତ ବିଏସପିର ପ୍ୟାରେଲାଲ ଭାରତୀ ଏହି ଆସନରୁ ତାଙ୍କ ନାମାଙ୍କନ ପ୍ରତ୍ୟାହାର କରି ନେଇଛନ୍ତି। ଏହା ପରେ ମଇଦାନରେ କୌଣସି ପ୍ରାର୍ଥୀ ନଥିଲେ। ଏଭଳି ପରିସ୍ଥିତିରେ ଭାଜପାର ମୁକେଶ ଦଲାଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି ନିଶ୍ଚିତ କରାଯାଇଥିଲା। ଅନ୍ୟ ସମସ୍ତ ପ୍ରାର୍ଥୀ ମଧ୍ୟ ସେମାନଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଛନ୍ତି।

## ଇସ୍ତଫା ଦେଲେ ଇସ୍ରାଏଲର ବରିଷ୍ଠ ଗୁଇନ୍ଦା ଅଧିକାରୀ

**ନୂଆଦିଲ୍ଲୀ:** ଇସ୍ରାଏଲ ସେନାର ସାମରିକ ଗୁଇନ୍ଦା ନିର୍ଦ୍ଦେଶାଳୟର ମୁଖ୍ୟ ମେଜର ଜେନେରାଲ ଅହରନ ହାଲିଭା ଇସ୍ତଫା ଦେଇଛନ୍ତି। ଗତ ବର୍ଷ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହୋଇଥିବା ହମାସ ଆକ୍ରମଣକୁ ରୋକିବାରେ ବିଫଳ ହୋଇଥିବାରୁ ସେ ନିଜକୁ ଦାୟୀ କରି ଇସ୍ତଫା ଦେଇଛନ୍ତି । ପ୍ରଥମ ଥର ପାଇଁ କୌଣସି ଇସ୍ରାଏଲ ଅଧିକାରୀ ତାଙ୍କ ବିଫଳତା ପାଇଁ ଇସ୍ତଫା ଦେଇଛନ୍ତି। ଅଧିକାରୀଙ୍କ ଏହି ନିଷ୍ପତ୍ତି ଇସ୍ରାଏଲର ଶୀର୍ଷ ସୁରକ୍ଷା ଅଧିକାରୀଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ମନେ କରାଯାଉଛି। ଏହି କାରଣରୁ ସେନାକୁ କ୍ଷତି ମଧ୍ୟ ସହିବାକୁ ପଡିପାରେ। ଏହା ବ୍ୟତୀତ ଇରାନ ସହ ଚାଲିଥିବା ଉତ୍ତେଜନା ମଧ୍ୟରେ ଏହି ଅଧିକାରୀଙ୍କ ନିଷ୍ପତ୍ତିକୁ ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠିଛି। ଇସ୍ରାଏଲର ଗୁଇନ୍ଦା ଅଧିକାରୀ ତାଙ୍କ ଇସ୍ତଫା ପତ୍ରରେ ଲେଖିଛନ୍ତି, ମୁଁ ମୋ ଲୋକଙ୍କ ବିଶ୍ୱାସ ପୂରଣ କରିପାରିଲି ନାହିଁ। ମୁଁ ସେହି କଳା ଦିନକୁ ଭୁଲି ପାରିବି ନାହିଁ। ଦିନରାତି ମୁଁ ସେହି (ଆକ୍ରମଣ) ବିଷୟରେ ଚିନ୍ତା କରେ। ଏହି ଯନ୍ତ୍ରଣା ସବୁବେଳେ ମୋ ସହିତ ରହିବ। ଯୁଦ୍ଧର କିଛି ସମୟ ପରେ ହଲିଭା ସାର୍ବଜନୀନ ଭାବରେ କହିଥିଲେ ଯେ, ସରକାର ଏବଂ ସାମରିକ ଗୁଇନ୍ଦା ଚେତାବନୀ ପାଇଁ ଦାୟୀ ସାମରିକ ବିଭାଗର ମୁଖ୍ୟ ଭାବରେ ସେ ଆକ୍ରମଣକୁ ରୋକିବାରେ ସକ୍ଷମ ନହେବା ପାଇଁ ଦାୟୀ । ସେନା ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ସେନା ମୁଖ୍ୟ ହଲିୱାଙ୍କ ଇସ୍ତଫା ଅନୁରୋଧକୁ ଗ୍ରହଣ କରିଛନ୍ତି ଏବଂ ତାଙ୍କ ସେବା ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଆମେରିକାରେ ଭୟଙ୍କର କାର୍ ଦୁର୍ଘଟଣା

# ଦୁଇ ଭାରତୀୟ ଛାତ୍ର ମୃତ





**ନୂଆଦିଲ୍ଲୀ:** ଭାରତୀୟଙ୍କ ପାଇଁ ଯେପରି କାଳ ପାଲଟିଛି ଆମେରିକା। ଏଠାରେ ପ୍ରତିଦିନ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହେଉଛି। କେଉଁଠି କାହାକୁ ହତ୍ୟା କରାଯାଉଛି ତ ଆଉ କେଉଁଠି କିଏ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଏବେ ପୁଣି ଥରେ ଆମେରିକାରେ ଦୁଇ ଭାରତୀୟ ଛାତ୍ର ଆଖି ବୁଜିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ଫୋନେକ୍ସ ସିଟି ଅଫ୍ ଆରିଜୋନାରେ ଭୟଙ୍କର କାର୍ ଦୁର୍ଘଟଣାରେ ଦୁଇ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଦୁଇ ଛାତ୍ର ହେଲେ ମୁକ୍କା ନିବେଶ ଓ ଗୌତମ ପାରସି। ଉଭୟଙ୍କ ବୟସ ୧୯ ବର୍ଷ ହୋଇଥିବା ବେଳେ ତେଲେଙ୍ଗାନାର ବାସିନ୍ଦା ବୋଲି ଜଣାପଡିଛି। ପୁଲିସ ସୂଚନା ମୁତାବକ, ଏପ୍ରିଲ ୨୦ ତାରିଖରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଦୁଇ ଛାତ୍ର କାର୍‌ରେ ଯାଉଥିବାବେଳେ ଦ୍ରୁତ ଗତିରେ ଆସୁଥିବା ଅନ୍ୟ ଏକ କାର୍ ସହ ଏମାନଙ୍କ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଦୁଇ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଏକ କାରର ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଭୟ କାର୍ ପରସ୍ପର ବିପରିତ ଦିଗରେ ଯାଉଥିଲେ। ତେବେ କେଉଁ କାରଣରୁ ଦୁଇ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେଲା ସେ ନେଇ ତଦନ୍ତ ଜାରି ରହିଥିବା ଆରିଜୋନା ପୁଲିସ କହିଛି। ନିବେଶ କରିମନଗର ଜିଲ୍ଲା ହୁଜୁରାବାଦର ବାସିନ୍ଦା ହୋଇଥିବା ବେଳେ ଗୌତମ ଜନଗାଁଓ ଜିଲ୍ଲାର ଷ୍ଟେସନ ଘନପୁରର ବାସିନ୍ଦା। ଉଭୟ ଆରିଜୋନା ଷ୍ଟେଟ୍ ୟୁନିର୍ଭସିଟିରେ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ କରୁଥିଲେ।

## ଅରୁଣାଚଳର ୮ଟି ବୁଥ୍‌ରେ ହେବ ପୁନଃ ମତଦାନ

**ନୂଆଦିଲ୍ଲୀ:** ଅରୁଣାଚଳ ପ୍ରଦେଶର ୮ଟି ବୁଥରେ ପୁଣି ହେବ ନିର୍ବାଚନ। ଏଠାରେ ଲୋକେ ପୁଣିଥରେ ମତଦାନ କରିବେ। ଲୋକସଭା ନିର୍ବାଚନ ପାଇଁ ଏପ୍ରିଲ ୧୯ ପ୍ରଥମ ପର୍ଯ୍ୟାୟରେ ଅରୁଣାଚଳ ପ୍ରଦେଶରେ ଭୋଟିଂ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଭୋଟିଂ ବେଳେ ଅନେକ ସ୍ଥାନରେ ହିଂସା ଓ ଭଙ୍ଗରୁଜା ହୋଇଥିବା ଘଟଣା ସାମ୍ନାକୁ ଆସିଥିଲା। ଏହାକୁ




ଦୃଷ୍ଟିରେ ରଖି ଏଠାକାର ୮ଟି ବୁଥରେ ପୁଣି ଥରେ ମତଦାନ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୨୪ ତାରଖରେ ଏଠାରେ ପୁଣିଥରେ ଭୋଟିଂ କରାଯିବ। ଏପ୍ରିଲ ୧୯ରେ ରାଜ୍ୟରେ ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତେବେ ଏହି ସମୟରେ କିଛି ମତଦାନ କେନ୍ଦ୍ରରେ ଅସଦାଚରଣ, ଭଙ୍ଗାରୁଜା, ଭୋଟ୍ ହିଂସା ଏବଂ ଇଭିଏମ୍ ଛଡ଼ାଇ ନେବାକୁ ଉଦ୍ୟମ କରାଯାଇଥିବା ଖବର ସାମ୍ନାକୁ ଆସିଥିଲା। ଏହାପରେ ଏବେ ପୁଣି ଥରେ ଏଠାରେ ମତଦାନ ନିର୍ଦ୍ଦେଶ ଦିଆଯାଇଛି।

# ପୁଣି ସାମରିକ ବଜେଟ ବୃଦ୍ଧିକଲା ଚୀନ୍

**ବେଜିଂ:** ବିଶ୍ୱର ବିଭିନ୍ନ ଦେଶ ନିଜ ନିଜର ସାମରିକ ବଜେଟ ବୃଦ୍ଧି କରିବାରେ ବ୍ୟସ୍ତ ଅଛନ୍ତି। ଅସ୍ତ୍ରଶସ୍ତ୍ର କିଣିବା ପାଇଁ ପ୍ରତି ଦେଶ ମଧ୍ୟରେ ପ୍ରତିଯୋଗିତା ଜାରି ରହିଛି। ସ୍ୱିଡେନର ଷ୍ଟକହୋମ୍ ସ୍ଥିତ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ଏସଆଇପିଆରଆଇ) ପକ୍ଷରୁ ବିଭିନ୍ନ ଦେଶ ଦ୍ୱାରା ୨୦୨୩ରେ କରାଯାଇଥିବା ପ୍ରତିରକ୍ଷା ବଜେଟ୍‌ର ରିପୋର୍ଟ ଜାରି କରାଯାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ପ୍ରତିରକ୍ଷା ବଜେଟ୍‌ରେ ବୃଦ୍ଧି କରିଥିବା ଦେଶମାନଙ୍କ ତାଲିକାରେ ଚୀନ୍ ଦ୍ୱିତୀୟ ସ୍ଥାନରେ ରହିଛି। ଚୀନ୍‌ର ସି ଜିନପିଙ୍ଗ୍ ସରକାର ୨୦୨୩ରେ ସାମରିକ ବଜେଟକୁ ବୃଦ୍ଧି କରି ୨୯୬ ବିଲିୟନ ଡଲାର ରଖିଛନ୍ତି। ୨୦୨୨ ବର୍ଷ ତୁଳନାରେ ଚୀନ୍‌ର ପ୍ରତିରକ୍ଷା ବଜେଟରେ ୬ ପ୍ରତିଶତ ବୃଦ୍ଧି କରାଯାଇଛି। ଚୀନ୍ ଲଗାତାର ନିଜର ସମାରିକ ବଜେଟକୁ ୨୯ଥର ପାଇଁ ବୃଦ୍ଧି କରିଥିବା ରିପୋର୍ଟରେ ଦର୍ଶାଯାଇଛି।

ଭାରତ ସହିତ ଚୀନ୍‌ର ଅନ୍ୟ ପଡୋଶୀ ଦେଶମାନେ ମଧ୍ୟ ନିଜ ନିଜର ସାମରିକ ଖର୍ଚ୍ଚ ବୃଦ୍ଧି କରିଛନ୍ତି। ଭାରତ ପ୍ରତିରକ୍ଷା କ୍ଷେତ୍ରରେ କରିଥିବା ଖର୍ଚ୍ଚ ଚୀନ୍‌ଠାରୁ କମ୍ ରହିଛି। ୨୦୨୨ ତୁଳନାରେ ୨୦୨୩ରେ ଭାରତର ପ୍ରତିରକ୍ଷା ବଜେଟରେ ୪.୨ ପ୍ରତିଶତ ବୃଦ୍ଧି କରିଛି। ଭାରତର ସାମରିକ ବଜେଟ ୮୩.୬ ବିଲିୟନ ଡଲାର ରହିଛି।

ଜାପାନ ଏବଂ ତାଇୱାନର ସମାରିକ ବଜେଟ ୨୦୨୩ରେ ୧୧ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି ଦକ୍ଷିଣ କୋରିଆ



ନିଜର ସମାରିକ ବଜେଟ ୧.୧ ପ୍ରତିଶତ ବୃଦ୍ଧି କରିଛି। ଚୀନ୍ ନିଜର ସାମରିକ ବଜେଟ ବୃଦ୍ଧି କରିବା ଦ୍ୱାରା ଭାରତ ଚିନ୍ତା ବଢ଼ିବାରେ ଲାଗିଛି। କାରଣ ଚୀନ୍‌ର ବିସ୍ତାରବାଦୀ ନୀତି ଯୋଗୁ ପଡ଼ୋଶୀଙ୍କ ମଧ୍ୟରେ ଲଗାତାର ବିବାଦ ଲାଗି ରହିଛି।

## ପାକିସ୍ତାନରେ ଇରାନ ରାଷ୍ଟ୍ରପତି

**ଇସଲାମାବାଦ:** ପାକିସ୍ତାନର ରାଜଧାନୀ ଇସଲାମାବାଦରେ କଡ଼ା ସୁରକ୍ଷା ମଧ୍ୟରେ ଇରାନର ରାଷ୍ଟ୍ରପତି ଇବ୍ରାହିମ ରାଇସି ତିନି ଦିନିଆ ସରକାରୀ ଗସ୍ତରେ ସୋମବାର ପହଞ୍ଚିଛନ୍ତି। ଏ ନେଇ ବୈଦେଶିକ କାର୍ଯ୍ୟାଳୟ ସୂଚନା ଦେଇଛି। ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ, ଇରାନ ରାଷ୍ଟ୍ରପତିଙ୍କ ସହ ତାଙ୍କ ସ୍ତ୍ରୀ ଏବଂ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଅଛନ୍ତି। ରାଷ୍ଟ୍ରପତି ଇବ୍ରାହିମ ରାଇସିଙ୍କ ଆଗମନ ସମୟରେ ତାଙ୍କ ଦଳରେ ବୈଦେଶିକ ମନ୍ତ୍ରୀ, ଅନ୍ୟ କ୍ୟାବିନେଟ୍ ସଦସ୍ୟ ଏବଂ ବରିଷ୍ଠ ଅଧିକାରୀ ମଧ୍ୟ ଅଛନ୍ତି। ବୁଧବାର ପର୍ଯ୍ୟନ୍ତ ଏହି ଗସ୍ତ ଜାରି ରହିବ ବୋଲି ପାକିସ୍ତାନର ବୈଦେଶିକ କାର୍ଯ୍ୟାଳୟ କହିଛି। ଏହି ଗସ୍ତ ସମୟରେ ଦୁଇ ମୁସଲମାନ ପଡ଼ୋଶୀ ଚଳିତ ବର୍ଷ ଅଦୃଶ୍ୟ ସାମରିକ ଆକ୍ରମଣ ପରେ ସମ୍ପର୍କକୁ ସୁଦୃଢ଼ କରିବାକୁ ଚେଷ୍ଟା କରିବେ।

# ମୋଦିଙ୍କ ଅନୁପ୍ରବେଶକାରୀ ବୟାନକୁ ନେଇ ବିବାଦ

**ନୂଆଦିଲ୍ଲୀ:** ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବେଆଇନ ଅପ୍ରବାସୀ ବା ଅନୁପ୍ରବେଶକାରୀ' ବୟାନକୁ ନେଇ ବିବାଦ ଦେଖାଯାଇଛି। ରବିବାର ରାଜସ୍ଥାନର ବଂଶୱାରାରେ ମୋଦି ବିଜେପିର ଜୋରଦାର ପ୍ରଚାର କରିଥିଲେ।

ଏହି ସମୟରେ ସେ ଅନୁପ୍ରବେଶକାରୀଙ୍କୁ ବିରୋଧୀ ଦେଶର ସବୁ କିଛି ଦେଇ ଦେବାକୁ ଚାହୁଁଥିବା ଦାବି କରିଥିଲେ। ଏହାକୁ ନେଇ ବିରୋଧୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧି କହିଛନ୍ତି ଯେ, ବିଜେପି ଦେଶର ପ୍ରକୃତ ପ୍ରସଙ୍ଗରୁ ନଜର ହଟାଇବାକୁ ଚାହୁଁଛି। ସେହିପରି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ହତାଶ ହୋଇଗଲେଣି। ରବିବାର ମୋଦି କହିଥିଲେ ଯେ, 'ଲୋକଙ୍କ ଝାଳ ବୁହା ଅର୍ଥ ଓ ଆମ ମହିଳାମାନଙ୍କ ସୁନାକୁ କଂଗ୍ରେସ ଯେଉଁମାନଙ୍କର ଅଧିକ ଛୁଆ ଅଛନ୍ତି, ସେମାନଙ୍କୁ ଦେଇ ଦେବାକୁ ଲକ୍ଷ୍ୟ ରଖିଛି। ଏହାକୁ କ'ଣ ଦେଶବାସୀ ଗ୍ରହଣ କରିବେ? କଂଗ୍ରେସ ଇସ୍ତାହାରେ କୁହାଯାଇଛି ଯେ, ସେମାନେ ଆମ ମା' ଓ ଉଉଣୀମାନଙ୍କ ସୁନାର ହିସାବ କରିବେ।

ଏହାର ତଥ୍ୟ ସଂଗ୍ରହ କରିବେ ଓ ପରେ ଏହାକୁ ସେହିମାନଙ୍କୁ ଦେଇ ଦେବେ ଯାହାଙ୍କର ପ୍ରଥମ ଅଧିକାର ଦେଶର ସମ୍ବଳ ଉପରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ କହିଥିଲେ। ଯେତେବେଳେ ସେମାନେ(କଂଗ୍ରେସ) ସରକାରରେ ଥିଲେ ସେମାନେ କହୁଥିଲେ ଯେ ଭାରତର ସମ୍ବଳ ଉପରେ ମୁସଲିମମାନଙ୍କର ପ୍ରଥମ ଅଧିକାର ରହିଛି।

ତେଣୁ ସେମାନେ ଆପଣମାନଙ୍କର ସମ୍ପତ୍ତି ସେହିମାନଙ୍କୁ ଦେବେ ଯେଉଁମାନଙ୍କର ଅଧିକ ପିଲାଛୁଆ ରହିଛନ୍ତି। ସେମାନେ ଅନୁପ୍ରବେଶକାରୀଙ୍କୁ ସମ୍ପତ୍ତିର ଅଧିକାର ଦେବେ। ଏପରି ଅର୍ବାନ ନକ୍ସଲ ଚିନ୍ତାଧାରାର ଲୋକମାନେ ଆପଣମାନଙ୍କର ମଙ୍ଗଳସୂତ୍ରକୁ ମଧ ଛାଡ଼ିବେ ନାହିଁ।

ତେବେ ଏପରି ବୟାନକୁ ରାହୁଲ ଗାନ୍ଧି ସମାଲୋଚନା କରିଛନ୍ତି। ସେ କହିଛନ୍ତି, 'ବେକାରୀ ଓ ମୁଦ୍ରାସ୍ଫୀତି ଏବେ ଦେଶରେ ସର୍ବୋଚ୍ଚ ସ୍ତରରେ ରହିଛି। ତଥାପି ନରେନ୍ଦ୍ର ମୋଦି କହୁଛନ୍ତି ସବୁ କିଛି ଠିକ ଅଛି। ସେମାନଙ୍କ ପାଖରେ ମୁଖ୍ୟ ପ୍ରସଙ୍ଗକୁ ଧ୍ୟାନଚ୍ୟୁତ କରିବା ପାଇଁ ନୂଆ ନୂଆ ଟେକନିକ ସବୁ ରହିଛି। କିନ୍ତୁ ମିଛ କାରବାରର ଶେଷ ବହୁତ ଶୀଘ୍ର ହେବ। ଇତିହାସରେ ଏପରି ହୀନ ରାଜନୀତି କେବେ ହେଲେ ଦେଖିବାକୁ ମିଳି ନଥିଲା ବୋଲି ରାଜ୍ୟସଭା ସାଂସଦ ତଥା ବରିଷ୍ଠ ଆଇନଜୀବୀ କପିଲ ଶିବଲ କହିଛନ୍ତି। ଏଥିସହ ଦେଶର ୨୦ କୋଟି ଲୋକ ପ୍ରଧାନମନ୍ତ୍ରୀଙ୍କ ପାଇଁ କିଛି ଗୁରୁତ୍ୱ ବହନ କରନ୍ତି କି ନାହିଁ ସେ ପ୍ରଶ୍ନ କରିଛନ୍ତି। ଶ୍ରୀ ଶିବଲ ନିର୍ବାଚନ କମିଶନ ଏପରି ବୟାନ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନୋଟିସ ପଠାଇ ଜବାବ ମାଗନ୍ତୁ ବୋଲି ଦାବି କରିଛନ୍ତି। ସଞ୍ଜୟ ରାଉତ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, 'ମୋଦି ବର୍ତ୍ତମାନ ମଙ୍ଗଳସୂତ୍ର କଥା କହିଲେଣି। ଏହାର ଅର୍ଥ ସେ ସଂପୂର୍ଣ୍ଣ ଭାବେ ହତାଶ। ସେ ନିର୍ବାଚନ ହାରିବାକୁ ଯାଉଛନ୍ତି। ସମ୍ଭାବ୍ୟ ପରାଜୟ ତାଙ୍କୁ ଘାଇଲା କରିଛି। ସେଥିପାଇଁ ସମ୍ଭବତଃ ସେ ଏଭଳି ଭାଷା ପ୍ରୟୋଗ କରୁଛନ୍ତି। କେମିତି ଜଣେ ବ୍ୟକ୍ତିଙ୍କ ପିଲା ସଂଖ୍ୟା ନିର୍ବାଚନ ପ୍ରଚାରର ମୁଖ୍ୟ ପ୍ରସଙ୍ଗ ହେବ? ବିହାରର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତଥା ଆରଜେଡି ନେତା ତେଜସ୍ୱୀ ଯାଦବ ମଧ୍ୟ ମୋଦିଙ୍କୁ ସମାଲୋଚନା କରି ଦେଶର ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ କହିଛନ୍ତି। ଏଥିସହ ଘୃଣାର ରାଜନୀତି ନ କରିବାକୁ ମଧ୍ୟ କହିଛନ୍ତି।

### ବିରୋଧୀଙ୍କ କଡ଼ା ସମାଲୋଚନା



## ଭିଡ଼ ଉପରେ ମାଡ଼ିଗଲା ରେସିଂ କାର୍; ୭ ମୃତ

**ନୂଆଦିଲ୍ଲୀ:** କାର୍ ରେସିଂ ଦେଖିବାକୁ ହୋଇଥିଲା ପ୍ରବଳ ଭିଡ। ଟ୍ରାକ୍‌ରେ ଆଖି ପିଛୁଳାକେ ରେସିଂ କାର୍ ଦୌଡୁଥିବାବେଳେ ଲୋକଙ୍କ କରତାଳିରେ ଫାଟି ପଡୁଥିଲା ସମଗ୍ର ଅଞ୍ଚଳ। ମାତ୍ର ଏହା ମଧ୍ୟରେ ଘଟିଗଲା ଅଘଟଣ। ଦ୍ରୁତ ଗତିରେ ଯାଉଥିବା ଏକ ରେସିଂ କାର୍ ହଠାତ୍ ଲୋକଙ୍କ ଉପରେ ମାଡ଼ିଗଲା। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ ଜଣ ଗୁରୁତର ହୋଇଛନ୍ତି। ଏପରି ଏକ ଅଭାବନୀୟ ଘଟଣା ଶ୍ରୀଲଙ୍କାର ଦିୟାତାଲାୱା ସହରରେ ଘଟିଛି। ଦିୟାତାଲାୱା ସହର ଶ୍ରୀଲଙ୍କାର ରାଜଧାନୀ କଲମ୍ବୋଠୁ ୧୮୦ କିମି ଦୂରେ ଅବସ୍ଥିତ। ସେଠାରେ ଶ୍ରୀଲଙ୍କା ମିଲିଟାରୀ ଏକାଡେମୀରେ କାର୍ ରେସିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୫ ହଜାର ଲୋକଙ୍କ ଭିଡ଼ ଜମିଥିଲା। ଶ୍ରୀଲଙ୍କା ସେନା ଓ ଅଟୋ ମୋବାଇଲ ସ୍ପୋର୍ଟ୍ସ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମାତ୍ର ରେସିଂ ଚାଲିଥିବା ବେଳେ ହଠାତ୍ ଏକ କାର୍ ଭାରସାମ୍ୟ ହରାଇ ଟ୍ରାକ୍‌ରୁ ବାହାରି ଲୋକଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ୮ ବର୍ଷର ଶିଶୁ ସମେତ କିଛି ଅଧିକାରୀ ଥିବା ଜଣାଯାଇଛି। ଏହି ଦୁର୍ଘଟଣାରେ ୨୦ ଜଣ ଗୁରୁତର ହୋଇଥିବା ବେଳେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ପରେ ତୁରନ୍ତ ରେସିଂ କାର୍ଯ୍ୟକ୍ରମକୁ ବନ୍ଦ କରି ଦିଆଯାଇଛି। ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।



# ଜିଏସ୍‌ଟି ଫାଙ୍କି କିଣୁଛନ୍ତି କେନ୍ଦୁପତ୍ର

## କମ୍ପାନୀ ମାଲେମାଲ୍, କ୍ଷତିରେ ସରକାର



**କଳାହାଣ୍ଡି(ଅମୃତ ମିଡିଆ) :** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ କେନ୍ଦୁପତ୍ର ବିଭାଗ ଅଞ୍ଚଳରେ ବିଭିନ୍ନ ବେସରକାରୀ କମ୍ପାନୀଗୁଡ଼ିକ ଆସି ଜିଏସ୍‌ଟି ଫାଙ୍କି କେନ୍ଦୁପତ୍ର କିଣୁଥିବା ଜଣାପଡ଼ିଛି । ସିନାପାଲି ପଞ୍ଚାୟତ ଲାଞ୍ଜିଗ୍ରାମର ହେମନ୍ତ ଭୋଇ, ଗଦାଧର ଭୋଇ, ଶିବରାତ୍ରି ମାଝୀ ସହ ଅନେକ ଲୋକ ମିଶି ୨ ଲକ୍ଷ ୭୦ ହଜାର ଟଙ୍କାର କେନ୍ଦୁପତ୍ର କିଣିବାର ଯୋଜନା ରଖିଛନ୍ତି । ଯାହା ତାଙ୍କର ଅଧିବେଶନ ଖାତାରେ ଦର୍ଶାଯାଇଛି । ଉକ୍ତ କେନ୍ଦୁପତ୍ର ଗୁଡ଼ିକୁ ଇଷ୍ଟର୍ଣ୍ଣ ସପ୍ଲି ଆଣ୍ଡ କର୍ପୋରେସନ ରାୟପୁରର ଏକ ବେସରକାରୀ କମ୍ପାନୀ ହାତରେ ବିନା ଜିଏସ୍‌ଟିରେ ବିକ୍ରୟ କରିବାକୁ ନିଷ୍ପତ୍ତି ନେଇଥିବା ନିଜେ ହେମନ୍ତ ଭୋଇ ପ୍ରକାଶ କରିଛନ୍ତି । କେନ୍ଦୁପତ୍ର କିଣିବା ପୂର୍ବରୁ ଯେ କୌଣସି ଖବରକାଗଜ ରେ ଟେଣ୍ଡର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅନେକ କମ୍ପାନୀଗୁଡ଼ିକ ଆସି ଟେଣ୍ଡର ପକାଇବା ବ୍ୟବସ୍ଥା ଥିବା ବେଳେ ତାହା କରି ନାହାଁନ୍ତି ବୋଲି ଶ୍ରୀ ଭୋଇ କହିଛନ୍ତି । ସରକାରୀ ନିୟମାନୁସାରେ କେନ୍ଦୁପତ୍ରରେ ୧୮% ଜିଏସ୍‌ଟି ଲାଗୁ ହୋଇଥିବା ବେଳେ ବିନା ଜିଏସ୍‌ଟିରେ କେନ୍ଦୁପତ୍ର ବିକ୍ରି କରାଯାଉ ଥିବା ବେଳେ ସରକାରଙ୍କ ୪୫ହଜାର ଟଙ୍କାର କ୍ଷତି ହେଉଥିବା ଅନୁମେୟ କରାଯାଉଛି । ଏହି ଅଞ୍ଚଳରେ ଖାଲିଆପାଲି ପଞ୍ଚାୟତ କାଲିପୁର ଗ୍ରାମରେ ଏପରି ବିକ୍ରି କରାଯାଇଥିବା ଖବର ସାମ୍ନାକୁ ଆସିଛି । ବେସରକାରୀ କମ୍ପାନୀଗୁଡିକ ଆସି ଗୋଲାମୁଣ୍ଡା ବ୍ଲକର କୋଣ ଅନୁକୋଣରେ ଲୁଚି ଛପି ବିନାଜିଏସ୍‌ଟିରେ କେନ୍ଦୁପତ୍ର କିଣୁଥିବା ଚର୍ଚ୍ଚା ଚାଲିଛି । କେନ୍ଦୁପତ୍ର ତୋଲୁଥିବା ସମୟରେ ରେ କୌଣସି ଲୋକଙ୍କ ମୃତ୍ୟୁ ଘଟେ ଦାୟୀ ରହିବେ କି ବୋଲି ଶ୍ରୀ ଭୋଇଙ୍କୁ ପଚାରିବାରୁ କୌଣସି ଉତ୍ତର ଦେଇ ନଥିଲେ । ଯେଉଁମାନେ କେନ୍ଦୁପତ୍ର ବିଭାଗ ଜରିଆରେ କେନ୍ଦୁପତ୍ର ତୋଳିବେ ଅକସ୍ମାତ କୌଣସି ମୃତ୍ୟୁ ଘଟେ ସରକାରଙ୍କ ତରଫରୁ ୨ ଲକ୍ଷ ଟଙ୍କାର ମୃତ୍ୟୁକାଳିନ ସହାୟତା ଦେବାର ବ୍ୟବସ୍ଥା ଅଛି । ଏ ସମ୍ପର୍କରେ କେଗାଁ କେନ୍ଦୁପତ୍ର ବିଭାଗ ରେଞ୍ଜର ଦୈତାରୀ ନାଏକଙ୍କୁ ପଚାରିଲେ କାହାର ଅନୁମତିରେ ଚାଲିଛି ଜାଣିନି । କେନ୍ଦୁପତ୍ର ଜବତ କରିବାରେ ମୋ ପାଖରେ କ୍ଷମତା ନାହିଁ ବୋଲି ସୂଚନା ଦେଇଛନ୍ତି । ଜିଲ୍ଲା ପ୍ରଶାସନ ଏ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରି ଜିଏସ୍‌ଟି ଫାଙ୍କି କେନ୍ଦୁପତ୍ର କିଣୁଥିବା କମ୍ପାନୀଗୁଡିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

# ନୀଳଗିରିର ବିଭିନ୍ନ ସମସ୍ୟା ନେଇ କ୍ଷୋଭପ୍ରକାଶ କଲେ ପୂର୍ବତନ ବିଧାୟକ




**ନୀଳଗିରି(ଅମୃତ ମିଡିଆ) :** ଅପରାହ୍ନ ୪ଘଟିକାରେ ସେନାପତି ପ୍ରେସ୍ କାର୍ଯ୍ୟାଳୟ ପରିସରରେ, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀଙ୍କ ଦ୍ୱାରା ଏକ ସମ୍ବାଦଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ନୀଳଗିରିର ବହୁବିଧ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହିତ ,ତାର ନୀରାକରଣ ପାଇଁ ଜୀବନର ଶେଷ ରକ୍ତ ଥିବା ପର୍ଯ୍ୟନ୍ତ ସେ ଲଢେଇ ଜାରି ରଖିବେ ବୋଲି କହିଥିଲେ । ସମସ୍ୟା ଗୁଡ଼ିକ ମଧ୍ୟରେ ରତ୍ନଗର୍ଭା ନୀଳଗିରିର ପାହାଡ଼, ଜଙ୍ଗଲ, ନଦୀ ପ୍ରଭୃତିରେ ଭରପୁର ରହିଥିବା ପ୍ରାକୃତିକ ସମ୍ପଦ ର ଉପଯୋଗିତା ଓ ପ୍ରସାଶନ ଏବଂ ପ୍ରାକୃତିକ ସମ୍ପଦର ଲୁଟେରାଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟ ପକ୍ଷରେ ସେ କଂଗ୍ରେସ ଦଳରେ ଅଛନ୍ତି ଓ ରହିବେ ମଧ୍ୟ । ଯଦି ଦଳ ଉପଯୁକ୍ତ ମନେକରେ, ଆଗାମୀ ନିର୍ବାଚରେ,ତାଙ୍କୁ ଦଳୀୟ ପ୍ରାର୍ଥୀଭାବେ ଟିକଟ ପ୍ରଦାନ କରେ, ତାହେଲେ ସେ ନିଶ୍ଚିତ ନିର୍ବାଚନ ଲଢିବେ । ଜୟ ପରାଜୟ ଏକ ଭିନ୍ନ ପ୍ରସଙ୍ଗ । ବିଜୟୀ ହେଲେ ବିଧାନସଭାରେ ନୀଳଗିରି ହକ୍ ପାଇଁ ସ୍ୱର ଉତ୍ତୋଳନ କରିବେ । ପରାଜିତ ହେଲେ ମଧ୍ୟ, ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ ଜାରି ରଖିବେ ବୋଲି, ଅତ୍ୟନ୍ତ ଦୃଢତାର ସହିତ କହିଥିଲେ ।

# ହେରିଟେଜ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ




**ବାରିପଦା(ଅମୃତ ମିଡିଆ) :** ପିଲାମାନେ ପିତା ମାତାଙ୍କ ଅସଲ ସମ୍ପତ୍ତି । ସମ୍ପତ୍ତିର ସୁରକ୍ଷା, ବିକାଶ ଶିକ୍ଷା ଉପରେ ନିର୍ଭରଶୀଳ । ଶିଶୁ ଅବସ୍ଥାହିଁ ଗଢିବାର ସମୟ । ତେଣୁ ଉପଯୁକ୍ତ ଶିକ୍ଷାନୁଷ୍ଠାନ ଚୟନ ଏବଂ ଉପଯୁକ୍ତ ଧ୍ୟାନହିଁ ସେମାନଙ୍କୁ ଭବିଷ୍ୟତରେ ବଡ଼ ଓ ଭଲ ମଣିଷ କରି ଗଢି ତୋଳିବ ବୋଲି ହେରିଟେଜ ଇଂଲିଶ ମିଡିୟମ ସ୍କୁଲର ୧୫ ତମ ବାର୍ଷିକ ଉତ୍ସବ ଅବସରରେ ଅତିଥି ମାନେ ମତ ବ୍ୟକ୍ତ କରିଛନ୍ତି । ସ୍ୱେଚ୍ଛାସେବୀ ସଂଗଠନ ଆରଆରଡିଓ ଦ୍ୱାରା ପରିଚାଳିତ ହେରିଟେଜ ଇଂଲିଶ ମିଡିୟମ ସ୍କୁଲ ପରିସରରେ ୨୦ ତାରିଖ ସନ୍ଧ୍ୟାରେ ସ୍କୁଲର ୧୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସ୍ଥାନୀୟ ସମାଜସେବୀ ବସନ୍ତ କୁମାର ପଇବର୍ତ୍ତି ଓ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଗିରିଶ ଚନ୍ଦ୍ର ଅଧିକାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଆରଆରଡିଓ ନିର୍ଦ୍ଦେଶକ ମନୋଜ କୁମାର ଜେନାଙ୍କ ଅଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ନାଏକ, ମୁଖ୍ୟ ବକ୍ତା ଭାବେ କାଦଡିହା କଲେଜ ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପୁର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଛାତ୍ର ଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶେଷରେ ଅଧକ୍ଷା ମଧୁସ୍ମିତା ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ମୀନାରାଣୀ ପ୍ରଧାନ, ଶୁଭଶ୍ରୀ ମହାନ୍ତ, ସଜନୀ ଲୋହାର, ପୁଷ୍ପାଞ୍ଜଳି ସେଠି, ଦେବସ୍ମିତା ଦେହୁରୀ, ସଂଯୁକ୍ତା ଦେହୁରୀ, ରଶ୍ମିତା ବେହେରା, ଜ୍ୟୋସ୍ନା ତିରିଆ, ଯୋଗେନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସନ୍ତୋଷଙ୍କ ଭଉଁରିଆବଡ ପଞ୍ଚାୟତରେ ବିଶାଳ କର୍ମୀସମ୍ମିଳନୀ



**ନୀଳଗିରି(ଅମୃତ ମିଡିଆ) :** କର୍ମ ହିଁ ଭଗବାନ । ବିଜେଡ଼ି ର ନୀଳଗିରି ନିର୍ବାଚନ ମଣ୍ଡଳୀ ପାଇଁ, ପ୍ରାର୍ଥୀ ଚୟନ ପ୍ରକ୍ରିୟା ଯେତେ ବିଳମ୍ବ କରୁଛି, ସଧାରଣ ଭୋଟର ଙ୍କ ଉତ୍କଣ୍ଠା ସେତିକି ବଢ଼ିବାରେ ଲାଗିଛି । ଜଣେ ସ୍ୱାର୍ଥବାଦୀ ଓ ଆଉ ଜଣେ କର୍ମବୀର । ନିଜର କର୍ମ ଉପରେ ପ୍ରଚଣ୍ଡ ଆସ୍ଥା ଓ ବିଶ୍ୱାସ ରଖି ସଂଗଠନ ସୁଦୃଢ଼ କରିବା ରେ କ୍ରମାଗତ ଭାବେ ଚେଷ୍ଟା ଜାରୀ ରଖିଛନ୍ତି, ବିଜେଡ଼ି ର ଆଶାୟୀ ପ୍ରାର୍ଥୀ ସନ୍ତୋଷ । ଦଳ ଟିକେଟ ଘୋଷଣା କରି ନ ଥିଲେ ମଧ୍ୟ, ସନ୍ତୋଷ ତାଙ୍କ ସାଂଗଠନିକ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଦେଖାଯାଇଛି । ସେହି କ୍ରମରେ, ଆଜି ଭଉଁରିଆବାଡ ପଞ୍ଚାୟତ ର ବାଲିଆଝର ପଡିଆରେ, ପଞ୍ଚାୟତ ସ୍ତରୀୟ ବୁଥ କମିଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଶାଳ କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମୀ ମାନଙ୍କୁ ଉଦବୋଧନ ଦେଇ,ଶ୍ରୀ ଖଟୁଆ, ସମସ୍ତ ଙ୍କୁ ଧୈର୍ଯ୍ୟ ରଖିବାକୁ ନିବେଦନ କରିବା ସହିତ, ଆମ ସମସ୍ତ ଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ କିଭଳି ଷଷ୍ଠ ଥର ପାଇଁ, ମୁଖ୍ୟମନ୍ତ୍ରୀ ଆସନ ରେ ବସାଇବା,ସେ ଦିଗରେ କଠୋର ପରିଶ୍ରମ କରିବାକୁ ଆହ୍ୱାନ ଦେଇଥିଲେ । ଶୀର୍ଷ ନେତୃତ୍ୱ ଉପରେ ଆସ୍ଥା ରଖିବା ସହିତ ସତ୍ୟର ନିଶ୍ଚିତ ଜୟ ହେବ ବୋଲି କହିଥିଲେ ।ଉକ୍ତ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ,ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ,ଗିରିଶ ମହାନ୍ତି, ରତିକାନ୍ତ ମଲ୍ଲିକ, ରବିନ୍ଦ୍ର ପରିଡ଼ା, ଶିବାଜି ସିଂ,ନରେଶ ବାରିକ, ରବିନ୍ଦ୍ର ନାୟକ,ରବିନ୍ଦ୍ର ସିଂ, ବାଇଧର ସିଂ, ହୁର୍ଦ୍ଦାନନ୍ଦ ପାତ୍ର,ଅରୁଣ ବାରିକ, ସତ୍ୟନାରାୟଣ ସିଂ, ହେମ ସିଂ,ନବୀନ ନାୟକ, ସୁଦର୍ଶନ ସିଂ ଏବଂ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି ସଭାରେ, ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଏବଂ ମହିଳା ଉପସ୍ଥିତ ଥିବା ଦେଖାଯାଇଛି ।

# ମଧୁବାବୁଙ୍କ ଜୟନ୍ତୀ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ବାରିପଦା/କରଞ୍ଜିଆ(ଅମୃତ ମିଡିଆ) :** ପ୍ରତ୍ୟେକ ବର୍ଷ ମଧୁବାବୁ ଙ୍କ ଜୟନ୍ତୀ ମହା ଆଡମ୍ବର ସହିତ କରଞ୍ଜିଆ ଓକିଲ ସଙ୍ଘ ପକ୍ଷରୁ ପାଳନ କର ।ଯାଇ ଥାଏ । ଆଗାମୀ ୨୮ ତାରିଖ ରବିବାର ଦିନ ମଧୁବାବୁଙ୍କ ଜୟନ୍ତୀ ଥିବାରୁ ଚଳିତ ବର୍ଷ ମଧ ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯିବା ପାଇଁ ଓକିଲ ସଙ୍ଘ ପକ୍ଷରୁ ପ୍ରସ୍ତୁତି ଚାଲିଛି । କାର୍ଯ୍ୟକ୍ରମ କୁ ସ୍ମରଣୀୟ କରିବା ପାଇଁ ଏକ ସ୍ୱେଚ୍ଛା କୃତ ରକ୍ତଦାନ ଶିବିର ଆୟୋଜନ କରାଯିବା ପାଇଁ ନିଷ୍ପତି ନିଆ ଯାଇଛି ବୋଲି ସଙ୍ଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ରେ ସଙ୍ଘ ସଭାପତି ତଥା ବରିଷ୍ଠ ଆଡଭୋକେଟ ବାଞ୍ଛାନିଧି ପୃଷ୍ଟି ପ୍ରକାଶ କରିଛନ୍ତି ଓ଼ ସମ୍ପାଦକ ଦିବ୍ୟ ସାହୁ ପ୍ରକାଶ କରିଛନ୍ତି । ଏହି ରକ୍ତଦାନ ଶିବିରରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନମାନଙ୍କୁ ସାମିଲ ହେବା ପାଇଁ ଏହି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଓକିଲ ସଂଘର ସଭାପତି ବାଞ୍ଛାନିଧି ପୃଷ୍ଟି ଅନୁରୋଧ କରିଛନ୍ତି । ଏଥିରେ ସଙ୍ଘ ସମ୍ପାଦକ ଦିବ୍ୟ ସାହୁ ଓ଼ ଅନ୍ୟ କର୍ମକର୍ତା ମାନେ ଉପସ୍ଥିତ ଥିଲେ ।

# ବର୍ଷାଙ୍କ ପ୍ରାର୍ଥୀତ୍ୱକୁ ନେଇ ବଡଚଣା ବିଜେଡିର ୪ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା



ବିଧାୟକଙ୍କୁ ଭେଟିଲେ ବବି ଦାଶ ଓ ବର୍ଷା



**ଚଣ୍ଡିଖୋଲ(ଅମୃତ ମିଡିଆ) :** ୨୦୨୪ ସାଧାରଣ ନିର୍ବାଚନ ପାଇଁ ବଡଚଣା ବିଜେଡ଼ି ଦଳର ପ୍ରାର୍ଥୀ ଭାବେ ୨୦ ତାରିଖ ଦିନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ସିନେ ତାରକା ବର୍ଷା ପ୍ରିୟଦର୍ଶିନୀଙ୍କ ନାମ ଘୋଷଣା କରିବା ପରେ ୩ ଦିନ ବିତିଯାଇଥିଲେ ମଧ ବଡଚଣା ମାଟିରେ ବର୍ଷାଙ୍କର ଏପର୍ଯ୍ୟନ୍ତ ପାଦ ପଡିନାହିଁ । ୨୧ ତାରିଖ ଦିନ ବର୍ଷା ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବା ସହ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ବାସଭବନରେ ପହଞ୍ଚି ଆଶୀର୍ବାଦ ଭିକ୍ଷା କରିଥିଲେ । ବଡଚଣାରେ ବିଜେଡ଼ି ୪ଟି ଗୋଷ୍ଠୀରେ ବିଭାଜିତ ହୋଇଥିବା ବେଳେ ବର୍ଷାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେଉଛି । ବର୍ଷା ବଡଚଣା ଆସି ପାରୁନାହାନ୍ତି କିମ୍ବା ୪ ଗୋଷ୍ଠୀଙ୍କୁ ଏକାଠି କରିପାରୁନାହାନ୍ତି କାରଣ ତାଙ୍କର ସେତେଟା ରାଜନୈତିକ ଦକ୍ଷତା ନାହିଁ । ଏହି ସବୁ ସମସ୍ୟାକୁ ସମାଧାନ କରିବା ପାଇଁ ବିଜେଡ଼ି ର ସାଙ୍ଗଠନିକ ସମ୍ପାଦକ ସମ୍ବଲପୁର ଠାରେ ସାଂସଦ ଭାବେ ଛିଡା ହୋଇଥିବାରୁ ତାଙ୍କର ବ୍ୟସ୍ତତା ପାଇଁ ଏହି ଘଟଣାର ସମାଧାନ ହୋଇପାରୁନାହିଁ ତଥାପି ୨୨ ତାରିଖ ଦିନ ପ୍ରଣବ ପ୍ରକାଶ ଦାଶ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ବାସଭବନ ରେ ପହଞ୍ଚି କିପରି ଏହାର ସମାଧାନ ହେବା ସହ ବଡଚଣାରେ କାର୍ଯ୍ୟକ୍ରମ ଆଗକୁ ବଢିଚାଲିବ ଓ ବର୍ଷା ବଡଚଣାରେ ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଆରମ୍ଭ କରିବେ ସେ ବିଷୟରେ ଆଲୋଚନା କରି ଶ୍ରୀ ଦାଶ ୨୩ ତାରିଖ ମଙ୍ଗଳବାର ଦିନ ଉଭୟ ଗୋଷ୍ଠୀର ନିର୍ବାଚିତ ପ୍ରତିନିଧି, ସଭାପତି ଓ ଦଳୀୟ କର୍ମକର୍ତ୍ତା ମାନେ ଶଙ୍ଖ ଭବନ ଠାରେ ପହଞ୍ଚି ଦଳୀୟ ପ୍ରାର୍ଥୀ ବର୍ଷାଙ୍କ ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା ହେବାପାଇଁ ଦିନ ଧାର୍ଯ୍ୟ କରାଯାଇଅଛି । ଏହି ପରିପ୍ରେକ୍ଷୀରେ ଶଙ୍ଖ ଭବନ ଯିବାପାଇଁ ଷୋମବାର ଅପରାହ୍ନରେ ବଡଚଣାରେ ୪ ଗୋଟି ସ୍ଥାନରେ ଉଭୟ ଗୋଷ୍ଠୀର ପ୍ରସ୍ତୁତି ଚାଲିଥିବା ଦେଖାଦେଇଛି । ଚଣ୍ଡିଖୋଲସ୍ଥ ଦଳୀୟ କାର୍ଯ୍ୟାଳୟ ନିକଟରେ ସଭାପତି ଅରବିନ୍ଦ ସାମଲ କେତେକ ପ୍ରତିନିଧି ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଥିବା ବେଳେ, ଜନ୍ମଜୟ ଲେଙ୍କାଙ୍କ ବାସଭବନରେ ତାଙ୍କର ସମର୍ଥକମାନେ ପ୍ରସ୍ତୁତି କାର୍ଯ୍ୟ ଚଳାଇଥିବା ବେଳେ ଚଣ୍ଡିଖୋଲସ୍ଥ ରାଜୀବ କଲ୍ଚରାଲ ସେଣ୍ଟର ଠାରେ ରାଜନାରାୟଣଙ୍କ ସମର୍ଥକ ପ୍ରସ୍ତୁତ ହେଉଥିବା ବେଳେ ହୋଟେଲ ମିଡ-ଇଷ୍ଟ ରେ ଗଣେଶ୍ୱର ବରାଳ ଓ ତାଙ୍କର ସମର୍ଥକମାନେ ଶଙ୍ଖ ଭବନ ଯିବାପାଇଁ ପ୍ରସ୍ତୁତି ଚଳାଇଥିବା ଖବର ମିଳିଛି । ଏଣୁ ବଡଚଣାରେ ବିଜେଡ଼ି ର ୪ ଗୋଷ୍ଠୀ ମଧ୍ୟରେ ଏପରି ଯେଉଁ ଛକପଞ୍ଝା ଜାରି ରହିଛି ଆଗାମୀ ଦିନରେ ଏଠାରେ ପ୍ରାର୍ଥୀ ହୋଇଥିବା ବର୍ଷା ଜଣେ ନବାଗତ ମହିଳା କିପରି ଏହିସବୁ ସମସ୍ୟାକୁ ସମାଧାନ କରି ନିର୍ବାଚନରେ ବଡଚଣା ଜନସାଧାରଣଙ୍କ ନିକଟରେ ପହଞ୍ଚି ନିର୍ବାଚନ ବୈତରଣୀ ପାର ହେବେ ସେଥିପାଇଁ ସାଧାରଣରେ ଆଲୋଚନା ହେଉଛି । ଏଠାରେ ପ୍ରଶ୍ନ ଉଠେ କି ଛ ଛ ଥରର ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ବଡଚଣାରୁ ହଟାଇବା ପାଇଁ କିଛିଦିନ ପୂର୍ବେ ପରସ୍ପର ମଧ୍ୟରେ ଯେଉଁପରି ଭାବେ କାଦୁଅ ଫିଙ୍ଗାଫିଙ୍ଗି ହେଉଥିଲେ ପୁଣି ଏକାଠି ହୋଇ ଗୋଟିଏ ମଞ୍ଚରେ ବର୍ଷାଙ୍କ ପାଇଁ କିପରି ପ୍ରଚାର କରିବେ ଓ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଲୋକମାନଙ୍କୁ କେଉଁପରି ପ୍ରତିଶ୍ରୁତି ଦେବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏଣୁ ସମୟ କହିବ ଆଗାମୀ ଦିନରେ ବଡଚଣାରେ ବିଜେଡ଼ି ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ବଡଚଣା ଜନସାଧାରଣଙ୍କ ନିକଟରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ସାଙ୍ଗରେ ନେଇ ଭୋଟରଙ୍କ ପାଖରେ ଭୋଟ ଭିକ୍ଷା କରି ନିର୍ବାଚନ ବୈତରଣୀ ପାର ହେବେ ତାହା ଦେଖିବା ପାଇଁ ବଡଚଣା ଜନସାଧାରଣ ସମସ୍ୟାକୁ ଅପେକ୍ଷା କରିଛନ୍ତି ।

# ବିଜେଡିରେ ମିଶିଲେ ୧୫ରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ



**ନୀଳଗିରି (ଅମୃତ ମିଡିଆ) :** ଆଜି ଅପରାହ୍ନ ୩, ୩୦ମିନିଟ ରେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ନିଜ କାର୍ଯ୍ୟାଳୟ ପରିସର ରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ଜଣେ ପାଣି ପଞ୍ଚାୟତ ସମ୍ପାଦକ ଓ ଲ୍ୟାମ୍ପ ଡାଇରେକ୍ଟର ସମେତ ୧୬ ଜଣ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପ୍ରମୁଖ ଅନ୍ୟ ଦଳ ଛାଡି ବିଜେଡି ରେ ସାମିଲ ହୋଇଥିବା ଦେଖାଯାଇଛି । ସେମାନେ ହେଲେ ନୀଳଗିରି ବ୍ଲକ ରିଷିଆ ପାଣି ପଞ୍ଚାୟତ ର ସମ୍ପାଦକ ଶ୍ରୀକଣ୍ଠ ମାଣିକ ,ନୀଳଗିରି ଲ୍ୟାମ୍ପ ଡାଇରେକ୍ଟର ପ୍ରତାପ ରୁଦ୍ର ସିଂ ଙ୍କ ସମେତ ଅନ୍ୟ ୧୬ଜଣଙ୍କ ମଧ୍ୟରେ ଗରଡିହି, ଧରମପୁର ମହିଷାପଟା, କେଶୀପୁର, ଧୋବଶିଳା, ବାଉଂଶବଣିଆ ପ୍ରମୁଖ ପଞ୍ଚାୟତରୁ ଅନ୍ୟ ଦଳ ଛାଡି ବିଜେଡିରେ ମିଶିଥିଲେ । ବିଧାୟକ ଶ୍ରୀ ନାୟକ, ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏଥିରେ ବିଜେଡି ଦଳ ଆହୁରି ସୁଦୃଢ ହେବା ସହିତ ଆଗାମୀ ନିର୍ବାଚନ ରେ ବିଜେଡି ବହୁ ମତରେ ଜିତିବ ବୋଲି ଶ୍ରୀ ନାୟକ କହିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡା, ଉପେନ୍ଦ୍ର ଦାସ, ଉପେନ୍ଦ୍ର ନାୟକ, ରାଜୀବ ଦାସବାବୁ, ପ୍ରମୁଖ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ବନ୍ଧୁମିଳନ ସହ ଶକ୍ତି ପ୍ରଦର୍ଶନ



**କୁଜଙ୍ଗ(ଅମୃତ ମିଡିଆ) :** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅଧିନ ବିଦ୍ୟୁଲତା ମଣ୍ଡପ ରେ ପୂର୍ବତନ କୁଜଙ୍ଗ ମହାବିଦ୍ୟାଳୟ ର ଛାତ୍ର ସଭାପତି ତଥା ସମାଜ ସେବୀ ସଞ୍ଜୀବ ବେହେରା ଓ ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳରେ ସମ୍ପାଦକ ଦିଲ୍ଲିପ ମହାପାତ୍ର ଙ୍କ ନେତୃତ୍ୱରେ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାରାଦୀପ ନିର୍ବାଚନ ମଣ୍ଡଳୀ ବହୁ ଯୁବକ ତଥା ବିଶ୍ୱନାଥ ନାୟକ, ଗିରିଜା ପ୍ରାସାଦ ସୁତାର, ସରୋଜ କୁମାର ନାୟକ, ସୋମନାଥ ବେହେରା, ମନୋଜ କୁମାର ମହାରଣା ପ୍ରମୁଖ ବହୁ ଯୁବକ ମାନେ ଉପସ୍ଥିତ ଥିଲେ । ନିର୍ବାଚନ ପାଖେଇ ଆସୁଛି ଭଲ ପ୍ରାଥୀ ଙ୍କୁ ଦେଖି ଭୋଟ ଦିଅ ଯେ କି ୫ବର୍ଷ ଲୋକଙ୍କ ପାଖର ରହି ପାରାଦୀପ ନିର୍ବାଚନ ମଣ୍ଡଳୀରେ ଉନ୍ନତି ମୂଳକ କାମ କରିପାରିବେ । ଦୀର୍ଘ ସ୍ୱର୍ଗତ ବାପା ଙ୍କ ୭ବର୍ଷ ପୁଅର ୧ବର୍ଷ ବିଧାୟକ ରହି ପାରାଦୀପ ନିର୍ବାଚନ ମଣ୍ଡଳୀରେ କଣ କରିଛନ୍ତି । କୁଜଙ୍ଗ ମେଡିକାଲ ରେ ରୋଗୀ ଭଲ ସେବା ପାଇପାରୁନି, ପାଣି ର ସମସ୍ୟା ସୁଧୁରୁନି, ଗାଁ ଗଣ୍ଡାରେ ଲୋକମାନେ ପିଇବା ପାଣି ପାଉନାହାନ୍ତି, ପାରାଦୀପ ରେ ବିଭିନ୍ନ ଶିଳ୍ପ ଗଢ଼ି ଉଠିଥିଲା ବେଳେ ବେକାରୀ ଯୁବକ ମାନଙ୍କୁ ଚାକିରି ମିଳୁନି ଏମିତିକି ବହୁ ସମସ୍ୟା ଅଛି ଯେ ସ୍ୱର୍ଗତ ବାପାଙ୍କ ୭ଥରରେ ବିଧାୟକଓ ମନ୍ତ୍ରୀ ଥିବା ବେଳେ ପୁଅ ୫ବର୍ଷ ବିଧାୟକ ତଥା ୪୦ବର୍ଷ ଧରି ପାରାଦୀପ ନିର୍ବାଚନ ମଣ୍ଡଳୀରେ ଲୋକ ମାନଙ୍କୁ ଭୂଆ ବୁଲାଉଛନ୍ତି । ଏବେ ସେଇ ପରିବାର ରୁ ବିଜୁ ଜନତା ଦଳର ବିଧାୟୀକ ଭାବେ ପାରାଦୀପ ନିର୍ବାଚନ ମଣ୍ଡଳୀରେ ଟିକେଟ ପାଇଁ ନିର୍ବାଚନ ଲଢୁଛନ୍ତି । ଏବେ ସମୟ ଆସିଛି ଲୋକେ ଉଚିତ୍ ପ୍ରାଥୀ ଦେଖି ଭୋଟ ଦିଅନ୍ତୁ ବୋଲି ସମାଜ ସେବୀ ସଞ୍ଜୀବ ବେହେରା ଓ ଜଗତସିଂହପୁର ଜିଲ୍ଲା ବିଯୁ ଜନତା ଦଳର ସମ୍ପାଦକ ଦିଲ୍ଲିପ ମହାପାତ୍ର ଯୁବକ ମାନଙ୍କ ସହ ଆଲୋଚନା କରିଥିଲେ ।

# କେନ୍ଦ୍ରାପଡା ଜିଲ୍ଲାସଂଘ ଶାଖା ପକ୍ଷରୁ ବିଶାଳ ଶପଥ ସମାବେଶ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ) :** ଗାଁ ସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଓଡିଶା ପ୍ରଦେଶ ଶାଖାର ଆହ୍ୱାନ କ୍ରମେ କେନ୍ଦ୍ରାପଡା ଜିଲ୍ଲା ଶାଖା ସଂଘର ସଭାପତି ଅନିଲ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗରାପୁରସ୍ଥିତ ଶ୍ରୀ ଗୋପାଳଜୀୟୁଙ୍କ ମନ୍ଦିର ପରିସରରେ ଜିଲ୍ଲା ଓ ବ୍ଲକ କମିଟିର ଶତାଧିକ ସଭ୍ୟସଭ୍ୟାଙ୍କୁ ନେଇ ଏକ ସାଂଗଠନିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂଗଠନର ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ଯୋଗ ଦେଇଥିଲେ । ବୈଠକରେ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇ ବାର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା । ସଂଗଠନର ଜିଲ୍ଲା ଓ ବ୍ଲକ କମିଟିଗୁଡିକର ପୁନର୍ଗଠନ କରାଯାଇଥିଲା । ଏହି ବୈଠକରେ ମୁଖ୍ୟତଃ ତିନୋଟି ପ୍ରସଙ୍ଗ ବିଷୟରେ ଗଣମାଧ୍ୟମକୁ ଜଣାଇବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା । ପ୍ରଥମରେ ଜିଲ୍ଲାରେ ଗତ ଚାରିବର୍ଷ ଧରି ହଜାର ହଜାର ଗାଁ ସାଥୀ(ମେଟ୍) ମନରେଗା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟ କରି ମଧ୍ୟ ସେମାନଙ୍କର ପ୍ରାପ୍ୟ ଏଯାବତ୍ ପାଇନାହାଁନ୍ତି । ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ମଧ୍ୟ କୌଣସି ବ୍ଲକରେ କିଛି ବି ଫଳାଫଳ ହୋଇନାହିଁ । ଏଣୁ ଏ ବାବଦରେ ତୁରନ୍ତ ଲେବର କୋର୍ଟରେ ହଜାର ହଜାର ସଂଖ୍ୟାରେ ଦ୍ୱାରସ୍ଥ ହେବା ପାଇଁ ବିଗତ ବୈଠକ ଅନୁଯାୟୀ ସଂଘ ନିଷ୍ପତ୍ତି ଗ୍ରହଣ କରିଛି । ଦ୍ୱିତୀୟରେ ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସଂଘର ଜିଲ୍ଲା ଓ ବ୍ଲକ ସ୍ତରର ସମସ୍ତ କେନ୍ଦ୍ରାପଡାର ବର୍ତ୍ତମାନ ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ମିଳିତ ଭାବେ ସାକ୍ଷାତ ନିମନ୍ତେ ସ୍ଥାନ ସମୟ ସ୍ଥିତ କରିବା ପାଇଁ ରାଜ୍ୟ ସଭାପତି ଶ୍ରୀ ବିଶ୍ୱାଳଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସେହି ମିଳିତ ସାକ୍ଷାତ ସମୟରେ ସଂଘ ପକ୍ଷରୁ କିଛି ନିବେଦନ ଶ୍ରୀ ପଣ୍ଡାଙ୍କ ନିକଟରେ ରଖାଯିବ । ଯଦି ତାହାର ସାକାରତ୍ମକ ଶୁଣାଣି ହୁଏ ତେବେ ଜିଲ୍ଲାର ସମସ୍ତ ଗାଁ ସାଥି(ମେଟ) ମାନେ ଗୁଣ୍ଡୁଚି ମୂଷାର ଭୂମିକା ଗ୍ରହଣ କରି ଶ୍ରୀ ପଣ୍ଡା ମହୋଦୟଙ୍କୁ କେନ୍ଦ୍ରାପଡାର ସାଂସଦ ଭାବରେ ବିଜୟୀ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରିବେ । ନଚେତ୍ ସଂଘ ତାହାର ନିଷ୍ପତ୍ତିର ବିକଳ୍ପ ବିଚାର କରିବା ପାଇଁ ବାଧ୍ୟ ହେବ ବୋଲି ସଂଘର ରାଜ୍ୟ ସଭାପତି ଶ୍ରୀ ବିଶ୍ୱାଳ ଜଣାଇଛନ୍ତି । ତୃତୀୟରେ ଚଳିତବର୍ଷ ମଇ ମାସ ୨୨ତାରିଖ ସକାଳ ୮ଘଟିକା ସୁଧା କେନ୍ଦ୍ରାପଡା ସଂସଦିୟ କ୍ଷେତ୍ରର ସମସ୍ତ ଗାଁ ସାଥି(ମେଟ୍) ଓ ଉପକୂଳବର୍ତ୍ତୀ ଓଡିଶାର ସମସ୍ତ ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତାମାନେ ସ୍ଥାନୀୟ ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିରଠାରେ ପହଞ୍ଚି ଏକ ବିଶାଳ ଶପଥ ସମାରୋହ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେଠାରେ ନିର୍ବାଚନ ପରିପ୍ରେକ୍ଷୀରେ ସଂଘର ପଦକ୍ଷେପକୁ ସ୍ପଷ୍ଟ କରାଯିବ । ଏଥିପାଇଁ ଚଳିତ ଅପ୍ରେଲ ୨୮ ତାରିଖ ସକାଳ ୯ ଘଟିକାରେ ସ୍ଥାନୀୟ ଗରାପୁରସ୍ଥିତ ଶ୍ରୀ ଗୋପାଳଜୀୟୁଙ୍କ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ କରାଯିବା ପାଇଁ ସଂଘ ସ୍ଥିର କରିଛି । ଏହି ସମାବେଶରେ ସମ୍ପାଦକ ବିଜୟ କୁମାର ବେହେରା, ଉପେନ୍ଦ୍ର କୁମାର ସାହୁ, ନିରଞ୍ଜନ ମଲ୍ଲିକ, ପ୍ରଶାନ୍ତ କୁମାର ଦାସ, ବରଦା କାନ୍ତ ପାତ୍ର, ମମତା ନାୟକ, ଜ୍ୟୋସ୍ନାରାଣୀ ଜେନା, ସରୋଜ ବେହେରା, ରଶ୍ମିତା ପୃଷ୍ଟି, ଶିଶିର ଦାସ, ଇନ୍ଦ୍ରମଣୀ ସାହୁ, ପ୍ରମୋଦ ରାଉତ, ରାଜୀବ ସାହୁ, ଅନୁକମ୍ପା ସାହୁ, ଅନିତା ଦାସ, କୌଶଲ୍ୟା, ସୁରେଶ ସାମଲ, ପ୍ରତାପ ପଡିହାରୀ, କବିର ବସନ୍ତିଆ, ସୁବାଷ ପରିଡା, ନରହରି ଜେନା, ମନୋଜ ସାହୁ, ଜଳଧର ଓଝା, ଭାନୁମତି ଦାସ, ବନିତା ଓଝା, ନଳିନୀକାନ୍ତ ଖୁଣ୍ଟିଆ, ନିତ୍ୟ ସୁନ୍ଦର ଜେନା, ଶଶିଭୂଷଣ ରାଉତ, ରବିନ୍ଦ୍ର ରାଉତ ପ୍ରମୁଖ ଶତାଧିକ ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତାମାନେ ଏହି ସମାବେଶରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ରାଜସ୍ଥାନ ରୟାଲ୍ସ ବିଜୟୀ



**ଜୟପୁର:** ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ସୋମବାର ମୁମ୍ବାଇ ଇଣ୍ଡିଆନ୍‌ସ୍‌କୁ ରାଜସ୍ଥାନ ୯ ୱିକେଟରେ ପରାସ୍ତକରିଛି । ଆଇପିଏଲ ୨୦୨୪ର ୩୮ତମ ମ୍ୟାଚ୍ ସୋମବାର ରାଜସ୍ଥାନ ରୟାଲ୍ସ (ଆରଆର) ଏବଂ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ମଧ୍ୟରେ ଖେଳାଯାଇଛି । ରାଜସ୍ଥାନର ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନଙ୍କ ନେତୃତ୍ୱରେ ବୋଲିଂ ଆରମ୍ଭ କରିଥିଲା । ମୁମ୍ବାଇ ଇଣ୍ଡିଆନ୍ସ ଧାର୍ଯ୍ୟ ୨୦ ଓଭରରେ ୯ ୱିକେଟ ହରାଇ ୧୭୯ ରନ୍ କରିଛି । ଫଳରେ ରାଜସ୍ଥାନ ରୟାଲ୍ସ ପାଇଁ ବିଜୟ ଲକ୍ଷ୍ୟ ୧୮୦ ରନ୍ ରହିଛି । ମୁମ୍ବାଇ ଇଣ୍ଡିଆନ୍ସ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ତିଲକ ବର୍ମା ୬୫ ରନ୍ କରିଥିବାବେଳେ ମହମ୍ମଦ ନବୀ ୨୩ ରନ୍, ନେହାଲ ୱାଧେରା ୪୯ ରନ୍, ଟିମ୍ ଡେଭିଡ୍ ୩ ରନ୍ କରିଥିଲେ ।

# କୋହଲିଙ୍କ ଉପରେ ବିସିସିଆଇ ନେଲା କାର୍ଯ୍ୟାନୁଷ୍ଠାନ



**ନୂଆଦିଲ୍ଲୀ :** ଆଇପିଏଲ ୨୦୨୪ରେ କୋଲକାତା ନାଇଟ ରାଇଡର୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ରବିବାର ଏକ ମ୍ୟାଚ ହୋଇଥିଲା । ଯେଉଁଥିରେ କେକେଆର ୧ ରନ୍‌ରେ ଏକ ରୋମାଞ୍ଚକର ବିଜୟ ପଞ୍ଜିକରଣ କରିଥିଲା । ମୁକାବିଲା ବ୍ୟତୀତ ବିରାଟ କୋହଲିଙ୍କ ନୋ-ବଲ ବିବାଦ କାରଣରୁ ଏହି ମ୍ୟାଚ ମଧ୍ୟ ଚର୍ଚ୍ଚାରେ ଅଛି । ମ୍ୟାଚ ସମୟରେ କ୍ରୋଧ କରିବା କାରଣରୁ ବିସିସିଆଇ ତାଙ୍କୁ ଆଚରଣ ବିଧି ଉଲ୍ଲଂଘନ କରି ଦୋଷୀ ସାବ୍ୟସ୍ତ କରିଛି । ଏହି କାରଣରୁ କୋହଲିଙ୍କୁ ତାଙ୍କ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା କରାଯାଇଛି । କେକେଆର ୨୨୨ରନ୍‌ର ଏକ ବଡ଼ ଲକ୍ଷ୍ୟ ରଖିଥିଲା । ଏହାର ଜବାବରେ ବିରାଟ କୋହଲି ଓପନିଙ୍ଗ୍ ବେଳେ ୭ ବଲରେ ୧୮ ରନ୍ ସଂଗ୍ରହ କରିଥିଲେ । ତୃତୀୟ ଓଭରରେ ହର୍ଷିତ ରାଣା ବୋଲିଂ କରୁଥିଲେ, କିନ୍ତୁ ସେ ଓଭରର ପ୍ରଥମ ବଲରେ ଫୁଲ ଟସ ବୋଲିଂ କରିଥିଲେ । ହେଲେ କୋହଲି ନୋ-ବଲ ବୋଲି ଭାବି ଆଗକୁ ଖେଳିଥିଲେ । କିନ୍ତୁ କ୍ୟାଚ ଆଉଟ ହୋଇଥିଲେ । କୋହଲି ତୁରନ୍ତ ଡିଆରଏସ ଅପିଲ କରିଥିଲେ । କୋହଲି ତୁରନ୍ତ ଡିଆରଏସ ଅପିଲ କରିଥିଲେ । କିନ୍ତୁ ଯେତେବେଳେ ଗ୍ରାଫିକ୍ସରେ ଦେଖାଗଲା, ବଲର ଉଚ୍ଚତା ନୋ-ବଲ ଲାଇନ ତଳେ ଥିଲା । ଏସବୁ ଦେଖି କୋହଲି ପଡ଼ିଆରେ ଉପସ୍ଥିତ ଅମ୍ପାୟାରଙ୍କ ସହ ଅନେକ ଯୁକ୍ତିତର୍କ କରିଥିଲେ । ରାଗିକି ପାଭିଲିୟନ୍‌କୁ ଫେରିଥିଲେ ।

# କେଶବ ମହାରାଜଙ୍କୁ ଜୟ ଶ୍ରୀରାମ କହିଲେ ଇଶାନ କିଶାନ



**ନୂଆଦିଲ୍ଲୀ :** ସୋମବାର ଆଇପିଏଲର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ରାଜସ୍ଥାନ ରୟାଲନ୍ସକୁ ଭେଟିବାକୁ ଯାଉଛି ମୁମ୍ବାଇ ଇଣ୍ଡିଆନ୍ସ । ଟେବୁଲ ଟପରେ ରହିଥିବା ରାଜସ୍ଥାନ ୭ ମ୍ୟାଚରୁ ୬ ବିଜୟ ହାସଲ କରିଛି । ଆଜିର ମ୍ୟାଚ ବିଜୟ ପରେ ଦଳ ପ୍ଲେଅଫର ନିକଟତର ହେବ । ସେପଟେ ମୁମ୍ବାଇ ୭ଟି ମ୍ୟାଚରୁ ୩ ବିଜୟ ହାସଲ କରିଛି । ରାଜସ୍ଥାନର ଅଧା ପଏଣ୍ଟ ପାଇଛି ମୁମ୍ବାଇ । ତେବେ ମ୍ୟାଚ ପୂର୍ବରୁ ଉଭୟ ଦଳର ଖେଳାଳିଙ୍କ ବହୁ ମଜାଳିଆ ଭିଡିଓ ମାନ ନିଜ ନିଜର ପେଜରେ ଦେଖିବାକୁ ମିଳିଛି । ରାଜସ୍ଥାନ ରୟାଲ୍ସର ସୋସିଆଲ ମିଡିଆ ପେଜରେ ସେୟାର ହୋଇଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି କି, ଇଶାନ କିଶାନ ଏବଂ ଚହଲ ନଜର ଆସିଛନ୍ତି । ଏଭଳି ସମୟରେ କେଶବ ମହାରାଜ ଇଶାନଙ୍କ ପାଖକୁ ଯାଇଛନ୍ତି । ଇଶାନ କିଶାନ ହିନ୍ଦୀରେ କହିଛନ୍ତି କି, ଭାଇ ତୁମେ ହିନ୍ଦୀ ଭଲଭାବେ ବୁଝିପାର । ହିନ୍ଦି କହିପାରିବ ତ । ଏହାସହ ସେ ତାଙ୍କୁ ଜୟ ଶ୍ରୀରାମ ବୋଲି ମଧ୍ୟ କହିଛନ୍ତି । ରାମ ଭକ୍ତଭାବେ ଜଣାଶୁଣା କେଶବ ମହାରାଜ ମଧ୍ୟ ଜୟ ଶ୍ରୀରାମ କହିଥିଲେ । ତେବେ ଏହି ଭିଡିଓଟି ଏବେ ସୋସିଆଲ ମିଡିଆରେ ୟୁଜର୍ସମାନେ ବେଶ ପସନ୍ଦ କରୁଥିବାବେଳେ ସେୟାର ମଧ୍ୟ କରୁଛନ୍ତି ।

# ପାରାଦୀପରେ ପ୍ରେସିଡେଣ୍ଟ କପ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



**ପାରାଦୀପ(ଅମୃତ ମିଡିଆ) :** ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ସ୍ଥାନୀୟ ଗଲ୍ଫ ପଡିଆ ଠାରେ ପ୍ରେସିଡେଣ୍ଟ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଆୟୋଜିତ ହୋଇଯାଇଛି । ଏହି ଏକଦିବସିୟ ଟୁର୍ଣ୍ଣାମେଣ୍ଟର ହାଣ୍ଡିକାପ ୦-୧୮ ବର୍ଗରେ ଧର୍ମେନ୍ଦ୍ର ମିଶ୍ର ବିଜେତା ହୋଇଥିବା ବେଳେ ବେଷ୍ଟ ଗ୍ରସ ବର୍ଗରେ ଅକ୍ଷୟ ଚନ୍ଦ୍ର ସୁତାର ବିଜୟୀ ଏବଂ ଓସ୍କାର ଡୁଙ୍ଗଡୁଙ୍ଗ ଦ୍ୱିତୀୟ ବିଜେତା ହୋଇଥିଲେ । ସେହିପରି ହାଣ୍ଡିକାପ ୧୮-୨୪ ବର୍ଗରେ ମନୋଜ କୁମାର ମହନ୍ତ ବିଜେତା, ସୁବାଷ ଆଚାର୍ଯ୍ୟ ଉପ-ବିଜେତା ହୋଇଥିବା ବେଳେ ଲଙ୍ଗେଷ୍ଟ ଡ୍ରାଇଭ ଓ ନିଅରେଷ୍ଟ ଟୁ ପିନରେ ଅଂଶୁମାନ ମହାପାତ୍ର ଓ ବବଲୁ ସିକଦାର ଯଥାକ୍ରମେ ବିଜୟୀ ହୋଇଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ମୁଖ୍ୟ ଅତିଥି ଓ ବନ୍ଦର ପରାମର୍ଶଦାତା ଆଶିଷ କୁମାର ବୋଷ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପ-ସରଂକ୍ଷକ କ୍ୟାପଟେନ ଅଲେଖ କୁମାର ସାହୁ, ମୁଖ୍ୟ ଯନ୍ତ୍ରୀ ହିମାଂଶୁ ରାଉତ, ବରିଷ୍ଠ ଉପସଚିବ କେ. ଥିରୁମୁଲାର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମ କୁ ପାରାଦୀପ ଗଲ୍ଫ କ୍ଲବର ସଭାପତି ଡି.ଏନ.ସୋଦ୍ଧି, ସମ୍ପାଦକ ମନୋଜ ମହନ୍ତ, କାର୍ଯ୍ୟକାରୀ ସଭାପତି ବବଲୁ ସିକଦାର, ଉପସଭାପତି ସୁବାଷ ଆଚାର୍ଯ୍ୟ, ଗଲ୍ଫ କ୍ଲବର ଅଧିନାୟକ ଅକ୍ଷୟ ସୁତାର ପ୍ରମୁଖ ସଫଳତାର ସହ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ ।

# ଅଲିମ୍ପିକ୍ସ କ୍ରୀଡ଼ା ପ୍ରତି ବଢୁଛି ଆଗ୍ରହ

**ଭୁବନେଶ୍ୱର:** ଦିନ ଥିଲା ଭାରତରେ ଖେଳ କହିଲେ ସମ୍ଭବତଃ କେବଳ କ୍ରିକେଟ୍‌କୁ ବୁଝାଉଥିଲା । ବହୁ ଅଣପାରମ୍ପରିକଅନ୍ତର୍ଜାତୀୟ ଖେଳର ଉପସ୍ଥିତି ସତ୍ତ୍ୱେ କ୍ରିକେଟ୍ ଭାରତୀୟ କ୍ରୀଡ଼ା ମାନଚିତ୍ରରେ ସଂପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରୁଥିଲା । ଆଜି ବି କ୍ରିକେଟ୍‌ର ସେହି ପୁରୁଣା ଲୋକପ୍ରିୟତା ଓ ପ୍ରଶଂସକ ଭିତ୍ତି ଅକ୍ଷୁଣ୍ଣ ରହିଛି । ହେଲେ ବିଭିନ୍ନ ପାରମ୍ପରିକ ଖେଳ ମଧ୍ୟ ସମାନ୍ତରାଳ ଭାବେ ନିଜ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । କବାଡ଼ି, କୁସ୍ତି ଓ ଖୋ ଖୋ ଭଳି ଖେଳ ଏହି କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ପାଲଟିଛି । ଭାରତରେ ଏସବୁର ଲୋକପ୍ରିୟତା ଓ ଦର୍ଶକ ସଂଖ୍ୟା ଗତ ୫ବର୍ଷ ମଧ୍ୟରେ ୨୦ରୁ ୫୦ ପ୍ରତିଶତ ବଢ଼ିଛି । ସେହିଭଳି ହକି, ଫୁଟ୍‌ବଲ୍, ଟେନିସ୍, ବ୍ୟାଡମିଣ୍ଟନ୍ ଭଳି ଖେଳର ପ୍ରଶଂସକ ସଂଖ୍ୟା ପୂର୍ବର ସବୁ ରେକର୍ଡ ଭାଙ୍ଗିଛି । ନିକଟରେ ହୋଇଥିବା ଏକ ସର୍ଭେ ଅନୁସାରେ ଭାରତ ସହ ଓଡ଼ିଶାରେ ମଧ୍ୟ ବିଭିନ୍ନ ଅଲିମ୍ପିକ୍ସ ଖେଳ ଖେଳାଯିବାର ଧାରା ଉପରମୁହାଁ ରହିଛି । ଦେଶର କ୍ରୀଡ଼ା ଦୃଶ୍ୟପଟ୍ଟରେ ହେଉଥିବା ଏହି ବୈପ୍ଳବିକ ପରିବର୍ତ୍ତନ ପାଇଁ ଅଲିମ୍ପିକ୍ସ ଭଳି କ୍ରୀଡ଼ା ମହୋତ୍ସବରେ ଭାରତୀୟଙ୍କ ସଫଳତା ବି ବଢ଼ିବଢ଼ି ଚାଲିଛି । ଏଣୁ ଆଗାମୀ ସମୟରେ ଭାରତ ଅର୍ଥନୀତି ସହ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଏକ ମହାଶକ୍ତି ଭାବେ ଉଭା ହେବ ବୋଲି ଭାରତୀୟ ଅଲିମ୍ପିକ୍ସ ସଂଘ ଦୃଢ଼ୋକ୍ତି ପ୍ରକାଶ କରିଛି ।

# ଗ୍ୟାଙ୍ଗଷ୍ଟର ଭୟରେ ଅଧାରୁ ଆଇପିଏଲ ଛାଡ଼ିଲି : ରାଇନା



**ନୂଆଦିଲ୍ଲୀ :** ଆଇପିଏଲ ଟିମ ଚେନ୍ନାଇ ସୁପର କିଙ୍ଗସ ଓ ଭାରତୀୟ ଟିମର ପୂର୍ବତନ ଖେଳାଳି ସୁରେଶ ରାଇନା ଏବେ ବଡ଼ ଚର୍ଚ୍ଚା ଉପରକୁ ପରଦା ହଟାଇଛନ୍ତି । ୨୦୨୦ ଆଇପିଏଲ ପାଇଁ ମହାମାରୀ କରୋନା ଭାଇରସର ଭୟ ଭିତରେ ସେ ଦଳ ସହ ୟୁଏଇ ଯାଇଥିଲେ । କିନ୍ତୁ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ସେ ଅଧାରୁ ୟୁଏଇ ଛାଡ଼ି ଭାରତ ଚାଲି ଆସିଥିଲେ । କୋଭିଡ-୧୯ ବାୟୋ ବବଲ୍ସ ଓ ବ୍ୟକ୍ତିଗତ କାରଣ ପାଇଁ ସୁରେଶ ରାଇନା ଅଧାରୁ ସ୍ୱଦେଶ ଫେରି ଆସିଥିବା କୁହାଯାଇଥିଲା । ସେହିପରି ଅନେକ ଚର୍ଚ୍ଚା ମଧ୍ୟ ହୋଇଥିଲା । ରାଇନାଙ୍କୁ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ଭଳି ହୋଟେଲ ରୁମ ନ ମିଳିବାରୁ ସେ ଆଇପିଏଲ ଅଧାରୁ ଚାଲି ଆସିଥିବା ମଧ୍ୟ କିଛି ରିପୋର୍ଟ ପ୍ରକାଶ ପାଇଥିଲା । କିନ୍ତୁ ଏବେ ରାଇନା ପୂରା ଘଟଣାର ଖୁଲାସା କରିଛନ୍ତି । ତାଙ୍କ ସମ୍ପର୍କୀୟମାନଙ୍କୁ ପଞ୍ଜାବରେ ହତ୍ୟା କରାଯାଇଥିଲା । ଏପରି ଏକ ସମୟରେ ସେ ତାଙ୍କ ବାପା ଓ ଅନ୍ୟ ପରିବାର ବର୍ଗଙ୍କ ସମୟ ବିତାଇବାକୁ ଆଇପିଏଲ ଛାଡ଼ିବାକୁ ବାଧ୍ୟ ହୋଇଥିଲେ ବୋଲି କହିଛନ୍ତି । ଗୋଟିଏ କାର୍ଯ୍ୟକ୍ରମରେ ରାଇନା କହିଛନ୍ତି, "ପରିବାରରେ ଗୋଟିଏ ଶୋକ ସମୟ ଚାଲିଥିଲା । ମୋ ପିଇସାଙ୍କ ଘରେ ମୃତ୍ୟୁ ଘଟଣା ଘଟିଥିଲା । ଗୋଟିଏ ଗ୍ୟାଙ୍ଗର ସଦସ୍ୟମାନେ ପୂରା ପରିବାରକୁ ହତ୍ୟା କରିଥିଲେ । ପଞ୍ଜାବର ପଠାନକୋଟରେ ଏହା ଘଟିଥିଲା । ତେଣୁ ମୁଁ ସେଠାରେ ପହଞ୍ଚିବାକୁ ଚାହିଁଥିଲି । ଆଇପିଏଲରେ ବାୟୋ ବବଲ୍ସ ନିୟମ ଚାଲିଥିଲା । ସେଠାରୁ ବାହାରିବା ପରେ ପ୍ରବେଶ ନଥାଏ । ପରିବାରରେ ହତ୍ୟାକାଣ୍ଡ ଯୋଗୁ ବାପା ମର୍ମାହତ ହୋଇଥିଲେ । କାଛେ ଗ୍ୟାଙ୍ଗ ଆମର ସବୁ କିଛି ଓଲଟପାଲଟ କରି ଦେଇଥିଲେ । ମୋର ପୂରା ପରିବାର ଦୁଃଖରେ ଥିଲେ । ମୁଁ ଭାବିଥିଲି ଯେ ପରିବାର ପରେ କ୍ରିକେଟ ଆସୁଛି । ମୁଁ ଯେକୌଣସି ସମୟରେ ଖେଳିପାରିବି । ମୋ ପରିବାର ସେହି ସମୟରେ ଗୁରୁତ୍ୱପୂର୍ଣ୍ଣ ଥିଲା । ହଁ, ଏକଥା ମୁଁ ମହେନ୍ଦ୍ର ସିଂହ ଧୋନି ଓ ଟିମ ମ୍ୟାନେଜମେଣ୍ଟକୁ ଜଣାଇଥିଲି । ମୋ ପରିବାର ପ୍ରଥମେ ଆସୁଛି । ଏହାପରେ ମୁଁ ପୁଣି କ୍ରିକେଟକୁ ଫେରିଥିଲି । ୨୦୨୧ ଆଇପିଏଲରେ ଆମେ ଏକାଠି ଖେଳି ଟ୍ରଫି ଜିତିଥିଲୁ । କିନ୍ତୁ ୨୦୨୦ରେ ପରିବାର ଅବସ୍ଥା ଭଲ ନଥିଲା । କୋଭିଡ ୧୯ ଯୋଗୁ ପରିବାର ମାନସିକ ଚାପରେ ଥିଲେ । ଏହାପରେ ହତ୍ୟାକାଣ୍ଡ ସ୍ଥିତିକୁ ଆହୁରି ଖରାପ କରି ଦେଇଥିଲା । ତେଣୁ ମୁଁ ଘରକୁ ଆସି ପରିବାର ଲୋକଙ୍କ ସହ ସମୟ କାଟିଥିଲି ।" ୨୦୨୧ରେ ରାଇନାଙ୍କ ଉପସ୍ଥିତିରେ ଚେନ୍ନାଇ ଟ୍ରଫି ଜିତିଥିଲା । ଟ୍ରଫି ଜିତିବା ପରେ ରାଇନା ଆଇପିଏଲରୁ ଅବସର ଘୋଷଣା କରିଥିଲେ ।

# ରଂଜିତ ସ୍ମାରକୀ ଅହୋରାତ୍ର ଆନ୍ତଃରାଜ୍ୟ କ୍ରିକେଟ ମ୍ୟାଚ୍

## କିଆପଡ଼ା ୧୧ ବିଜୟୀ




**ବାସୁଦେବପୁର (ଅମୃତ ମିଡିଆ) :** ସ୍ଥାନୀୟ ମହିଷା ପଦା ଠାରେ ଏଲ ପିସିସି କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ ହୋଇ ଯାଇଛି ଆନ୍ତଃରାଜ୍ୟ ଅହୋରାତ୍ର କ୍ରିକେଟ ମ୍ୟାଚ୍ । ଏହି କ୍ରିକେଟ ମ୍ୟାଚ୍ ରେ ମୋଟ ଆଠ ଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ସ୍ଥାନୀୟ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ, ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟ ରେ ସମାଜ ସେବୀ ଭାଗିରଥି ବଳ, ପୂର୍ବତନ କାଉନସିଲର ମାନସ ସାହୁ, ସୁଶାନ୍ତ ସେଠୀ, କାଳନ୍ଦୀ ସାହୁ, ତାପସ ମହାନ୍ତି, ସମ୍ପାଦକ ଏଲ ପି ସି ସି ଗୌତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଶେଷ ତଥା ଅନ୍ତିମ ମ୍ୟାଚ ଟି ଜେଜେସି କ୍ଲବ୍ ବାସୁଦେବପୁର ଓ କିଆ ପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କିଆ ପଡ଼ା ୧୧ବିଜୟୀ ହୋଇ ଚମ୍ପିଅନ୍ ହୋଇପାରିଥିଲା । ବିଜୟୀ ଦଳ କୁ ୩୫୦୦୦ ଟ୍ରଫି ଓ ରନସ ଅପ୍ ଦଳକୁ ୨୦୦୦୦ ଟ୍ରଫି ପ୍ରଦାନ କରାଯାଇଛି । ମ୍ୟାନ ଅଫ ଦି ଶିରିଜ୍ ତାପସ ପଲାଇ ଓ ମ୍ୟାନ ଅଫ ଦି ମ୍ୟାଚ୍ ସରୋଜ ବେହେରା କିଆ ପଡ଼ା ଟିମ୍ ର ଘୋଷଣା କରାଯାଇଛି । ଖେଳ କୁ ଅମ୍ପାୟାର ଭାବରେ ଯଯେସ ସାହୁ ଓ ମାନସ ରଞ୍ଜନ ବାରିକ୍ ପରିଚାଳନା କରିଥିଲେ । କ୍ଲବ୍ ପକ୍ଷରୁ ନରେନ୍ଦ୍ର ସେଠୀ, ଭକ୍ତି କାନ୍ତ ଦାସ, ସନ୍ଦୀପ ସେଠୀ, ବିପ୍ଳବ ସେଠୀ, ବର୍ଷି ଦାସ, ନର ଦାସ, କର୍ପୁର ଦାସ, ପ୍ରହଲ୍ଲାଦ ସେଠୀ ପ୍ରମୁଖ ଉପସ୍ଥିତ ରହି ସଫଳ କରାଇ ଥିଲେ ।

# ଇତିହାସ ରଚିଲେ ଭାରତର ଡି. ଗୁକେଶ



**ଟରଣ୍ଟୋ :** ଭାରତର ଡି ଗୁକେଶ ୧୭ ବର୍ଷ ବୟସରେ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟ ଜିତି ଇତିହାସ ସୃଷ୍ଟି କରିଛନ୍ତି । ଏହି ବିଜୟ ସହିତ ଗୁକେଶ ପ୍ରାର୍ଥୀ ଚେସ ଟୁର୍ଣ୍ଣାମେଣ୍ଟରେ ବିଶ୍ୱ ଚାମ୍ପିଅନ୍ ହେବାରେ ସର୍ବକନିଷ୍ଠ ଖେଳାଳି ହୋଇଥିଲେ । ଏହା ସହିତ ଭାରତୀୟ ତାରକା ୪୦ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଛନ୍ତି । ବର୍ତ୍ତମାନ ଗୁକେଶ ଚଳିତ ବର୍ଷ ଶେଷରେ ଚାଇନା ବର୍ତ୍ତମାନର ବିଶ୍ୱକପ ଚାମ୍ପିଅନ୍ ଡିଙ୍ଗ ଲିରେନ୍‌ଙ୍କ ବିପକ୍ଷରେ ଖେଳିବାର ସୁଯୋଗ ପାଇବେ । ଗୁକେଶଙ୍କ ପୂର୍ବରୁ, କନିଷ୍ଠ ବୟସରେ ପ୍ରାର୍ଥୀ ଚେସ୍ ଟୁର୍ଣ୍ଣାମେଣ୍ଟ ଜିତିବାର ରେକର୍ଡ ରୁଷିଆର ଗ୍ୟାରି କାସପାରୋଭଙ୍କ ଦ୍ୱାରା ରହିଥିଲା, ଯିଏକି ୧୯୮୪ରେ ନିଜ ଦେଶର ନାଟୋଲି କାର୍ପୋଭଙ୍କୁ ଚ୍ୟାଲେଞ୍ଜ କରିବାକୁ ଯୋଗ୍ୟତା ଅର୍ଜନ କରିଥିଲେ । ସେତେବେଳେ କାସପାରୋଭଙ୍କୁ ୨୨ ବର୍ଷ ବୟସ ହୋଇଥିଲା । କିନ୍ତୁ ବର୍ତ୍ତମାନ, ଗୁକେଶ ୧୭ ବର୍ଷ ବୟସରେ ଏହି ସଫଳତା ହାସଲ କରିଛନ୍ତି । ଟୁର୍ଣ୍ଣାମେଣ୍ଟ ଜିତିବା ପାଇଁ ଗୁକେଶ ଗତ ରାଉଣ୍ଡରେ ଆମେରିକାର ହିକାରୁ ନାକାମୁରାଙ୍କ ସହ ଡ୍ର ଖେଳିଥିଲେ । ଟୁର୍ଣ୍ଣାମେଣ୍ଟରେ ଗୁକେଶ ୧୪ ପଏଣ୍ଟ ମଧ୍ୟରୁ ୯ ସ୍କୋର କରିଥିଲେ । ବିଶ୍ୱ ଚାମ୍ପିଅନକୁ ଚ୍ୟାଲେଞ୍ଜ କରିବାକୁ ଚାହୁଁଥିବା ଖେଳାଳିଙ୍କ ପାଇଁ କ୍ୟାଣ୍ଡିଡେଟ୍ସ ଚେସ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି । ସୂଚନାଯୋଗ୍ୟ, କ୍ୟାଣ୍ଡିଡେଟ୍ସ ଚେସ ଟୁର୍ଣ୍ଣାମେଣ୍ଟ ଜିତିବାରେ ଡି ଗୁକେଶ ଦ୍ୱିତୀୟ ଭାରତୀୟ ଖେଳାଳି ହୋଇଥିଲେ । ଗୁକେଶଙ୍କ ପୂର୍ବରୁ ଭାରତର ବିଶ୍ୱନାଥ ଆନନ୍ଦ ଏହି ଟୁର୍ଣ୍ଣାମେଣ୍ଟରେ ଜିତିଥିଲେ । ଗୁକେଶଙ୍କ ବିଜୟ ପରେ ବିଶ୍ୱନାଥ ଆନନ୍ଦ ଏକ୍ସରେ ଲେଖିଛନ୍ତି, କନିଷ୍ଠ ଚ୍ୟାଲେଞ୍ଜର ହୋଇଥିବାରୁ ଡି ଗୁକେଶଙ୍କୁ ଅଭିନନ୍ଦନ । ଆପଣ ଯାହା ହାସଲ କରିଛନ୍ତି ସେଥିପାଇଁ ମୁଁ ଗର୍ବିତ । ମୁଁ ବ୍ୟକ୍ତିଗତ ଭାବେ ବହୁତ ଗର୍ବିତ । ଏହି ମୁହୂର୍ତ୍ତକୁ ଉପଭୋଗ କରନ୍ତୁ ।

# ଟି-୨୦ ବିଶ୍ୱକପ୍‌ରେ ପାଣ୍ଡ୍ୟା ଓ ରାହୁଲଙ୍କୁ ମିଳିବନି ଚାନ୍ସ !



**ନୂଆଦିଲ୍ଲୀ :** ଜୁନ୍ ପ୍ରଥମ ସପ୍ତାହରେ ଖେଳାଯିବ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ ୨୦୨୪ । ଉତ୍ସାହୀତ କ୍ରିକେଟ୍ ପ୍ରଶଂସକ । ଅପେକ୍ଷାରେ ସମସ୍ତେ । ଆସନ୍ତା ଟି-୨୦ ବିଶ୍ୱକପ୍ ୱେଷ୍ଟଇଣ୍ଡିଜ୍ ଏବଂ ଆମେରିକାରେ ଜୁନ୍ ୧ ରୁ ଜୁନ୍ ୨୯ ପର୍ଯ୍ୟନ୍ତ ଖେଳାଯିବ । ଏହି ମେଗା ଇଭେଣ୍ଟ ପାଇଁ ଦଳ ଘୋଷଣା କରିବାର ସମୟସୀମା ଭାବରେ ଆଇସିସି ମେ ୧ ଧାର୍ଯ୍ୟ କରିଛି । ଏହି ତାରିଖ ସୁଦ୍ଧା ଦେଶକୁ ଖେଳାଳିଙ୍କୁ ବାଛିବାକୁ ପଡିବ । ଅର୍ଥାତ୍ ଖୁବ ଶୀଘ୍ର ଭାରତୀୟ ଦଳ ମଧ୍ୟ ଘୋଷଣା ହେବାକୁ ଯାଉଛି । ଅଜିତ ଅଗରକରଙ୍କ ନେତୃତ୍ୱରେ ଭାରତୀୟ ଚୟନକର୍ତ୍ତାମାନେ ଏହି ମାସର ଶେଷ ତାରିଖ (ଏପ୍ରିଲ୍ ୩୦) କିମ୍ବା ଆସନ୍ତା ମାସର ପ୍ରଥମ ଦିନରେ ଦଳ ବାଛିବା ପାଇଁ ସାକ୍ଷାତ ହୋଇପାରନ୍ତି । ଏହା ପୂର୍ବରୁ ବିସିସିଆଇର ଅନେକ ଥର ବୈଠକ ବସିସାରିଲାଣି । ତେବେ ଖେଳାଳି ଚୟନ ପୂର୍ବରୁ ଫୋକସରେ ଖେଳାଳିଙ୍କ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ପ୍ରଦର୍ଶନ । ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନକୁ ମଧ ଗୁରୁତ୍ୱ ଦିଆଯିବାର ସମ୍ଭାବନା ରହିଛି । ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ମଧ୍ୟ ଜୋର୍ ଦେଇଛନ୍ତି ଯେ କେବଳ ଆଇପିଏଲରେ ପ୍ରଦର୍ଶନ ଆଧାରରେ ବିଶ୍ୱକପ ଦଳ ଚୟନ କରାଯିବ । ଦ୍ରାବିଡ ସ୍ୱୀକାର କରିଛନ୍ତି ଯେ ଭାରତୀୟ ଖେଳାଳିମାନେ ଆଗାମୀ ଟି-୨୦ ବିଶ୍ୱକସ ପାଇଁ ପ୍ରସ୍ତୁତି କରିବାର ସୁଯୋଗ ପାଇନାହାଁନ୍ତି । ଏଭଳି ପରିସ୍ଥିତିରେ ଆଇସିଏଲର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ । ମୁମ୍ବାଇ ଇଣ୍ଡିଆନ୍ସ (MI) ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଲକ୍ଷ୍ନୌ ସୁପର ଜିଆସ୍ (LSG) ଅନାୟକ କେ.ଏଲ ରାହୁଲ ମଧ୍ୟ ଟି-୨୦ ବିଶ୍ୱକପ ଚୟନ ପାଇଁ ଦୌଡ଼ରେ ଅଛନ୍ତି । ତେବେ, ବର୍ତ୍ତମାନର ଆଇପିଏଲ୍ ଋତୁରେ ଏହି ଦୁଇ ଖେଳାଳିଙ୍କ ପ୍ରଦର୍ଶନକୁ ସନ୍ତୋଷଜନକ ନାହିଁ । ୨୦୨୪ରେ ହାର୍ଦ୍ଦିକ ରାହୁଲ ଅପେକ୍ଷା ଧୀରେ ଧୀରେ ବ୍ୟାଟିଂ କରୁଛି । ଏମିତିକି ତାଙ୍କ ଫରଫରମାନ୍ସ ବହୁତ ଖରାପ ରହିଛି । ଏଭଳି ପରିସ୍ଥିତିରେ ଉଭୟଙ୍କୁ ବିଶ୍ୱକପ ଦଳରେ ତାଙ୍କୁ ନମିଳିପାରେ ବୋଲି ଚର୍ଚ୍ଚା ହେଉଛି । ଚଳିତ ଆଇପିଏଲ୍ ସିଜନରେ ହାର୍ଦ୍ଦିକ ପାଣ୍ଡ୍ ୭ ଇନିଂସରେ ମାତ୍ର ୧୪୧ ରନ୍ ସ୍କୋର କରିବାରେ ସକ୍ଷମ ହୋଇଛନ୍ତି । ହାର୍ଦ୍ଦିକ ପାଣ୍ଡୁ କେବଳ ବ୍ୟାଟିଂରେ ଫ୍ଲପ ହୋଇନାହାଁନ୍ତି, ବଲ ସହ ତାଙ୍କର ପ୍ରଦର୍ଶନ ମଧ୍ୟ ଖରାପ ରହିଛି । ବର୍ତ୍ତମାନର ଆଇପିଏଲରେ ୧୧ର ଖରାପ ଅର୍ଥନୀତି ହାରରେ ହାର୍ଦ୍ଦିକ ୪ ୱିକେଟ୍ ନେଇଛନ୍ତି । ଯେଉଁଠାରେ କେ.ଏଲ୍ ରାହୁଲ ୧୪୩ର ଷ୍ଟ୍ରାଇକ୍ ହାରରେ ସାତୋଟି ମ୍ୟାଚ୍ ରେ ୨୮୬ ରନ୍ ସଂଗ୍ରହ କରିଛନ୍ତି ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra


ସାହିଯାତ ଅବସରରେ ଖଣ୍ଡାଇବେତ ସାହିରୁ ବାହାରିଥିବା ରାବଣ ବେଶଧାରୀ ଯୁବକଙ୍କ ସାହି ପରିକ୍ରମା


ଆର୍.ପି.ଏଫ୍ ପକ୍ଷରୁ ଜବତ କରାଯାଇଥିବା ଗଞ୍ଜେଇ



ପ୍ରବଳ ଖରାରେ ବିଶ୍ରାମ ନେଉଛି ଓଟ


ଶ୍ରୀକ୍ଷେତ୍ରର ରାତିବେଳାର ଏକ ସୁନ୍ଦର ଦୃଶ୍ୟ


ପ୍ରବଳଖରା ହେତୁ ବେଳାଭୂମିରେ ବନ୍ଦଅଛି ଦୋକାନ ବଜାର


ନରେନ୍ଦ୍ର ପୁଷ୍କରିଣୀରେ ଅଚଳ ପଡିଛି ଜଳଫୁଆରା


ଭକ୍ତଙ୍କ ସୁବିଧା ପାଇଁ ସିଂହଦ୍ୱାର ସମ୍ମୁଖରେ ଶୀତଳ ଜଳ ଛିଞ୍ଚା ହେଉଛି


PREMIUM QUALITY
Swaad Parampara ka...
₹ 5/-
Saffron Blended
MEENAJEE®
MAWA
Call Toll Free: 1800 123 6292
Warning: Chewing of suppari is injurious to health. Not for minors.